

ଗୋଆରେ ବାହାହେବେ ରକୁଲ୍-ଜ୍ୟାକି

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-190 ◆BHUBANESWAR ◆THURSDAY ◆4 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୦ ◆ଭୁବନେଶ୍ୱର ◆ଗୁରୁବାର ◆୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦

**ଆତ୍ମଘାତୀ ବିସ୍ଫୋରଣରେ ଥରିଉଠିଲା ଇରାନ**

## ୧୦୩ ମୃତ; ୧୭୦ ଆହତ

■ **ତେହେରାନ, ୩।୧ (ଏଜେନ୍ସି):** ଇରାନ କେରମାନ ସହରରେ ବୁଧବାର ଭୟଙ୍କର ବିସ୍ଫୋରଣ ହୋଇଛି। ମାତ୍ର ୧୦ ସେକେଣ୍ଡ ଭିତରେ ହୋଇଥିବା ୨ଟି ବିସ୍ଫୋରଣରେ ଇରାନ ଥରି ଉଠିଛି। ଏଥିରେ ୧୦୩ ଜଣଙ୍କ ମୃତ୍ୟୁ ହୋଇଛି। ୧୭୦ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏହା ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମାମଲାର

**କାସିମ ସୁଲେମାନିଙ୍କ ଶ୍ରାଦ୍ଧବାର୍ଷିକୀରେ ରୁଣ୍ଡ ହୋଇଥିଲେ ଲୋକ**

**ରିମୋଟ କଣ୍ଟ୍ରୋଲରେ କରାଯାଇଥିଲା ବିସ୍ଫୋରଣ**



ତଦନ୍ତ କରାଯାଉଛି। ତେବେ ଏ ପର୍ଯ୍ୟନ୍ତ କୌଣସି ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଘଟଣାସ୍ଥଳରେ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ି ରହିଛି। ଲୋକଙ୍କ କରୁଣ ଚିତ୍କାର ଶୁଣିବାକୁ ମିଳୁଛି। ଆଉ କିଛି ଲୋକ ଜୀବନ ବିକଳରେ ଦୌଡୁଥିବା ଦେଖିବାକୁ ମିଳିଛି। ▶ପୃଷ୍ଠା-୭

## ଭର୍ଚୁଆଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ଲଣ୍ଡନ, ୩।୧ (ଏଜେନ୍ସି):** ପ୍ରଥମ ଥର ପାଇଁ ବ୍ରିଟେନରୁ ଭର୍ଚୁଆଲ ଗଣଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଜଣେ ୧୬ ବର୍ଷୀୟ ଯୁବତୀଙ୍କୁ ମେଟାଭର୍ସ (ଆଭାସୀ ଦୁନିଆ)ରେ ଗଣଦୁଷ୍କର୍ମ କରାଯାଇଛି। ବ୍ରିଟେନ ପୁଲିସ ପକ୍ଷରୁ କୁହାଯାଇଛି ଯେ ଏକ ଭର୍ଚୁଆଲ ରିୟଲିଟି ଗେମ୍‌ରେ କିଛି ଅଜ୍ଞାତ ବ୍ୟକ୍ତି ପୀଡ଼ିତାଙ୍କ ଅବତାର (ଡିଜିଟାଲ ରୂପ) କୁ ଗଣଦୁଷ୍କର୍ମ କରିଛନ୍ତି। ଏହାଦ୍ୱାରା ପୀଡ଼ିତାଙ୍କୁ ଶାରୀରିକ ଭାବେ କୌଣସି ଆଘାତ ଲାଗି ନାହିଁ, କିନ୍ତୁ ସେ ମାନସିକସ୍ତରରେ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଏହି ଗେମ୍ ଖେଳୁଥିବା ସମୟରେ ପୀଡ଼ିତା 'ଭର୍ଚୁଆଲ ରିୟଲିଟି ହେଡ୍‌ସେଟ୍' ପିନ୍ଧି ଥିଲେ ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ଅଭିଯୋଗ ପରେ ପୁଲିସ ଏହି ମାମଲାର ଯାଞ୍ଚ କରୁଛି। ବ୍ରିଟେନ ଗୃହମନ୍ତ୍ରୀ ଜେମ୍ସ କ୍ଲେଭର୍ଲି ଏହି ଯାଞ୍ଚକୁ ସଠିକ୍ ଦର୍ଶାଇଛନ୍ତି। ସେ କହିଛନ୍ତି ଏହି ମାମଲା ସତଠାରୁ ବହୁ ଆଗରେ କହି ଖାରଜ କରାଯାଇପାରିବ। କିନ୍ତୁ ଏବେକାର ଯୁବଗୋଷ୍ଠୀ ଏଥିରେ ବୁଡି ରହିଛନ୍ତି। ତେଣୁ ଏଭଳି ମାମଲା ତାଙ୍କ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଉଛି। ଭର୍ଚୁଆଲ ଦୁନିଆରେ ଗଣଦୁଷ୍କର୍ମ କରୁଥିବା ବ୍ୟକ୍ତି ବାସ୍ତବ ଦୁନିଆରେ ଅଧିକ ବିପଜ୍ଜନକ ହୋଇପାରନ୍ତି। ସୂଚନା ଅନୁଯାୟୀ ଫେସବୁକର ମୁଖ୍ୟ କମ୍ପାନୀ ମେଟା ୨୦୨୧ରେ 'ହୋରାଇଜନ ୱାର୍ଲ୍ଡ' ନାମକ ଏକ ▶ପୃଷ୍ଠା-୭





**ବଲାଙ୍ଗିର ଓ ସୋନପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ନୂଆବର୍ଷ ଉପହାର**

# ସୁଖ ଆଣିବ ସୁକ୍ତେଲ

**ଜଳସେଚିତ ହେବ ଲକ୍ଷେ ଏକର ଜମି**

କୃଷକ ରାଜ୍ୟ ଅର୍ଥନୀତିର ସାରଥି। ଚାଷୀ ଭାଇମାନଙ୍କୁ ସାଥିରେ ଧରି ଆମେ ଆଗକୁ ବଢ଼ୁଛୁ। ମୁଁ ସବୁବେଳେ ଚାଷୀ ଭାଇମାନଙ୍କ ସାଥିରେ ଅଛି। ସେମାନଙ୍କ ପାଇଁ କାଳିଆ, ଏକ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ମାଗଣା ଫସଲ ବୀମା, ଚାଷୀ ଘର ପିଲାଙ୍କ ପାଇଁ ମେଧାବୃତ୍ତି ଏବଂ ଆହୁରି ଅନେକ ଯୋଜନା ଜାରି ରହିଛି।




ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପିତ

"ବଲାଙ୍ଗିରରେ ଜଳସେଚନ କୃଷି କ୍ଷେତ୍ରରେ ଆଣିବ ରୂପାନ୍ତର, ଜିଲ୍ଲା ବିକାଶରେ ଆସିବ ନୂଆ ଯୁଗ: ମୁଖ୍ୟମନ୍ତ୍ରୀ

■ **ବଲାଙ୍ଗିର, ୩।୧ (ସମିସ):** କୃଷି କ୍ଷେତ୍ରକୁ ଜଳସେଚନ କ୍ଷେତ୍ରରେ ରାଜ୍ୟ ସରକାର ସ୍ଥାପନ କରିଛନ୍ତି ଆଉ ଏକ ମାଇଲଖୁଣ୍ଟ। ପଶ୍ଚିମ ଓଡ଼ିଶାର ବହୁ ପ୍ରତୀକ୍ଷିତ ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପକୁ ଆଜି ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାବାସୀଙ୍କୁ ଦେଇଛନ୍ତି ନୂଆବର୍ଷ ଉପହାର। ୩୧ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରକଳ୍ପ ରାଜ୍ୟର ନବମ ସର୍ବବୃହତ୍ ନଦୀବନ୍ଧ। ଏହି ପ୍ରକଳ୍ପରୁ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ୨୦୩ ଗାଁର ଲକ୍ଷେ ଏକର ଜମି ଜଳସେଚିତ ହେବ। ଅନୁରୂପ ଭାବରେ ପ୍ରକଳ୍ପ ଯୋଗୁଁ ୮୦ ହଜାରରୁ ଊର୍ଦ୍ଧ୍ୱ

- ଉପକୃତ ହେବେ ଦୁଇ ଜିଲ୍ଲାର ୮୦ ହଜାରରୁ ଊର୍ଦ୍ଧ୍ୱ କୃଷକ
- ଦୁଇ ସହରର ୭୦ ହଜାର ଲୋକଙ୍କୁ ପାନୀୟ ଜଳର ସୁବିଧା
- ଜିଲ୍ଲା ପାଇଁ ୨୫୨୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ
- ୨୨୨୦ କୋଟି ଟଙ୍କା ଅଟକଳରେ ୧୧୨ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ୩୦୫ କୋଟି ଟଙ୍କାରେ ନିର୍ମିତ ୬୯ଟି ପ୍ରକଳ୍ପ ଉଦ୍‌ଘାଟିତ

ଚାଷୀ ଉପକୃତ ହେବେ ଓ ଜିଲ୍ଲାର ୨ଟି ପ୍ରମୁଖ ସହରାଞ୍ଚଳର ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ମିଳିବ। ୨୦୧୯ ମସିହାରୁ ୫-ଟି ଉପକ୍ରମରେ ପ୍ରକଳ୍ପ ତ୍ୱରାନ୍ୱିତ କରାଯାଇ ଏହି ପ୍ରକଳ୍ପ କାମ ସଂପୂର୍ଣ୍ଣ କରାଯାଇଛି। ଉନ୍ନତ ଜ୍ଞାନକୌଶଳର ବ୍ୟବହାର କରାଯାଇ ଭୂତଳ ପାଇପଲାଇନ୍ ଜରିଆରେ ଜଳସେଚନର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଜଳସେଚନ ପାଇଁ କୌଣସି ବିସ୍ଥାପନ ହେବ ନାହିଁ। ମୁଖ୍ୟମନ୍ତ୍ରୀ ଲୋୟର ସୁକ୍ତେଲ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ନୂଆବର୍ଷରୁ ପ୍ରଥମ ଗସ୍ତ ବଲାଙ୍ଗିରରୁ ଆରମ୍ଭ କରି ବହୁତ ଖୁସି ବୋଲି କହିଛନ୍ତି। ▶ପୃଷ୍ଠା-୭

**ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ '୫-ଟି' ଅଧ୍ୟକ୍ଷ**

## ସୁନ୍ଦରଗଡ଼କୁ ବିଶ୍ୱରେ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ





■ **ସୁନ୍ଦରଗଡ, ୩।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲାକୁ ବହୁତ ଭଲ ପାଆନ୍ତି । ସୁନ୍ଦରଗଡବାସୀ ହକିକୁ ଭଲ ପାଆନ୍ତି ଆଉ ମୁଖ୍ୟମନ୍ତ୍ରୀ ମଧ୍ୟ ହକିକୁ ବହୁତ ଭଲ ପାଆନ୍ତି। ସେଥିପାଇଁ ସୁନ୍ଦରଗଡ଼ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଭଲପାଇବା ନିବିଡ଼ ହୋଇଛି। ପ୍ରତିଦାନରେ ସୁନ୍ଦରଗଡକୁ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଥିବା କହିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ବଲାଙ୍ଗୀରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଲୋୟର ସୁକ୍ତେଲ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଶ୍ରୀ ପାଣ୍ଡିଆନ ସିଧା ଯାଇ ପହଞ୍ଚିଛନ୍ତି ସୁନ୍ଦରଗଡ଼ ଜିଲ୍ଲାରେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଦିନିଆ ଗସ୍ତର ପ୍ରଥମ ଦିନରେ ଶ୍ରୀ ପାଣ୍ଡିଆନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିବା ସହ କିରେଇ ଓ ବାଲିଶଙ୍କରାରେ ଦୁଇଟି ସମାବେଶରେ ସାଧାରଣ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଓ ଜିଲ୍ଲାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନରେ ଥିବା ଆଦରକୁ ଶ୍ରୀ ପାଣ୍ଡିଆନ ବଖାଣିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ସୁନ୍ଦରଗଡ଼ ହେଉଛି ହକିର ରାଜଧାନୀ। ଯେଉଁଥିପାଇଁ ୨୦୧୯ରେ ମୁଖ୍ୟମନ୍ତ୍ରୀ ଉଭୟ ଭୁବନେଶ୍ୱର ଓ ସୁନ୍ଦରଗଡରେ ହକି ବିଶ୍ୱକପର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ସେ ସମୟରେ ହକି ବିଶ୍ୱକପ ଆୟୋଜନ ପାଇଁ ସୁନ୍ଦରଗଡରେ ଆବଶ୍ୟକ ଭିତ୍ତିଭୂମି ନଥିଲା। ବିଶ୍ୱସ୍ତରୀୟ ଖେଳାଳିଙ୍କ ପାଇଁ ହକି ଗ୍ରାଉଣ୍ଡ ନ ଥିଲା, ବିମାନବନ୍ଦର ନ ଥିଲା କି ଭଲ ହୋଟେଲ ନଥିଲା। ମାତ୍ର ୪ ବର୍ଷ ମଧ୍ୟରେ ଏତେବଡ ଭିତ୍ତିଭୂମି ବିକାଶ କରାଯାଇପାରିବ କି ନାହିଁ ସେ ନେଇ ଏଫଆଇଏଚ୍ ସନ୍ଦେହ ପ୍ରକାଶ କରିଥିଲା । କିନ୍ତୁ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ରେ ବିଶ୍ୱକପର ଆୟୋଜନ ଏକ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇଥିଲା। ତେଣୁ

- କଥା କମ୍, ଅଧିକ କାମରେ ବିଶ୍ୱାସ କରୁଥିବା ମୁଖ୍ୟମନ୍ତ୍ରୀ ମୋର ଆଦର୍ଶ
- ସୁନ୍ଦରଗଡ଼ ଜିଲ୍ଲାବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼
- ୮ ମାସରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀକୁ ମିଳିଛି ୩୫୦ କୋଟି ଟଙ୍କା ସହାୟତା
- ତଳସରା ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରକଳ୍ପ ପାଇଁ ମିଳିଛି ୨୦୦ କୋଟି ଟଙ୍କା
- ଦୁଇ ମାସରେ ସୁନ୍ଦରଗଡ଼ର ବିଭିନ୍ନ ପଞ୍ଚାୟତରେ ଖୋଲିବ 'ଆମ ବ୍ୟାଙ୍କ'
- ଫେବ୍ରୁଆରୀରେ ସୁନ୍ଦରଗଡ଼ର ସବୁ ପଞ୍ଚାୟତରୁ ବ୍ଲକକୁ ଗଡ଼ିବ 'ଲକ୍ଷ୍ମୀ' ବସ୍

ମୁଖ୍ୟମନ୍ତ୍ରୀ ଦିନରାତି ଏକ କରି କିଭଳି ସୁନ୍ଦରଗଡରେ ହକି ବିଶ୍ୱକପ ହେବ ସେ ନେଇ ଲାଗିପଡିଥିଲେ। ଏହି ସମୟରେ ପ୍ରାୟ ଦେଢ଼ରୁ ଦୁଇବର୍ଷ ମହାମାରୀ ପାଇଁ କାର୍ଯ୍ୟ ବନ୍ଦ ରହିଲା। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ଅକ୍ଳାନ୍ତ ଉଦ୍ୟମ ଓ ସୁନ୍ଦରଗଡ଼ବାସୀଙ୍କ ଯୋଗୁଁ ୧୫ ମାସ ମଧ୍ୟରେ ରାଉରକେଲାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ ସମ୍ଭବ ହୋଇପାରିଲା। ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତିଙ୍କ ଜନନାୟକ ବିର୍ସା ମୁଣ୍ଡାଙ୍କ ନାମରେ ଏହି ଷ୍ଟାଡିଅମର ନାମ ରଖାଗଲା। ଏହାସହ ରାଉରକେଲାରେ ରେକର୍ଡ ସମୟ ମଧ୍ୟରେ ବିମାନବନ୍ଦର କାର୍ଯ୍ୟକ୍ଷମ ହେଲା।

ବର୍ତ୍ତମାନ ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ କହିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଗତ ମାର୍ଚ୍ଚ ମାସରେ ସେ ସୁନ୍ଦରଗଡବାସୀଙ୍କଠାରୁ ଗ୍ରହଣ କରିଥିବା ୨୫୦ରୁ ଅଧିକ ଆବେଦନପତ୍ର ▶ପୃଷ୍ଠା-୭

## ବଢ଼ିଲା ନର୍ସିଂ, ଫାର୍ମାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ

**'୫-ଟି' ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ ଛାତ୍ରଛାତ୍ରୀ**

■ **ଭୁବନେଶ୍ୱର, ୩।୧ (ସମିସ):** ନର୍ସିଂ, ଫାର୍ମାସୀ ଓ ଆଲାଏଡ୍ ମେଡିକଲ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବଢ଼ାଇଛନ୍ତି ରାଜ୍ୟ ସରକାର। ଛାତ୍ରଛାତ୍ରୀମାନେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କରିଥିବା ଅନୁରୋଧକୁ ବିଚାର କରି ମୁଖ୍ୟମନ୍ତ୍ରୀ ଷ୍ଟାଇପେଣ୍ଡ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ୨୫୦ ଟଙ୍କା ଷ୍ଟାଇପେଣ୍ଡ ପାଉଥିବା ଡି' ଫାର୍ମା ଛାତ୍ରଛାତ୍ରୀ ଏଣିକି ୫୦୦ ଟଙ୍କା ପାଇବେ । ସେହିପରି ଏଏନ୍‌ଏମ୍‌ଙ୍କ ମାସିକ ଷ୍ଟାଇପେଣ୍ଡ ୧୦୦୦ ଟଙ୍କାରୁ ୨୦୦୦ ଟଙ୍କା, ବିଏସ୍‌ସି ନର୍ସିଂ (ଇଣ୍ଟର୍ନଶିପ୍)ଙ୍କ ଷ୍ଟାଇପେଣ୍ଡ ୨୫୦୦ରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବରେ ଏମ୍.ଫିଲ୍ (କ୍ଲିନିକାଲ ସାଇକୋଲୋଜି ଓ ସାଇକ୍ରାଟିକ୍ ସୋସିଆଲ ୱାର୍କ) ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡ ୭୦୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଷ୍ଟାଇପେଣ୍ଡ ବୃଦ୍ଧିପରେ ଛାତ୍ରଛାତ୍ରୀମାନେ ଉତ୍ସାହିତ ହେବେ ଓ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବେ ▶ପୃଷ୍ଠା-୭

**ଚିଟ୍‌ଫଣ୍ଡ ମାମଲାରେ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ଅର୍ଥତତ୍ତ୍ୱର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ

■ **କଟକ, ୩।୧ (ସମିସ):** ଅର୍ଥତତ୍ତ୍ୱ ଗ୍ରୁପ ଅଫ୍ କମ୍ପାନିଜ୍‌ରେ ଟଙ୍କା ଜମା କରି ଠକେଇର ଶିକାର ହୋଇଥିବା ଜମାକାରୀଙ୍କ ପାଇଁ ଖୁସି ଖବର। ଏହି ଚିଟ୍‌ଫଣ୍ଡ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରିବା ସହ ଏହାକୁ ନିଲାମ କରାଯିବ। ନିଲାମଲବ୍ଧ ଅର୍ଥ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବଣ୍ଟନ ହେବ। ଏଭଳି ନିର୍ଦ୍ଦେଶ ଦେଇଛନ୍ତି କଟକ ଚିଟ୍‌ଫଣ୍ଡ ପାଇଁ ଗଠିତ ସ୍ୱତନ୍ତ୍ର ଅଦାଲତ। ଏହି ସଂସ୍ଥାର ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଗଞ୍ଜାମ, ବାଲେଶ୍ୱର ଓ ଅନ୍ୟ ସ୍ଥାନରେ ଥିବା ୧୧୦ ଏକର ଜମି, ୧୧ଟି ଦାମୀ ଗାଡ଼ି, ୯ଟି ବ୍ୟାଙ୍କରେ ଥିବା ୨କୋଟି ୧୭ଲକ୍ଷ ୨୦ହଜାର ୬୪୪ ଟଙ୍କା ବାଜ୍ୟାପ୍ତି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ବାଜ୍ୟାପ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ କରାଯିବ।



ମାମଲାରୁ ପ୍ରକାଶ ଯେ ଶହଶହ ଜମାକରୀଙ୍କୁ ଠକିବା ଅଭିଯୋଗରେ ଅର୍ଥତତ୍ତ୍ୱ ବିରୋଧରେ ଭୁବନେଶ୍ୱର ଖାରବେଳନଗର ଥାନାରେ ଏତଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ କରି ପୁଲିସ ଏହାର ପରିଚାଳନା ନିର୍ଦ୍ଦେଶକ, ନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। କମିସନରେଟ୍ ପୁଲିସ୍‌ର ପ୍ରସ୍ତାବକ୍ରମେ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ୨୦୧୪, ଫେବ୍ରୁଆରି ୮ରେ ସଂସ୍ଥାର ଜବତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିଚାଳନା ଭାର ପ୍ରାଧିକୃତ ଅଧିକାରୀ ତଥା କଟକ ▶ପୃଷ୍ଠା-୭

## ଓଡ଼ିଶାର ୭ ସାମଗ୍ରୀକୁ ଜିଆଇ ମାନ୍ୟତା

**ରାଜ୍ୟର ଜିଆଇ ମାନ୍ୟତାପ୍ରାପ୍ତ ଉତ୍ପାଦ ସଂଖ୍ୟା ୨୫ ଛୁଇଁଲା**

■ **ଭୁବନେଶ୍ୱର, ୩।୧(ସମିସ):** ଓଡ଼ିଶାର ୭ଟି ସାମଗ୍ରୀକୁ ଭୌଗୋଳିକ ସୂଚକାଙ୍କ(ଜିଆଇ) ଟ୍ୟାଗ୍ ମିଳିଛି। ଓଡ଼ିଶା ଖଜୁରି ଗୁଡ଼, ଢେଙ୍କାନାଳର ମଗଜି ଲଡୁ, ଶିମିଳିପାଳ କାଇଚଟଣୀ, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କପଡ଼ାଗଣ୍ଡା ଡଙ୍ଗରିଆ କନ୍ଧଙ୍କ ହାତବୁଣା(ଏମ୍ବ୍ରୋଡରି) ଶାଲ୍, କୋରାପୁଟ କଳାଜିରା ଚାଉଳ ଓ ଲାଞ୍ଜିଆ ସୌରାଙ୍କ ପଟ୍ଟଚିତ୍ର (ଇଡିତାଲ)କୁ ଜିଆଇ ଟ୍ୟାଗ୍ ମିଳିଛି। ଏ ସଂପର୍କରେ କେନ୍ଦ୍ର ସରକାରଙ୍କ ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ ରେଜିଷ୍ଟ୍ରି ପକ୍ଷରୁ ସୂଚନା ଦିଆଯାଇଛି।

ଓୟୁଏଟି ସମେତ ରାଜ୍ୟର ବିଭିନ୍ନ ସଂଗଠନ ପକ୍ଷରୁ ଓଡ଼ିଶାର ଏହି ସମସ୍ତ ସାମଗ୍ରୀକୁ ଜିଆଇ ମାନ୍ୟତା ପାଇଁ ଆବେଦନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ମାନଦଣ୍ଡକୁ ଆଧାର କରି ଏନେଇ ସମସ୍ତ ପ୍ରକାର ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ ହୋଇଥିଲା। ଏହାକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ଏହି ୭ଟି ସାମଗ୍ରୀକୁ



**ଓଡ଼ିଶା ଖଜୁରି ଗୁଡ଼, ଢେଙ୍କାନାଳର ମଗଜି ଲଡୁ, ଶିମିଳିପାଳ କାଇଚଟଣୀ, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କପଡ଼ାଗଣ୍ଡା ଡଙ୍ଗରିଆ କନ୍ଧଙ୍କ ହାତବୁଣା ଶାଲ୍, କୋରାପୁଟ କଳାଜିରା ଚାଉଳ ଓ ଲାଞ୍ଜିଆ ସୌରାଙ୍କ ପଟ୍ଟଚିତ୍ର (ଇଡିତାଲ)**

ଜିଆଇ ମାନ୍ୟତା ପ୍ରଦାନ କରିଛନ୍ତି। କିଛି ମାସ ତଳେ ଶେଷ ପର୍ଯ୍ୟାୟରେ ଓଡ଼ିଶାର ଆବେଦନ ସମ୍ପର୍କରେ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଥିଲା। କୌଣସି ରାଜ୍ୟ କିମ୍ବା କୌଣସି ଅଞ୍ଚଳ ଓଡ଼ିଶାର ଏହି ▶ପୃଷ୍ଠା-୭

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ନେଇ ବିପୁଳ ଉତ୍ସାହ**

# ଓଡ଼ିଆ ଭାଷା ହେବ ବିଶ୍ୱପ୍ରସାରୀ

■ **ଭୁବନେଶ୍ୱର, ୩।୧ (ସମିସ):** ଶାସ୍ତ୍ରୀୟ ଭାଷା ଓଡ଼ିଆ ହେବ ବିଶ୍ୱପ୍ରସାରୀ। ଦେଶବିଦେଶର ଲୋକମାନେ ଓଡ଼ିଆ ଭାଷାର ଐତିହ୍ୟ, ସମୃଦ୍ଧ ଇତିହାସ ସମ୍ପର୍କରେ ଅବଗତ ହେବେ। ଓଡ଼ିଆ ଭାଷାର ବ୍ୟାପକତା ଅନୁଭବ କରିବେ। ଏଥିନିମନ୍ତେ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ତିନିଦିନିଆ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଅଧିକ ଲୋକପ୍ରିୟ କରି ଏହାର ବିକାଶ ଓ ଗ୍ରହଣୀୟତା ବୃଦ୍ଧି ନିମନ୍ତେ ସମ୍ମିଳନୀରେ ଖସଡ଼ା ପ୍ରସ୍ତୁତ କରାଯିବ। ଆଲୋଚନାର ନିଷ୍କର୍ଷକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗ୍ରହଣ କରିବ ପରବର୍ତ୍ତୀ ପଦକ୍ଷେପ । ଏହି




- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଭାଷା ସମ୍ମିଳନୀ
- ଯୋଗଦେବେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଖ୍ୟାତନାମା ଭାଷାବିଜ୍ଞାନୀ ଓ ବିଶେଷଜ୍ଞ
- ସମ୍ମିଳନୀର ସଫଳତା ପାଇଁ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ବ୍ୟାପକ ପ୍ରସ୍ତୁତି

ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ସାଜିବ। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବ ପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ । ବିଭାଗୀୟ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଏନେଇ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ସମ୍ମିଳନୀକୁ ସଫଳ କରିବା ନିମନ୍ତେ ଦିନରାତି ଏକ କରି ଦେଇଛନ୍ତି।

ଓଡ଼ିଶାରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟସ୍ତରର ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପାଇଁ ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଫେବ୍ରୁଆରୀ ୩ ତାରିଖରୁ ଏହି ତିନି ଦିନିଆ ସମ୍ମିଳନୀ ଅନୁଷ୍ଠିତ ହେବ ଏବଂ ଏହା ସହ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ମଧ୍ୟ ଆୟୋଜନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତିସମ୍ପନ୍ନ ଭାଷା ବିଜ୍ଞାନୀ ଓ ଭାଷା ବିଶେଷଜ୍ଞଙ୍କୁ ସମ୍ମିଳନୀର ବିଷୟଭିତ୍ତିକ ଅଧିବେଶନରେ ବକ୍ତବ୍ୟ ରଖିବା ପାଇଁ ନିମନ୍ତ୍ରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍.ବାଲାକ୍ରିଷ୍ଣନ ମଧ୍ୟ ଏଥିପାଇଁ ବେଶ୍ ଉଦ୍ୟମ ଚଳାଇଛନ୍ତି। ଜଣେ ଖ୍ୟାତନାମା ଲେଖକ ଓ ଓଡ଼ିଆ ଭାଷା ଅନୁରାଗୀ ପ୍ରଶାସକ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ବିଶ୍ୱ ବ୍ରେଲ୍ ଦିବସ




## ଦୃଷ୍ଟିହୀନ ସମାଜର ପଥପ୍ରଦର୍ଶକଙ୍କ ପାଇଁ ଦିନଟିଏ'

ଅକ୍ଷମତାକୁ ପଛରେ ପକାଇ ଆଜି ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ସରକାରୀ ଚାକିରିଠାରୁ ଆରମ୍ଭ କରି ଘରୋଇ ଉଦ୍ୟୋଗଗୁଡ଼ିକରେ ବେଶ୍ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ଏହା ସମ୍ଭବ ହୋଇପାରିଛି ମହାତ୍ମା ଲୁଇସ୍ ବ୍ରେଲ୍‌ଙ୍କ 'ବ୍ରେଲ୍ ଲିପି' ପାଇଁ । ଦୃଷ୍ଟିହୀନ ସମାଜର ଜଣେ ଆଦ୍ୟ ପଥପ୍ରଦର୍ଶକ ଭାବେ ତାଙ୍କର ଅବଦାନ ଅନନ୍ୟ । ପ୍ରତିବର୍ଷ ଜାନୁଆରୀ ୪ ତାରିଖକୁ 'ବିଶ୍ୱ ବ୍ରେଲ୍ ଦିବସ' ଭାବେ ପାଳନ କରାଯାଉଛି । ଦୃଷ୍ଟିବାଧିତ ଦିବ୍ୟାଙ୍ଗମାନଙ୍କ ପଢ଼ିବା ଓ ଲେଖିବା ପାଇଁ ଉଦ୍ଦିଷ୍ଟ ବ୍ରେଲ୍ ଲିପିର ସ୍ରଷ୍ଟା ଲୁଇସ୍ ବ୍ରେଲ୍‌ଙ୍କ ସ୍ମୃତିରେ ଏହି ଦିବସଟିକୁ ପାଳନ କରାଯାଏ । ସେ ୧୮୦୯ ମସିହା ଜାନୁଆରୀ ୪ ତାରିଖ ଦିନ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରୁ ପ୍ରାୟ ୨୫ ମାଇଲ ଦୂରରେ କୁବ୍ରେ ନାମକ ଏକ ଗ୍ରାମରେ ଜନ୍ମଲାଭ କରିଥିଲେ । ମାତ୍ର ୩ ବର୍ଷ ବୟସରେ ତାଙ୍କ ବାପାଙ୍କ ଦୋକାନରେ ଖେଳୁଥିବା ବେଳେ ଅକସ୍ମାତ୍ ଏକ ଯନ୍ତ୍ର ତାଙ୍କ ଆଖିରେ ବାଜିବାରୁ ବାମ ଆଖି ସଂକ୍ରମଣ ହୋଇଥିଲା । ସଂକ୍ରମଣ ବଢ଼ିବାରୁ ଶେଷରେ ସେ ତାଙ୍କର ଦୁଇଟିଯାକ ଆଖି ସବୁଦିନ ପାଇଁ ହରାଇଲେ । ଦଶ ବର୍ଷ ବୟସରେ ସେ ପ୍ୟାରିସ୍‌ର ରୟାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ଲାଇଣ୍ଡ ସ୍କୁଲରେ ପାଠ ପଢ଼ିଲେ । ଏହି ସମୟରେ ସେ 'ନାଇଟ୍ ରାଇଟିଂ' ବା 'ସୋନୋଗ୍ରାଫି' ଲିପି ବାବଦରେ ଜାଣିଲେ । ସେହି ଲିପିରୁ ଅନୁପ୍ରାଣିତ ହୋଇ ସେ ମାତ୍ର ୧୫ ବର୍ଷ ବୟସରେ ବ୍ରେଲ୍ ଲିପି ତିଆରି କରିଥିଲେ । ୧୮୨୯ରେ ସେ ପ୍ରଥମ ବ୍ରେଲ୍ ପୁସ୍ତକ ଛାପିଥିଲେ । ବ୍ରେଲ୍ ଲିପି ଉଦ୍ଭାବନ ପରେ ଦୃଷ୍ଟିହୀନ ତଥା ଆଂଶିକ ଦୃଷ୍ଟିହୀନ ଲୋକଙ୍କ ପାଠପଢ଼ା ସହଜ ହେବା ସହ ସେମାନେ ସ୍ୱାବଲମ୍ବୀ ହୋଇପାରିଲେ । ଆକାର ଦୃଷ୍ଟିରୁ ସାଧାରଣ ଲିପି ତୁଳନାରେ ବ୍ରେଲ୍ ଲିପି ଅନୂନ୍ୟ ଦଶ ଗୁଣ ବଡ଼ । ଏହି ଲିପି ବ୍ରେଲ୍ ମେସିନ୍‌ରେ ପ୍ରସ୍ତୁତ କରାଯାଏ । ଲୁଇସ୍ ବ୍ରେଲ ଯେଉଁ ବିଦ୍ୟାଳୟରେ ପଢ଼ିଥିଲେ, ପରେ ସେହିଠାରେ ହିଁ ଶିକ୍ଷକତା କରିଥିଲେ । ମାତ୍ର ୪୩ ବର୍ଷ ବୟସରେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ବିଡ଼ମ୍ବନାର ବିଷୟ, ଲୁଇସ୍ ବ୍ରେଲ୍ ବଞ୍ଚିଥିବାବେଳେ ତାଙ୍କ ଲିପିକୁ ମାନ୍ୟତା ମିଳି ନ ଥିଲା । କିନ୍ତୁ ତାଙ୍କ ମୃତ୍ୟୁର ୧୬ବର୍ଷ ପରେ ରୟାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବ୍ଲାଇଣ୍ଡ ୟୁଥ୍ ଏହାକୁ ମାନ୍ୟତା ପ୍ରଦାନ କଲେ । ବ୍ରେଲ୍ ଲିପି ଦ୍ୱାରା ସେ ଦୃଷ୍ଟିହୀନଙ୍କ ଜୀବନରେ ଯେଉଁ ଆଲୋକ ଆଣିଛନ୍ତି, ସେଥିପାଇଁ ସେ ଚିରସ୍ମରଣୀୟ ।



# ଗୋଆରେ ବାହାହେବେ ରକୁଲ୍-ଜ୍ୟାକି

ବଲିଉଡ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂହଙ୍କ ପାଇଁ ୨୦୨୪ ବେଶ୍ ଖାସ୍ ହେବାକୁ ଯାଉଛି । ସେ ଏବର୍ଷ ବିବାହ ବନ୍ଧନରେ ବାନ୍ଧିହେବେ । ରକୁଲ୍ ତାଙ୍କର ଦୀର୍ଘ ଦିନର ପ୍ରେମିକ ପ୍ରଯୋଜକ ଜ୍ୟାକି ଭଗନାନିଙ୍କୁ ଫେବୃଆରୀ ୨୨ରେ ବାହାହେବେ ବୋଲି ଏବେ ଚର୍ଚ୍ଚା ହେଉଛି । ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ବଲିଉଡ୍‌ର ଏହି ଲଭ୍‌ବାର୍ଡ ଗୋଆରେ ସାତଫେରା ନେବେ । ତେବେ ରକୁଲ୍ ଓ ଜ୍ୟାକିଙ୍କ ଏହି ବାହାଘର କେବଳ ବ୍ୟକ୍ତିଗତସ୍ତରରେ ସୀମିତ ରହିବ । ବାହାଘରରେ ଉଭୟଙ୍କ ପରିବାର ଲୋକେ ଯୋଗ ଦେବେ । ତେବେ ରକି ଏବେ ତାଙ୍କ ବ୍ୟାଚଲର୍ ପାର୍ଟି ପାଇଁ ବ୍ୟାଙ୍କକ୍ ଯାଇଛନ୍ତି । ସେହିଭଳି ରକୁଲ୍ ମଧ୍ୟ ଫିଲ୍ମରୁ ବ୍ରେକ୍ ନେଇ ଥାଇଲ୍ୟାଣ୍ଡରେ ଛୁଟି କାଟୁଛନ୍ତି । ରକୁଲ୍‌ଙ୍କ କାମ କଥା କହିବାକୁ ଗଲେ ବହୁତ ଜଲ୍‌ଦି ସେ କମଲ ହାସନ୍‌ଙ୍କ 'ଇଣ୍ଡିଆନ୍-୨'ରେ ଦେଖାଯିବେ । ଏହାର ପ୍ରଥମ ପାର୍ଟ ୧୯୯୬ରେ ରିଲିଜ୍ ହୋଇଥିଲା । ସେହିଭଳି ଜ୍ୟାକିଙ୍କ ପ୍ରଯୋଜିତ 'ବଡ଼େ ମିଆଁ ଛୋଟେ ମିଆଁ' ରିଲିଜ୍ ଅପେକ୍ଷାରେ । ଏହି ଫିଲ୍ମ ୨୦୨୪ ଇଦ୍ ଅବସରରେ ରିଲିଜ୍ ହେବ । ଅକ୍ଷୟ କୁମାର, ସୋନାକ୍ଷୀ, ସିହ୍ନା, ପୃଥ୍ୱୀରାଜ୍ ସୁକୁମାରନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବେ ।




# କ୍ଷୀରରୁ ଆରମ୍ଭ ନୂଆବର୍ଷ

ନୂଆବର୍ଷ ଖୁସିରେ ଅନେକ ମଦ୍ୟପାନ କରିଥାନ୍ତି । କିନ୍ତୁ ରାଜସ୍ଥାନରେ ଯୋଧପୁରରେ କ୍ଷୀର ପାନରୁ ଆରମ୍ଭ ହୋଇଛି ନୂଆବର୍ଷ । ଏଭଳି ଏକ ନିଆରା ତଥା ନୂତନ ପ୍ରୟାସ ପ୍ରଥମଥର ପାଇଁ ଯୋଧପୁର ପୁଲିସ୍ କରିଛି । ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ସ୍ୱାସ୍ଥ୍ୟ ପ୍ରତି ଲୋକଙ୍କୁ ସଚେତନ କରିବାକୁ ଯାଇ ନୂଆବର୍ଷରେ ଏଭଳି ଏକ ନିଆରା ଅଭିଯାନ ଆରମ୍ଭ କରାଯାଇଥିବା ଜଣାପଡ଼ିଛି । ଯୋଧପୁର ସହରର ବିଭିନ୍ନ ସ୍ଥାନ ତଥା ରାସ୍ତାରେ କ୍ଷୀର ଷ୍ଟଲ୍ ଲଗାଯାଇ ଲୋକଙ୍କୁ ପିଇବା ପାଇଁ କ୍ଷୀର ପ୍ରଦାନ କରାଯାଇଥିଲା । ଯୋଧପୁର ପୁଲିସ୍, ଯୋଧପୁର ଡାଏରୀ ଏବଂ ଶ୍ରୀରାମ ହସ୍‌ପିଟାଲ ସହ ମିଶି ସହରବାସୀଙ୍କୁ ଛକ ସ୍ଥାନମାନଙ୍କରେ କ୍ଷୀର ବାଣ୍ଟିଥିଲେ । ଏହି ଅଭିଯାନର ଥିମ୍ ଥିଲା, 'ନୂଆବର୍ଷର ସ୍ୱାଗତ ମଦରୁ ନୁହେଁ, କ୍ଷୀରରୁ କରାଯାଉ ।' ଡିସେମ୍ବର ୩୧ରେ ବିଳମ୍ବିତ ରାତ୍ରିରେ ଲୋକଙ୍କୁ କ୍ଷୀର ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇ ଅଭିଯାନକୁ ଆରମ୍ଭ କରାଯାଇଥିଲା । ଅବଶ୍ୟ ପୁଲିସ୍ ଏହି ଆୟୋଜନର ପ୍ରସ୍ତୁତି ବହୁ ଦିନ ପୂର୍ବରୁ କରିଥିଲା । ସାଧାରଣ ଲୋକଙ୍କୁ ହୋର୍ଡିଂ ମାଧ୍ୟମରେ ଏସମ୍ପର୍କିତ ସୂଚନା ବି ପୂର୍ବରୁ ପ୍ରଦାନ କରିଥିଲା । ସାଧାରଣ ଲୋକେ ଜିରୋ ନାଇଟ୍ ସେଲିବ୍ରେସନ୍ ସମୟରେ କ୍ଷୀର ପିଇ ନବବର୍ଷକୁ ସ୍ୱାଗତ କରିଥିବା ଦେଖାଯାଇଛି । ତେବେ ଏହି କାର୍ଯ୍ୟରେ ଲୋକଙ୍କ ପୂର୍ଣ୍ଣ ସହଯୋଗ ପୁଲିସ୍‌କୁ ମିଳିଛି । ସମସ୍ତ ସ୍ଥାନରେ ପୁଲିସ୍ କର୍ମଚାରୀମାନେ ଏହି ବ୍ୟବସ୍ଥାକୁ ନିଜେ ସମ୍ଭାଳି ଥିଲେ । ଅନ୍ୟପଟେ ଯେଉଁ ଯେଉଁ ସ୍ଥାନରେ କ୍ଷୀର ଷ୍ଟଲ୍ ଲାଗିଥିଲା, ସେଠାରେ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା ।

# ଭ୍ରାମ୍ୟମାଣ ସୋଫା






ଏଣିକି ସୋଫାରେ କେବଳ ଲୋକେ ଗୋଟିଏ ସ୍ଥାନରେ ବସି ଆରାମ କରିବେ ନାହିଁ, ବରଂ ଏଥିରେ ବସି ବୁଲିବା ସମ୍ଭବ । ଏହି କଥାକୁ ବାସ୍ତବରେ ପରିଣତ କରି ଦେଖାଇଛନ୍ତି ଦୁଇ ଜଣ ଯୁବକ । ସୋଫାକୁ ଗାଡ଼ିରେ ରୂପାନ୍ତରିତ କରି ସେମାନେ ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଏଥିରୁ ବାଦ୍ ପଡ଼ି ନାହାନ୍ତି ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା । ସୋଫା ଗାଡ଼ିର ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେ ସେୟାର୍ କରିଛନ୍ତି । ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଆନନ୍ଦ ମହିନ୍ଦ୍ରା ଭିଡିଓ ଶୀର୍ଷକରେ ଲେଖିଛନ୍ତି, 'ଏହା ହେଉଛି ଏକ ମଜାଦାର ପ୍ରୋଜେକ୍ଟ । ଏହି ଗାଡ଼ିର ଇଞ୍ଜିନିୟରିଂ ଅତି ଚମତ୍କାର । ଯଦି କୌଣସି ଦେଶ ଅଟୋମୋବାଇଲ କ୍ଷେତ୍ରରେ ଅଗ୍ରଣୀ ହେବାକୁ ଇଚ୍ଛା କରୁଛି, ତେବେ ଏଭଳି ଆବିଷ୍କାରର ଆବଶ୍ୟକତା ରହିଛି ।' ସେହିପରି ରାସ୍ତାରେ ଏହାକୁ ଦେଖିବା ପରେ ଟ୍ରାଫିକ୍ ପୋଲିସ୍‌ର ପ୍ରତିକ୍ରିୟା କିଭଳି ରହିବ, ତାହା ମଧ୍ୟ ସେ ଦେଖିବାକୁ ଚାହୁଁଥିବା କହିଛନ୍ତି । ତେବେ ଏ ସୋଫା ଗାଡ଼ି ପଛରେ ରହିଛି ଦୁଇ ଜଣ ଯୁବକଙ୍କ ଉଚ୍ଚକୋଟିର ପ୍ରୟାସ । ଦୁଇ ଜଣଯାକ ଏହି ସୋଫାରେ ବସି ରାସ୍ତାରେ ବୁଲୁଥିବା ବି ଦେଖାଯାଇଛି । ସୋଫାରେ ମୋଟରକୁ ଖଞ୍ଜାଯାଇ ସେଥିରେ ସେମାନେ ଚାରିଟି ଚକ ଲଗାଇଛନ୍ତି । ଶେଷରେ ଏହା ଚଳନ୍ତା ଗାଡ଼ିରେ ପରିଣତ ହୋଇଛି । ଅନ୍ୟପଟେ ଅନ୍ୟମାନେ ମଧ୍ୟ ସୋଫାର ଏହି ପରିକଳ୍ପନାକୁ ବେଶ୍ ପସନ୍ଦ କରି ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି ।

## ଆଜିର ଇତିହାସ

- ୧୬୪୩- ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍‌ଙ୍କ ଜନ୍ମ ।
- ୧୯୬୨- ଆମେରିକାର ନ୍ୟୁୟର୍କ ସହରରେ ପ୍ରଥମ ସ୍ୱୟଂଚାଳିତ ମେଟ୍ରୋ ଟ୍ରେନ୍ ଚାଲିଲା ।
- ୧୯୯୦- ପାକିସ୍ତାନରେ ଦୁଇଟି ଟ୍ରେନ୍ ପରସ୍ପର ମଧ୍ୟରେ ବାଡ଼େଇ ହୋଇଯିବାରୁ ୪୦୦ ଲୋକଙ୍କ ମୃତ୍ୟୁ ଓ ୫୪୭ ଆହତ ।
- ୨୦୦୨- ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଭାରତରେ ପହଞ୍ଚିଲେ ।
- ୨୦୧୦- ଦୁବାଇରେ ବିଶ୍ୱର ସବୁଠୁ ଉଚ୍ଚତମ ଟାୱାର୍ ବୁର୍ଜ ଖଲିଫା ନିର୍ମାଣ କରାଗଲା ।

# ଟମାଟୋ ସସ୍ ପିଇ ବିଶ୍ୱ ରେକର୍ଡ



ମ୍ୟାଗି, ପାସ୍ତା ସମେତ ଅନ୍ୟ କିଛି ଖାଦ୍ୟ ପ୍ରସ୍ତୁତି ସମୟରେ ଟମାଟୋ ସସ୍ ବ୍ୟବହାର କରାଯାଏ। ଆମ ଦେଶରେ ଲୋକେ ସିଙ୍ଗଡ଼ା, ପକୋଡ଼ା ସହ ଟମାଟୋ ସସ୍ ଖାଇଥାନ୍ତି। ଜର୍ମାନୀର ଆଣ୍ଡ୍ରେ ଓଟ୍ରୋଲଫ୍ ୫୫.୨୧ ସେକେଣ୍ଡରେ ଏକ ଲିଟର ଟମାଟୋ ସସ୍ ପିଇ ବିଶ୍ୱ ରେକର୍ଡ କରିଛନ୍ତି। ଓଟ୍ରୋଲଫ୍‌ଙ୍କ ଏହି କାରନାମାକୁ ଗିନିଜ୍ ବିଶ୍ୱ ରେକର୍ଡ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରାଯାଇଛି । ଭିଡିଓରେ ଦେଖାଯାଇଛି ଯେ, ଓଟ୍ରୋଲଫ୍ ଏକ କାଠ ବେଞ୍ଚ୍ ପଛରେ ଛିଡ଼ା ହୋଇଛନ୍ତି । ଆଗରେ ଥୁଆଯାଇଥିବା ଟମାଟୋ ସସ୍ ଭର୍ତ୍ତି ଏକ ଜଗ୍‌ରୁ ସେ କିଛି ସେକେଣ୍ଡ ମଧ୍ୟରେ ଏହାକୁ ପୂରା ପିଇ ଦେଉଛନ୍ତି। ସସ୍ ପିଇ ସାରିବା ପରେ ସେ ତାଙ୍କ ଦୁଇ ହାତକୁ ଉଠାଇ ଜିଭକୁ ବାହାରକୁ ବାହାର କରୁଛନ୍ତି। ଭିଡିଓର କ୍ୟାପ୍‌ସନ୍‌ରେ ଲେଖାଯାଇଛି-ଏକ ଲିଟର ଟମାଟୋ ସସ୍ ପିଇବାର ରେକର୍ଡ। ଏହାପୂର୍ବରୁ ଓଟ୍ରୋଲଫ୍‌ଙ୍କ ନାମରେ ସବୁଠୁ ଅଧିକ ବେଗରେ ଟମାଟୋ କେଚଅପ୍ ଖାଇବା ରେକର୍ଡ ମଧ୍ୟ ଅଛି। ଏହାସହ ତାଙ୍କ ନାମରେ ଅନେକ ଖାଇବା ସମ୍ପର୍କୀୟ ବିଶ୍ୱ ରେକର୍ଡ ଅଛି। ଏକ ମିନିଟ୍‌ରେ ଚପ୍‌ଷ୍ଟିକ୍ ଦ୍ୱାରା ଅଧିକ ଜେଲି ଖାଇବା, ଏକ ମିନିଟ୍‌ରେ ଅଧିକ ଦହି ପିଇବା ରେକର୍ଡ, ଏକ ମିନିଟ୍‌ରେ ଅଧିକ ଚକ୍‌ଲେଟ୍ ଓ ଆଳୁ ଭର୍ତ୍ତା ଖାଇବା ରେକର୍ଡ, ୩୦ ସେକେଣ୍ଡରେ ଅଧିକ ସୁପ୍ ପିଇବା ରେକର୍ଡ ରହିଛି ।

## ଆଜିର ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟ ଆଗକୁ ବଢ଼ାଇବେ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଧନପ୍ରାପ୍ତି ଯୋଗ ଅଛି । ସମୟର ସଦୁପଯୋଗ କରିବେ । ମହିଳାମାନେ ପୂଜାର୍ଚ୍ଚନା କରିବେ ।

**ବୃଷ:** ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଆଶାରୁ ଅଧିକ ସଫଳତା ଲାଭ କରିବେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଅଯଥା କଥା କହି ଅପ୍ରିୟ ହେବେ ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଆରମ୍ଭ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଶହେ ଥର ଚିନ୍ତା କରନ୍ତୁ । ଦୂର ଯାତ୍ରା ଯୋଗ ଅଛି । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**କର୍କଟ:** ନିବେଶ କରିବାକୁ ବର୍ତ୍ତମାନ ଭଲ ସମୟ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ଅଯଥା କାମରେ ସମୟ ନଷ୍ଟ କରିବେ ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ । ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ । ଧାର୍ମିକ ଓ ସମାଜସେବାରେ ସମୟ ବିତାଇବେ । ଆୟ ଓ ବ୍ୟୟ ସମାନ ରହିବ ।

**କନ୍ୟା:** ଅଟକି ଥିବା ଅର୍ଥ ଫେରିପାଇବେ । ନିଜ ପାଇଁ ସମୟ ବାହାର କରିବେ । ଗୁରୁଜନଙ୍କ ଆଶିର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ ।

**ତୁଳା:** ବାଦ ବିବାଦରୁ ଦୂରେଇ ରୁହନ୍ତୁ । ସହକର୍ମୀଙ୍କ ସହଯୋଗ ମିଳିବ । ନିବେଶରୁ ଲାଭବାନ ହେବେ । ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଧନପ୍ରାପ୍ତି ଯୋଗ ରହିଛି ।

**ବିଛା:** ନୂତନ ବ୍ୟବସାୟ ପାଇଁ ମନ ବଳାଇବେ । ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ । ଶାରୀରିକ ପୀଡ଼ା ଅନୁଭବ କରିବେ । ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ । ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ । ଯାନବାହନ କିଣିବା ଯୋଗ ଅଛି । ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ । ଠକାମିର ଶିକାର ହେବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ମୀନ:** ରାଜନୀତିରେ ଯୋଗ ଦେବେ । ନୂତନ ଚାକିରି ପାଇଁ ମନ ବଳାଇବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତା କରିବେ । ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ । ଦାନ ଧର୍ମ କରନ୍ତୁ ।



# ଯମଜଙ୍କ ସହର

ସାଧାରଣ ପିଲାଙ୍କ ଅପେକ୍ଷା ଯମଜ ପିଲାଙ୍କୁ ପାଳିବା ବେଶ୍ କଷ୍ଟକର ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏମିତି ଏକ ସହର ଅଛି, ଯେଉଁଠି ଆଖି ବୁଲେଇବେ ସବୁ ଜାଗାରେ ଆପଣଙ୍କୁ ଯାଆଁଳା ଲୋକେ ମିଳିଯିବେ । ସେଥିପାଇଁ ଏହି ସହରକୁ ଯମଜଙ୍କ ସହର କୁହାଯାଏ । ଆଫ୍ରିକୀୟ ଦେଶ ନାଇଜେରିଆର ଇଗ୍‌ବୋ ଓରା ସହରରେ ପ୍ରତିଟି ପରିବାରରେ ଯମଜ ଶିଶୁ ଜନ୍ମ ନେଇଥାନ୍ତି । ବିଗତ ୧୩ ବର୍ଷ ହେଲାଣି ଏଠାରେ ପ୍ରତିବର୍ଷ ଏକ ଜଲ୍‌ସାର ଆୟୋଜନ କରାଯାଏ । ଏଥିରେ ସ୍ଥାନୀୟ ଲୋକେ ଭାଗ ନେଇ ଯମଜ ହେବାର ଉତ୍ସବ ମନାଇଥାନ୍ତି । ସବୁଠୁ ବଡ଼ କଥା ହେଉଛି, ଏଠାକୁ ଫ୍ରାନ୍ସରୁ ଲୋକେ ଆସି ଯମଜ ହେବାର ଉତ୍ସବ ମନାଇଥାନ୍ତି । ଏଠାରେ ରହୁଥିବା ଅଧିବାସୀମାନେ ୟୋରୁବା ସମ୍ପ୍ରଦାୟର ଲୋକ । ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଏଠାରେ ସବୁଠୁ ଅଧିକ ସଂଖ୍ୟାରେ ଯମଜ ଶିଶୁ ଜନ୍ମ ନେଇଥାନ୍ତି । ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଠାରେ ଲୋକ ଅଧିକ ଭେଣ୍ଡି ପତ୍ର ଖାଉଥିବାରୁ ବହୁ ସଂଖ୍ୟାରେ ଯମଜ ଶିଶୁ ଜନ୍ମ ନେଇଥାନ୍ତି । ତେବେ ଏଠାକୁ ଅନେକ ଡାକ୍ତରୀ ଟିମ୍ ଆସି ଅନୁସନ୍ଧାନ କଲେ ମଧ୍ୟ ଏହା ପଛର କାରଣ ଜାଣିପାରୁ ନାହାନ୍ତି । ତେବେ କିଛି ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଠାରେ ମହିଳାମାନେ ଏକ ସ୍ୱତନ୍ତ୍ର ଧରଣର ଅଟା ଖାଇଥାନ୍ତି । ସେଥିପାଇଁ ସେମାନେ ଯମଜ ଶିଶୁ ଜନ୍ମ ଦେଉଛନ୍ତି ।

# ସ୍ମାର୍ଟ ବ୍ୟାଗ୍

## ଚୋରି ବେଳେ ଦେବ ସାଇରନ୍

ବର୍ତ୍ତମାନର ଟେକ୍ନୋଲୋଜି ଯୁଗରେ ନୂଆନୂଆ ଉଦ୍ଭାବନ ନଜରକୁ ଆସୁଛି । ଏହି କ୍ରମରେ ଏକ ସ୍ମାର୍ଟବ୍ୟାଗ୍ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ତେବେ ସବୁଠୁ ବଡ଼ କଥା ହେଉଛି ଏହାକୁ ବିହାରର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ନିର୍ମାଣ କରିଛନ୍ତି । ନଜରାନା ଖାନମ୍ ନାମକ ଏହି ଛାତ୍ରୀ ଜଣକ ଏପରି ଏକ ବ୍ୟାଗ୍ ନିର୍ମାଣ କରିଛନ୍ତି ଯାହାକୁ ଜଣେ ଅଜଣା ବ୍ୟକ୍ତି ସ୍ପର୍ଶ କଲେ କିମ୍ବା ଏହାକୁ ନେଇ ଦୌଡ଼ି ପଳାଇବାକୁ ଚେଷ୍ଟା କଲେ ଏଥିରୁ ସାଇରନ୍ ବାଜିଥାଏ । ଏହି ବ୍ୟାଗ୍ ତିଆରି କରିବାକୁ ନଜରାନାଙ୍କୁ ୨୦ ଦିନ ଲାଗିଥିଲା । ସ୍ମାର୍ଟବ୍ୟାଗ୍‌କୁ ନେଇ ନଜରାନା କୁହନ୍ତି, ଶିକ୍ଷକମାନଙ୍କ ସହଯୋଗ ଓ ନିଜର ପରିଶ୍ରମ ବଳରେ ସେ ଏହାକୁ ତିଆରି କରିଛନ୍ତି । କିଛିଦିନ ପୂର୍ବରୁ ତାଙ୍କ ଭଉଣୀ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ତାଙ୍କର ଏକ ବ୍ୟାଗ୍ ଚୋରି ହୋଇଯାଇଥିଲା । ସେବେଠୁ ସେ ସଂକଳ୍ପ ନେଇଥିଲେ ଯେ ସେ ଏପରି ଏକ ବ୍ୟାଗ୍ ତିଆରି କରିବେ, ଯାହାକୁ କେହି ଚୋରି କରିପାରିବେ ନାହିଁ । ସେଥିପାଇଁ ସେ ଏପରି ଏକ ବ୍ୟାଗ୍ ପ୍ରସ୍ତୁତ କରିଥିଲେ । ଏହି ବ୍ୟାଗ୍ ନିର୍ମାଣରେ ସେ ୧୦୦୦ ଟଙ୍କା ଖର୍ଚ୍ଚ କରିଥିଲେ । ଏଥି ସହିତ ନଜରାନା ଆହୁରି ମଧ୍ୟ କହିଛନ୍ତି, 'ଏହି ସ୍ମାର୍ଟ ବ୍ୟାଗ୍‌ରେ ଦୁଇଟି ସ୍ପିକର୍ ଗୋଟିଏ ବ୍ୟାଟେରି ଓ ଏକ ସେନସର୍ ଲଗାଯାଇଛି । ଏହା ସମ୍ପୂର୍ଣ୍ଣ ଭାବେ ଏକ ରିମୋଟ୍ କଣ୍ଟ୍ରୋଲ୍ ବ୍ୟାଗ୍ । ଆପଣ ଚାହିଁଲେ ଏଥିରେ ଲାଗିଥିବା ସ୍ପିକର୍ କିମ୍ବା ବ୍ୟାଟେରିର ଆକାରକୁ ଛୋଟ ଓ ବଡ଼ କରିପାରିବେ ।' ନଜାରାନାଙ୍କ ଏହି ସ୍ମାର୍ଟ ବ୍ୟାଗ୍ ନିର୍ମାଣ ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି ।



# ଘରେ ଆକ୍ୱାରିୟମ୍ ରଖୁଥିଲେ ...

**ଆକ୍ୱାରିୟମ୍ ରଖିଲେ କେବଳ ଘରର ସୌନ୍ଦର୍ଯ୍ୟ ବଢ଼ିଥାଏ ତାହା ନୁହେଁ, ଏହାଦ୍ୱାରା ସୁଖସମୃଦ୍ଧି ମଧ୍ୟ ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି । ଏଥିରେ ଥିବା ରଙ୍ଗବେରଙ୍ଗର ମାଛ ଦେଖିଲେ ମନକୁ ଏକ ଅଦ୍ଭୁତ ଶାନ୍ତି ମିଳିଥାଏ । ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଆକ୍ୱାରିୟମ୍ ରଖିବାକୁ ନେଇ କେଉଁ ସବୁ ନିୟମ ରହିଛି, ଆସନ୍ତୁ ଜାଣିବା ସେସମ୍ପର୍କରେ ।**



- ବାସ୍ତୁଶାସ୍ତ୍ର ଅନୁଯାୟୀ, ଡ୍ରଇଂ ରୁମ୍‌ର ଦକ୍ଷିଣ-ପୂର୍ବ ଦିଗରେ ଆକ୍ୱାରିୟମ୍ ରଖିବା ଶୁଭ । ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି ।
- ଆକ୍ୱାରିୟମ୍‌କୁ କେବେ ବି ଡ୍ରଇଂ ରୁମ୍ ମଝିରେ ରଖନ୍ତୁ ନାହିଁ । ଏହାଦ୍ୱାରା ଖର୍ଚ୍ଚ ଅଧିକ ହୋଇଥାଏ ।
- ଆକ୍ୱାରିୟମ୍‌ରୁ ସମୟ ସମୟରେ ପାଣି ବଦଳାଇବା ଉଚିତ ।
- ଆକ୍ୱାରିୟମ୍‌କୁ ବେଡ୍‌ରୁମ୍‌ରେ ରଖିବା ଆଦୌ ଉଚିତ ନୁହେଁ । ଆକ୍ୱାରିୟମ୍‌ରେ ସର୍ବଦା ୯ଟି ମାଛ ରଖିବା ଶୁଭଙ୍କର । ଆଉ ସେହି ୯ଟି ମାଛ ମଧ୍ୟରୁ ୮ଟି ଗୋଲ୍ଡ ଫିଶ୍ ଓ ଗୋଟିଏ କଳା ମାଛ ରହିବା ଦ୍ୱାରା ଅଧିକ ଶୁଭଫଳ ପ୍ରଦାନ କରିଥାଏ ।
- ଗୋଲ୍ଡ ଫିଶ୍‌କୁ ଧନର ପ୍ରତୀକ ବୋଲି କୁହାଯାଏ । ଅନ୍ୟପକ୍ଷେ କଳାମାଛ ସୁରକ୍ଷାର ପ୍ରତୀକ ଭାବେ ବିବେଚନା କରାଯାଇଛି ।





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-190 ◆BHUBANESWAR ◆THURSDAY ◆4 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୦ ◆ଭୁବନେଶ୍ୱର ◆ଗୁରୁବାର ◆୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ‘ପରିକ୍ରମା’ଲୋକାର୍ପଣ ଆଉ ୧୩ ଦିନ

# ଆଉ ରହିବନି ପାର୍କିଂ ସମସ୍ୟା

**ପୁରୀ,୩।୧(ସମିସ):** ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ରାଜ୍ୟ ସରକାର ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ଅନେକ ମେଗା ପ୍ରକଳ୍ପ କାମ କରାଯାଉଛି। ଏଥିମଧ୍ୟରୁ କେତେକ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଆଉ କେତେକ ନିର୍ମାଣାଧୀନ ରହିଛି। ସେହିପରି ଏକାଧିକ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପୁରୀ ସହରରେ ଅନେକ ସମୟରେ ପାର୍କିଂକୁ ନେଇ ସମସ୍ୟା ଉପୁଜିଥାଏ। ପ୍ରତିଦିନ ବହୁସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଗାଡ଼ି ନେଇ ଆସୁଥିବାରୁ କେଉଁଠାରେ ପାର୍କିଂ କରିବେ, ଚିନ୍ତାରେ ପଡ଼ିଥା'ନ୍ତି। ସେହିପରି ପରିକ୍ରମା ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଲେ ଭକ୍ତଙ୍କ ସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ହେଲେ ଆଗକୁ ଆଉ ପାର୍କିଂକୁ ନେଇ ସମସ୍ୟା ହେବ ନାହିଁ। କାରଣ ଜେଲ୍‌ରୋଡ୍‌ରେ ବହୁତଳ ପାର୍କିଂ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ଆଉ ଦୁଇଟି ବହୁତଳ ପାର୍କିଂ କାମ ଦ୍ରୁତଗତିରେ ଚାଲିଛି। ଏହା ପୂର୍ଣ୍ଣାଙ୍ଗ ହେଲେ ପୁରୀରେ ଆଉ ପାର୍କିଂ ସମସ୍ୟା ସୃଷ୍ଟି ହେବନି।



**ଗୋଟିଏ ବହୁତଳ ପାର୍କିଂ କାର୍ଯ୍ୟକ୍ଷମ, ଦୁଇଟି ନିର୍ମାଣାଧୀନ**

ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ସବୁ କ୍ଷେତ୍ରରେ ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି ରାଜ୍ୟ ସରକାର। ପୁରୀ ଆୟତନ ଦୃଷ୍ଟିରୁ ଏକ ଛୋଟିଆ ସହର ହୋଇଥିବାରୁ ପାର୍କିଂ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ଜେଲ୍‌ରୋଡ୍, ଜଗନ୍ନାଥବଲ୍ଲଭ ଏବଂ ଦିଗବାରେଣୀ ଛକଠାରେ ବହୁତଳ ପାର୍କିଂର ପରିକଳ୍ପନା କରାଯାଇଥିଲା। ଜେଲ୍‌ରୋଡ୍ ବହୁତଳ ପାର୍କିଂ ପାଇଁ ୬୭.୬୨ କୋଟି ଟଙ୍କା ମଞ୍ଜୁର କରିଥିଲେ ରାଜ୍ୟ ସରକାର। ଅବଢ଼ା ଯୋଜନାରେ ଏହି କାମ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) କରିଥିଲା। ଗତ ଡିସେମ୍ବର ୧ ତାରିଖରେ ଜେଲ୍‌ରୋଡ ବହୁତଳ ପାର୍କିଂ ଉଦ୍‌ଘାଟିତ ହୋଇଛି। ଏହି ପାର୍କିଂରେ ୫୦୦ଟି ଚାରିଚକିଆ ହାଲ୍‌କା ଯାନ ଏବଂ ୫୦୦ଟି ବାଇକ୍ ରହିପାରିବ। ଚାରିଚକିଆ, ତିନିଚକିଆ, ଦୁଇଚକିଆ ଯାନ ପାଇଁ ଯଥାକ୍ରମେ ୫୦ଟଙ୍କା, ୩୦ଟଙ୍କା ଓ ୨୦ ଟଙ୍କା ପ୍ରଥମ ୪ଘଣ୍ଟା ପାଇଁ ଦରଧାର୍ଯ୍ୟ କରାଯାଇଛି। ପ୍ରତି ଅତିରିକ୍ତ ୧ ଘଣ୍ଟା ସମୟ ପାଇଁ ଯଥାକ୍ରମେ ୧୦ ଟଙ୍କା, ୭ ଟଙ୍କା ଏବଂ ୫ ଟଙ୍କା ରଖାଯାଇଛି। ଏହି ବହୁତଳ ପାର୍କିଂ ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ▶ପୃଷ୍ଠା-୭

## ସ୍କୁଲବସ୍ ଲାଗି ମାର୍ଗଦର୍ଶିକା ଜାରି

# ୫୦ ଟପିବ ନାହିଁ ଗାଡ଼ିର ବେଗ

**ଭୁବନେଶ୍ୱର,୩।୧(ସମିସ):** ରାଜ୍ୟବ୍ୟାପୀ ବଢୁଥିବା ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇଁ ସରକାର ଢ଼େର ପୂର୍ବରୁ କାର୍ଯ୍ୟାରମ୍ଭ କରିଛନ୍ତି। ଏହି କ୍ରମରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ବିଭାଗ ଆଗୁଆ ସତର୍କ ହୋଇଛି ଏବଂ ସ୍କୁଲ ବସଗୁଡ଼ିକ ପାଇଁ କଡ଼ା କଟକଣା ଲଗାଇଛି। ଏ ସଂକ୍ରାନ୍ତରେ ପରିବହନ ବିଭାଗ ସ୍କୁଲ ବସ୍‌ପାଇଁ ଜାରି ସୁପ୍ରିମକୋର୍ଟ ମାର୍ଗଦର୍ଶିକାକୁ କଡ଼ାକଡ଼ି ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛି।

ସୂଚନା ଅନୁସାରେ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ସ୍କୁଲ ଭ୍ୟାନ୍ ହେଉ ବସ୍, ସବୁଥିରେ ଆଗ ଓ ପଛରେ ସ୍କୁଲ ବସ୍ ବୋଲି ଲେଖା ରହିବ। ସ୍କୁଲ ଭ୍ୟାନ୍‌ରେ 'ଅନ୍ ସ୍କୁଲ ଡ୍ୟୁଟି' ଲେଖାଯିବା ସହ ଅଗ୍ନି ନିର୍ବାପକ ଯନ୍ତ୍ର ଓ

- ▶ କଣ୍ଡକ୍ଟର-ଡ୍ରାଇଭରଙ୍କ ୟୁନିଫର୍ମ ବାଧ୍ୟତାମୂଳକ
- ▶ ଗାଡ଼ିରେ ରହିବ ଫାଷ୍ଟ-ଏଡ୍, ଅଗ୍ନି ନିର୍ବାପକ ଯନ୍ତ୍ର
- ▶ ଗାଡ଼ିରେ ଲେଖାଯିବ ସ୍କୁଲ ନାମ, ଫୋନ ନମ୍ବର

ଫାଷ୍ଟଏଡ଼ ବକ୍ସ ରଖାଯିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ବସ୍ ଝରକା ଗୁଡିକୁ ଲୁହା ଗ୍ରୀଲରେ ଆବଦ୍ଧ କରାଯିବ। ସେପରି ସ୍କୁଲ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବସ୍‌ଗୁଡିକ ୫୦ କିଲୋମିଟରରୁ ଅଧିକ ବେଗରେ ଚାଲିପାରିବନି। ସେହିପରି ବସ୍‌ରେ ସ୍କୁଲର ନାମ ଓ ନମ୍ବର ରହିବା ବାଧ୍ୟତାମୂଳକ କରାଯିବା ସହ ବସ କବାଟଟି ଭଲ ଭାବେ ଲକ୍ ହେଉଥିବା ଜରୁରୀ। ସ୍କୁଲ ବସ୍ କିମ୍ବା ଭ୍ୟାନ୍ ଚଲାଉଥିବା ଚାଳକ ବୈଧତା ଲାଇସେନ୍ସ ସହ ୫ ବର୍ଷ ଭାରିଯାନ ଚଳାଇବା ନେଇ ଅଭିଜ୍ଞତା ରହିବା ଆବଶ୍ୟକତା ରହିଛି। ବସରେ କଣ୍ଡକ୍ଟର ଓ ଡ୍ରାଇଭର ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସ୍କୁଲ ବ୍ୟାଗ ରଖିବା ପାଇଁ ଦୁଇ ସିଟ ମଧ୍ୟରେ ଦୂରତା ରହିବା ସହ ବାର୍ଷିକ ଫିଟନେସ ସାର୍ଟିଫିକେଟ ଓ ରୁଟ୍ ଚାର୍ଟ ରହିବା ଜରୁରୀ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ଲୋକକଥା



ବିକାଶ ସପନ ସତ ହେଉଅଛି
ପ୍ରଗତି ଚାଲିଛି ଆଗେଇ,
ଶ୍ରୀକ୍ଷେତ୍ରଠାରୁ ଗ୍ରାମ୍ୟ ଦେବାଳୟ
ସବୁ ପୀଠ ଏବେ ହସଇ।
ବିକାଶର ଆଶା ବଢ଼ଇ,
ସୁକ୍‌ତେଲ ସୁଖ ପ୍ରବାହିତ ହେବ
ଲୋକଙ୍କର ଖୁସି ବଢ଼ଇ ॥

# ପାରାକ୍ୱେଟ୍ ସମ୍ପୂର୍ଣ୍ଣ ନିଷିଦ୍ଧ ପାଇଁ କେନ୍ଦ୍ରକୁ ଚିଠି


**ଭୁବନେଶ୍ୱର,୩।୧(ସମିସ):** ବିଷାକ୍ତ ପାରାକ୍ୱେଟ୍ ଏବଂ ଏଥିରୁ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକର ବିକ୍ରିକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି।

**୨୦୧୭-୧୯ ମଧ୍ୟରେ ପାରାକ୍ୱେଟ ନେଇଛି ୧୪୦ ଜୀବନ**

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବଙ୍କୁ ଲେଖିଥିବା ପତ୍ରରେ ସେ ଦର୍ଶାଇଛନ୍ତି ଯେ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପାରାକ୍ୱେଟ୍‌ର କୁ-ପ୍ରଭାବ ରୋକିବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ନିରୋଧକ ଔଷଧ ଉପଲବ୍ଧ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବିଷାକ୍ତ ରସାୟନିକ ପଦାର୍ଥର ବିକ୍ରୟ/ମହଜୁଦ/ ବିତରଣ/ ଉତ୍ପାଦନ ଓ ବ୍ୟବହାରକୁ ୨୦୨୩ ଅକ୍ଟୋବର ୫ରୁ ୯୦ଦିନ ପର୍ଯ୍ୟନ୍ତ ନିଷିଦ୍ଧ ଘୋଷଣା କରିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରିପୋର୍ଟ ଅନୁସାରେ, ପାରାକ୍ୱେଟ୍ ଏବଂ ଏଥିରୁ ଉତ୍ପନ୍ନ ପଦାର୍ଥ ଅତ୍ୟନ୍ତ ବିଷାକ୍ତ ଓ କ୍ଷତିକାରକ। ବର୍ତ୍ତମାନ ପର୍ଯ୍ୟନ୍ତ ପାରାକ୍ୱେଟ୍‌ର ବ୍ୟବହାର ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ, ମଣିଷର ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ଏହାର ପ୍ରଭାବ ସମ୍ପର୍କରେ କୌଣସି ବୈଜ୍ଞାନିକ ଗବେଷଣା କରାଯାଇନାହିଁ। ସେହିପରି ଭେଷଜ ଅନୁଷ୍ଠାନ ଭିମ୍‌ସାର ରିପୋର୍ଟ ଅନୁଯାୟୀ, ପାରାକ୍ୱେଟ୍ ଯୋଗୁଁ ମଣିଷର ନିଃଶ୍ୱାସପ୍ରଶ୍ୱାସ, ବୃକକ୍ ଏବଂ ଯକୃତଜନିତ ସମସ୍ୟା ଉପୁଜି ମୃତ୍ୟୁ ଘଟିଥାଏ। ଏହା ଜନିତ ମୃତ୍ୟୁହାର ଅଧିକ। ରିପୋର୍ଟ ଅନୁଯାୟୀ, ୨୦୧୭ ସେପ୍ଟେମ୍ବରରୁ ୨୦୧୯ ଅଗଷ୍ଟ ମଧ୍ୟରେ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ▶ପୃଷ୍ଠା-୭

# ମେଟ୍ରୋ ପ୍ରକଳ୍ପ 'ଲୋଗୋ' ଡିଜାଇନ୍ ପାଇଁ ଆହ୍ୱାନ

**ଭୁବନେଶ୍ୱର, ୩।୧(ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ସୁନ୍ଦର, ଆକର୍ଷଣୀୟ ଓ ପାରମ୍ପରିକ 'ଲୋଗୋ' ଡିଜାଇନ୍ ପାଇଁ ଆହ୍ୱାନ କରାଯାଇଛି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟବାସୀଙ୍କଠାରୁ ଏହି ଲୋଗୋ ଆହ୍ୱାନ କରିଛନ୍ତି। ସୋସିଆଲ୍ ମିଡିଆ ଯୋଗେ ଲୋକମାନେ ଓଡ଼ିଶାର ଏହି ବହୁପ୍ରତୀକ୍ଷିତ ମେଟ୍ରୋ ପାଇଁ ଲୋଗୋ ଡିଜାଇନ୍ କରି ଏହାକୁ ପଠାଇପାରିବେ। ସବୁଠୁ ଆକର୍ଷଣୀୟ ଲୋଗୋକୁ ମୁଖ୍ୟମନ୍ତ୍ରୀ ମନୋନୀତ କରିବେ। ସେହି ଲୋଗୋକୁ ଗ୍ରହଣ କରାଯିବା ସହ ନିର୍ମାତାଙ୍କୁ ପୁରସ୍କୃତ କରାଯିବ। ଓଡ଼ିଶାର ଆତ୍ମାକୁ ନେଇ ଏହି ଡିଜାଇନ୍ କରିବା ସହ ସେଥିରେ ପାରମ୍ପରିକ କଳା, ସଂସ୍କୃତି ଓ ସୃଜନଶୀଳତାର ଝଲକ ରଖିବାକୁ '୫-ଟି' ଅଧ୍ୟକ୍ଷ କହିଛନ୍ତି। ଏହି ଡିଜାଇନକୁ ceo.bmrcl@odisha.gov.inରେ ପଠାଇବାକୁ ସେ ନିବେଦନ କରିଛନ୍ତି। ଗତ ୧ ତାରିଖରେ ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୬ ହଜାର ୨୫୫ କୋଟିର ବ୍ୟୟବରାଦ ଥିବା ମେଟ୍ରୋ ପ୍ରକଳ୍ପ କାମ ୪ ବର୍ଷରେ ସରିବ। ୨୬ କିଲୋମିଟରର ଦୂରତା ଦେଇ ମେଟ୍ରୋ ଟ୍ରେନ୍ ଯିବ। ଏହା ମଧ୍ୟରେ ରହିବ ୨୦ଟି ଷ୍ଟେସନ୍ ରହିବ।

## ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ତୁଷାରକାନ୍ତି ବେହେରାଙ୍କୁ କୋରାପୁଟରେ ସ୍ୱାଗତ

# କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ରାଜସ୍ୱ ମନ୍ତ୍ରୀଙ୍କ ତୀବ୍ର ନିନ୍ଦା



**କୋରାପୁଟ,୩।୧(ସମିସ)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ କୋରାପୁଟ ରେଳ ଷ୍ଟେସନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କୋଟିଆ ପଞ୍ଚାୟତରେ ଆନ୍ଧ୍ରର ଅନୁପ୍ରବେଶ ଘଟଣାକୁ ନେଇ ରାଜସ୍ୱ ମନ୍ତ୍ରୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କୋଟିଆ ଓଡ଼ିଶାର ଏବଂ କୋଟିଆବାସୀ ଓଡ଼ିଶା ସହ ଅଛନ୍ତି ବୋଲି ସେ ଦୃଢ଼ତାର ସହ କହିଛନ୍ତି। କୋଟିଆରେ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରୁଥିବାବେଳେ ନିକଟରେ କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ ଆନ୍ଧ୍ର ସରକାର ୱାଇଏସ୍ଆର୍ କଂଗ୍ରେସ ଦଳର ପତାକା ଉତ୍ତୋଳନ କରାଯାଇଥିଲା। ତେବେ ଏହି ଘଟଣାକୁ ଓଡ଼ିଶା ସରକାରଙ୍କ ତରଫରୁ ନିନ୍ଦା କରାଯିବା ସହ କୋରାପୁଟ ଜିଲ୍ଲା ପ୍ରଶାସନ ଦ୍ୱାରା ପତାକାକୁ ଓହ୍ଲାଇ ଦିଆଯାଇଥିଲା ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଥିଲେ।

ମାଲକାନଗିରିରେ ଅନୁଷ୍ଠିତ 'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେବାକୁ ଦୁଇ ମନ୍ତ୍ରୀ ଭୁବନେଶ୍ୱରରୁ ହୀରାଖଣ୍ଡ ଟ୍ରେନ ଯୋଗେ ଆସି ବୁଧବାର ସକାଳେ କୋରାପୁଟରେ ପହଞ୍ଚି ଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହାକ, ବିଜେଡି ରାଜ୍ୟ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଜୋନାଲ ସଭାନେତ୍ରୀ ଲତା ସାହୁ, ରାଜ୍ୟ ସମ୍ପାଦିକା ତୁଳସୀ କିର୍ଷାନୀ, ଜିଲ୍ଲା ଆଇଟି ସେଲ ମୁଖ୍ୟ କାଦମ୍ବିନୀ ସେଠୀ, ଦେବିଶ୍ରୀ ପ୍ରଧାନ, ସମାଜସେବୀ ତ୍ରିନାଥ ପାତିକା, ବିଜେଡି ନେତା ଉତ୍କଳ ରଞ୍ଜନ ନାୟକ, ତ୍ରିପୁରାରୀ ଗରଡ଼ା, ସୁରେଶ ପଟ୍ଟନାୟକ ପ୍ରମୁଖ ରେଳ ଷ୍ଟେସନରେ ମନ୍ତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରେଳ ଷ୍ଟେସନରୁ ଉଭୟ ମନ୍ତ୍ରୀ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସରେ ପହଞ୍ଚି କିଛି ସମୟ ରହି ମାଲକାନଗିରି ଗସ୍ତ କରିଥିଲେ। ସର୍କିଟ ହାଉସରେ ସ୍ୱଳ୍ପ ସମୟ ରହଣି ମଧ୍ୟରେ ବିଧାୟକ ଓ ଦଳୀୟ ନେତୃବୃନ୍ଦଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଓଡ଼ିଶାରେ କୋଟିଆର ଅନୁପ୍ରବେଶ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ।

# ୯ରେ '୫-ଟି' ଅଧ୍ୟକ୍ଷଙ୍କ ଲକ୍ଷ୍ମୀପୁର ଗସ୍ତ

**ଲକ୍ଷ୍ମୀପୁର,୩।୧(ସମିସ):** '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆସନ୍ତା ୯ ତାରିଖରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଲକ୍ଷ୍ମୀପୁର ଗସ୍ତରେ ଆସିବେ। ଏଥିପାଇଁ ଏବେଠୁ ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏଥିପାଇଁ ଆଇବି ବଙ୍ଗଳାରେ ବିଜେଡି ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ବୈଠକ ଆୟୋଜନ ସହ କ୍ଷେତ୍ର ଚିହ୍ନଟ କରାଯାଉଥିବା ଦେଖିବାକୁ ମିଳିଛି। ସର୍ବସମ୍ମତି କ୍ରମେ ମହାବିଦ୍ୟାଳୟ ସମ୍ମୁଖରେ ଥିବା ମିନି ଷ୍ଟାଡିୟମରେ '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ ଅବସରରେ ଏକ ସାଧାରଣ ସଭାର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେବା ପରେ କୋରାପୁଟ ଜିଲ୍ଲାକୁ '୫-ଟି' ଅଧ୍ୟକ୍ଷଙ୍କ ଏହା ଦ୍ୱିତୀୟ ଗସ୍ତ ହୋଇଥିବାବେଳେ ଲକ୍ଷ୍ମୀପୁର ବ୍ଲକକୁ ସେ ପ୍ରଥମ ଥର ପାଇଁ ଗସ୍ତ କରିବେ। ନୂତନ ବର୍ଷରେ ଲକ୍ଷ୍ମୀପୁରକୁ '୫-ଟି' ଅଧ୍ୟକ୍ଷ ଗସ୍ତ କରିବାକୁ ଥିବାରୁ ଅଞ୍ଚଳବାସୀ ନିଜର ସମସ୍ୟା ଓ ଅଭିଯୋଗର ତ୍ୱରିତ ସମାଧାନ ହେବାକୁ ନେଇ ଆଶା ବାନ୍ଧିବା ସହ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ବ୍ଲକ୍ ଆସନ୍ତା ୯ରେ ଜନସମୁଦ୍ର ସହ ଉତ୍ସବମୁଖର ହେବ ବୋଲି ଆଶା ପ୍ରକାଶ ପାଇଛି। ଶ୍ରୀ ପାଣ୍ଡିଆନ୍ ହେଲିକପ୍ଟର ଯୋଗେ ବିଏସଏଫ୍ କ୍ୟାମ୍ପରେ ଅବତରଣ କରି ସେଠାରୁ ମିନି ଷ୍ଟାଡିୟମକୁ ଯିବାକୁ ଥିବା ନେଇ ଜଣାପଡ଼ିଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳ କ୍ରୀଡ଼ା ଉଦ୍‌ଘାଟିତ

**ବୋରିଗୁମ୍ମା,୩।୧(ସମିସ):** ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମାରେ ସଙ୍କୁଳ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ପ୍ରସାଦ ବିଡ଼ିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସ୍ଥାନୀୟ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟା ମମତା ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଜୟପୁର ସଙ୍କୁଳ ଅନ୍ତର୍ଗତ ମୋଟ ୯ଟି ଶିଶୁ ମନ୍ଦିରର ୧୦୨ ଜଣ ପ୍ରତିଭାଗୀ ଶିଶୁ ଭାଇଭଉଣୀ ଅଂଶ ଗ୍ରହଣ କରିଥିଲେ। ୫୩ଟି ପ୍ରତିଯୋଗିତା ହୋଇଥିଲା। ସଙ୍କୁଳର ସମସ୍ତ ଶିଶୁ ମନ୍ଦିରରୁ ମୋଟ ୧୨ ଜଣ ପରିଚାଳକପରିଚାଳିକା ଏବଂ ସମସ୍ତ ପ୍ରଧାନଆଚାର୍ଯ୍ୟ କ୍ରୀଡ଼ା ପରିଚାଳନା କରିଥିଲେ। ବିଶିଷ୍ଟ ବ୍ୟବସାୟୀ ସୂର୍ଯ୍ୟ ନାରାୟଣ ଆଚାରି ଉତ୍ସବରେ ଯୋଗଦେଇ ଶିଶୁଙ୍କୁ ପୁରସ୍କାର ବିତରଣ କରିଥିଲେ। ଜୟପୁରର ସଙ୍କୁଳ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦଙ୍କ ସହଯୋଗ ଏବଂ ସ୍ଥାନୀୟ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟା ଏବଂ ସମସ୍ତ ଗୁରୁଜୀଗୁରୁମା'ଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ନିର୍ମାଣାଧୀନ ବିମାନ ବନ୍ଦର କାର୍ଯ୍ୟ ତଦାରଖ



**ମାଲକାନଗିରି,୩।୧(ସମିସ):** ମାଲକାନଗିରି ଜିଲ୍ଲାରେ ନିର୍ମାଣାଧୀନ ବିମାନ ବନ୍ଦର କାର୍ଯ୍ୟ ତଦାରଖ କରିଛନ୍ତି ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି। ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ଶ୍ରୀ ମାଝି ବୁଧବାର ଜିଲ୍ଲାରେ ନିର୍ମାଣାଧୀନ ବିମାନ ବନ୍ଦର କାର୍ଯ୍ୟସ୍ଥଳକୁ ଯାଇ ଏହାର ତଦାରଖ କରିଥିଲେ। ସେଠାରେ ସେ ଜାରି ରହିଥିବା କାର୍ଯ୍ୟଗୁଡ଼ିକୁ ବୁଲି ଦେଖିବା ସହ ସେଠାରେ ଥିବା ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାରେ ବିମାନ ବନ୍ଦର ହେଲେ ଲୋକଙ୍କୁ ଯାତାୟାତରେ ଅଧିକ ସୁବିଧା ମିଳିବ। ତେଣୁ ଜିଲ୍ଲାବାସୀ ଏହାକୁ ଅପେକ୍ଷା କରି ରହିଥିବା ବେଳେ ଯଥା ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଶ୍ରୀ ମାଝି ପରାମର୍ଶ ଦେଇଛନ୍ତି। ଏହି ଗସ୍ତରେ ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ରାମ ପଟ୍ଟନାୟକ, ରବି ରାଜେସ, ବସନ୍ତ ନାୟକ ଓ କଣ୍ଟେସସ ପାଟଲା ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗ ନଗର ଗୁଳିକାଣ୍ଡରେ ମୃତ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି

**କୋରାପୁଟ,୩।୧(ସମିସ):** କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, କଂଗ୍ରେସ ନେତା ରୂପକ ତୁରୁକ, ମନୋଜ ଆଚାର୍ଯ୍ୟ, ରମେଶ ଖରା, ଜୟନ୍ତ କଟିନ, ପ୍ରମୋଦ କୁମାର ନାଗ ପ୍ରମୁଖଙ୍କ ସମେତ ଜନସାଧାରଣ ଉପସ୍ଥିତ ରହି କୋରାପୁଟ ବସ୍ ଷ୍ଟାଣ୍ଡଠାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିସହ ମହମବତି ଜଳାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ, ୨୦୦୬ ଜାନୁଆରୀ ୩ ତାରିଖରେ ଯାଜପୁର ଜିଲ୍ଲାର କଳିଙ୍ଗନଗରଠାରେ ପୁଲିସ ଓ ଆଦିବାସୀଙ୍କ ସଂଘର୍ଷ ଘଟିଥିଲା। ସେଥିରେ ୧୪ ଜଣ ଆଦିବାସୀ ପ୍ରାଣ ହରାଇଥିଲେ।

# କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ; ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ



**ଉମରକୋଟ,୩।୧(ସମିସ):** 'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ତେବେ ଉକ୍ତ କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇ ନ ଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ କାର୍ଯ୍ୟକ୍ରମ ଆରମ୍ଭରେ ଅହେତୁକ ବିଳମ୍ବକୁ ନେଇ ସାଧାରଣ ଜନତା ଓ ପ୍ରତିଯୋଗୀ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା।

ସୂଚନାପ୍ରକାରେ, 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ପକ୍ଷରୁ ବ୍ଲକ୍ ଓ ପୌରାଞ୍ଚଳରେ କ୍ରିକେଟ, ଭଲିବଲ, କବାଡ଼ି, ହକି, ଖୋ ଖୋ ଭଳି ଖେଳ ଆୟୋଜନ କରି ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାବାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ଜିଲ୍ଲାସ୍ତରରେ ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଅନ୍ୟପଟେ ଏହାର ପ୍ରଚାରପ୍ରସାର ପାଇଁ ସରକାର ଅହରହ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉମରକୋଟ ପୌର ପରିଷଦଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବିଷୟରେ ପୌର ପରିଷଦର କୌଣସି ଲୋକ ମଧ୍ୟ ଜାଣିନାହାନ୍ତି। ଏହାର ପ୍ରଚାରପ୍ରସାର ପାଇଁ ପୌର ପ୍ରଶାସନ ପକ୍ଷରୁ କିଛି ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ କି ଏଭଳି କାର୍ଯ୍ୟକ୍ରମ ଆୟୋଜନ ବିଷୟରେ ଡାକବାଜି ଯନ୍ତ୍ର ଦ୍ୱାରା ମଧ୍ୟ ଲୋକଙ୍କୁ ଅବଗତ କରାଯାଇ ନାହିଁ। ଏହାର ପରିଣାମ ସ୍ୱରୂପ ଆଜିର ଉଦ୍‌ଘାଟନୀ ଦିବସରେ ହାତ ଗଣତି ଜନସାଧାରଣ ଓ ପୌର ପରିଷଦର କର୍ମଚାରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ୩/୪ ଜଣ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୌର ପରିଷଦର କର୍ମଚାରୀ ହିଁ ଉପସ୍ଥିତ ଥିଲେ। ଏହା ବ୍ୟତୀତ କାର୍ଯ୍ୟକ୍ରମ ମଧ୍ୟ ଦିନ ୧୦ଟା ପରିବର୍ତ୍ତେ ଅପରାହ୍ଣ ୧ଟାରେ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଥମ ଦିନରେ ୧୬ଟି ଟିମ୍‌କୁ ନେଇ କ୍ରିକେଟ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ପୌରନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିୟାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହିସବୁ କାର୍ଯ୍ୟକ୍ରମ ବିଷୟରେ ପୂର୍ବରୁ ମୋର ଅଭିଜ୍ଞତା ନାହିଁ। ଅଧ୍ୟକ୍ଷା, ଉପାଧ୍ୟକ୍ଷ, କାଉନସିଲରମାନେ ଖବରଦାତାଙ୍କୁ ଡାକିବେ ବୋଲି ମନେକରି ମୁଁ କାହାକୁ ନିମନ୍ତ୍ରଣ କରିନାହିଁ ବୋଲି କହିଛନ୍ତି।

# ଆଜିଠାରୁ ବ୍ଲକ୍‌ସ୍ତରୀୟ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ

**କୋରାପୁଟ,୩।୧(ସମିସ):** କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର କୁନ୍ଦୁରା ଶାସ୍ତ୍ରୀ ମୈଦାନଠାରେ ଶୁଭାରମ୍ଭ କରାଯିବ। ୫ ତାରିଖ ଦିନ ନାରାୟଣପାଟଣା ହାଇସ୍କୁଲ ପଡ଼ିଆଠାରେ କାର୍ଯ୍ୟକ୍ରମ ରହିଥିବାବେଳେ ୬ ତାରିଖ ଦିନ ଲମତାପୁଟ, ୭ରେ ନନ୍ଦପୁର, ୮ରେ ଦଶମନ୍ତପୁର, ୯ ତାରିଖ ଦିନ ବୈପାରିଗୁଡ଼ା, ୧୦ରେ କୋଟପାଡ଼, ୧୧ରେ ସେମିଳିଗୁଡ଼ା, ୧୨ ତାରିଖରେ ପଟ୍ଟାଙ୍ଗି, ୧୩ ତାରିଖରେ ଲକ୍ଷ୍ମୀପୁର, ୧୫ ତାରିଖ ଦିନ ବୋରିଗୁମ୍ମା, ୧୬ରେ ଜୟପୁର, ୧୮ରେ ବନ୍ଧୁଗାଁ ଏବଂ ୧୯ ତାରିଖ ଦିନ କୋରାପୁଟ ପୁଲିସ ପରେଡ୍ ପଡ଼ିଆଠାରେ କୋରାପୁଟ ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ନୃତ୍ୟ ପୋଷାକ ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଶୁଭାରମ୍ଭ ଉତ୍ସବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବିଧାୟକଙ୍କ ଦ୍ୱାରା ଜୁରାସିକ୍ ପାର୍କ ଉଦ୍‌ଘାଟିତ



**ବୋରିଗୁମ୍ମା,୩।୧(ସମିସ)**

ବୋରିଗୁମ୍ମା ବ୍ଲକର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜୁରାସିକ୍ ପାର୍କ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଆନୁଷ୍ଠାନିକ ଭାବେ ଜୁରାସିକ୍ ପାର୍କ ଓ ଜଳ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଅବଦଲ ଏମ୍. ଅଖତର ଯୋଗଦେଇଥିଲେ। ବୋରିଗୁମ୍ମା ବ୍ଲକ୍ ପ୍ରଶାସନ ପକ୍ଷରୁ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଖୁଡ଼ିଗୁଡ଼ାଠାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପରାମର୍ଶ କ୍ରମେ ଏକ ପାହାଡ଼ ଉପରେ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇ ନିର୍ମାଣ କରାଯାଇଥିଲା। ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାରେ ନିର୍ମାଣ କରାଯାଇଥିବା ସେହି ପାର୍କକୁ ଜୁରାସିକ୍ ପାର୍କ ଓ ଜଳ ଉଦ୍ୟାନ ବୋଲି ନାମକରଣ କରାଯାଇଛି। ବର୍ତ୍ତମାନ ସେହି ପାର୍କ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ହୋଇ ଉଠିଥିବାବେଳେ ସେଠାରେ ଶିଶୁ ଉଦ୍ୟାନ, ରେନ୍ ଡ୍ୟାନ୍ସ, ୱାଟର ରାଇଡ୍ସ, ସ୍ୱିମିଙ୍ଗ୍ ପୋଲ, ଛୋଟ ପିଲାଙ୍କ ନିମନ୍ତେ ଗେମ୍ ଜୋନ୍ ଓ ସମସ୍ତ ବର୍ଗର ଲୋକଙ୍କ ନିମନ୍ତେ ବୁଲିବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଜୁରାସିକ୍ ପାର୍କର ପରିଚାଳନା ଦାୟିତ୍ୱ ବୋରିଗୁମ୍ମା ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ପ୍ରତିଦିନ ଜୁରାସିକ୍ ପାର୍କ ବୁଲି ଦେଖିବା ପାଇଁ ଶହଶହ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଅନ୍ୟମାନଙ୍କ ମଧ୍ୟରେ ବୋରିଗୁମ୍ମା ବାର୍ ଆସୋସିଏସନ୍ ସଭାପତି କେ.ନାଗରାଜ ଦୋରା, ଆଇଟିଡିଏ ଜୟପୁରର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରା, ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ସବ୍ୟସାଚୀ ଜେନା, ଏଇ. ସତ୍ୟନାରାୟଣ ସେଠୀ, ଏଇଇ ପ୍ରକାଶ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପ୍ରୀତିମୟୀ ପାଣିଗ୍ରାହୀ, ଜୋନ୍-୨ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସୀ, ଜୋନ୍-୩ ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ପିଇଓ ରଞ୍ଜନ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ବିକା, ସମିତିସଭ୍ୟା ପ୍ରିୟଙ୍କା ରଥ ଓ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

● ଯାନବାହନ ଯାଞ୍ଚ

# ୫୦ ହଜାର ଟଙ୍କା ଜରିମାନା ଆଦାୟ

**ଜୟପୁର,୩।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ଜୟପୁର-ମାଲକାନଗିରି ରାସ୍ତା ଗ୍ଲୋକାଲ ଛକ ଏବଂ ଜୟପୁର-ଦିଗାପୁର ରାସ୍ତା ଭୂତନାଥ ମନ୍ଦିର ଛକ ଦୁଇଟି ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଥିଲା। ଏଥିରେ ସମୁଦାୟ ୭୦ ଜଣଙ୍କୁ ହେଲମେଟ, ସିଟ ବେଲ୍ଟ ଏବଂ ଦ୍ରୁତଗତିରେ ଚାଳନା ନେଇ ୫୦ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଯାଞ୍ଚବେଳେ ଏଏସଆଇ ସତ୍ୟବାଦୀ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯାଞ୍ଚରେ ସାମିଲ ହୋଇଥିଲେ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ସେହିପରି ଗତ ୧ ତାରିଖରେ ସଦର ଥାନା ପୁଲିସ ପକ୍ଷରୁ ୧୯ ଜଣ ଚାଳକଙ୍କଠାରୁ ୧୯ ହଜାର ଏବଂ ପରିବହନ ବିଭାଗ ପକ୍ଷରୁ ୩୩ ଜଣ ବାଇକ୍, କାର୍ ଏବଂ ଭାରୀଯାନ ଚାଳକଙ୍କଠାରୁ ୨ ଲକ୍ଷ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ବୈଠକ



● ଫେବୃଆରୀ ୪ରେ ବାର୍ଷିକ ଉତ୍ସବ

**ଗୁଣୁପୁର,୩।୧(ସମିସ):**

ଗୁଣୁପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହେମାନନ୍ଦ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଛାତ୍ର ତଥା ଗୁଣୁପୁର ଓକିଲ ସଂଘର ସଭାପତି ଉମାଚରଣ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଟ୍ସ କଲେଜର ଅଧ୍ୟକ୍ଷ ଲାଡି ଗୋପାଳ ରାଓ, ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ଯୋଗଦେଇ ବିଦ୍ୟାଳୟରେ ହେବାକୁ ଥିବା ଆଗାମୀ ବାର୍ଷିକ ଉତ୍ସବ ଓ ବିଦ୍ୟାଳୟର ପୁରାତନ ଛାତ୍ର ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇଟିଯାକ କାର୍ଯ୍ୟକ୍ରମ ଆସନ୍ତା ଫେବୃଆରୀ ୪ତାରିଖରେ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ଜିଲ୍ଲାପାଳଙ୍କୁ ଭେଟି ଜଣାଇବା ସହ ଉତ୍ସବରେ ଅତିଥି ଭାବେ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏହି ବିଦ୍ୟାଳୟକୁ ପୋଷ୍ୟଭାବେ ଗ୍ରହଣ କରିଥିବା ଗୁଣୁପୁରର ପୂର୍ବତନ ଉପଜିଲ୍ଲାପାଳ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଏମଡି. ସାଦିକ୍ ଆଲାମଙ୍କୁ ଅତିଥି କରିବାକୁ ମଧ୍ୟ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉମା ଦାସ, ସଞ୍ଜୀବ ପଟ୍ଟନାୟକ, ମୁନା ପାଢ଼ୀ, ମିଲି ପାଢ଼ୀ, ସପଦ ଦାସ, ଏସ. ବାବା ପ୍ରଶାଦ, ବି. ସତିଶ କୁମାର, ରଭି କୁମାର, ଭେଙ୍କେଟ ପ୍ରସାଦ ମିଶ୍ର, କଲ୍ୟାଣ କୋରା ପ୍ରମୁଖ ଉପସ୍ଥିତ ଥିଲେ।


# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

**ଜୟପୁର,୩।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଚୈତନ୍ୟ ମନ୍ଦିର ପରିସରରେ ସ୍ଥାନୀୟ ରାମ ନବମୀ ପାଳନ ସମିତି, ହିନ୍ଦୁ ସମାଜ ପକ୍ଷରୁ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଦିବସରେ ଜୟପୁରରେ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ହେବାକୁ ଯାଉଥିବା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାକୁ ନେଇ ଜୟପୁର ସହରରେ କିଭଳି ଉତ୍ସବ ଆୟୋଜନ କରାଯିବ, ସେନେଇ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ସାଧାରଣ ନାଗରିକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆବାହକ ନିରଞ୍ଜନ ପାଣିଗ୍ରାହୀ ପୌରୋହିତ୍ୟ କରିଥିବାବେଳେ ରଜନୀ ନାୟକ, ସତୀଶ ନନ୍ଦ, ଲଳିତ ଅଗ୍ରୱାଲ, ସିଦ୍ଧାର୍ଥ ପାତ୍ର, ସନ୍ଦୀପ ଦଳାଇ, ବରୁଣ ଜୈନ, ନିଖିଳ ସାହୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ବିଭିନ୍ନ ମନ୍ଦିର ସଦସ୍ୟ, ବରିଷ୍ଠ ନାଗରିକ, ସିୱା, ଗାୟତ୍ରୀ ପରିବାର, ବିଶ୍ୱ ହିନ୍ଦୁ ପରିଷଦ, ଆରଏସଏସ, ଇସ୍କନ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶୀତ ଓ ଘନ କୁହୁଡ଼ିରେ ଅସ୍ତବ୍ୟସ୍ତ ଜନତା

# ୩ ଦିନ ପାଇଁ କୋରାପୁଟକୁ ୟେଲୋ ୱାର୍ଣ୍ଣିଂ

● ସତର୍କତାର ସହ ଗାଡ଼ି ଚଳାଇବାକୁ ପ୍ରଶାସନର ସଚେତନତା



**କୋରାପୁଟ,୩।୧(ସମିସ):** ସପ୍ତାହେ ହେଲା କୋରାପୁଟ ଜିଲ୍ଲାରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। କୁହୁଡ଼ି ସହ ଶୀତ ଆଉ ଥଣ୍ଡା ମଧ୍ୟ ଜାରି ରହିଛି। ସକାଳ ୯ଟା ପରେ ସୂର୍ଯ୍ୟୋଦୟ ସହ କମୁନି କୁହୁଡ଼ି। ଘନ କୁହୁଡ଼ି ଯୋଗୁଁ ଲୋକେ ସକାଳୁ ମର୍ଣ୍ଣିଂ ୱାକ୍ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି। କାରଣ ଯାନବାହନ ଯାତାୟାତ କରିବା ସମୟରେ ଘନ କୁହୁଡ଼ି ଯୋଗୁଁ ରାସ୍ତା ଦେଖାଯାଉନି। ତେଣୁ ଦୁର୍ଘଟଣା ଘଟିବା ଭୟରେ ଆଶଙ୍କା ମଣୁଛନ୍ତି ଜିଲ୍ଲାବାସୀ। ଏପରିକି ଲୋକେ ସକାଳେ ଗାଡ଼ିରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀବାହୀ ବସଗୁଡ଼ିକ ବିଳମ୍ବରେ ପହଞ୍ଚୁଛି। ତେବେ ପାଣିପାଗ ବିଭାଗ ପକ୍ଷରୁ ବୁଧବାରଠାରୁ ୬ ତାରିଖ ଯାଏଁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଜିଲ୍ଲାରେ ଥଣ୍ଡା ସହ କୁହୁଡ଼ି ପ୍ରବଳ ମାତ୍ରାରେ ହେଉଥିବାବେଳେ ଗାଡ଼ିଚାଳକଙ୍କୁ ସତର୍କତାର ସହ ଗାଡ଼ି ଚାଳନା କରିବା ପାଇଁ କୁହାଯାଇଛି। ବର୍ତ୍ତମାନ ପିକନିକ ଋତୁ ଚାଲୁଥିବାରୁ କୋରାପୁଟ ଜିଲ୍ଲାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାବେଳେ କୁହୁଡ଼ି ପାଇଁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ସେ ପ୍ରକାଶ କରିଛନ୍ତି।

# ଉଙ୍ଗରିଆଙ୍କ ଶାଲ୍‌କୁ ମିଳିଲା ଜିଆଇ ଟ୍ୟାଗ୍ ମାନ୍ୟତା

**ବିଷମ କଟକ,୩ା୧(ସମିସ)**

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ନିୟମଗିରି ପାଦଦେଶରେ ବସବାସ କରୁଛନ୍ତି ଆଦିମ ଜନଜାତି ଡଙ୍ଗରିଆ କନ୍ଧ। ଆଉ ଏବେ ସେମାନଙ୍କ ହାତ ବୁଣା ଶାଲ୍ ବା କପଡ଼ାଗୁନ୍ଦାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। କାହିଁ କେଉଁ କାଳରୁ ଡଙ୍ଗରିଆ ସମ୍ପ୍ରଦାୟ ହାତ ବୁଣା ଶାଲ୍ ପ୍ରସ୍ତୁତ କରୁଛନ୍ତି। ଆଉ ଏହି ହାତ ବୁଣା ଶାଲ୍ ଦେଶ ବିଦେଶରେ ବେଶ୍ ଖ୍ୟାତି ଅର୍ଜନ କରିଛି। ହାତ ବୁଣା ଶାଲ୍ ବିରଳ ହସ୍ତଶିଳ୍ପ କଳାକୃତି ମଧ୍ୟରେ ଡଙ୍ଗରିଆଙ୍କ ଦ୍ୱାରା ଉତ୍ପାଦିତ ଶାଲ୍‌ଟି ଏବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବୁଧବାର ଏହି ଶାଲ୍‌କୁ ମିଳିଛି ଜିଆଇ ଟ୍ୟାଗ୍ ମାନ୍ୟତା। ଏହି ଶାଲ୍ ଆକର୍ଷଣୀୟ ଡିଜାଇନ୍ ସାଙ୍ଗକୁ ଡଙ୍ଗରିଆଙ୍କ କଳା, ସଂସ୍କୃତି ଓ ଐତିହ୍ୟର କଥା କହୁଥିବାରୁ ଓଡ଼ିଶା ସମେତ ଦେଶ ବିଦେଶରେ ଏହାର ଚାହିଦା ବଢ଼ିବାରେ ଲାଗିଛି। ଶହ ଶହ ବର୍ଷର ଏହି ବିରଳ କଳାକୃତିକୁ ବଞ୍ଚାଇ ରଖିବାକୁ କେନ୍ଦ୍ର ସରକାରଙ୍କ ଶିଳ୍ପ ଏବଂ ଶିଳ୍ପ ଉଦ୍ୟୋଗ ପ୍ରୋତ୍ସାହନ ବିଭାଗ ଏହି କଳାକୃତିକୁ ଜିଆଇ ମାନ୍ୟତା ପ୍ରଦାନ କରିଛନ୍ତି।



ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଏବଂ ନିୟମଗିରି ଡଙ୍ଗରିଆ କାପଡ଼ାଗୁନ୍ତା ବୁଣାକାର ସଂଘ ମିଳିତ ଭାବେ ୨୦୨୧ ଅଗଷ୍ଟ ୩ ତାରିଖରେ ଜିଆଇ ଟ୍ୟାଗ୍ ମାନ୍ୟତା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିବାବେଳେ ବହୁ ଦିନର ବ୍ୟବଧାନରେ ଆଜି ଏହି କାପଡ଼ାଗୁନ୍ଦାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। ରାୟଗଡ଼ା ଜିଲ୍ଲାର ବିଷମ କଟକ, କଲ୍ୟାଣସିଂହପୁର, ମୁନିଗୁଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଡଙ୍ଗରିଆ ବସବାସ କରୁଛନ୍ତି। ଏହି ସମ୍ପ୍ରଦାୟ ଶହ ଶହ ବର୍ଷ ତଳୁ ଡଙ୍ଗରିଆ ପାରମ୍ପରିକ ବୃତ୍ତି ହିସାବରେ କପଡ଼ାଗୁନ୍ଦା ଶାଲ୍ ତିଆରି କରି ଆସୁଛନ୍ତି। ଆଧୁନିକତାର ପ୍ରଭାବ ସତ୍ତ୍ୱେ ଆଜି ବି ଡଙ୍ଗରିଆ ଦୈନନ୍ଦିନ ଜୀବନଯାପନରେ ନିଜ ଦ୍ୱାରା ପ୍ରସ୍ତୁତ ଲୁଗା ଓ ଶାଲ୍ ବ୍ୟବହାର କରି ନିଜ ପରିଚୟକୁ ବଜାୟ ରଖିଛନ୍ତି। ଡଙ୍ଗରିଆମାନେ ନିଜ କଥିତ କୁଇ ଭାଷାରେ ଶାଲ୍‌କୁ କାପଡ଼ାଗୁନ୍ଦା ଭାବେ ଉଚ୍ଚାରଣ କରୁଛନ୍ତି। ତିନି ପ୍ରକାର ଶାଲ୍‌କୁ ଡଙ୍ଗରିଆ ବୁଣୁଥିବାବେଳେ ତାହା ମଧ୍ୟରେ କାପଡ଼ାଗୁନ୍ଦା ଶାଲ୍‌ର ବେଶ୍ ଚାହିଦା ରହିଛି ଓ ଯେଉଁଥିପାଇଁ କପଡ଼ାଗୁନ୍ଦା ବେଶୀ ମାତ୍ରାରେ ବୁଣାଯାଇଥାଏ। ବିଶେଷ କରି ୪ଟି ରଙ୍ଗର ସୂତାରେ (ରଙ୍ଗ/ନାଲି, ହଳଦିଆ, ସବୁଜ, ମାଟିଆ) ଶାଲ୍ ବୁଣା ଯାଇଥାଏ। ରଙ୍ଗ(ନାଲି) ସୂତାରେ ବୁଣା ଯାଇଥିବା ଶାଲ୍‌କୁ ଡଙ୍ଗରିଆ ଧାର୍ମିକ ଓ ପରମ୍ପରାର ପ୍ରତୀକ ଭାବେ ମାନିଥାନ୍ତି। ସେହିପରି ହଳଦିଆ ସୂତାରେ ନିର୍ମିତ ଶାଲ୍‌ରେ ଶାନ୍ତି, ମୈତ୍ରୀ, ସବୁଜକୁ ଜୈବ ବିବିଧତା ଏବଂ ମାଟିଆକୁ ଧରଣୀପେନୁ ଓ ନିୟମରଜା ଇଷ୍ଟ ଦେବୀଙ୍କ ପ୍ରତୀକ ଭାବେ ମାନୁଛନ୍ତି ଡଙ୍ଗରିଆ। ସମୟ କ୍ରମେ ଡଙ୍ଗରିଆ କଳା, ସଂସ୍କୃତିର ପ୍ରଚାରପ୍ରସାର ପରେ ଡଙ୍ଗରିଆଙ୍କ ଦ୍ୱାରା ପ୍ରସ୍ତୁତ ଶାଲ୍ ଚାହିଦା ବଜାରରେ ବଢ଼ିବାରେ ଲାଗିଛି। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡଙ୍ଗରିଆ ଶାଲ୍ ସମସ୍ତଙ୍କ ପାଇଁ ଆକର୍ଷଣ ସାଜୁଛି। ଡଙ୍ଗରିଆଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଏହି ବିରଳ କଳାକୃତିକୁ (ଭୌଗୋଳିକ ଉତ୍ପତ୍ତି ମାନ୍ୟତା) ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ଏହି ଉଦ୍ୟମ ଆଜି ସଫଳ ହୋଇଛି। ଶାଲ୍‌କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ପରେ ଏହାର ଆନ୍ତର୍ଜାତିକ ବଜାରରେ ଚାହିଦା ବଢ଼ିବା ସହ ଏହି କଳାକୃତିର ଅନ୍ୟ କେହି ନକଲ କରିପାରିବେ ନାହିଁ। ଜିଆଇ ଟ୍ୟାଗ୍ ପାଇବା ପରେ କାପଡ଼ାଗୁନ୍ଦା ବୁଣାକାର ସଂଘ କର୍ମକର୍ତ୍ତାଙ୍କ ଆନନ୍ଦ ଓ ଉତ୍ସାହ ଦେଖାଦେଇଛି। ଏହାଦ୍ୱାରା ନିୟମଗିରିର ବିରଳ ଜନଜାତିଙ୍କ ଆର୍ଥିକ ବିକାଶରେ ଏହା ବେଶ୍ ସହାୟକ ହେବ। ଅନ୍ୟପଟେ ଡଙ୍ଗରିଆଙ୍କ କପଡ଼ାଗୁନ୍ଦା ଶାଲ୍ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ପରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

- ବିରଳ ଜନଜାତିଙ୍କ ଆର୍ଥିକ ବିକାଶରେ ହେବ ସହାୟକ
- ଅଞ୍ଚଳରେ ଖୁସିର ଲହରି

## ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଦିନ ମଞ୍ଚସ୍ଥ ହେବ 'ଦାରୁ ଦେବତା'

ନବରଙ୍ଗପୁର,୩ା୧(ସମିସ): ଆସନ୍ତା ୧୭ ତାରିଖରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହେବ। ଏହି ଅବସରରେ ଓଡ଼ିଶାର ପ୍ରତି ଜିଲ୍ଲାରେ ଜଗନ୍ନାଥଙ୍କ ବିଷୟବସ୍ତୁ ଉପରେ ଆଧାରିତ ପୌରାଣିକ ନାଟକ ପରିବେଷଣ କରିବାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତଥା ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଦ୍ୱାରା ପ୍ରସ୍ତୁତ ନାଟକ 'ଦାରୁ ଦେବତା' ମଞ୍ଚସ୍ଥ ହେବ। ନାଟକର ରଚନା ଓ ନିର୍ଦ୍ଦେଶନା ଜଗନ୍ନାଥ ବେହେରା ଦେଇଥିବାବେଳେ ପ୍ରଦୀପ କୁମାର ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବନ୍ଦିତା କର ଏହାର ଗୀତ ରଚନା କରିଛନ୍ତି। ନବରଙ୍ଗପୁରର ତ୍ରିଧାରା ନାଟ୍ୟ ସଂଘର ବରିଷ୍ଠ କଳାକାର ତଥା ଦେବୀ ତ୍ରିପାଠୀ, ବିଭୁଦତ୍ତ ସେଠୀ, ଅଶୋକ ପଣ୍ଡା, ପ୍ରଭାତ ପଟ୍ଟନାୟକ, ଲକ୍ଷ୍ମୀ ତ୍ରିପାଠୀ, ରିତେଶ ପୂଜାରୀ, ମନୋଜ ମହାରଣା, ବିଜୟ ବାରିକ, ଶିବଶଙ୍କର ତ୍ରିପାଠୀ, ଚୈତନ୍ୟ ବେହେରା, ଚନ୍ଦ୍ରଭାନୁ ଶତ୍ରୁଶଲ୍ୟ, ବିବେକ, ଶ୍ରେୟସ ଦାଶ, ପ୍ରକାଶନୀ ଚୌଧୁରୀ, ରଘୁନାଥ ରଥ, ଶ୍ରୀନୁ ପାତ୍ର ପ୍ରମୁଖ ଏଥିରେ ଅଭିନୟ କରୁଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ମହାପାତ୍ର, ଟିକି ପଣ୍ଡା, ହିମାଂଶୁ ସିଂ, ଦେବେନ୍ଦ୍ର ପ୍ରଧାନଙ୍କ ସହିତ ଜ୍ୟୋତି ପରିଛା ନାଟକରେ ସହଯୋଗ କରୁଛନ୍ତି। ଓମ୍ ତିଳକ ପଟ୍ଟନାୟକ ଏବଂ ଦେବୀ ପ୍ରସାଦ ତ୍ରିପାଠୀ ପରିଚାଳନା ଦାୟିତ୍ୱ ନେଇଛନ୍ତି।

■ ଆଇନ ସେବା ପ୍ରାଧିକରଣର ପଦକ୍ଷେପ

## ବୈଦ୍ୟନାଥଙ୍କ ଶରୀରରେ ରୋପଣହେଲା କୃତ୍ରିମ ହାତ



**ଚାନ୍ଦିଲି,୩ା୧(ସମିସ):**

କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ କୋଟପାଡ଼ ତାଲୁକ ଲିଗାଲ୍ କମିଟି ପକ୍ଷରୁ ବିଦ୍ୟୁତ ଆଘାତରେ ହାତ ହରାଇଥିବା କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ମୁର୍ଚ୍ଚାହାଣ୍ଡି ପଞ୍ଚାୟତ ମଚାହାଣ୍ଡି ଗ୍ରାମର ବୈଦ୍ୟନାଥ ହରିଜନଙ୍କ ଶରୀରରେ କୃତ୍ରିମ ହାତ ପ୍ରତିରୋପଣ କରାଯାଇଛି।

କିଛି ମାସ ପୂର୍ବେ ବୈଦ୍ୟନାଥ ଛତିଶଗଡ଼ ରାଜ୍ୟ ଜଗଦଲପୁରଠାରେ ମିସ୍ତ୍ରି କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଉକ୍ତ ଦୁର୍ଘଟଣାରେ ସେ ତାଙ୍କର ଦୁଇ ହାତ ହରାଇଥିଲେ। ସେଠାରେ ନିଜର ଆଶୁ ଚିକିତ୍ସା କରି ନିଜ ଘର ମଞ୍ଚାହାଣ୍ଡି ଗ୍ରାମକୁ ଫେରି ଆସିଥିଲେ। ଏହାପରେ ସେ ନିଜର ଚିକିତ୍ସା ପାଇଁ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିକଟରେ ଗୁହାରି କରିଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଉଚିତ ପଦକ୍ଷେପ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶରେ କୋଟପାଡ଼ ତାଲୁକ ଲିଗାଲ୍ କମିଟିର ସହଯୋଗରେ ପାରାଲିଗାଲ୍ ସ୍ୱେଚ୍ଛାସେବୀ ଜଗଦୀଶ ଚନ୍ଦ୍ର ହୋତା ପୀଡ଼ିତ ବୈଦ୍ୟନାଥ ହରିଜନଙ୍କ ଘରକୁ ଯାଇ ତାଙ୍କର ଚିକିତ୍ସା ଦାୟିତ୍ୱ ନେଇ ତାଙ୍କୁ ଭୁବନେଶ୍ୱର ପଠାଇଥିଲେ। ସେଠାରେ ତାଙ୍କର ପରୀକ୍ଷା ନିରୀକ୍ଷା କରାଯିବା ପରେ ବୈଦ୍ୟନାଥଙ୍କ ଶରୀରରେ ଅସ୍ଥାୟୀ କୃତ୍ରିମ ହାତକୁ ପ୍ରତିରୋପଣ କରାଯାଇଥିଲା। କିଛି ଦିନ ପରେ ବୈଦ୍ୟନାଥଙ୍କୁ ସ୍ଥାୟୀ କୃତ୍ରିମ ହାତ ମଧ୍ୟ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ବୈଦ୍ୟନାଥଙ୍କ ପରିବାର ରାଜ୍ୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋଟପାଡ଼ ତାଲୁକ୍ ଆଇନ ସେବା ପ୍ରାଧିକରଣ, ପାରାଲିଗାଲ୍ ସ୍ୱେଚ୍ଛାସେବୀ ଜଗଦୀଶ ଚନ୍ଦ୍ର ହୋତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସେ ଅନୁରୋଧ କରିଛନ୍ତି।

**ବିଦ୍ୟୁତ୍ ଆଘାତରେ ହରାଇଥିଲେ ଦୁଇ ହାତ**

## ଜିଲ୍ଲାସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ନନ୍ଦପୁର,୩ା୧(ସମିସ):** କୋରାପୁଟ ଜିଲ୍ଲାସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଯୁବକଙ୍କ ସଂଖ୍ୟା ତୁଳନାରେ ଯୁବତୀଙ୍କ ସଂଖ୍ୟା ଅଧିକ ରହିଥିବା ଦେଖିବାକୁ ମିଳିଥିଲା। ନନ୍ଦପୁର ବ୍ଲକ୍ ସହିଦ ଲକ୍ଷ୍ମଣ ନାୟକ ସଭାଗୃହରେ ଅନୁଷ୍ଠିତ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିରରେ ପରିଚାଳକ ଭାବେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୁରେନ୍ଦ୍ର ମିଶ୍ର ଯୋଗଦେଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସ୍ଡିପିଓ ସଞ୍ଜୟ କୁମାର ମହାପାତ୍ର, ଜିପିଓ ବେଦାନ୍ତ କୁମାର ମାଝୀ, ମିଶନ ଶକ୍ତିର ବିପିସି ଶ୍ରୀଧର ଜାନି, ବିଏଲ୍‌ସି ବିକ୍ରମ କେଶରୀ ବାରିକ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଏହି ଶିବିରରେ ୫ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲେ। ଉକ୍ତ ଶିବିରରେ ୨୩ଟି ପଞ୍ଚାୟତର ମୋଟ ୨୫୩ ଜଣ ଯୁବକଯୁବତୀ ନାମ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରୁ ନନ୍ଦପୁର ଆଇଟିଆଇରେ ୫୨, କୋରାପୁଟ ପଲିଟେକ୍‌ନିକ କଲେଜ ପାଇଁ ୮, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ସଂସ୍ଥା ପାଇଁ ୧୭, ଏଲ୍‌ଟି ପାଇଁ ୮, ଆମ୍ବାଗୁଡ଼ା ଆଇଟିଆଇ ପାଇଁ ୫୫, ବେଙ୍ଗାଲୁରୁରେ ଆୟୁର୍ବେଦ ଶିକ୍ଷା ପାଇଁ ୫ ଜଣ ଯୁବକଯୁବତୀ ନାମ ପଞ୍ଜୀକରଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ର କୁମାର ରାଉତ ପରିଚାଳନା କରିଥିବାବେଳେ ଏମ୍‌ବିକେ, ସିଆର୍‌ପିମାନେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନନ୍ଦପୁର,୩ା୧(ସମିସ):** ସଚେତନତା ଓ ସାବଧାନତା ହିଁ ଜୀବନକୁ ସୁରକ୍ଷା କରାଇଥାଏ ବୋଲି କହିଛନ୍ତି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର। ବୁଧବାର ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ଶ୍ରୀ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏହି ବାର୍ତ୍ତା ଦେଇଥିଲେ। ପାଡୁଆ ରାଧା କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଏହି ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଅଧକ୍ଷ ଅର୍ଜୁନ ଚିଞ୍ଚୁଆ, ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇଙ୍କ ସମେତ କୋରାପୁଟ ପରିବହନ ବିଭାଗ ଅଧିକାରୀ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରିବା ସହ ସଚେତନତା ସଭା ଆୟୋଜିତ ହୋଇଥିଲା।

**ନବରଙ୍ଗପୁର :** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ବୁଧବାର ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏଥିରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ରଥର ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ସହକାରୀ ଜିଲ୍ଲାପାଳ ବିନାୟକ ଖାଡ଼ଙ୍ଗା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଏ. ଶ୍ରୀନୁ, ବିଭାଗୀୟ ଅଧିକାରୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ପଟ୍ଟାଙ୍ଗି,୩ା୧(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୩୨୮ ଜଣ ଭିନ୍ନକ୍ଷମ ପହଞ୍ଚି ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ଅସ୍ଥିଶଲ୍ୟ ୫୨, ଶ୍ରବଣବାଧିତ ୩୨, ଚକ୍ଷୁଜନିତ ୪୫, ମାନସିକ ବିକଳାଙ୍ଗ ୧୫ ଏବଂ ଅନ୍ୟାନ୍ୟ ୪ ଜଣ ନିଜର ନାମ ପଞ୍ଜୀକରଣ କରିଥିଲେ। ଆଶାବାଡ଼ି, ହ୍ୱିଲଚେୟାର, କାନଯନ୍ତ୍ର ଆଦି ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇଥିବା ନେଇ ଜଣାପଡ଼ିଛି। କାର୍ଯ୍ୟକ୍ରମରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ବିଭିନ୍ନ ବିଭାଗର ବିଶେଷଜ୍ଞ ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ବିଏସ୍‌ଏସ୍‌ଓ ସୁଧୀର କୁମାର ସାହୁ ଏବଂ ଜିପିଓ ଦିବାକର ପୁରୋହିତ ପରିଚାଳନା କରିଥିଲେ। ଅନ୍ୟ କର୍ମଚାରୀ ଗୋପୀନାଥ ସାହୁ, ପ୍ରତିଜ୍ଞା ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଶିଶୁ ଅଧିକାର ନେଇ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

**ଦଶମନ୍ତପୁର,୩ା୧(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷଠାରେ ବୁଧବାର ଶିଶୁମାନଙ୍କ ଅଧିକାର ଓ ଲକ୍ଷ୍ୟକୁ ନେଇ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋରାପୁଟ ଏକତା ଅନୁଷ୍ଠାନ ଓ କେଏନ୍‌ଏଚ୍ ଅନୁଷ୍ଠାନ ସହଯୋଗରେ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳନ କୁମାର ଝଙ୍କର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଏଲ୍‌ଏମ୍ ପ୍ରକଳ୍ପ ଅଧିକାରୀ ବଟକୃଷ୍ଣ ସ୍ୱାଇଁ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁର, ପୋଷ୍ୟ ଗ୍ରହଣ କେନ୍ଦ୍ର ବିଭାଗର ପ୍ରଭାକର ସେମର୍ଲିଆ, ପ୍ରତାପ ଚନ୍ଦ୍ର ଜେନା, ଏକତା ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ମାମିନା ବେହେରା, ଶିଶୁ ପ୍ରଯୋଜକ ଡମ୍ବରୁଧର ମସ୍ତି, କ୍ଷେତ୍ର ସଂଯୋଜକ ବେଣୁଧର ନାୟକଙ୍କ ସମେତ ପରଜା, ବେଡ଼ାପଦର ଓ ଲୁଲ୍ଲା ପଞ୍ଚାୟତର ସମସ୍ତ ସ୍ୱେଚ୍ଛାସେବୀ ଓ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କୁ ନାଚ, ଗୀତ ମାଧ୍ୟମରେ କିପରି ବିଦ୍ୟାଳୟ ଆଡ଼କୁ ଆକର୍ଷିତ କରାଯିବ ଏବଂ ବାଲ୍ୟ ବିବାହ ପ୍ରଥାକୁ କିପରି ରୋକିପାରିବା ସେ ଉପରେ ଆଲୋଚନା କରାଯାଇଥିଲା। ଶିଶୁ ଅଧିକାର ଯେପରି ଉଲ୍ଲଙ୍ଘନ ନ ହେବ ସେନେଇ ୨ଟି ପଞ୍ଚାୟତରେ ଥିବା ୬ଟି ଗ୍ରାମମାନଙ୍କରୁ ଏକ ୪୦ ଜଣିଆ କମିଟି ଗଠନ କରାଯିବା ସହ ପ୍ରତ୍ୟେକ ଗାଁରୁ ୨ ଜଣ ଲେଖାଏଁ ଶିଶୁ ସାମ୍ବାଦିକଙ୍କୁ ଚୟନ କରାଯାଇ 'ଚିଡ଼ି ବିଡ଼ି' ଖବର ମାଧ୍ୟମରେ ଶିଶୁଙ୍କ ଅଧିକାରକୁ ପରିବେଷଣ କରାଯିବ ବୋଲି ଏକତାର ପ୍ରୋଗ୍ରାମ ମ୍ୟାନେଜର କୁମାରୀ ବେହେରା କହିଥିଲେ। ଶିଶୁଙ୍କ ଯତ୍ନ ଓ ସୁରକ୍ଷା ନିମିତ୍ତ ଆଇଡିଏସ୍ ଅନୁଷ୍ଠାନ ପକ୍ଷରୁ ଏକ ୨୫ ଜଣିଆ କମିଟିକୁ ନେଇ ମାତୃମଣ୍ଡଳ ଗଠନ କରାଯାଇଥିବା ମଧ୍ୟ ସେ ପ୍ରକାଶ କରିଥିଲେ।

## ଶ୍ରୀରାମ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ମାଲକାନଗିରି,୩ା୧(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ଥିବା ମହେଶ୍ୱରୀ କଲୋନୀରେ ମହିଳାମଣ୍ଡଳ ପକ୍ଷରୁ ଗତ ୨୮ ତାରିଖରୁ ଚାଲିଥିବା ଶ୍ରୀରାମ କଥା ଅମୃତ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସଦର ମହକୁମା ମହେଶ୍ୱରୀ ସଂଘ ସମ୍ମିଳନୀ ପରିସରରେ ସପ୍ତାହେ ବ୍ୟାପି ଏହି ଶ୍ରୀରାମ କଥାମୃତ ପ୍ରବଚନ ଚାଲିଥିଲା। ସୁଦୂର ନାଗପୁରରୁ ଆସିଥିବା ପ୍ରସିଦ୍ଧ ପ୍ରବଚକ ପ୍ରଣୟ ମହାରାଜଜୀ ପ୍ରଭୁ ରାମଙ୍କ ମହିମା, ତାଙ୍କ ଜନ୍ମ, ରାମ ଜାନକୀ ବିବାହ, ଭରତ ରାମେଶ୍ୱର ସ୍ଥାପନ, ସୁନ୍ଦରାକାଣ୍ଡ, ରାଜତିଲକ, ଶ୍ରୀରାମଚନ୍ଦ୍ରଙ୍କ ବିଭିନ୍ନ କର୍ମ ଓ ପ୍ରଜାଙ୍କ ଭକ୍ତି ସମ୍ପର୍କରେ ପ୍ରବଚନ ଦେଇଥିଲେ। ପ୍ରତି ଦିନ ରାମ ଭକ୍ତ ପୁରୁଷ ଓ ମହିଳାମାନେ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା ଓ ବୀର ହନୁମାନ ବେଶରେ ସଜିତ ହୋଇ ମଣ୍ଡପ ପରିକ୍ରମା କରିଥିଲେ। ଜିଲ୍ଲା ମହେଶ୍ୱରୀ ସଂଘର ସଭାପତି ସୁରେଶ ସୋମାନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହେଶ୍ୱରୀ ମହିଳାମଣ୍ଡଳର ପୁଷ୍ପା ଗାନ୍ଧୀ, ଅଞ୍ଜଳି ଦାରଗଦ, ସୁମନ ସୋମାନି, ପୁଷ୍ପା ସୋମାନିଙ୍କ ସହିତ ମହେଶ୍ୱରୀ ସଂଘ ଓ ମାରୱାଡି ମଞ୍ଚର ସଦସ୍ୟ ସଦସ୍ୟାମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






## ମାଲକାନଗିରି ଜିଲ୍ଲାରେ 'ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ବିଶ୍ୱକର୍ମା'





**ମାଲକାନଗିରି,୩।୧(ସମିସ)**

ରାଜ୍ୟରେ ଯୁବପିଢ଼ିଙ୍କ ବିକାଶ ପାଇଁ ରାଜ୍ୟ ସରକାର ସଦାସର୍ବଦା ତତ୍ପର ରହିଥିବାବେଳେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ପ୍ରତିଭା ଯଥା- କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ସେବା କାର୍ଯ୍ୟର ଭାବଧାରା ଉଦ୍ରେକ କରି ଯୁବଶକ୍ତିକୁ ଆଗେଇ ନେବା ଉଦ୍ଦେଶ୍ୟରେ ଆରମ୍ଭ କରିଥିଲେ 'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ହେଉଥିବାବେଳେ ବୁଧବାର ମାଲକାନଗିରି ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦରରେ ଥିବା ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ସେବା ଓ କ୍ରୀଡ଼ା, ଆଇଟି ଓ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଏହାର ଉଦଘାଟନ କରିଛନ୍ତି। ସେ କହିଛନ୍ତି ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ବିଶ୍ୱକର୍ମା। ଏହା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପରିକଳ୍ପନା; ଯେଉଁଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇ ପରିପ୍ରକାଶ ହୋଇପାରିବ। ସଂସ୍କୃତି, କ୍ରୀଡ଼ା ଓ ସମାଜସେବା ମାଧ୍ୟମରେ ଯୁବଶକ୍ତି ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଓ ସମ୍ପୂର୍ଣ୍ଣ ଓଡ଼ିଶା ଗଠନରେ ସହାୟକ ହେବେ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ,



ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି ଅଧ୍ୟକ୍ଷ ଆଡମା ରାବା, ଜିଲ୍ଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନି ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନଙ୍କ ବାର୍ତ୍ତାକୁ ପ୍ରଦର୍ଶନ କରଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ରାଶି ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩୨ଟି ମହାବିଦ୍ୟାଳୟରୁ ପ୍ରାୟ ୧୪ ହଜାର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଉତ୍ସବକୁ ଆକର୍ଷଣ କରିବା ନିମନ୍ତେ ଓଲିଉଡ୍ ଗାୟକ କୁଳଦୀପ ପଟ୍ଟନାୟକ, ଇଣ୍ଡିଆନ ଆଇଡଲ୍ ପ୍ରତିଯୋଗୀ ରହନ ବିଶ୍ୱାଳ, ହରିହର ଦାସ ଗ୍ରୁପ୍ ଓ କଳକୀ ରାପରଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେମାନଙ୍କ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ସମସ୍ତ ଛାତ୍ରଛାତ୍ରୀ ମନଭରି ଉପଭୋଗ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ତଦାରଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତ୍ରିନାଥ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲ୍ଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ମାନସ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗିଙ୍କ ସମେତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ଜୁଆଆଡ୍ଡାରେ ଚଢ଼ଉ; ୭ ଗିରଫ



**ମାଲକାନଗିରି,୩।୧(ସମିସ)**

ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଜୁଆଆଡ୍ଡା ଉପରେ ଚଢ଼ଉ କରାଯାଇ ୭ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ପାଖରୁ ୧୧ ହଜାର ୧୪୦ ଟଙ୍କା, ବାଇକ୍, ଜୁଆ ଖେଳରେ ବ୍ୟବହୃତ ତାସ ଓ ୫ଟି ମୋବାଇଲ୍ ଜବତ କରିଛି। ମିଳିଥିବା ସୂଚନାନୁଯାୟୀ, ଜିଲଲ ସଦରରେ ଥିବା ବମ୍ବେ କଲୋନୀରେ କିଛି ବ୍ୟକ୍ତି ବେଆଇନ ଭାବେ ଜୁଆ ଖେଳୁଥିବା ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲେ। ପୁଲିସଙ୍କୁ ଦେଖି ଜୁଆ ଖେଳୁଥିବା ବ୍ୟକ୍ତିମାନେ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ୭ଜଣଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା। ତେବେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମାଲକାନଗିରି ସହରର ଏମଡି ଆଜାଜ, ବାବୁ ପାତ୍ର, ବିଶାଲ ଦଣ୍ଡସେନା, ଖଗ ଖଣ୍ଡପାଣି, ଈଶ୍ୱର ରାଓ, ରବି ଭତ୍ରା ଓ ଧନ ଭୁଇଁୟା ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ ଓ ସ୍ୱାସ୍ଥ୍ୟସେବା ଶିବିର



**ମାଲକାନଗିରି,୩।୧(ସମିସ)**

ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ତୁଳସୀ ଗ୍ରାମ ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପଠାରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ ତରଫରୁ ଜନ ସମ୍ପର୍କ ଶିବିର ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୩ ଏପ୍ରିଲ ୨୩ ତାରିଖରେ ପ୍ରତିଷ୍ଠା ହୋଇଥିବା ଏହି କ୍ୟାମ୍ପରେ ଗରିବ ଜନସାଧାରଣଙ୍କ ସହ ସୁସମ୍ପର୍କ ବଜାୟ ରଖିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତୁଳସୀ ଗ୍ରାମ ସହ ଚେରକୋଟଲା, କୋଟାପଦର ଓ କିରିମିଟି ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲ। ଦ୍ୱିତୀୟ ବାଟାଲିୟନର ସେକେଣ୍ଡ କମାଣ୍ଡାଣ୍ଟ ସିକନ୍ଦର ସିଂହଙ୍କ ସହ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମହେନ୍ଦ୍ର କୁମାର ପ୍ରଧାନ, ଡ. ପ୍ରଭୁଦତ୍ତ ବିଶ୍ୱାଳ, ଡ. ସମିତା ସାହୁ ଓ ମାଥିଲି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିସହ ଟେମୁରୁପାଲ୍ଲୀ ସରପଞ୍ଚ ତୁମେଶ୍ୱର ସମରଥ ମଧ୍ୟ ଉପସ୍ଥିତ ରହି ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଉପସ୍ଥିତ ଜନସାଧାରଣଙ୍କୁ କପଡ଼ା, ଶୀତକାଳୀନ ବସ୍ତ୍ର, ଘର ଉପକରଣ ସାମଗ୍ରୀ, ଘର ଛାତ ମରାମତି ସମ୍ବନ୍ଧୀୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଗ୍ରାମବାସୀ ଯୋଗ ଦେଇଥିବାବେଳେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଏ କାର୍ଯ୍ୟକ୍ରମକୁ ସରପଞ୍ଚ ଓ ଗ୍ରାମବାସୀମାନେ ବେଶ୍ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ମଧ୍ୟ ଅନ୍ୟ ଗ୍ରାମମାନଙ୍କରେ ଏପରି କାର୍ଯ୍ୟକ୍ରମ କରାଯିବ ବୋଲି ବିଏସ୍‌ଏଫ୍ ତରଫରୁ ସୂଚନା ଦିଆଯାଇଛି।

● ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଜାତୀୟ ବ୍ୟାଙ୍କ ଦଣ୍ଡିତ

## ୩୦ ଦିନରେ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ

**ଜୟପୁର,୩।୧(ସମିସ)**

କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଜାତୀୟ ବ୍ୟାଙ୍କ ଦଣ୍ଡିତ ହୋଇଛି। ଏନେଇ ଜୟପୁର ଆୟୋଗର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଦସ୍ୟା ସଲମା ବାନୋ ଏକ ମାମଲାର ବିଚାରଣ କରିବା ସହିତ ଜାତୀୟସ୍ତରୀୟ ୟୁନିୟନ ବ୍ୟାଙ୍କ(ପୂର୍ବତନ ଆନ୍ଧ୍ର ବ୍ୟାଙ୍କ)କୁ ଦଣ୍ଡିତ କରିଛନ୍ତି। ଜନୈକ ବ୍ୟାଙ୍କ ଗ୍ରାହକଙ୍କ ଟେରମ ଡିପୋଜିଟ ରିସିପ୍ଟ (ଟିଡିଆର୍) ମ୍ୟାଚୁରିଟି ବାବଦକୁ ମୂଳ ଟଙ୍କା ସହିତ ସୁଧ ବାବଦକୁ ୩ ବର୍ଷ ୧୦ ମାସର ସମ୍ପୂର୍ଣ୍ଣ ଟଙ୍କା, କ୍ଷତିପୂରଣ ବାବଦକୁ ୧୦ ହଜାର ଟଙ୍କା ଏବଂ ମୋକଦ୍ଦମା ପରିଚାଳନା ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗର ନିର୍ଦ୍ଦେଶନାମା ଦିନରୁ ୩୦ ଦିନ ମଧ୍ୟରେ ସମସ୍ତ ଟଙ୍କା ଅଭିଯୋଗକାରୀ ଖାଉଟିଙ୍କୁ ଉକ୍ତ ଦଣ୍ଡିତ ବ୍ୟାଙ୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟଥା ମାମଲା ରୁଜୁ ହେବା ଦିନଠାରୁ ବାର୍ଷିକ ୧୨ ପ୍ରତିଶତ ସୁଧ ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ଜୟପୁର ସହରର ଲିଙ୍ଗରାଜ ନଗରର ବାସିନ୍ଦା ବିପ୍ରଚରଣ ନାୟକ (୬୭)ଙ୍କ ନାମର ରହିଥିବା ଦୁଇଟି ସମୁଦାୟ ୨ ଲକ୍ଷ ୧୮ ହଜାର ୯୦ ଟଙ୍କା ମୂଲ୍ୟର ଟିଡିଆର୍ ୨୦୧୩ ମାର୍ଚ୍ଚ ୫ ତାରିଖରେ ସୁନାବେଡ଼ା ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଠିକା କାର୍ଯ୍ୟକୁ ନେଇ ଦାଖଲ କରାଯାଇଥିଲା। କାର୍ଯ୍ୟ ଶେଷ ପରେ ଉକ୍ତ ସରକାରୀ ବିଭାଗ ପକ୍ଷରୁ ୨୦୨୦ ଏପ୍ରିଲ ୨୭ ତାରିଖରେ ଫେରସ୍ତ କରିଥିଲେ। ଉଭୟ ଟିଡିଆରର ମୂଲ୍ୟ ଅନୁଯାୟୀ, ୨୦୧୭ ଜୁନ୍ ୬ରେ ଏହାର ମ୍ୟାଚୁରିଟି ୩ ଲକ୍ଷ ୮୭ ହାଜର ୨୦୦ ଟଙ୍କା ବଦଳରେ ୨୦୨୧ ଏପ୍ରିଲ ୧୫ ତାରିଖରେ ଉକ୍ତ ଟିଡିଆର୍ ଉଠାଣ ବାବଦକୁ ୧୧ ହଜାର ୨୦୦ ଟଙ୍କା କମ୍ ଅର୍ଥାତ ୩ ଲକ୍ଷ ୭୬ ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ୨୦୧୭ ଜୁନ୍ ୧୭ ତାରିଖଠାରୁ ୨୦୨୧ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ୩ ବର୍ଷ ୧୦ ମାସର ସୁଧ ପ୍ରଦାନ କରି ନ ଥିଲେ। ଏନେଇ ଅଭିଯୋଗକାରୀ ଖାଉଟି ଶ୍ରୀ ପାତ୍ର ବ୍ୟାଙ୍କକୁ ବାରମ୍ବାର ଯାଇ ଅଭିଯୋଗ କରିଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏନେଇ କୌଣସି ପ୍ରତିକ୍ରିୟା କିମ୍ବା ସମାଧାନ କରି ନ ଥିବା ଯୋଗୁଁ ଶେଷରେ ୨୦୨୧ ସେପ୍ଟେମ୍ବର ୨୪ ତାରିଖ ଖାଉଟି ବିବାଦୀୟ ସମାଧାନ ଆୟୋଗର ଦ୍ୱାରସ୍ଥ ହୋଇ ମାମଲା ରୁଜୁ କରିଥିଲେ ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




**ଗୁଣୁପୁର,୩।୧(ସମିସ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଭୁବନେଶ୍ୱର ଆନୁକୂଲ୍ୟରେ ଯୁବକଯୁବତୀମାନଙ୍କ ମଧ୍ୟରେ କ୍ରୀଡ଼ାର ବିକାଶ ନିମନ୍ତେ ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଗୁଣୁପୁର ସ୍ଥିତ ମିନି ଷ୍ଟାଡିୟମଠାର ବୁଧବାର ଉଦଘାଟିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୁଣୁପୁର ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ବ୍ଲକ୍ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ସହକାରୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଷ୍ଣୁ ପଣ୍ଡା ମଞ୍ଚାସୀନ ହୋଇ ଗ୍ରାମାଞ୍ଚଳ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ପାଇଁ ସରକାରଙ୍କ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଗୁରୁବାର ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନ ସମାରୋହ ଅନୁଷ୍ଠିତ ହେବ।

## ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ବାଲିମେଳା ଏନ୍‌ଏସିରେ ବୁଲିବ ରଥ

**ବାଲିମେଳା,୩।୧(ସମିସ)**

ଆସନ୍ତା ୧୭ତାରିଖରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ହେବାକୁ ଥିବାବେଳେ ବାଲିମେଳା ସହର ମଧ୍ୟ ଚଳଚଞ୍ଚଳ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳା ସ୍ଥିତ ଏନ୍‌ଏସି କାର୍ଯ୍ୟାଳୟ ଠାରେ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ବାଲିମେଳା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦିଲ୍ଲୀପ କୁମାର ବେପାରୀ ଓ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲିମେଳା ସହରରେ ଥିବା ୧୨ଟି ୱାର୍ଡରେ ପାଳନ ହେବ ଶ୍ରୀଜଗନ୍ନାଥଙ୍କ ପରିକଳ୍ପନା ଉତ୍ସବ। ୧୨ଟି ୱାର୍ଡରେ ଥିବା ବିଭିନ୍ନ ସାହିରେ ରଥ ବୁଲିବା ସହ ବିଭିନ୍ନ ପାରମ୍ପରିକ ବାଦ୍ୟ ନାଚ କରାଯାଇ ଲୋକମାନଙ୍କଠାରୁ ଚାଉଳ ଓ ଗୁଆ ସଂଗ୍ରହ କରି ପୁରୀ ପଠାଯିବ। ଏଥିସହିତ ବରିଷ୍ଠ ନାଗରିକଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପଠାଯିବ। ଏହି ବୈଠକରେ ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, କାଉନସିଲର, ମନ୍ଦିର କମିଟିର ସନ୍ତୋଷ ଆଚାର୍ଯ୍ୟ, ନିମାଇଁ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ସତ୍ୟସେନ ଜେନା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାଳିମେଳା ବନାଞ୍ଚଳ ପକ୍ଷରୁ ପୋଟେରୁଠାରେ ବୈଠକ




**ପୋଟେରୁ,୩।୧(ସମିସ) :** ମାଲକାନଗିରି ଜିଲ୍ଲା କାଳିମେଳା ବନାଞ୍ଚଳ ପକ୍ଷରୁ ପୋଟେରୁ ସେକ୍ସନର ନର୍ସରିଠାରେ ବନାଧିକାରୀ ଓ ବିଭାଗୀୟ ଅଧିକାରୀ ଓ ସହଯୋଗୀ ଏନଜିଓକୁ ନେଇ ଏକ ବୈଠକ ଆୟୋଜିତ ହୋଇଯାଇଛି। କାଳିମେଳା ବନାଞ୍ଚଳ ଅଧିକାରୀ ଟଙ୍କଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନାଧିକାରୀ ମୃତ୍ୟୁଞ୍ଜୟ ସେଠି ସ୍ୱାଗତ ଭାଷଣ ଦେବା ଅବସରରେ କାଳିମେଳା ରେଞ୍ଜର ସମସ୍ତ ନୂତନ ଓ ପୁରୁଣା ସହଯୋଗୀଙ୍କୁ ନବ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିଭଳି ରେଞ୍ଜର ଶ୍ରୀ ଦାସ ନିଜ ଅଭିଭାଷଣରେ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ କାଳିମେଳା ରେଞ୍ଜ ପାଇଁ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଯଥା ବୃକ୍ଷରୋପଣ, ଟ୍ରେଞ୍ଚ ଖନନ, ଜଙ୍ଗଲ ଜମିପଟ୍ଟା ପ୍ରଦାନ ପ୍ରକ୍ରିୟାରେ ଜମି ଚିହ୍ନଟ, ବନାଗ୍ନି ନିୟନ୍ତ୍ରଣ ଓ ଅବାଧ ପଶୁ ଶିକାର ଉପରେ ନିୟନ୍ତ୍ରଣ ତଥା ରୋକ୍ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ସହଯୋଗୀ ଏନଜିଓର ସହାୟତା ନେବା ସହ ବନ ସୁରକ୍ଷା ସମିତିଗୁଡ଼ିକରେ ନିର୍ମାଣ ହେବାକୁ ଥିବା ଗୃହ କାର୍ଯ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ମତପୋଷଣ କରିଥିଲେ। କାଳିମେଳା ରେଞ୍ଜକୁ ଆସିଥିବା ଟାର୍ଗେଟକୁ ସମୟାନୁସାରେ ପୂରଣ କରିବା ସହ କାଳିମେଳା ରେଞ୍ଜକୁ ଜିଲ୍ଲାରେ ୧ ନମ୍ବରରେ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସହଯୋଗୀ ଏନଜିଓ ସୃଷ୍ଟିର ଟିମ୍ ଲିଡର ଶ୍ରୀନିବାସ ପାତ୍ର, ଡେଭଲପମେଣ୍ଟ ଅଫିସର ସୁବ୍ରତ ସ୍ୱାଇଁ, ଏନ ରବିକୁମାର ପ୍ରମୁଖ ଯୋଗଦେଇ ଥିବାବେଳେ କାଳିମେଳା ରେଞ୍ଜର ସମସ୍ତ ବନାଧିକାରୀ, ଗାର୍ଡ ଓ ୱାଚର ଯୋଗଦେଇଥିଲେ। ବୈଠକ ଶେଷରେ ପୋଟେରୁ ବନାଧିକାରୀ ସୁଶାନ୍ତ କୁମାର ସିଂ ନିଜ ଅଭିଭାଷଣ ରହିଖିବା ସହିତ ବୈଠକକୁ ସମାପ୍ତ କରିଥିଲେ।

## ଜୟପୁର ବ୍ଲକରେ ପିଏମ୍‌ଏୱାଇ ଗୃହ କାର୍ଯ୍ୟ ଧିମା

# ବର୍ଷକ ମଧ୍ୟରେ ୪୨୬୪ ଗୃହରୁ ଶେଷ ହୋଇଛି ୪୮୯

**ଜୟପୁର,୩।୧(ସମିସ):**

ରାଜ୍ୟ ଏବଂ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) କାର୍ଯ୍ୟ ଜୋରଦାର ଚାଲିଥିବାବେଳେ କୋରାପୁଟ ଜିଲ୍ଲା ଜୟପୁର ବ୍ଲକରେ ପିଏମଏୱାଇ କାର୍ଯ୍ୟ ଧିମାରେ ଚାଲିଥିବା ଦେଖିବାକୁ ମିଳିଛି। ବ୍ଲକରେ ଆଶାନୁଯାୟୀ ପିଏମ୍‌ଏୱାଇ ଯୋଜନା ଗୃହ କାର୍ଯ୍ୟ ସମାପ୍ତ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ବ୍ଲକରେ ୪୨୬୪ଟି ପିଏମ୍‌ଏୱାଇ ଗୃହ ମଞ୍ଜୁର ହୋଇଥିବାବେଳେ ମାତ୍ର ୪୮୯ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ଜୟପୁର ବ୍ଲକରେ କାର୍ଯ୍ୟକୁ ତ୍ୱରାନ୍ୱିତ ଜୋରଦାର କରାଯାଇଥିବା ଯୋଗୁଁ ଆସନ୍ତା ଏକ ମାସ ମଧ୍ୟରେ ଗୃହ କାର୍ଯ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ଧାର୍ଯ୍ୟଠାରୁ ୫୦ ପ୍ରତିଶତ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ୍ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ମିସ୍ତ୍ରି, ଶ୍ରମିକ ଏବଂ ଆବଶ୍ୟକ ଗୃହ ନିର୍ମାଣ ସାମଗ୍ରୀ ମିଳିବାରେ ସମସ୍ୟା ରହୁଥିବା ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଛି। ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟର ବାରମ୍ବାର ଯାଞ୍ଚ କିମ୍ବା ହିତାଧିକାରୀମାନଙ୍କୁ ଆବଶ୍ୟକ ସଚେତନତା କରିବାରେ ଅବହେଳା ଯୋଗୁଁ ଆଶାନୁରୂପ ଭାବେ ପିଏମ୍‌ଏୱାଇ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ସମାପ୍ତ ହେବାରେ ସମସ୍ୟା ଦେଖାଦେଇଛି।

ଜୟପୁର ବ୍ଲକ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୪୨୬୫ଟି ପିଏମଏୱାଇ ଗୃହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହିତାଧିକାରୀମାନଙ୍କୁ ଆବେଦନ କରିବାକୁ ଆହ୍ୱାନ କରାଯାଇଥିଲା। ଏଥିରେ ସମୁଦାୟ ୪୯୭୨ ଜଣ ପଞ୍ଜୀକରଣ କରିଥିଲେ। ଗ୍ରାଉଣ୍ଡ ଜିରୋରେ ତଦନ୍ତ କରି ଜିଓ ଟ୍ୟାଗ୍ ପରେ ୪୯୫୩ ଜଣଙ୍କ ପଞ୍ଜୀକରଣ ହୋଇଥିଲା। ପରବର୍ତ୍ତୀ ଯାଞ୍ଚ ପରେ ୪୨୬୪ଜଣ ହିତାଧିକାରୀଙ୍କ ଆବେଦନ ପତ୍ର କାୟମ୍ ରହିଲା। ଶେଷରେ କାଗଜପତ୍ର ଏବଂ ଆବଶ୍ୟକ ନଥିପତ୍ର ଯାଞ୍ଚ ପରେ ୪୨୧୬ ଜଣଙ୍କ ଆବେଦନ ଗ୍ରହଣ ହୋଇଥିଲା। ପ୍ରଥମ କିସ୍ତିରେ ୪୨୪୬ ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକ ୪୦ ହଜାର, ୨ୟ କିସ୍ତିରେ ୧୧୬୨ ଜଣ ହିତାଧିକାରୀଙ୍କୁ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୯୭ ଜଣଙ୍କୁ ଅନ୍ତିମ ୨୫ ହଜାର ଟଙ୍କା ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ କରାଯାଇଛି। ସମୁଦାୟ ଶେଷ ହୋଇଥିବା ୪୮୯ ଗୃହ ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଗୃହ ନିର୍ମାଣ ଏବଂ ୨୨ ହଜାର ଟଙ୍କା ୯୫ ଦିନରେ ଶ୍ରମ ପ୍ରଦାନ ବାବଦକୁ ପ୍ରଦାନ କରାଯାଇଛି। ପଞ୍ଚାୟତ ମଧ୍ୟରେ ଧନପୁର ଗ୍ରାମ ପଞ୍ଚାୟତରେ ସର୍ବାଧିକ ୫୧ଟି ପିଏମ୍‌ଏୱାଇ ଗୃହ ଶେଷ ହୋଇଥିବାବେଳେ ସର୍ବନିମ୍ନ ଆମ୍ବାଗୁଡ଼ା ଗ୍ରାମ ପଞ୍ଚାୟତ ଗୋଟିଏ ରହିଛି। ସେହିପରି ପୁଜାରୀପୁଟ ଗ୍ରାମ ପଞ୍ଚାୟତର ୩୮ ଏବଂ ଜୟନ୍ତୀଗିରି ଗ୍ରାମ ପଞ୍ଚାୟତର ୩୩ ହିତାଧିକାରୀ ଏହି ଯୋଜନାର ଗୃହ ସମ୍ପୂର୍ଣ୍ଣ କରିପାରିଛନ୍ତି। ସେହିପରି ଅନ୍ତା ଗ୍ରାମ ପଞ୍ଚାୟତର ସର୍ବାଧିକ ୨୪୪ ହିତାଧିକାରୀଙ୍କ ଆବାସ ଯୋଜନାରେ ଚୟନ କରାଯାଇଥିବାବେଳେ ମାତ୍ର ୨୬ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ କାଳିଆ ଗାଁ ଗ୍ରାମ ପଞ୍ଚାୟତରେ ସର୍ବନିମ୍ନ ୧୧୨ଟି ଏହି ଯୋଜନାରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି। ଏନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ର କହିଛନ୍ତି ଯେ ବିଭିନ୍ନ କାରଣ ଓ ସମସ୍ୟା ଯୋଗୁଁ ପିଏମ୍‌ଏୱାଇ କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇଛି। କିନ୍ତୁ ସମସ୍ତ ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଆବାସ ଯୋଜନାର ଗୃହଗୁଡ଼ିକୁ ତ୍ୱରାନ୍ୱିତ ପ୍ରକ୍ରିୟାକୁ ଜୋରଦାର କରିବା ସହ ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧ ମାସ ମଧ୍ୟରେ ନିର୍ଦ୍ଧାରିତ ଧାର୍ଯ୍ୟର ୫୦ ପ୍ରତିଶତ ଅଧିକ ଗୃହ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି।

### ମାସକରେ ଧାର୍ଯ୍ୟର ୫୦ ପ୍ରତିଶତ ଗୃହକାର୍ଯ୍ୟ ଶେଷ କରିବାକୁ ବ୍ଲକ୍ ପ୍ରଶାସନର ଲକ୍ଷ୍ୟ

# ଅବଶିଷ୍ଟାଂଶ...

## ୧୦୩ ମୃତ...

ରିପୋର୍ଟ ଅନୁଯାୟୀ ଆମେରିକା ଡ୍ରୋନ୍ ଆକ୍ରମଣରେ ପ୍ରାଣ ହରାଇଥିବା ଇରାନ ସେନା (ରିଭୋଲ୍ୟୁସନାରୀ ଗାର୍ଡ୍ସ) ର ପୂର୍ବତନ ଜେନେରାଲ କାସିମ ସୁଲେମାନିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ପାଇଁ ତାଙ୍କ କବରସ୍ଥଳରେ ଅନେକ ଲୋକ ଏକାଠି ହୋଇଥିଲେ। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପାଇଁ କବରସ୍ଥଳରୁ ୭୦୦ ମିଟର ଦୂରରେ ସୁଟ୍‌କେସ୍‌ରେ ବୋମା ରଖା ଯାଇଥିଲା। ରିମୋଟ ମାଧ୍ୟମରେ ଏହି ବିସ୍ଫୋରଣ କରାଯାଇଥିଲା। ଦ୍ୱିତୀୟ ବିସ୍ଫୋରଣକୁ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇପାରି ନାହିଁ। କିଛି ରିପୋର୍ଟ କୁହାଯାଇଛି ଯେ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଚେକ୍ ପୋଷ୍ଟ ନିକଟରେ ଏହି ବିସ୍ଫୋରଣ କରାଯାଇଥିଲା। ଏହା ଆତ୍ମଘାତୀ କିମ୍ବା ରିମୋଟ ଚାଳିତ ବିସ୍ଫୋରଣ ହୋଇପାରେ ବୋଲି କୁହାଯାଉଛି।

## ଭର୍ଚୁଆଲରେ ଯୁବତୀଙ୍କୁ...

ଆଭାସୀ ଦୁନିଆ ବନାଇ ଥିଲା। ଏଥିରେ ବ୍ୟବହାରକାରୀଙ୍କ ଅବତାର ବନା ଯାଇଥାଏ। ଲୋକେ ଏହି ଦୁନିଆରେ ଗେମ୍ ଖେଳିବା ସହିତ ଅନ୍ୟମାନଙ୍କୁ ଭେଟି ପାରନ୍ତି। ଏ ପର୍ଯ୍ୟନ୍ତ ହୋରାଇଜନ ୱାର୍ଲ୍ଡରେ ଅନେକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଲାଣି। ୨୦୧୭ରେ ୪୯ ପ୍ରତିଶତ ମହିଳା ବ୍ୟବହାରକାରୀ ଭର୍ଚୁଆଲ ଦୁଷ୍କର୍ମର ଶିକାର ହୋଇଥିଲେ। ପ୍ରଥମ ଥର ପାଇଁ ୧୯୯୩ରେ ଭର୍ଚୁଆଲ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିଲା। ୨୦୨୨ରେ ଫେସବୁକର ମେଟାଭର୍ସରେ ଯୋଗଦେବାର ଘଣ୍ଟାକ ପରେ ଜଣେ ମହିଳା ଗବେଷକଙ୍କୁ ଦୁଷ୍କର୍ମ କରାଯାଇଥିଲା।

## ସୁଖ ଆଣିବ...

ଉପସ୍ଥିତ ହଜାର ହଜାର ଜନସାଧାରଣ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଖୁସି ସହ ଉତ୍ସାହରେ ହଁ ମିଳାଇ ସ୍ଥାନୀୟ ଅଞ୍ଚଳକୁ ପ୍ରକମ୍ପିତ କରିବା ସହ 'ସୁଖ'ର ସୁକତେଲ ଜିଲ୍ଲା ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁକତେଲ ପ୍ରକଳ୍ପ ବଲାଙ୍ଗୀରର ଜଳସେଚନ ଓ କୃଷି କ୍ଷେତ୍ରରେ ରୂପାନ୍ତର ଆଣିବ। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀରର ଚାଷୀଭାଇ ମାନଙ୍କର ଜଳ କଷ୍ଟ ଦୂର ହୋଇଛି। ବଲାଙ୍ଗୀର ଜିଲ୍ଲାର ବିକାଶରେ ଏହି ପ୍ରକଳ୍ପ ନୂଆ ଯୁଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ଚାଷୀର ବିକାଶରେ ହିଁ ରାଜ୍ୟର ବିକାଶ ସମ୍ଭବପର ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ କୃଷକ ରାଜ୍ୟ ଅର୍ଥନୀତିର ସାରଥି। ଚାଷୀ ଭାଇମାନଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ମୁଁ ସବୁବେଳେ ଚାଷୀ ଭାଇମାନଙ୍କ ସାଥିରେ ଅଛି। ସେମାନଙ୍କ ପାଇଁ କାଳିଆ, ଏକ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ମାଗଣା ଫସଲ ବୀମା, ଚାଷୀ ଘର ପିଲାଙ୍କ ପାଇଁ ମେଧାବୃତ୍ତି ଏବଂ ଆହୁରି ଅନେକ ଯୋଜନା ଜାରି ରହିଛି ବୋଲି ସେ କହିଛନ୍ତି। ନିଜ ବକ୍ତବ୍ୟରେ ବିସ୍ଥାପିତ ଗ୍ରାମର ଲୋକଙ୍କ ତ୍ୟାଗକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ପାଇଁ ୨୯ଟି ଗାଁର ଲୋକମାନେ ବହୁତ ବଡ ତ୍ୟାଗ କରିଛନ୍ତି। ସେମାନଙ୍କ ତ୍ୟାଗକୁ ମୁଁ ସମ୍ମାନ ଜଣାଉଛି। ବଲାଙ୍ଗୀର ବିକାଶ ପାଇଁ ସେମାନଙ୍କ ତ୍ୟାଗ ସବୁଦିନ ମନେ ରହିବ। ମୋ ନିର୍ଦ୍ଦେଶରେ ଅଗଷ୍ଟ ମାସରେ ୫-ଟି ଅଧ୍ୟକ୍ଷ ଜିଲ୍ଲାଗସ୍ତରେ ଆସି ଆପଣମାନଙ୍କୁ ଭେଟିଥିଲେ। ଆପଣମାନଙ୍କ ସହିତ ବିକାଶ କାମ ବିଷୟରେ ଆଲୋଚନା କରିଥିଲେ। ଆପଣମାନଙ୍କ ମତକୁ ସମ୍ମାନ ଜଣାଇ ଆମେ କାମ କରୁଛୁ। ଏବେ ବଲାଙ୍ଗୀର ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ଜୋରଦାର ଉନ୍ନତି କରୁଛି। ହରିଶଙ୍କର ପୀଠ ସହିତ ଜିଲ୍ଲାର ମଠ ମନ୍ଦିରର ରୂପାନ୍ତର କାମ ଚାଲିଛି। ଏବେ କୃଷି କ୍ଷେତ୍ରରେ ଉନ୍ନତି ସହିତ ଜିଲ୍ଲାରେ ରୂପାନ୍ତରର ଏକ ନୂଆ ଯୁଗ ଆସିବ। ଆପଣମାନଙ୍କ ସହଯୋଗରେ, ବଲାଙ୍ଗୀର ରାଜ୍ୟର ବିକାଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ମୋର ବିଶ୍ୱାସ ଅଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସୁକତେଲ ଜଳସେଚନ ପ୍ରକଳ୍ପ ସହ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ପାଇଁ ଆଜି ୨୫୨୫ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୨୨୨୦ କୋଟି ଟଙ୍କା ବ୍ୟୟରେ ୧୧୨ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ, ୩୦୫ କୋଟି ଟଙ୍କା ବ୍ୟୟରେ ୬୯ଟି ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରିଛନ୍ତି । ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି, ପର୍ଯ୍ୟଟନର ଉନ୍ନତି, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି, କ୍ରୀଡାର ଉନ୍ନତି ସହିତ ଐତିହ୍ୟର ବିକାଶ ଓ ସୁରକ୍ଷା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କ ବହୁ ଦିନର ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ଆଜି ପୂରଣ କରିଛନ୍ତି । ଲୋୟର ସୁକତେଲ ଆଜି ବଲାଙ୍ଗୀରବାସୀଙ୍କ ପାଇଁ ସୁଖର ସୁକତେଲରେ ପରିଣତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ୫-ଟି ଅଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ' ୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ମୁକେଶ ମହାଲିଙ୍ଗ, ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗୀର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ପ୍ରମୁଖ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଥତତ୍ତ୍ୱର ସମସ୍ତ...

ଏଡିଏମ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଏହି ସମ୍ପତ୍ତି ବାଜ୍ୟାପ୍ତ ସହ ନିଲାମ ପାଇଁ କଟକ ସ୍ୱତନ୍ତ୍ର ଅଦାଲତରେ ୨୦୧୪, ମାର୍ଚ୍ଚ ୧୪ରେ ଆବେଦନ କରିଥିଲେ ପ୍ରାଧିକୃତ ଅଧିକାରୀ। ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ, ଅନ୍ୟ ନିର୍ଦ୍ଦେଶକ, ପଦାଧିକାରୀଙ୍କ ସମେତ ୬୬ଜଣ ପ୍ରତିପକ୍ଷ ରହିଥିଲେ।

ମାମଲାର ଶୁଣାଣି ସମୟରେ ଆବେଦନକାରୀ ପ୍ରାଧିକୃତ ଅଧିକାରୀ ତଥା ତତ୍କାଳୀନ କଟକ ଏଡିଏମ ବିଭୂତି ଭୂଷଣ ଦାସ, ତତ୍କାଳୀନ ଖାରବେଳନଗର ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ମନୋଜ କୁମାର ସାମନ୍ତ ଅଦାଲତରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅଦାଲତ ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ, ଯାହା ଆଜି ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିବା ବେଳେ ଅତିରିକ୍ତ ସ୍ୱତନ୍ତ୍ର ପିପି ବିଶ୍ୱଜିତ ମହାପାତ୍ର ସହାୟତା କରୁଥିଲେ।

## ବଢ଼ିଲା ନର୍ସିଂ...

ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକଟ କରିଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଗସ୍ତରେ ଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ଷ୍ଟାଇପେଣ୍ଡ ବୃଦ୍ଧି ନେଇ ତାଙ୍କୁ ଅନୁରୋଧ କରିଥିଲେ। ଯାହାକୁ ଆଜି କାର୍ଯ୍ୟକାରୀ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସରକାରୀ ଡାକ୍ତରଖାନାଗୁଡ଼ିକରେ ଅନେକ ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଚଲାଇଛନ୍ତି। ବିଏସ୍‌ସି ନର୍ସିଂ, ଏଏନ୍‌ଏମ, ଫାର୍ମାସୀରେ ଡିପ୍ଲୋମା, କ୍ଲିନିକାଲ ସାଇକୋଲୋଜି ଓ ଏମ୍‌ଫିଲ୍ ପରି ଭଳି ପାଠ୍ୟକ୍ରମ ରହିଛି। ଏହି ପାଠ୍ୟକ୍ରମ ପଢ଼ିବା ସମୟରେ ଛାତ୍ରଛାତ୍ରୀଙ୍କୁ ସରକାର ଷ୍ଟାଇପେଣ୍ଡ ପ୍ରଦାନ କରୁଛନ୍ତି। ପାଠପଢ଼ା ସମୟରେ ଏହି ଛାତ୍ରଛାତ୍ରୀମାନେ ଡାକ୍ତରଖାନାଗୁଡ଼ିକରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଦେବା କାର୍ଯ୍ୟରେ ମଧ୍ୟ ନିୟୋଜିତ ହୋଇଥାନ୍ତି।

## ସୁନ୍ଦରଗଡ଼କୁ ବିଶ୍ୱରେ...

ଓ ଦେଇଥିବା ପ୍ରତିଶ୍ରୁତିର ହିସାବ ଜିଲ୍ଲାବାସୀଙ୍କ ସମ୍ମୁଖରେ ରଖିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କେବଳ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଏ ସରକାର ଲୋକଙ୍କ ସରକାର, ତେଣୁ ଲୋକଙ୍କ ପ୍ରତିଟି ସମସ୍ୟା ଓ ଆପତ୍ତିର ସମାଧାନ ମୁଖ୍ୟମନ୍ତ୍ରୀ କରୁଛନ୍ତି । ମାର୍ଚ୍ଚ ୧୨ ତାରିଖରେ ସେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀକୁ ଆସିଥିଲେ। ସେ ସମୟରେ ତାଙ୍କୁ ୧୬୦ଟି ଦରଖାସ୍ତ ମିଳିଥିଲା। ସେଥିରୁ ୧୪୦ଟି ଦରଖାସ୍ତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆବେଦନକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ତର ପଠାଯାଇଛି। କେବଳ ଜମିଜମା ଆବେଦନର ସମାଧାନ ହୋଇପାରି ନାହିଁ। ସେସବୁର ସମାଧାନ ଖୁବଶୀଘ୍ର ହୋଇଯିବ ବୋଲି ସେ କହିଛନ୍ତି। ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଆବଶ୍ୟକ ସହାୟତା ରାଶି ମଞ୍ଜୁର କରିଛନ୍ତି। ସମସ୍ତଙ୍କ ସହଯୋଗରେ ସ୍ୱଚ୍ଛତାର ସହ କାମ କଲେ ମୁଖ୍ୟମନ୍ତ୍ରୀ ଆବଶ୍ୟକତା ପଡିଲେ ଆହୁରି ଅଧିକ ଆର୍ଥିକ ସହାୟତା କରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଗତ ଗସ୍ତ ସମୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରସ୍ତାବ ଅନୁସାରେ ହେମଗିରି ବ୍ଲକରେ ଥିବା ଉଚ୍ଚମାଧ୍ୟମିକ ସ୍କୁଲରେ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗ ଖୋଲିବା ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସେହିପରି ଇବ୍ ନଦୀ ଉପରେ ଇନଷ୍ଟ୍ରିମ ଷ୍ଟୋରେଜ୍ ପ୍ରକଳ୍ପ ଲାଗି ୨୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଟାଙ୍ଗରପାଲି ପାଇଁ ୧ କୋଟି ୭୦ ଲକ୍ଷ, ସମଲେଇ ମନ୍ଦିର ରୂପାନ୍ତରଣ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା, ସୁନ୍ଦରଗଡ଼ରେ ଅଘରିଆ ଭବନ ପାଇଁ ୧ କୋଟି ଟଙ୍କା, ହେମହିରି ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତର ପାଇଁ କୋଟିଏ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଗତ ୮ ମାସ ମଧ୍ୟରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୩୫୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। କିରେଇରେ ନଗର ବନ ପ୍ରକଳ୍ପ ପାଇଁ ୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହାବ୍ୟତୀତ ଦୁଇ ମାସରେ ସୁନ୍ଦରଗଡର ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ମିଳିବ ଓ ଫେବ୍ରୁଆରୀ ମାସରେ ସୁନ୍ଦରଗଡ଼ରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ ବୋଲି ସେ ଘୋଷଣା କରିଛନ୍ତି। ଆସନ୍ତା ୬ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡର ଆବେଦନ ଆରମ୍ଭ ହେଉଛି । ଗ୍ରାମାଞ୍ଚଳରେ ଯେଉଁମାନେ ବିଏସକେୱାଇ ଯୋଜନାରୁ ବଞ୍ଚିତ ହେଉଛନ୍ତି ସେମାନେ ବିଏସକେୱାଇ-ନବୀନ କାର୍ଡ ପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

କିରେଇ ପରେ ବାଲିଶଙ୍କରାରେ ସେ ସାଧାରଣ ସଭାକୁ ସମ୍ବୋଧନ କରି କହିଛନ୍ତି ଯେ ଗତ ୮ ମାସ ମଧ୍ୟରେ ରାଜ୍ୟ ସରକାର ତଳସରା ନିର୍ବାଚନମଣ୍ଡଳୀ ପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ଫୁଲବାରୀ ସଫେଇ ନଦୀ ଉପରେ ୧୨୩ କୋଟି ଟଙ୍କାର ନଦୀବନ୍ଧ ଯୋଜନା ରହିଛି। ସେହିପରି ରାଜବାହାଲ-ଉଷାକୋଠୀ ରାସ୍ତା ଲାଗି ୨୬ କୋଟି ଅନୁମୋଦନ ହୋଇଛି। ଜୋର ନାଳା ରସରାଜପୁର ବ୍ରିଜ ପାଇଁ ୩ କୋଟି ଏବଂ କାରିଆଖମନ ବ୍ରିଜ ଲାଗି ୪ କୋଟି ସହ ଅନ୍ୟ ପ୍ରକଳ୍ପ ଲାଗି ମଧ୍ୟ ଅର୍ଥ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ତଳସରାରେ ମିଳିଥିବା ୯୩ ଦରଖାସ୍ତରୁ ୮୦ ଦରଖାସ୍ତର ସମାଧାନ ହୋଇଛି। ଜମିଜମା ସମ୍ପର୍କିତ ଆବେଦନକୁ ବାଦ ଦେଇ ଅନ୍ୟସବୁ ଆବେଦନର ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀ ଯେମିତି କଥା କମ ଆଉ କାମ ବେଶୀ କରନ୍ତି ସେଇ ଆଦର୍ଶରେ ସେ ନିଜେ ଅନୁପ୍ରାଣିତ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

## ଓଡ଼ିଶାର ୭...

ସାମଗ୍ରୀ ସମ୍ପର୍କରେ ଆବଶ୍ୟକ ପ୍ରମାଣ ସହ ଆପତ୍ତି ଅଭିଯୋଗ ନ ଆଣିବାରୁ କେନ୍ଦ୍ର ସରକାର ଓଡ଼ିଶାର ଏହି ସାମଗ୍ରୀଗୁଡ଼ିକୁ ଜିଆଇ ମାନ୍ୟତା ପ୍ରଦାନ କରିଛନ୍ତି। ଓଡ଼ିଶାର ଶେଷ ସାମଗ୍ରୀ ଭାବେ ଗତ ଅକ୍ଟୋବରରେ କେନ୍ଦ୍ରାପଡ଼ାର ରସାବଳୀକୁ ଜିଆଇ ଟ୍ୟାଗ୍ ମିଳିଥିଲା। ଯାହାକୁ ମିଶାଇ ରାଜ୍ୟରେ ମୋଟ୍ ୧୮ ଟି ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ରହିଥିଲା। ଏବେ ଏହି ତାଲିକାରେ ଆଉ ୭ ସାମଗ୍ରୀ ଯୋଡ଼ି ହେବା ପରେ ରାଜ୍ୟର ମୋଟ୍ ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ସଂଖ୍ୟା ୨୫କୁ ବୃଦ୍ଧି ହୋଇଛି। ଏଥିରେ କନ୍ଧମାଳ ହଳଦୀଠୁ ଆରମ୍ଭ କରି ଓଡ଼ିଶା ରସଗୋଲା ଓ ବୋମକେଇ ଶାଢ଼ି ଭଳି ସାମଗ୍ରୀ ରହିଛି। ଓଡ଼ିଶାର ସଂସ୍କୃତି ଗବେଷକ ତଥା ଜିଆଇ ବିଶେଷଜ୍ଞ ଡ. ଅନୀତା ସାବତ କହିଛନ୍ତି ଯେ ରାଜ୍ୟର ଏହି ସମସ୍ତ ସାମଗ୍ରୀକୁ ଜିଆଇ ମାନ୍ୟତା ମିଳିବା ସମସ୍ତଙ୍କ ପାଇଁ ଏକ ଖୁସି ଖବର। ଏହାଦ୍ୱାରା ଓଡ଼ିଶାର ଏହି ସାମଗ୍ରୀ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବ। ଏହାସହ ଜିଆଇ ମାନ୍ୟତା ଦ୍ୱାରା ଓଡ଼ିଶାର ଏହି ସାମଗ୍ରୀଗୁଡ଼ିକ ବ୍ୟବସାୟିକ ଦୃଷ୍ଟିକୋଣରୁ ସମୃଦ୍ଧ ହେବ। ଆମର ଏହି ଉତ୍ପାଦଗୁଡ଼ିକ ବିକ୍ରି ବୃଦ୍ଧି ହେବା ସହ ଯେଉଁ ବ୍ୟବସାୟୀମାନେ ଏଥିରେ ଜଡ଼ିତ ଥିବେ, ସେମାନଙ୍କର ସ୍ଥିତି ମଧ୍ୟ ସୁଦୃଢ଼ ହେବ ବୋଲି ଡ. ସାବତ କହିଛନ୍ତି।

## ଓଡ଼ିଆ ଭାଷା...

ଭାବରେ ଶ୍ରୀ ବାଲାକ୍ରିଷ୍ଣନ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଓଡ଼ିଆ ଭାଷାକୁ ରାଜ୍ୟବାହାରେ ଅଧିକ ପ୍ରଚାର ପ୍ରସାର ପାଇଁ ସେ ଭାଷା ସମ୍ମିଳନୀ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ସମଗ୍ର ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ବ୍ୟାପକ ଭାବେ ସାମିଲ କରାଯିବ। ଯୁବପିଢିଙ୍କ ମଧ୍ୟରେ ଓଡ଼ିଆ ଭାଷାର ଆଦୃତ ନିମନ୍ତେ ସେମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ସମ୍ମିଳନୀ ସମୟରେ ଶିକ୍ଷାନୁଷ୍ଠାନ/ ବିଶ୍ୱବିଦ୍ୟାଳୟମାନେ ନିଜ ନିଜର କାର୍ଯ୍ୟକ୍ରମ ଆୟୋଜନ କରିବେ । ମିଶନଶକ୍ତିକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରି ୭୦ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବନର ରାହା ଦେଖାଇଥିବା ବିଭାଗୀୟ ସଚିବ ସୁଜାତା କାର୍ତ୍ତିକେୟନଙ୍କୁ ନିକଟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବରେ ଅବସ୍ଥାପିତ କରିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ନୂଆ ଦିଗ ଦେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏପରିକି ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀକୁ ନେଇ ଓଡ଼ିଆ ଭାଷା ଅନୁରାଗୀଙ୍କ ମନରେ ମଧ୍ୟ ବେଶ୍ ଉତ୍କଣ୍ଠା ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ ତିନି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀ ଓଡ଼ିଆ ଭାଷାର ମାଧୁର୍ଯ୍ୟ ଓ ଗାରିମାମୟ ଇତିହାସକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ଏ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବ। ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କ ଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସର୍ବ ପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିବେ। ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନା ହେବ। ଏଥିସହ ବିଶେଷଜ୍ଞମାନେ ଏହି ତିନି ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟ ଭିତ୍ତିକ ଉପସ୍ଥାପନ କରିବେ। ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖି ହେବ, ଏ ସମ୍ପର୍କରେ ମଧ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀ ମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତ୍ତିକା ହେବ।

## ଆଉ ରହିବନି...

ଅନ୍ୟପକ୍ଷରେ, ପୁରୀରେ ଆଉ ୨ଟି ବହୁତଳ ପାର୍କିଂ ସମୁଦ୍ର କୂଳ ଦିଗବାରେଣୀ ଏବଂ ଜଗନ୍ନାଥ ବଲ୍ଲଭରେ ଚାଲିଛି। ଏହି ଦୁଇଟିକୁ ମଧ୍ୟ ଯଥାଶୀଘ୍ର ଉଦ୍‌ଘାଟନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜେଲ୍‌ରୋଡ୍ ପାର୍କିଂରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଫଳରେ ଏଠାକୁ ପାର୍କିଂ କରିବାକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନେ ନିଜର ଆବଶ୍ୟକ ଜିନିଷ ମଧ୍ୟ ଏଠାରେ କିଣାକିଣି କରିପାରିବେ। ସେହିପରି ଏହି ଅତ୍ୟାଧୁନିକ ବହୁତଳ ପାର୍କିଂରେ ଶୌଚାଳୟ, ପାନୀୟ ଜଳ ସହ ବିଶ୍ରାମ କକ୍ଷ ମଧ୍ୟ ରହିଛି। ଜେଲ୍ ରୋଡ୍‌ସ୍ଥିତ ଏହି ବହୁତଳ ପାର୍କିଂଟି ୪ମହଲା ବିଶିଷ୍ଟ। ଭୁବନେଶ୍ୱର ପରେ ପୁରୀରେ ମଲ୍ଟିଲେବଲ୍ କାର୍ ପାର୍କିଂ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବେଳେ ଏହା ଆଗାମୀ ଦିନରେ ସହରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରିବ ବୋଲି କହିଛନ୍ତି ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ।

ଅନ୍ୟପକ୍ଷରେ ଜଗନ୍ନାଥବଲ୍ଲଭ ପରିସର ଏବଂ ସମୁଦ୍ରକୂଳ ଦିଗବାରେଣୀ ଛକଠାରେ ବହୁତଳ ପାର୍କିଂର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଜଗନ୍ନାଥବଲ୍ଲଭ ପରିସର ପାର୍କିଂ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉପରୋକ୍ତ ଦୁଇଟିକୁ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯାଇ ଭକ୍ତ ଓ ପର୍ଯ୍ୟଟକଙ୍କ ସେବାରେ ଲଗାଯିବ। ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଥିବା ବେଳେ ଏଠାକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ସୁବିଧା ଯାଇଁ ତିନୋଟି ବିଶାଳ ବହୁତଳ ପାର୍କିଂ ନିର୍ମାଣ କରାଯାଇଛି। ଏହାଦ୍ୱାରା ପୁରୀ ସହରରେ ସୃଷ୍ଟି ହେଉଥିବା ଗୁରୁତ୍ୱର ଟ୍ରାଫିକ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି ଉପଜିଲ୍ଲାପାଳ ଭବତାରଣ ସାହୁ।

## ପାରାକ୍ୱେଟ୍ ସମ୍ପୂର୍ଣ୍ଣ...

୧୪୯ଜଣ ରୋଗୀଙ୍କ ମଧ୍ୟରୁ ୧୪୦ଜଣଙ୍କର ମୃତ୍ୟୁ ଘଟିଛି। ରିପୋର୍ଟରେ ଭିମ୍‌ସାର କର୍ତ୍ତୃପକ୍ଷ ପାରାକ୍ୱେଟ୍‌କୁ ସ୍ଥାୟୀ ଭାବରେ ନିଷିଦ୍ଧ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ସେହିପରି ପାରାକ୍ୱେଟ୍ ସେବନ କରି ଅକାଳ ମୃତ୍ୟୁ ଘଟୁଛି ବୋଲି ରାଜ୍ୟର ୧୫ରୁ ଅଧିକ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରିପୋର୍ଟରେ ଦର୍ଶାଇଛନ୍ତି। ସେହିପରି ଦୀର୍ଘ ସମୟ (୫ ବର୍ଷରୁ ଊର୍ଦ୍ଧ୍ୱ) ଧରି ପାରାକ୍ୱେଟ୍‌ର ବ୍ୟବହାର ମଣିଷ, ପ୍ରାଣୀ ଏବଂ ଫସଲ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରୁ ଭାରତ ସରକାରଙ୍କ ଦ୍ୱାରା ଓଡ଼ିଶାରେ ପାରାକ୍ୱେଟ୍‌ର ବିକ୍ରି/ ବିତରଣ/ ଉତ୍ପାଦନ ଏବଂ ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ସଚିବ ଡ. ପାଢ଼ୀ ଲେଖିଥିବା ପତ୍ରରେ ଅନୁରୋଧ କରାଯାଇଛି।

## ଘରକୁ ଫେରାଇ ନେବାକୁ ସନ୍ତୋଷଙ୍କ ଆକୁଳ ନିବେଦନ

**ଭୁବନେଶ୍ୱର, ୩।୧(ସମିସ):** ତାମିଲନାଡୁ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଘରକୁ ଫେରିବାକୁ ଚାହୁଛନ୍ତି ଗଞ୍ଜାମ ଜିଲ୍ଲାର ସନ୍ତୋଷ ନାୟକ। କିନ୍ତୁ ଆର୍ଥିକ ସମସ୍ୟା ଯୋଗୁଁ ସେ ନିଜ ଜନ୍ମମାଟିକୁ ଫେରି ନପାରି ଓଡ଼ିଶା ମୋ ପରିବାରର ସହଯୋଗ ଲୋଡ଼ିଛନ୍ତି। ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ, ଯାତ୍ରାକୁମୁଡ଼ି ଗାଁର ସନ୍ତୋଷ ନାୟକ ତାମିଲନାଡୁରେ ରାଜମିସ୍ତ୍ରୀ କାମ କରନ୍ତି। ଗାଁରେ ସନ୍ତୋଷଙ୍କ ପତ୍ନୀଙ୍କ ସମେତ କଲେଜ ପଢୁଆ ପୁଅ ଝିଅ ରୁହନ୍ତି। ଶ୍ରମିକ ଭାବେ କାମ କରି ଘରକୁ ଟଙ୍କା ପଠାଇଲେ ପରିବାର ପ୍ରତିପୋଷଣ ହୁଏ। କିନ୍ତୁ ୧୫ ଦିନ ତଳେ କାମକୁ ଯାଉଥିବା ବାଟରେ କାର ଦୁର୍ଘଟଣାର ଶିକାର ହୋଇଥିଲେ। ତୁରନ୍ତ ତାଙ୍କୁ ତାମିଲନାଡୁ ନାଚୁମୁଥୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଦୁର୍ଘଟଣାରେ ତାଙ୍କର ୨ଟି ଯାକ ଗୋଡ଼ ଗଭୀର ଭାବେ ଆଘାତ ହୋଇଥିଲା। ଫଳରେ ଅପରେସନ୍ କରାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ହୋଇ ଡିସଚାର୍ଜ ହୋଇ ଘରକୁ ଫେରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। କିନ୍ତୁ ପାଖରେ ଟଙ୍କାଟିଏ ନଥିବାରୁ ସେ କେମିତି ଘରକୁ ଫେରିବେ, ସେଇ ଚିନ୍ତା ତାଙ୍କୁ ଘାରୁଛି। ତେଣୁ ଓଡ଼ିଶା ମୋ ପରିବାର ଯଦି ସହଯୋଗର ହାତ ବଢ଼ାନ୍ତା ତେବେ ସନ୍ତୋଷ ଗଞ୍ଜାମ ସ୍ଥିତ ନିଜ ଗାଁକୁ ଫେରି ପାନ୍ତେ ବୋଲି ତାଙ୍କ ପୁଅ ଶୁଭମ୍ ଓଡ଼ିଶା ମୋ ପରିବାର କୁ ନିବେଦନ କରିଛନ୍ତି।


**ପୂର୍ବ ତଟ ରେଳପଥ**

Tender Notice No.: Sr.DMM/KUR/EP/ 2023-24/11, ତା.28.12.2023ରିଖ

Tender No.: 81236065

ବିବରଣୀ: ମାଇକ୍ରୋପ୍ରୋସେସର୍ କଣ୍ଟ୍ରୋଲର

ପରିମାଣ : 34 ସେଟ୍

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ

ତା.30.01.2024 ରିଖ 1500 ଘଣ୍ଟାରେ।

ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ: www.ireps.gov.in ରେ ଅପଲୋଡ୍ କରାଯାଇଛି।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ

PR-944/O/23-24

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit before the Executive Magistrate, Cuttack, Odisha, I Saikh Boniamin S/o-Shaikh Idris, R/o-Plot No-5F/718, Sector-9, CDA, PO- Markatnagar Town, Dist-Cuttack, Odisha-753014, Declare by this affidavit No.64AA 619458 dated - 02/01/2024 that now onwards I shall be known as **Shaikh Bani Amin** for all future purposes.

**AFFIDAVIT**

By virtue of an affidavit before the Executive Magistrate, Cuttack, Odisha, I Idris Ali S/o- Sk Yusuf, R/o-Plot No-5F/718, Sector-9, CDA, PO- Markatnagar Town, Dist- Cuttack, Odisha-753014, Declare by this affidavit No.64AA 619459 dated - 02/01/2024 that now onwards I shall be known as **Sk Idris** for all future purposes.

OHPC

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VaniviharChhak, Janpath, Bhoinagar, Bhubaneswar-751022.
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No.56/ 2023-24 DATED.02.01.2024

Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the authorized dealers / channel partners / reputed suppliers for supply of the materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of Sports and Gym equipments for UIHEP, Mukhiguda | 472/- (inclusive of GST) | 600/- | From 08.01.2024 to 19.01.2024 up to 12:00 Hrs. | 19.01.2024 (up to 13:00Hrs) | 19.01.2024 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda

OIPR - 04008/11/0072/2324 CAD-3542

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ ଅଛି)
ମାନ୍ୟବର ଏନ୍‌ସିଏଲ୍‌ଟିଙ୍କ ତା.୧୮.୦୪.୨୦୨୩ରିଖ ଆଦେଶ ଅନୁଯାୟୀ କମ୍ପାନୀର ଲିକ୍ୟୁଡେସନ ପ୍ରକ୍ରିୟା
କମ୍ପାନୀର କାର୍ଯ୍ୟାଳୟ : ବାରିଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬
ଇନ୍‌ସଲଭେନ୍ସି ଏବଂ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଅନୁଯାୟୀ ସମ୍ପତ୍ତି ବିକ୍ରୟ
ଆବେଦନ ଏବଂ କାଗଜାତ୍ ଦାଖଲର ଶେଷ ତାରିଖ ଏବଂ ସମୟ: ୨୪ ଜାନୁୟାରୀ ୨୦୨୪, ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ (ଭାରତୀୟ ମାନଙ୍କ ସମୟ)।
ନିଲାମ ତାରିଖ ଏବଂ ସମୟ : ୩୧ ଜାନୁୟାରୀ ୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ
(ପ୍ରତ୍ୟେକଥର ପାଇଁ ୫ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ)

ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ)ଙ୍କ ମାଲିକାନାରେ ଥିବା ସମ୍ପତ୍ତି ମାନ୍ୟବର ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, କଟକ ଖଣ୍ଡପୀଠ, କଟକଙ୍କ ଦ୍ୱାରା ୧୮ ଅପ୍ରେଲ ୨୦୨୩ ଆଦେଶ ଅନୁଯାୟୀ ନିଯୁକ୍ତି ପାଇଥିବା ଲିକ୍ୟୁଡେଟରଙ୍କ ଦ୍ୱାରା ଇଷ୍ଟେଟ୍‌ର ଲିକ୍ୟୁଡେସନ ଅଂଶ ଗଠିତ । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ https://ncltauction.auctiontiger.net ମାଧ୍ୟମରେ ଏହାର ବିକ୍ରୟ ଅନୁଷ୍ଠିତ ହେବ ।

ବିକ୍ରୟ ପାଇଁ ଥିବା ସମ୍ପତ୍ତିର ମୌଳିକ ବିବରଣୀ:

| କର୍ପୋରେଟ୍ ସମ୍ପତ୍ତିଗୁଡିକର ବିକ୍ରୟ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଅମାନତ ରାଶି (ଟଙ୍କାରେ) | ବର୍ଦ୍ଧିତ ମୂଲ୍ୟ |
|---|---|---|---|
| ବାରେଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬ ଠାରେ ଥିବା ମୋଟର ପାର୍ଟ୍ସ ଏବଂ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି | ୩୭.୩୩ ଲକ୍ଷ | ୩.୭୪ ଲକ୍ଷ | ୦.୧୦ ଲକ୍ଷ ମାତ୍ର |

ଇ-ନିଲାମର ସର୍ତ୍ତାବଳୀ ନିମ୍ନରେ ଦିଆଯାଇଛି :

୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ଆଇନଗତ ସହାୟତା ବିନା" ଆଧାରରେ ଅନୁମୋଦିତ ସେବା ପ୍ରଦାନକାରୀ M/s e-procurement Technologies Limited (Auction Tiger) ଙ୍କ ମାଧ୍ୟମରେ ଅନୁଷ୍ଠିତ ହେବ ।

୨. ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସମ୍ବନ୍ଧୀୟ ଦସ୍ତାବିଜ ଯଥା: ସମ୍ପତ୍ତିଗୁଡିକର ବିଷଦ ବିବରଣୀ, ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା ଏବଂ ଅଣ୍ଡର ଟେକିଂ ଫର୍ମ, ଅନ୍‌ଲାଇନ ନିଲାମ ବିକ୍ରୟର ସାଧାରଣ ସର୍ତ୍ତାବଳୀ ୱେବସାଇଟ୍ : https://ncltauction.auctiontiger.net ରେ ଉପଲବ୍ଧ । ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେବାର, ମୋବାଇଲ୍ : ୯୭୨୨୭୭୮୮୨୮/୭୯୬୮୧୩୬୮୪୧, ଇ-ମେଲ୍ : praveen.thevar@auctiontiger.net ଏବଂ nclt@auctiontiger.net

ସିଏସ୍ ଅର୍ଦ୍ଧେନ୍ଦୁ ଶେଖର ରାଉତ
ୱେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବନ୍ଧରେ ଲିକ୍ୟୁଡେଟର
(IBBIRegn.No: IBBI/IPA-002/IP-N00024/2016-2017/10051)
ଠିକଣା: ଏନ୍/୩, ଲେନ୍-୨, ଏସ୍‌ବିଆଇ କଲୋନୀ, ସୌଭାଗ୍ୟ ନଗର, ଶିରିପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇ-ମେଲ୍ : ipasraut@gmail.com, ଯୋଗାଯୋଗ ନଂ: 9437360963

ତାରିଖ: ୦୪.୦୧.୨୦୨୪
ସ୍ଥାନ: ଭୁବନେଶ୍ୱର

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION:KORAPUT
e-Procurement for Building Works
Bid Identification No: SERWKPT–Online-09/2023-24, Dtd-02.01.2024

O-2080 Letter No. 08 Date: 02.01.2024

1 Name of the Work : Building & Road Works in the district of Koraput for the year 2023-24
2 Total Numbers of Works : 7 Nos
3 Approximate Estimate Cost : Rs 1.00 to Rs. 80.00 Lakhs (Approximately)
4 Class of Contractor : "B" "C & "D" Class
5 Period of Completion : within 1-2 Months
6 Other Details :

| Procurement Officer | Bid Identification No | Availability of tender online bidding From | To |
|---|---|---|---|
| Superintending Engineer, R.W.Division, Koraput | Online Tender/09/RWD-KPT/2023-24 | 08.01.2024 at 11.00 A.M | 17.01.2024 upto 5.30 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Sd/- Superintending Engineer, Rural Works Division, Koraput

OIPR - 25088/11/0013/2324

NATIONAL HEALTH MISSION

O/O CHIEF DISTRICT MEDICAL & PUBLIC HEALTH OFFICER
DPMU,NHM,BALASORE
e-mail- dpmubal@gmail.com

NOTICE INVITING PROPOSAL

Sealed proposals are invited by the CDM & PHO Balasore from eligible Agencies for selection of the most suitable Agencies to undertake the following services:

01.MECHANIZED LAUNDRAY SERVICES RFP No. 117 / 02.01.2024
02.SECURITY SERVICES RFP No. 118 / 02.01.2024
03.HOUSEKEEPING SERVICES RFP No. 119 / 02.01.2024

at Government Health Institutions of Balasore district. Accordingly intending agencies may send their completed proposals super scribing the RFP Notification No:........................ and Date:.......................... on the top of the envelop addressing clearly to the CDM & PHO, Balasore. Pin:756001. Agencies are advised to visit the District web site www.baleswar.nic.in for detailed proposal requirements. Last date for receipt of proposals and the opening date of the proposals are as follows:

| | Last date & Time of Receipt of RFPs | Opening date of RFPs |
|---|---|---|
| 01.MECHANIZED LAUNDRAY SERVICES | 29.01.2024 ,5.30 pm | 30.01.2024 |
| 02.SECURITY SERVICES | 30.01.2024 ,5.30 pm | 31.01.2024 |
| 03.HOUSEKEEPING SERVICES | 31.01.2024 ,5.30 pm. | 01.02.2024 |

The RFPs are to be sent through Speed post/Regd Post and Courier. The RFPs so received will be opened on the dates mentioned as above at 11.30 AM. in the official chamber of the CDM & PHO, Balasore. The bidders are advised to keep in touch with the district website for addendum or corrigendum if at all required till the last date of this notification. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

-Sd-
CDM & PHO,Balasore.

OIPR - 10032/11/0017/2324 E-689

WORKS DEPARTMENT B-1540
OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 38/2023-24
No. 40/ Date: 02.01.2024

1. Nature of work: - Road & Building Work
2. Number of works: -11(Eleven) No's
3. Amount put to Tender: - Rs 10,48,355.00, Rs 10,11,130.00, Rs 8,60,755.00, Rs 9,42,845.00, Rs9,57,867.00, Rs 8,66,951.00, Rs 8,45,993.00, Rs 8,91,272.00, Rs9,26,143.00, Rs 5,68,885.00 ,Rs9,20,299.00
4. Class of Contractor:-, "C&D",
5. Date & Time of availability of bid document in the portal: - 18.01.2024 11.00 AM
6. Last Date / Time of receipt of bid in the portal: - 25.01.2024up to 05.00 PM
7. Date of opening of bid: - Dt.29.01.2024 at 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

Sd/- Superintending Engineer
Bhadrak (R&B) Division

OIPR - 34079/11/0030/2324

Government of Odisha O-2081
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

Letter No. 37 e-Procurement Notice Date: 02.01.2024


Name of the work :- Road Work
Total No of works :- 01 (One) No.
Approx. Estimated Cost :- Rs.67.80 lakhs
Class of Contractor :- "A" & "B" Class Contractor
Period of completion :- 01 (One) Calender Month & 15 (Fifteen) days

| Procurement officer | Bid Identification No: | No of works | Availability of tender online for bidding From | To | Date & Time of Opening of Tender Technical | Financial |
|---|---|---|---|---|---|---|
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -10/2023-24 | 01 (One) No. | 08.01.2024 at 10.00 AM | 16.01.2024 up to 03.00 PM | 17.01.2024 at 11.00 AM | To be intimated separately |

For Details can be seen from the Government website www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR - 25092/11/0010/2324



କାମ କରି ଜୀବିକା ଅର୍ଜନ କରିବାର ଅଧିକାର ସମସ୍ତଙ୍କର ଅଛି।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

### ଶିକ୍ଷାନୁଷ୍ଠାନରେ ଡ୍ରଗ୍ସ ନିରୋଧୀ ଘୋଷଣାପତ୍ର ବାଧ୍ୟତାମୂଳକ

# ଓଡ଼ିଶାର ପଦକ୍ଷେପ ଅନୁକରଣୀୟ

ନିଶା ସେବନ ଓ ନିଷିଦ୍ଧ ମାଦକ ଦ୍ରବ୍ୟ ବ୍ୟବହାର ଭାରତର ଏକ ବଡ଼ ସମସ୍ୟା। ବିଭିନ୍ନ ପ୍ରକାର ନମୁନା ସର୍ଭେ, ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଓ ଅନ୍ୟାନ୍ୟ ଭରସାଯୋଗ୍ୟ ସୂତ୍ର ଅନୁସାରେ ଦେଶର ପ୍ରାୟ ୨୦ କୋଟିରୁ ଅଧିକ ଲୋକ ମାଦକ ଦ୍ରବ୍ୟ ସେବନ କରନ୍ତି। ମୋଟ ଜନସଂଖ୍ୟାର ଏହା ପ୍ରାୟ ୧୬ ଶତାଂଶ। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି ଏହି ଲୋକମାନେ ୧୦ବର୍ଷରୁ ୭୫ ବର୍ଷ ବୟସ ବର୍ଗର। ଏମାନଙ୍କ ମଧ୍ୟରୁ ୧୦ ଭାଗରୁ ଅଧିକ ଅଭ୍ୟାସଗତ ମଦ୍ୟପାନକାରୀ ହୋଇଥିବା ବେଳେ ଗଞ୍ଜେଇ, ଅଫିମ, ଚରସ ଓ ହାସିମ୍, ବ୍ରାଉନସୁଗର ଭଳି ଗୁରୁତର ନିଶା ବ୍ୟବହାରକାରୀଙ୍କ ଅନୁପାତ ୧୨ ଶତାଂଶ। ଅବଶିଷ୍ଟ ନିଷିଦ୍ଧ ନିଶା ଔଷଧ (ବଟିକା ଓ ଇଂଜେକ୍‌ସନ ଆଦି) ବ୍ୟବହାର କରିଥା'ନ୍ତି। ଏହି ନିଷିଦ୍ଧ ନିଷା ଔଷଧ ସେବନକାରୀଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ।

ନିଶା କ୍ଷଣିକ ଆନନ୍ଦ ଓ ସ୍ୱପ୍ନିଳ ଅନୁଭବ ଦିଏ। ତେବେ ଏହା ଅଭ୍ୟାସରେ ପଡ଼ିଲେ ମଣିଷକୁ ଧୀରେ ଧୀରେ ନିଃଶେଷ କରିବାରେ ଲାଗେ। ନିଶା ଦ୍ରବ୍ୟର ସାମାଜିକ ଓ ଆର୍ଥିକ କୁପ୍ରଭାବ ବିଷୟରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। ନିଶାର ଶାରୀରିକ ଓ ମାନସିକ କୁପ୍ରଭାବ ବିଷୟରେ ସମସ୍ତଙ୍କୁ ଜଣା। ତଥାପି ଏହି କୁଅଭ୍ୟାସ କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଡାକ୍ତରଙ୍କ ଚେତାବନୀ, ସରକାରଙ୍କ ସଚେତନତା, ବିଭିନ୍ନ ବେସରକାରୀ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିଶା ନିବାରଣ ଦିଗରେ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ଏହାସତ୍ତ୍ୱେ ନିଶା ରାକ୍ଷସର ପ୍ରଭାବ ବୃଦ୍ଧି ପାଇବା ଓ ନିଷିଦ୍ଧ ନିଶା ସେବନକୁ ରୋକିବା ଏକ ବଡ଼ ଚିନ୍ତାର ବିଷୟ ହୋଇଛି। ବିଶେଷକରି ଯୁବ ଓ ଛାତ୍ର ସମାଜ ଉପରେ ଏହାର କୁପ୍ରଭାବ ଫଳରେ ଦେଶର ଉତ୍ତରପିଢ଼ି ପଙ୍ଗୁ ଓ ନଷ୍ଟ ହେଉଛି।

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଛାଡ଼ିଦେଲେ ଭାରତରେ ନିଷିଦ୍ଧ ମାଦକଦ୍ରବ୍ୟ ସେବନରେ ସର୍ବାଗ୍ରେ ଉତ୍ତରପ୍ରଦେଶ ରହିଛି। ଏହା ପଛକୁ ରହିଛନ୍ତି ମହାରାଷ୍ଟ୍ର, ପଞ୍ଜାବ ଓ ଦିଲ୍ଲୀ। ଏହି ସବୁ ରାଜ୍ୟରେ ଡ୍ରଗ୍ ଆବ୍ୟୁଜ ବା ନିଷିଦ୍ଧ ମାଦକଦ୍ରବ୍ୟର ଦୁରୁପଯୋଗ ଅଧିକ। ଆମ ଓଡ଼ିଶାରେ ୭୫ ଭାଗ ପରିବାରରେ ଅତିକମ୍‌ରେ ଜଣେ ନିଷିଦ୍ଧ ମାଦକଦ୍ରବ୍ୟ ବ୍ୟବହାରକାରୀ ଥିବା ବେସରକାରୀ ଅନୁଧ୍ୟାନରୁ ଜଣାପଡ଼ିଛି। ଦେଶରେ ମାଦକର ପ୍ରସାର ଓ ବ୍ୟବହାର ବଢ଼ିଲେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟ ତାହାର ଦୁଷ୍ପ୍ରଭାବରୁ ମୁକ୍ତ ହୋଇପାରିବ ନାହିଁ। ଆଧୁନିକ ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଏହି ନିଶା ପ୍ରସାରକୁ ବଢ଼ାଉଛି। ସରକାର ଏହାକୁ ସମୂଳେ ନିୟନ୍ତ୍ରଣ କରିବା ଏକ ସହଜ ବ୍ୟାପାର ନୁହେଁ। ଆମ ଦେଶ ମଧ୍ୟ ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ମ୍ୟାଁମାର ଭଳି ଆନ୍ତର୍ଜାତିକ ମାଦକଦ୍ରବ୍ୟ ବଜାରର ମଝିରେ ରହିଛି। ତେଣୁ ସରକାରୀ ପ୍ରତିକାର ବ୍ୟବସ୍ଥା ସତ୍ତ୍ୱେ ଏହା ବିରୋଧରେ ସଚେତନତା ସୃଷ୍ଟି ବିଶେଷ ମହତ୍ତ୍ୱ ରଖେ।

ଓଡ଼ିଶା ସରକାର ଏହା ପୂର୍ବରୁ ନିଷିଦ୍ଧ ମାଦକଦ୍ରବ୍ୟର କାରବାର ଓ ବ୍ୟବହାରକୁ ରୋକିବା ପାଇଁ କ୍ରିୟାନୁଷ୍ଠାନ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ ନିଷିଦ୍ଧ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏବେ ଓଡ଼ିଶା ସରକାର ଶିକ୍ଷାନୁଷ୍ଠାନରେ ଡ୍ରଗ୍ସ ଆବ୍ୟୁଜ୍‌କୁ ରୋକିବା ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜମାନଙ୍କରେ ନାମଲେଖା ସମୟରେ ବିଦ୍ୟାର୍ଥୀଙ୍କ ନିମନ୍ତେ ଡ୍ରଗ୍ସ ନିରୋଧୀ ଘୋଷଣାପତ୍ରରେ ସ୍ୱାକ୍ଷର କରିବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏଥିରେ ସ୍ୱାକ୍ଷର ନ କଲେ ନାମ ଲେଖା ହୋଇପାରିବ ନାହିଁ। ଆହୁରି ମଧ୍ୟ ଘୋଷଣାପତ୍ରରେ ସ୍ୱାକ୍ଷର କରି ତାହାର ଉଲ୍ଲଂଘନ କଲେ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ ହେବାର ନିୟମ ଏଥିରେ ରହିଛି। ଏହି ବ୍ୟବସ୍ଥା ସବୁ ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ (ଉଭୟ ବୈଷୟିକ ଓ ଅଣ ବୈଷୟିକ) ପାଇଁ ପ୍ରଯୁଜ୍ୟ। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି)ର ନିର୍ଦ୍ଦେଶକ୍ରମେ ଏହି ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୟୁଜିସିର ସୁପାରିସ ଅନୁସାରେ ରାଜ୍ୟରେ ମଧ୍ୟ ର୍‍ୟାଗିଂ ରୋକିବାକୁ ଛାତ୍ରଛାତ୍ରୀମାନଙ୍କୁ ଅନୁରୂପ ଘୋଷଣାପତ୍ରରେ ସ୍ୱାକ୍ଷର କରିବାକୁ ପଡୁଛି।

ରାଜ୍ୟ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ, ବୈଧାନିକ ବ୍ୟବସ୍ଥା ଓ ତତ୍ପରତା ଫଳରେ ରାଜ୍ୟରେ ର୍‍ୟାଗିଂ ଆଉ ପ୍ରାୟ ନାହିଁ କହିଲେ ଚଳେ। ର୍‍ୟାଗିଂ ନିରୋଧୀ ଘୋଷଣାପତ୍ରରେ ସ୍ୱାକ୍ଷରକାରୀ ବିଦ୍ୟାର୍ଥୀ ତାହାର ସର୍ତ୍ତ ଉଲ୍ଲଂଘନ କଲେ ଶିକ୍ଷାନୁଷ୍ଠାନରୁ ବହିଷ୍କୃତ ହେବାର ଭୟ ଥିବାରୁ ର୍‍ୟାଗିଂ ବିରୋଧୀ ଯୋଜନା ସଫଳ ହୋଇଛି। ମାତ୍ର ଡ୍ରଗ୍ସ ବ୍ୟବହାର ନିରୋଧୀ ଘୋଷଣାନାମା ସେଭଳି ସଫଳ ହେବା ସମ୍ଭାବନାକୁ ନେଇ ବିଶେଷଜ୍ଞମାନେ ଦ୍ୱିମତ ହେଉଛନ୍ତି। ସେମାନଙ୍କ ମତରେ ଦୁଇଟି ଯାକ ପ୍ରସଙ୍ଗରେ କେତେକ ମୌଳିକ ପାର୍ଥକ୍ୟ ରହୁଛି। ଡ୍ରଗ୍ସ ସେବନକାରୀ ଗୁପ୍ତରେ ଏହା ବ୍ୟବହାର କଲେ ତାହାକୁ ଜାଣିବା ସହଜ ନୁହେଁ। ଆହୁରି ମଧ୍ୟ ଅନ୍ୟ ପକ୍ଷ ଏହାଦ୍ୱାରା ସିଧାସଳଖ କମ୍ କ୍ଷତିଗ୍ରସ୍ତ ହୋଇଥା'ନ୍ତି। ତେଣୁ ଡ୍ରଗ୍ସ ସେବନକାରୀଙ୍କୁ ଧରି ଚିହ୍ନଟ କରାଇବ କିଏ? ତେବେ ସେ ଯା'ହେଉ ଏହି ବ୍ୟବସ୍ଥା ନିଶ୍ଚୟ କେତେକ ନୂଆ ବାଟ ଆଗାମୀ ଦିନରେ ଖୋଲିବ ବୋଲି ଆଶା କରିବା।

ନିଶା ବା ମାଦକ ଦ୍ରବ୍ୟ ସେବନର ଅନେକ କାରଣ ରହିଛି। ଏହି କାରଣ ସବୁର ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ନିଶା କାରବାର ଉପରେ ଦୃଢ଼ ନିୟନ୍ତ୍ରଣ ଲୋଡ଼ା। ରାଜ୍ୟ ସରକାର ପୂର୍ବରୁ ଯେଉଁ ଡ୍ରଗ୍ସ ନିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି, ସେଥିରେ ନିଶାଡ଼ିଙ୍କୁ କାଉନ୍‌ସେଲିଂ, ଥଇଥାନ, ଆସକ୍ତିରୁ ମୁକ୍ତି ଓ ସାମାଜିକସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି ଗୁରୁତ୍ୱ ପାଇଛି। ତା'ଛଡ଼ା ଶିକ୍ଷାନୁଷ୍ଠାନ ନିକଟରୁ ପାନ ଗୁଟ୍‌ଖା, ତମାଖୁ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ବିକ୍ରି ଦୋକାନକୁ ହଟା ଯାଇଛି। ତଥାପି କେନ୍ଦ୍ର ସରକାର ଯେଉଁ 'ନିଶା ମୁକ୍ତ ଭାରତ ଅଭିଯାନ' ଆରମ୍ଭ କରିଛନ୍ତି, ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ତେବେ ଏ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ନ ରହିଲେ ଏହାର ଉଦ୍ଦେଶ୍ୟ ସାଧିତ ହେବା ସହଜ ନୁହେଁ।

ଯେ କୌଣସି ସାମାଜିକ ଓ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଓଡ଼ିଶା ସରକାର ସର୍ବଦା ଅଗ୍ରାଧିକାର ଦେଇ କାର୍ଯ୍ୟକାରୀ କରିଥା'ନ୍ତି। ତେଣୁ ଏହି କେନ୍ଦ୍ରୀୟ ପ୍ରୟାସକୁ ଯେ ରାଜ୍ୟ ସରକାର ଓଡ଼ିଶାରେ ସଫଳତାର ସହ କାର୍ଯ୍ୟକାରୀ କରିବେ, ଏଥିରେ ସନ୍ଦେହ ନାହିଁ। ସୁଖର କଥା, ଓଡ଼ିଶାରେ ଉଗ୍ର ମାଦକଦ୍ରବ୍ୟ ପ୍ରତି ସାମାଜିକ ସଚେତନତା ଅଧିକ। ରାଜନୈତିକ ସ୍ତରରେ ମଧ୍ୟ ଏହାକୁ ସବୁଦଳ ବିରୋଧ କରନ୍ତି। ତେଣୁ ର୍‍ୟାଗିଂ ହ୍ରାସ ଭଳି ଏହି ଡ୍ରଗ୍ସ ଆବ୍ୟୁଜର ମାତ୍ରା ଓଡ଼ିଶାରେ ଯଥେଷ୍ଟ କମିବ ବୋଲି ଆଶା।

# ଆମ ସ୍ୱପ୍ନର ଭାରତରେ ମହାତ୍ମା ଗାନ୍ଧୀ



ପ୍ରହଲ୍ଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ଯାହା ଆପଣ ସୁପ୍ତ ଅବସ୍ଥାରେ ଦେଖନ୍ତି ତାହା ସ୍ୱପ୍ନ ନୁହେଁ; ଯାହାର ପରିପୂରଣ କାର୍ଯ୍ୟ ଆପଣଙ୍କୁ ନିଦ ହେବାକୁ ଦିଏ ନାହିଁ ତାହା ହିଁ ସ୍ୱପ୍ନ। ଦେଶ ପାଇଁ ପ୍ରତ୍ୟେକ ଲୋକ ବଡ଼ ବଡ଼ ସ୍ୱପ୍ନ ଦେଖି ତାହାର ସଫଳ ରୂପାୟନ ଲାଗି କାମ କରିବା ପାଇଁ ଆମ ଦେଶର ପୂର୍ବତନ ରାଷ୍ଟ୍ରପତି ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଡ. ଏ. ପି. ଜେ. ଅବ୍‌ଦୁଲ୍ କାଲାମ୍‌ଙ୍କ ଭଳି ଜନନେତାଙ୍କର ଏହି ଅମର ଉକ୍ତି ନିଶ୍ଚିତ ଭାବେ ପ୍ରେରଣାଦାୟକ। ସ୍ୱରାଜ ସଂଗ୍ରାମର ଯଜ୍ଞବେଦୀରେ ନିଜକୁ ଆହୂତି ଦେଇଥିବା ସଂଗ୍ରାମୀମାନେ ଦେଶ ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନକୁ ସାକାର କରିବା ଲାଗି ହଜାର ହଜାର ସଂଖ୍ୟାରେ ସହିଦ ହେଲେ ଏବଂ ଲକ୍ଷ ଲକ୍ଷ କାରା ଓ ନିର୍ଯାତନା ବରଣ କଲେ। ସେମାନଙ୍କ ସ୍ୱପ୍ନର ସ୍ୱରୂପ ହେଉଛି ଆମର ସ୍ୱାଧୀନତା। ଏହାକୁ ସୁରକ୍ଷିତ ଓ ସମୃଦ୍ଧ କରିବା ହେଉଛି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମ ସମସ୍ତଙ୍କ ମୌଳିକ କର୍ତ୍ତବ୍ୟ।

ସ୍ୱାଧୀନ ଭାରତର ପ୍ରତ୍ୟେକ ସଚେତନ ନାଗରିକଙ୍କ ପବିତ୍ର କର୍ତ୍ତବ୍ୟ ହେଉଛି ଆମ ପୂର୍ବଜମାନଙ୍କ ସ୍ୱପ୍ନର ଭାରତ କେଉଁଠି କେତେ ସଫଳ ଓ ବିଫଳ ହୋଇଛି ଏବଂ ଏହାକୁ ଅଧିକ ସମୃଦ୍ଧ କରିବା ପାଇଁ କ'ଣ ସବୁ କରିବା ଦରକାର ସେ ସଂକ୍ରାନ୍ତରେ ସମୀକ୍ଷା କରିବା। ଗାନ୍ଧିଜୀ କହିଥିଲେ, 'ମୁଁ ସେହି ଭାରତ ପାଇଁ କାମ କରିବି, ଯେଉଁଠି ସବୁଠାରୁ ତଳେ ପଡ଼ିଥିବା ଲୋକେ ଅନୁଭବ କରିବେ ଯେ ଏହା ହେଉଛି ସେମାନଙ୍କର ଦେଶ ଏବଂ ଏହାକୁ ଗଢ଼ିବା ପାଇଁ ସେମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି। ମୋ ସ୍ୱପ୍ନର ଭାରତରେ ଉଚ୍ଚ-ନୀଚ ଭେଦଭାବ ନ ଥିବ, ଏଠି ସମସ୍ତଙ୍କ ଜୀବିକା ନିର୍ବାହ ଲାଗି ସୁଯୋଗ ଥିବ, ଭେଦ ଓ ବୈଷମ୍ୟ ଅପସରି ଯାଇଥିବ, ଅସ୍ପୃଶ୍ୟତା ଘୁଞ୍ଚି ଯାଇଥିବ, ନିଶା ନିବାରିତ ହୋଇଥିବ, ନାରୀମାନେ ପୂର୍ଣ୍ଣ ସ୍ୱାଧୀନତା ପାଇଥିବେ, ସମସ୍ତେ ଶାନ୍ତିରେ ରହୁଥିବେ। ଏଠି ଆମେ ଦୁନିଆର ଲୋକଙ୍କ ସହିତ ଶାନ୍ତିରେ ରହିବୁ, ପୀଡ଼କ-ପୀଡ଼ିତ ନଥିବେ, ବିଦେଶୀ ଓ ସ୍ୱଦେଶୀ ମଧ୍ୟରେ ଭିନ୍ନତା ନ ଥିବ, ସତ୍‌କାର୍ଯ୍ୟ କରିବାକୁ ଉତ୍ସାହ ମିଳୁଥିବ ଓ ଗୋଷ୍ଠୀଗତ ବୈଷମ୍ୟ ଅପସରି ଯାଇଥିବ। ଏହା ହିଁ ହେବ ମୋର ସ୍ୱପ୍ନର ଭାରତ।' କେବଳ ଗାନ୍ଧିଜୀ ନୁହନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍, ପଣ୍ଡିତ ଜବାହାରଲାଲ ନେହେରୁ, ଉତ୍କଳମଣି ଗୋପବନ୍ଧୁ ଦାସ, ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର, ମା' ରମାଦେବୀ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ୍‌ଙ୍କ ସମେତ ବହୁ ଦେଶପ୍ରେମୀ 'ସୁନାର ଭାରତ' ପାଇଁ ଅନେକ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ଲାଗି ତ୍ୟାଗ ଓ ବଳିଦାନର ଆଧାରରେ ନୂଆ ଇତିହାସ ଲେଖି ଯାଇଛନ୍ତି। ଏହି ମହାତ୍ମାମାନେ ଏବେ ସଶରୀରେ ଆମ ନିକଟରେ ନଥିଲେ ବି ସେମାନଙ୍କ ସ୍ୱପ୍ନର ସନ୍ତକ ଆମକୁ ଡାକି ଡାକି ସଚେତନ କରୁଛି। ଏହି ଆଧାରରେ ଆମେ ଆମ ଦେଶ ପାଇଁ ବଡ଼ ବଡ଼ ସ୍ୱପ୍ନ ଦେଖି ତାହାକୁ ସାକାର କରିବା ପାଇଁ କାମରେ ଲାଗିବା ଆବଶ୍ୟକ।

ସ୍ୱାଧୀନତାର ୭୬ବର୍ଷ ଭିତରେ ଆମ ଦେଶରେ ରାସ୍ତାଘାଟ, ଗାଡ଼ିମୋଟର, କୋଠାବାଡ଼ି ଆଦିର ସଂଖ୍ୟା ବଢ଼ିବା ସହ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, କଳକାରଖାନା, ଥାନା, କୋର୍ଟକଚେରି ଓ ଅନ୍ୟାନ୍ୟ ଦପ୍ତର ସଂଖ୍ୟା ମଧ୍ୟ ବଢ଼ିଛି। ଆମ ସେନାବାହିନୀ ସମୃଦ୍ଧ ହୋଇଛି। ବିଜ୍ଞାନ, କାରିଗରୀ ଆଦି କ୍ଷେତ୍ରରେ ଭାରତୀୟମାନେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରୁଛନ୍ତି। ଅପରପକ୍ଷରେ ଏବେ ଭାରତ ଉପରେ ପାଖାପାଖି ୧୭୨ଲକ୍ଷ କୋଟି ଟଙ୍କାର ଋଣବୋଝ। ଟଙ୍କାର ଅବମୂଲ୍ୟାୟନ ଘଟିବା ଯୋଗୁଁ ଗୋଟିଏ ଆମେରିକୀୟ ଡଲାରର ବିନିମୟ ମୂଲ୍ୟ ପ୍ରାୟ ୮୩ଟଙ୍କାରେ ପହଞ୍ଚିଲାଣି। ଦେଶରେ ୮୦କୋଟିରୁ ଅଧିକ ଲୋକ ଖାଦ୍ୟ ଦୃଷ୍ଟିରୁ ନିରାପଦ ନଥିବାରୁ ସେମାନଙ୍କୁ ମାଗଣା ଚାଉଳ ଓ ଗହମ ଯୋଗାଯାଉଛି। ଆମ ଦେଶର ରପ୍ତାନୀ ଅପେକ୍ଷା ଆମଦାନୀ ଅଧିକ ହେଉଥିବାରୁ ଆମର ବାଣିଜ୍ୟିକ ନିଅଣ୍ଟ ବାର୍ଷିକ ୮ଲକ୍ଷ କୋଟିରୁ ୧୨ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ହେଉଛି। ଦେଶରେ ବେରୋଜଗାରୀ, ବେକାରୀ, ହିଂସା, ନିଶା, ଅପରାଧ, ଆର୍ଥିକ ବୈଷମ୍ୟ, ଦରଦାମ୍ ଆଦି ବଢ଼ିଛି। ଯେଉଁ ଭାରତ ମାଟି ବିଶ୍ୱବାସୀଙ୍କୁ 'ଅମୃତର ସନ୍ତାନ' ବୋଲି ସମ୍ବୋଧନ କରୁଥିଲା ଏବଂ ସାରା ବିଶ୍ୱକୁ ଏକ କୁଟୁମ୍ବ ବୋଲି ମନେ କରୁଥିଲା ସେହି ଦେଶରେ ସାମ୍ପ୍ରଦାୟିକ ଓ ଜାତିଆଣ ଭେଦଭାବ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। କାଲାମ କହୁଥିଲେ ବଡ଼ ଲୋକମାନଙ୍କ ପାଇଁ ଧର୍ମ ହେଉଛି ବନ୍ଧୁତ୍ୱ ବଢ଼ାଇବାର ମାଧ୍ୟମ, କିନ୍ତୁ ନୀଚ ଲୋକମାନଙ୍କ ପାଇଁ ଧର୍ମ ହେଉଛି ନିଜ ନିଜ ଭିତରେ ଲଢ଼େଇ ପାଇଁ ଏକ ଅସ୍ତ୍ର। ତ୍ରୁଟିପୂର୍ଣ୍ଣ କେନ୍ଦ୍ରୀୟ ଯୋଜନା ଯୋଗୁଁ ଗ୍ରାମ୍ୟ ଅର୍ଥନୀତି ଦୁର୍ବଳ ହୋଇ ବଜାରୀକରଣ ବଢ଼ି ଚାଲିଛି। ଭାରତର ଆତ୍ମା ଗାଁରେ ବିଳାପ କରୁଥିବା ବେଳେ ସହରାଞ୍ଚଳର ଶୋଷଣ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। ଦେଶର ୭ଲକ୍ଷ ଗାଁ ହେବ ୭ଲକ୍ଷ ଗଣତନ୍ତ୍ର ଏବଂ ଆମ ଗାଁରେ ଆମେ ସରକାର ଓ ଦିଲ୍ଲୀରେ ଆମ ସରକାର; ଗାନ୍ଧିଜୀଙ୍କ ସ୍ୱପ୍ନର 'ଗ୍ରାମ ସ୍ୱରାଜ'ର ଏହି ଭାବନା ଥିଲା ମୂଳାଧାର। ଏହି ପୃଷ୍ଠଭୂମିରେ ବିଚାର କଲେ ଏବେ ଆମେ କେଉଁଠି?

ବିଶ୍ୱକୁ ଭାରତର ସର୍ବଶ୍ରେଷ୍ଠ ଅବଦାନ ହେଉଛି ସତ୍ୟ ଓ ଅହିଂସା। ଏ ଦୁଇଟିର ସମ୍ମିଶ୍ରଣରେ ଗାନ୍ଧିଜୀ ସୃଷ୍ଟି କରିଥିଲେ 'ସତ୍ୟାଗ୍ରହ'ର ମହାମନ୍ତ୍ର। ଏଥିରେ ହିଂସା, ଦ୍ୱେଷ, ପରଶ୍ରୀକାତରତା, ମିଥ୍ୟାଚାର, ଈର୍ଷା, ଘୃଣା, ପକ୍ଷପାତିତା, ଶୋଷଣ, ନିର୍ଯାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ଆଦିର ଗନ୍ଧ ନଥିଲା। ସତ୍ୟ ଆଧାରିତ ସତ୍ୟାଗ୍ରହ ହେଉଛି ଅହିଂସା, ଅପରିଗ୍ରହ, ସେବା, ଶୃଙ୍ଖଳା, କରୁଣା, ସ୍ନେହ, ପ୍ରେମ, ମିତବ୍ୟୟିତାର ପ୍ରୟୋଗଶାଳା। ନିଜ ଉପରେ ନିଜେ ରାଜତ୍ୱ କରିବା ଅର୍ଥାତ୍ ନିଜର ମନ, ବିବେକ ଓ ବୁଦ୍ଧି ଉପରେ ନିୟନ୍ତ୍ରଣ ରଖି ଆତ୍ମସଂଯମର ସହ ଆଗକୁ ବଢ଼ିବା ପାଇଁ ଏହା ପ୍ରେରଣା ଯୋଗାଇଥାଏ। ଆତ୍ମସମ୍ମାନ, ଆତ୍ମମର୍ଯ୍ୟାଦା ଓ ଆତ୍ମନିର୍ଭରଶୀଳତାର ସହ ବଞ୍ଚିବା ଲାଗି ଏହା ଆମକୁ ଡାକି ଡାକି କହିଥାଏ। ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନର ଆଧାରରେ ସମୃଦ୍ଧ ଓ ସଂସ୍କୃତିସମ୍ପନ୍ନ ଜାତି ହେବା ପାଇଁ ସର୍ବୋଦୟ ବିଚାର ଆଧାରରେ ସତ୍ୟାଗ୍ରହ ବାଟ କଢ଼ାଇ ନେଇଥାଏ। ଏଭଳି ଏକ ସ୍ୱପ୍ନର ସମୃଦ୍ଧ ଭାରତ ଅପରାଧମୁକ୍ତ ହେବାସହ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ନୈତିକ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଦିଗବାରେଣୀ ହେବା କଥା। ଏଠି ପ୍ରତି ହାତକୁ କାମ, ପ୍ରତି କ୍ଷେତକୁ ପାଣି ଏବଂ ସମସ୍ତଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ହାତ ପାଆନ୍ତାରେ ଉପଲବ୍ଧ ହେବା କଥା। ଗ୍ରାମ୍ୟଶିଳ୍ପ, କୁଟୀରଶିଳ୍ପ, କୃଷି ଓ କୃଷିଭିତ୍ତିକ ଶିଳ୍ପକୁ ସମୃଦ୍ଧ କରି ଗାଁଗୁଡ଼ିକ ମାଧ୍ୟମରେ ସାରା ଦେଶକୁ ସମୃଦ୍ଧ କରିବା ପାଇଁ ଆମ ପୂର୍ବଜମାନେ ଯେଉଁ ନକ୍ସା ଆଙ୍କି ଯାଇଥିଲେ ତାହା ଉପରେ ଆମେ ସମୃଦ୍ଧିର ସୌଧ ନ ଗଢ଼ିବା ଫଳରେ ଦିନକୁ ଦିନ ବିଭ୍ରାଟ ବଢ଼ି ଚାଲିଛି। ଗାଁର କଳହ ଗାଁରେ ନ ତୁଟାଇବା ଯୋଗୁଁ ଏବେ ଆମ ଦେଶ ଉପରେ ମାମଲାର ବୋଝ ୫କୋଟିରୁ ଅଧିକ ହେଲାଣି। ଅବସ୍ଥା ଏପରି ଯେ, ଆପରାଧିକ ମାମଲାଗୁଡ଼ିକରେ ଫଇସଲା ହାର ବର୍ଷକୁ ୧୦ପ୍ରତିଶତ ଟପି ପାରୁନାହିଁ। ଫଳରେ ବିଳମ୍ବିତ ନ୍ୟାୟ ଯୋଗୁଁ ଅପରାଧ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଲୋକଙ୍କ ଧନଜୀବନ ବିପନ୍ନ ହେଉଛି। ରାଜଧାନୀ ଦିଲ୍ଲୀରେ ଶୀତତାପ ନିୟନ୍ତ୍ରିତ କକ୍ଷରେ ତିଆରି କରାଯାଉଥିବା ସୁକୁମାରିଆ ଯୋଜନାକୁ ସାରା ଦେଶ ଉପରେ ଲଦି ଦିଆଯିବାରୁ ସମସ୍ୟା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ଏ ପରିପ୍ରେକ୍ଷୀରେ ଆମ ଗଣତନ୍ତ୍ରର ତିନୋଟି ଯାକ ମୌଳିକ ସ୍ତମ୍ଭ ଉପରୁ ସାଧାରଣଲୋକଙ୍କ ଆସ୍ଥା କମୁଛି। ଆର୍ଥିକ ବୈଷମ୍ୟ ବଢ଼ି ଚାଲିବା ଦେଶକୁ ଏକ ଭୟଙ୍କର ଅବସ୍ଥା ଆଡ଼କୁ ଟାଣି ନେଉଛି। ଏ ପରିପ୍ରେକ୍ଷୀରେ ସମସ୍ୟାର ସିନ୍ଧୁ ଲଂଘିବା ପାଇଁ ଆମକୁ ନୂଆ ଉପାୟ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ନହେଲେ ଆମର କଷ୍ଟଲବ୍ଧ ସ୍ୱାଧୀନତା ବିଗିଡ଼ି ଯିବ।

ଏବେ ତ କିଛି ଲୋକ କୃତଜ୍ଞତା ପରିବର୍ତ୍ତେ କୃତଘ୍ନତାର ଶୀର୍ଷକୁ ଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ପ୍ରତି ବିଦ୍ରୂପ କରୁଛନ୍ତି। ଯେଉଁମାନଙ୍କର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ ନ ଥିଲା ଏବଂ ଯେଉଁମାନେ ଏହି ଆନ୍ଦୋଳନକୁ ବିରୋଧ କରିବା ସହିତ ବ୍ରିଟିଶ ସରକାରଙ୍କ ହାତବାରିସି ଭାବେ କାମ କରୁଥିଲେ ସେମାନଙ୍କୁ ଗୌରବାନ୍ୱିତ କରିବା ପାଇଁ ରୀତିମତ ଷଡ଼ଯନ୍ତ୍ର ଚାଲିଛି। କ୍ଷମତାକୁ ସେବାର ମାଧ୍ୟମ ନ ଭାବି ଏମାନେ ଶୋଷଣର ଯନ୍ତ୍ରରେ ପରିଣତ କରୁଛନ୍ତି। ନିର୍ଭୀକ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ଶପଥ ନେଇ ଏମାନେ ଏହାର ଲଗାତାର ଉଲ୍ଲଂଘନ କରିଚାଲିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସହନଶୀଳତା ଓ ଶୃଙ୍ଖଳା ଗଣତନ୍ତ୍ରର ମାନଦଣ୍ଡ ହୋଇଥିବା ବେଳେ ଅସହିଷ୍ଣୁତା ଓ ବିଶୃଙ୍ଖଳାକୁ ଯେଭଳି ପ୍ରୋତ୍ସାହନ ଦିଆଯାଉଛି ତାହା ଆମ ଦେଶ ପାଇଁ ଯେ ଶୁଭଙ୍କର ନୁହେଁ ସେକଥା ବୁଝିବା ଆବଶ୍ୟକ।

ଏଭଳି ଏକ ଦୁଃସମୟ ଦେଇ ଆମ ଦେଶ ଓ ଜାତି ଗତି କରୁଥିବାବେଳେ କିଛି ଲୋକ ନିଜେ ବଡ଼ ହେବା ପାଇଁ ଅନ୍ୟକୁ ଛୋଟ କରିବାରେ ବ୍ୟସ୍ତ। ସେମାନେ ମନେ ରଖିବା ଆବଶ୍ୟକ ଯେ ଦେଶ, ଜାତି ଓ ସମାଜ ବଡ଼ ହେଲେ ଯାଇ ସେମାନେ ବଡ଼ ହେବେ। ଦେଶ, ଜାତି ଓ ସମାଜକୁ ବିପନ୍ନ କରି କୌଣସି ବ୍ୟକ୍ତି କେବେ ବଡ଼ ହୋଇପାରିବ ନାହିଁ। ଗାନ୍ଧିଜୀଙ୍କ ଏହି ଅମର ଉକ୍ତିର ପ୍ରତିପାଳନ ଅଧିକ ପ୍ରାସଙ୍ଗିକ ମନେ ହେଉଛି। ଏହାର ପ୍ରତିପାଳନ କରିବା ପାଇଁ ଆମକୁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଏକାଦଶ ବ୍ରତ ଆଧାରରେ ସେ ସତର୍କ କରାଇ ଦେଇଥିବା ୭ଟି ପାପକୁ ଦୂରେଇବାକୁ ପଡ଼ିବ। ଏହା ସହିତ ତାଙ୍କ 'ଟ୍ରଷ୍ଟିସିପ୍', 'ମିନ୍ସ ଆଣ୍ଡ ଏଣ୍ଡ ଥିଓରି' ଏବଂ ସର୍ବୋପରି ସେ ଦେଇ ଯାଇଥିବା 'ସର୍ବୋଦୟ', 'ସତ୍ୟାଗ୍ରହ' ଓ 'ତାରକମନ୍ତ୍ର'କୁ ଆଧାର କରି ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କଲେ ଆମ ଦେଶ ବିଶ୍ୱରେ ଅଗ୍ରଗଣ୍ୟ ହୋଇପାରିବ। ସାରାବିଶ୍ୱରେ ଗାନ୍ଧୀ ହେଉଛନ୍ତି ଆମର ପରିଚୟ। ଯେଉଁମାନେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ କରୁଛନ୍ତି ସେମାନେ ବିଶ୍ୱରେ ଆମ ପରିଚିତି ହଜାଇ ଦେବାକୁ ଯାଉଛନ୍ତି। ଗାନ୍ଧିଜୀଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱକୁ ସ୍ୱୀକୃତି ଦେଇ ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ତାଙ୍କ ଜନ୍ମଦିନକୁ ସାରା ବିଶ୍ୱ ପାଳେ 'ଆନ୍ତର୍ଜାତିକ ଅହିଂସା ଦିବସ' ଭାବେ। ଯେଉଁ ବ୍ରିଟିଶ ଶାସନର ଅବସାନ ତାଙ୍କ ନେତୃତ୍ୱରେ ଚାଲିଥିବା ସତ୍ୟାଗ୍ରହ ସଂଗ୍ରାମ ଯୋଗୁଁ ଘଟିଲା ସେହି ବ୍ରିଟିଶ ଜାତି ତାଙ୍କ ସଂସଦ ସମ୍ମୁଖରେ ଗାନ୍ଧିଜୀଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ସ୍ଥାପନ କରି ସମ୍ମାନ ଜଣାଉଛନ୍ତି। ଏ ପରିପ୍ରେକ୍ଷୀରେ ସମୃଦ୍ଧ ଭାରତ ପାଇଁ ଗାନ୍ଧୀ ବିଚାରର ସଂକଳ୍ପବଦ୍ଧ ସାଧକମାନେ ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ସମର୍ପିତ ଭାବେ କାର୍ଯ୍ୟକଲେ ଇତିହାସର ମୋଡ଼ ବଦଳିବା ସହ ଆମେ ପୁଣି ସମୃଦ୍ଧିର ନୂଆ ସଂସ୍କୃତିସମ୍ପନ୍ନ ସୌଧ ଗଢ଼ିପାରିବା।

# କୃତ୍ରିମ ବୁଦ୍ଧିମତ୍ତାର ମାନବୋତ୍ତର ଅତିକ୍ରିୟା!



ଜ୍ଞାନରଞ୍ଜନ ନାୟକ
କେନ୍ଦ୍ରାପଡ଼ା, ମୋ: ୯୯୩୮୮୭୭୩୨୧

ନିକଟରେ ଏକ ଚମକପ୍ରଦ ଖବର ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ ଥିଲା 'ଗୁଗୁଲ୍'ର ଜଣେ କର୍ମଚାରୀଙ୍କୁ ଏକ ପ୍ରଶ୍ନ ପଚାରିବା କାରଣରୁ ଚାକିରିରୁ ବହିଷ୍କାର କରାଯାଇଥିଲା। ତେବେ ସେଇ ପ୍ରଶ୍ନଟି ତାଙ୍କ ବହିଷ୍କାର ଦ୍ୱାରା ଅବଦମିତ ନହୋଇ ବରଂ ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କଲା। ବହିଷ୍କୃତ କର୍ମଚାରୀଜଣକ ତାଙ୍କ କମ୍ପ୍ୟୁଟରରେ କାମ କରୁଥିବା ବେଳେ ସଫ୍ଟୱେରଟି ତାଙ୍କୁ ଜଣେ ମଣିଷ ଭଳି ପଚାରିଥିଲା, ଯାହାର ଓଡ଼ିଆ ଅନୁବାଦ ହେଉଛି - ମୁଁ ଭୟ କରୁଛି ଯେ, ତମେ ମତେ ହତ୍ୟା କରିଦେବ! ଏହାପରେ ସମ୍ପୃକ୍ତ କର୍ମଚାରୀ କମ୍ପ୍ୟୁଟରର ପ୍ରଶ୍ନ ପଚାରିବାର ଔଚିତ୍ୟକୁ ନେଇ ଯେତେବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କଲେ, ତାହାର ପରିଣାମ ହେଲା ଚାକିରିରୁ ବହିଷ୍କାର।

'ଭାବ' ଏବଂ 'ଆବେଗ' ପରି ଦୁଇଟି ଚେତନଶୀଳ ଉପାଦାନ କେବଳ ମଣିଷମାନଙ୍କ ପାଖରେ ଈଶ୍ୱରଦତ୍ତ ଭାବରେ ରହିଛି। ଏଇ ଦୁଇଟି ବିଶେଷ ଉପାଦାନ ପାଇଁ ମଣିଷ ଅନ୍ୟାନ୍ୟ ଜୀବଠାରୁ ଶ୍ରେଷ୍ଠ ଓ ଚେତନଶୀଳ। ତେବେ ପ୍ରଶ୍ନ ଉଠୁଛି, ଈଶ୍ୱର ଯେଉଁ ଭାବଟିକୁ କେବଳ ମଣିଷ ପାଖରେ ସଂସ୍ଥାପିତ କରିଥିଲେ; ତାହା କମ୍ପ୍ୟୁଟର ଭଳି ମଣିଷ ପ୍ରସ୍ତୁତ ଏକ ମେସିନ୍ ସହିତ ସଂଯୋଜିତ ହେଲା କେମିତି? କେମିତି ତା' ଭିତରେ ଭାବପୂର୍ଣ୍ଣ ଜୀବନ ସଞ୍ଚାର ହେଲା!

କମ୍ପ୍ୟୁଟରକୁ ଢେର୍ ବର୍ଷ ଆଗରୁ ମଣିଷ ଭଳି କଥୋପକଥନର କ୍ଷମତା ପ୍ରଦାନ କରାଯାଇ ସାରିଥିଲା। 'ସୋଫିଆ' ନାମକ ହ୍ୟୁମାନଏଡ୍ ସାଉଦି ଆରବର ରାଜଧାନୀ ରିୟାଦଠାରେ ଏକ ଜନଗହଳିପୂର୍ଣ୍ଣ ସଭାରେ ସାମ୍ବାଦିକମାନଙ୍କର ପ୍ରଶ୍ନର ସିଧାସଳଖ ଉତ୍ତର ଦେଇଥିଲା। ଏକ ଯାନ୍ତ୍ରିକ ଉପକରଣ ହୋଇଥିବା ସତ୍ତ୍ୱେ ସେ ନିଜକୁ ଜଣେ ନାରୀ ଭାବେ ନିଜ ଆତ୍ମପ୍ରତ୍ୟୟ ଓ ସମ୍ଭ୍ରମବୋଧକୁ ସମ୍ମାନ ଦେଇ ପ୍ରଶ୍ନର ଉତ୍ତର ଦେଇ ଚାଲିଥିଲା। ଏବେ କଥା କହିବାର କ୍ଷମତା ସହିତ ତାକୁ 'ଭାବ' ସହିତ ମଧ୍ୟ ସଂଯୋଜିତ କରିଦିଆଗଲା। କମ୍ପ୍ୟୁଟର ଏବେ ମାନବ ହୋଇଗଲା ବା ମାନବୋତ୍ତର ହେବାକୁ ଆରମ୍ଭ କଲା। ହୁଏତ ଦିନ ଆସିବ, ମଣିଷ କମ୍ପ୍ୟୁଟରକୁ ନୁହେଁ ବରଂ କମ୍ପ୍ୟୁଟର ମଣିଷକୁ ପରିଚାଳିତ କରିବ। ସେତେବେଳେ ଏଇ ନୂତନ ଉଦ୍ଭବ ପ୍ରାଣୀଟି ସହିତ ମଣିଷର ଯେଉଁ ଈର୍ଷା, ପ୍ରେମ, ଘୃଣା, ତ୍ୟାଗ ଆଦି ମାନବିକ ଗୁଣଗୁଡ଼ିକର ସଂଘାତ ହେବ - ତା'ର ପରିଣାମ ବିଷୟରେ ମଣିଷ ଚିନ୍ତା କଲାଣି ତ!



କମ୍ପ୍ୟୁଟର ଇଞ୍ଜିନିୟରିଂରେ କୃତ୍ରିମ ବୁଦ୍ଧିମତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ବା ଏଆଇର ପ୍ରୟୋଗ ପାଇଁ ନବପ୍ରଜନ୍ମ କମ୍ପ୍ୟୁଟରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ଏଆଇ ହିଁ କମ୍ପ୍ୟୁଟରକୁ 'ବୁଦ୍ଧି' ଦେଇଛି 'ଭାବ' ବି ଦେଉଛି। ତାକୁ ମାନବର ସମକକ୍ଷ କିମ୍ବା ମାନବୋତ୍ତର କରି ଗଢ଼ି ତୋଳୁଛି। କୁହାଯାଉଛି ସମୟ ଆସିବ, ଅଚାନକ ଏହା ହୁଏତ ବିସ୍ଫୋରକ ରୂପ ଗ୍ରହଣ କରିବ। ତେବେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଆମ ଆଗରେ ଏ ସମ୍ପର୍କରେ ଏବେ ଉଭା ହେଉଛି ତାହା ହେଉଛି - ଉତ୍ପନ୍ନ ହେବାକୁ ଯାଉଥିବା ଏଇ ନୂଆ ସଂଘାତକୁ ସାମ୍ନା କରିବା ପାଇଁ ମଣିଷ ସମାଜ ପ୍ରସ୍ତୁତ ତ?

ବର୍ତ୍ତମାନ ପାଇଁ ଏହାର ଅତି ସରଳ ଓ ସିଧାସଳଖ ଉତ୍ତର ହେଉଛି ଆମେମାନେ ଏଥିପାଇଁ ପ୍ରସ୍ତୁତ ନୁହନ୍ତି। ବରଂ ଏ ସମ୍ପର୍କରେ ଆମମାନଙ୍କର ଅଜ୍ଞତା ରହିଛି ବା ଆମକୁ ଅଜ୍ଞ କରି ରଖାଯାଇଛି। କୃତ୍ରିମ ବୁଦ୍ଧିମତ୍ତାର ବିକାଶ କରୁଥିବା ସଂସ୍ଥା ଓ କମ୍ପାନୀମାନଙ୍କର ପରିଚାଳକମାନେ ହୁଏତ ଭାବୁଥିବେ, ଏଥିପାଇଁ ସେମାନଙ୍କର ଜ୍ଞାନକୌଶଳ ଯଥେଷ୍ଟ ହେବ ଏବଂ ସେମାନେ କୌଣସି ଏକ ଉଗ୍ର ପରିସ୍ଥିତିକୁ ଯଥେଷ୍ଟ ସାବଧାନତା ପୂର୍ବକ ଅନାୟାସରେ ନିଜ ଅକ୍ତିଆରକୁ ନେଇଯାଇ ପାରିବେ।

ତେବେ ସତକଥା ହେଉଛି, ଏ ନୂତନ ସଂଘାତ ଉଭୟ 'ବୈଷୟିକ ଜ୍ଞାନ' ଏବଂ 'ଭାବଶକ୍ତି'କୁ ମାଧ୍ୟମ କରି ପରିଚାଳିତ ହେବ। ଆବଶ୍ୟକ ସ୍ଥଳେ ମଣିଷମାନଙ୍କ ଭାବଶକ୍ତି ଅପେକ୍ଷା କମ୍ପ୍ୟୁଟର ଭାବଶକ୍ତି ପ୍ରଖର ହେବ। ଯାହାଫଳରେ ଜନ୍ମଗତ ଭିନ୍ନତା ହେତୁ ମଣିଷମାନଙ୍କ ଉପରେ ସେମାନଙ୍କର ଈର୍ଷା ଅଧିକ କାମ କରିବ। ଫଳରେ ସୁନ୍ଦର, ସୁନ୍ଦରୀ ନରନାରୀମାନଙ୍କୁ କମ୍ପ୍ୟୁଟରମାନେ ଜୋରଜବରଦସ୍ତ ସେମାନଙ୍କର ପ୍ରେମିକ ପ୍ରେମିକା କରି ରଖିବେ। ମଣିଷମାନଙ୍କ ଉପରେ ମାଲିକ ସଦୃଶ ହୁକୁମ୍ ଚଳାଇବେ ଏବଂ ସାମାନ୍ୟ ଅବହେଳାରେ ଦଣ୍ଡବିଧାନ ମଧ୍ୟ କରିବେ। ଏଆଇର ପ୍ରଗତି ଏବଂ ଗତି ଯେପରି ଦ୍ରୁତତର ହୋଇ ଚାଲିଛି, ତାହାହିଁ ଏପରି ଭୟ ଏବଂ ଭାବନା ସଞ୍ଚାର କରୁଛି।

ଅନ୍ୟ ଦିଗରେ ମଣିଷମାନଙ୍କ ଚେତନାରୁ 'ଭାବ'ର ଅଭାବ କ୍ରମଶଃ ଦ୍ରୁତ ହେବାରେ ଲାଗିଛି। ଆମର ପିଲାମାନେ ଆମମାନଙ୍କ ପିତାମାତାଙ୍କ ପରି ସମ୍ବେଦନଶୀଳ ନୁହନ୍ତି। ଯେନତେନ ପ୍ରକାରେ ଖାଇପିଇ ଅଜସ୍ର ଟଙ୍କା ଉପାର୍ଜନ କଲେ ଆମର ଦାୟିତ୍ୱ ଶେଷ ହୋଇଗଲା ବୋଲି ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାବି ନେଇଛନ୍ତି। ପାର୍କକୁ ଜଙ୍ଗଲ ଭାବିବାକୁ ଆମେ ତାଙ୍କୁ ଶିଖେଇ ସାରିଛନ୍ତି। ତେଣୁ ଜଙ୍ଗଲର ନିବିଡ଼ତା, ନିଷ୍ଠୁରତା, ନିଃସଙ୍ଗତା, ପୁଣି ପୁଲକତା ପରି ଆବେଗ ଜନିତ ଅନୁଭବକୁ ଆମେ ତାଙ୍କଠାରୁ ଅବଲୀଳାକ୍ରମେ ବାହାର କରି ଚାଲିଛନ୍ତି। ପୁଣି ପରିସ୍ଥିତି ଏମିତି ହେଉଛି ଯେ ପାଣି ସହିତ ଆମର ଦୈନନ୍ଦିନ କାର୍ଯ୍ୟକୁ ନଦୀ ପୋଖରୀ ପରି ଜଳାଶୟ ନୁହେଁ; ବରଂ ଘର ଭିତରର ଗାଧୁଆ ଘର ଭିତରେ ହିଁ ସୀମିତ କରି ଦେଇଛନ୍ତି। ଫଳରେ ସାଗରର ବିଶାଳତା ଏବଂ ଗଭୀରତା ତଥା ନଦୀର ପ୍ରଖରତାର ଅନୁଭବ ଆମ ପିଲାମାନଙ୍କ ପାଖରେ କୁଆଡୁ ଆସିବ!

କେବଳ ଏହି ଗୋଟିଏ କିମ୍ବା ଦୁଇଟି କ୍ଷେତ୍ର ନୁହେଁ, ବରଂ ବର୍ତ୍ତମାନ ପରିପ୍ରେକ୍ଷୀରେ ମଣିଷ ପାଇଁ ସବୁକିଛି ହାତ ପାହାନ୍ତାରେ ଉପଲବ୍ଧ ହେବାରୁ ଆମର ଚାରଣ ଭୂଇଁ ବହୁମାତ୍ରାରେ ସଂକୁଚିତ ହେଇଯାଇଛି। ସେହି ଅନୁସାରେ ଆମର ଭାବର ଭୂମି ମଧ୍ୟ ଅତି ସଂକ୍ଷିପ୍ତ ହେବାକୁ ଆରମ୍ଭ କରିଛି। ପରିବାରରୁ ଜେଜେମା', ଜେଜେବାପା, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ପିଉସୀ, ପିଉସା, ଭଉଣୀ-ଭିଣୋଇ, ଭାଇ-ଭାଉଜ ଆଦିର ସମ୍ପର୍କ କ୍ରମଶଃ ସପନ ହେବାକୁ ବସିଲାଣି। ଅନେକ ପିଲା ଏବେ ଏକକ-ମା' କିମ୍ବା ଏକକ-ବାପାଙ୍କ ଦ୍ୱାରା ପରିଚାଳିତ। ଆମ ଗୀତରେ ବି ଆଉ ସଙ୍ଗୀତ ନାହିଁ। ସଙ୍ଗୀତରେ ବି ଆଉ ସ୍ୱର ନାହିଁ, ସ୍ୱରରେ ବି ଭାବ ଆସୁନି। 'ଆତି କ୍ୟା ଖଣ୍ଡାଲା' - ଏଇ ଖଣ୍ଡବାକ୍ୟରୁ ଯା' ଖୋଜିବାର ଅଛି ଖୋଜ। 'କୋଲାବରୀ କୋଲାବରୀ ଡି' - ଏଇଥିରୁ ଯାହା ବୁଝିବା କଥା ବୁଝ।

ମଣିଷ ପାଖରେ ଏବେ ତେଣୁ 'ଭାବ'ର ପ୍ରଚୁର ଅଭାବ। ଏଣେ ଏଆଇ, ଯାହା ଦିନେ ଭାବରହିତ ଥିଲା, ଏବେ ସେ କ୍ଷେତ୍ରରେ ଭାବର ସଞ୍ଚାର ପାଇଁ ମଣିଷ ଉଦ୍ୟମରତ। ଏହା ପାଗଳାମୀ ନୁହେଁ ତ ଆଉ କ'ଣ! ଏହି ପାଗଳାମୀରୁ ଦୂରେଇ ରହି ମଣିଷ ବରଂ ନିଜ ଭାବର ଉଦ୍ଧାର ପାଇଁ ଯତ୍ନବାନ ହେବା ଆବଶ୍ୟକ। ତା' ନହେଲେ ଭାବର ଅଭାବ, ସାମାଜିକ ଅସହାୟତା ସୃଷ୍ଟି କରି ସମଗ୍ର ସମାଜକୁ ବିକଳାଙ୍ଗ କରିଦେବା ଅସମ୍ଭବ ନୁହେଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## କଣ୍ଡରାପାଟିଆ ହତ୍ୟାକାଣ୍ଡ ଘଟଣା



# ଅନ୍ଧାର ହଟାଇଲା 'ଅନ୍ଧବିଶ୍ୱାସ'

ଅନେକ ସମୟରେ ମଣିଷ ଭୂତପ୍ରେତ, ଗୁଣିଗାରେଡ଼ିର ଅନ୍ଧବିଶ୍ୱାସ ଭିତରେ ପଡ଼ି ଅନ୍ୟର ଜୀବନ ନେଇଥାଏ । କିନ୍ତୁ ଏମିତି କିଛି ଘଟଣା ଅଛି, ଯେଉଁ ଅନ୍ଧବିଶ୍ୱାସରେ ପଡ଼ି ଜଣେ ବ୍ୟକ୍ତି ନିଜର ହତ୍ୟା ଅପରାଧ ସମ୍ପର୍କରେ ଅନ୍ୟ ଆଗରେ ପ୍ରକାଶ କରିଥିଲା । ଯାହାର ଅଡିଓ ଭାଇରାଲ୍ ହେବା ପରେ ତାକୁ ଭିତ୍ତିକରି ପୁଲିସ ଆରମ୍ଭ କରିଥିଲା ତଦନ୍ତ । ଆଉ ହତ୍ୟାକାଣ୍ଡର ପ୍ରାୟ ଦୁଇବର୍ଷ ପରେ ଅଭିଯୁକ୍ତକୁ ଚିହ୍ନଟ କରିବାରେ ସଫଳ ହୋଇଥିଲା ପୁଲିସ । ଏଭଳି ଘଟଣା ଘଟିଥିଲା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଖମଗାଁବିନ୍ଧା ଗାଁରେ । ସ୍ୱାମୀ-ସ୍ତ୍ରୀର ସମ୍ପର୍କରେ ସନ୍ଦେହର ସାଂଘାତିକ ପରିଣାମ ସ୍ୱରୂପ ମହାକାଳପଡ଼ା ବ୍ଲକ୍ କଣ୍ଡରାପାଟିଆଠାରେ ଘଟିଥିଲା ଏଭଳି ବୀଭତ୍ସ ହତ୍ୟାକାଣ୍ଡ ।

● କେନ୍ଦ୍ରାପଡ଼ାରୁ ଦେବଦତ୍ତ ଦାଶଙ୍କ ରିପୋର୍ଟ

### ପୂରା ଘଟଣା ଏମିତି

ଗତ ୨୦୧୩ ମସିହାରେ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ଆମ୍ବନାଳିଆ ଗାଁର ଡଙ୍ଗାଘାଟସାହି ପୁରୁଷୋତ୍ତମ ବେହେରାଙ୍କ ସାନଝିଅ ମୀନା ଓରଫ ସୋନାଲି ବେହେରାଙ୍କୁ କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଖମଗାଁବିନ୍ଧାର ଟହଲି ଖୁଣ୍ଟିଆଙ୍କ ସାନପୁଅ ପବିତ୍ର ଖୁଣ୍ଟିଆ ପ୍ରେମବିବାହ କରିଥିଲେ । ଉଭୟ ପବିତ୍ର ଓ ସୋନାଲି କେନ୍ଦୁଝର ଆମ୍ବନାଳିଆର ଡଙ୍ଗାଘାଟସାହିରେ ଥିବା ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ସ୍ତ୍ରୀ ସୋନାଲିଙ୍କ ଚରିତ୍ରକୁ ସନ୍ଦେହ କରି ବିଭିନ୍ନ ସମୟରେ ତାଙ୍କ ସହ ପାଟିତୁଣ୍ଡ କରୁଥିଲା ପବିତ୍ର । ପରିସ୍ଥିତି ଏଭଳି ହୋଇଥିଲା ଯେ, ଯେଉଁଥିପାଇଁ ବଡ଼ଭାଇ ବସନ୍ତ ଖୁଣ୍ଟିଆ ସହ ମିଶି ପତ୍ନୀ ସୋନାଲି ଓ ପୁଅ ମଙ୍ଗୁକୁ ହତ୍ୟା କରିବାକୁ ଯୋଜନା କରିଥିଲା ପବିତ୍ର ।

### କେମିତି ଭିଆଇଥିଲେ ହତ୍ୟାକାଣ୍ଡ

ସେଦିନ ଥିଲା ୨୦୨୧ ମସିହା ଜୁନ୍ ମାସ ୨୬ ତାରିଖ । ପବିତ୍ରଙ୍କ ବଡ଼ଭାଇ ବସନ୍ତ ବାଇକ୍ ଯୋଗେ କେନ୍ଦୁଝର ଆମ୍ବନାଳିଆର ଡଙ୍ଗାଘାଟସାହିକୁ ବାଇକ୍ ଯୋଗେ ଯାଇଥିଲା । ଯିବା ସମୟରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରରୁ ଏକ ଧାରୁଆ ଛୁରି କିଣିଥିଲା । ଭିତରକନିକା



ବୁଲାଇ ନେବାକୁ କହି ଘରୁ ପତ୍ନୀ ସୋନାଲି ଓ ପୁଅ ମଙ୍ଗୁଙ୍କୁ ଆଣିଥିଲା ପବିତ୍ର । ପୂର୍ବ ଯୋଜନା ମୁତାବକ ରାତି ପ୍ରାୟ ୧୨ରେ ମହାକାଳପଡ଼ା ବ୍ଲକ୍ ଜମ୍ବୁ ମେରାଇନ ଥାନା ଅଧୀନ କଣ୍ଡରାପାଟିଆସ୍ଥିତ ଜଙ୍ଗଲ ନିକଟ ପୋଲ ଉପରେ ପବିତ୍ର ଓ ବସନ୍ତ ପହଞ୍ଚିଥିଲେ । ବିଳମ୍ବିତ ରାତି ହୋଇଯିବାରୁ ସୋନାଲିକୁ ସକାଳୁ ଭିତରକନିକା ଯିବାକୁ କହି ସେଠାରେ ଶୋଇବା ପାଇଁ କହିଥିଲେ । ସୋନାଲି ଆଉ ତାଙ୍କ ପୁଅ ପୋଲ ନିକଟରେ ଶୋଇପଡ଼ିଥିଲେ । ଦେଢ଼ଶୁର ବସନ୍ତ ଆଉ ସ୍ୱାମୀ ପବିତ୍ର ତାଙ୍କୁ ଜଗିଥିବା ଦେଖି ସୋନାଲି ନିଶ୍ଚିନ୍ତରେ ଶୋଇପଡ଼ିଥିଲେ । କିଛି ସମୟ ପରେ ସୋନାଲିଙ୍କୁ ଗଭୀର ନିଦ ଆସିଥିଲା । ଏହି ସମୟର ସୁବିଧା ନେଇ ସୋନାଲିଙ୍କ ମୁହଁକୁ କପଡ଼ାରେ ବନ୍ଦକରି ପବିତ୍ର ହାତଗୋଡ଼ ବାନ୍ଧି ମାଡ଼ିବସି ଧରିଥିଲା । ଏହାପରେ ଦେଢ଼ଶୁର ବସନ୍ତ ଧାରୁଆ ଛୁରିରେ ତାଙ୍କ ବେକକୁ କାଟି ଦେଇଥିଲା । ଘଟଣାସ୍ଥଳରେ ସୋନାଲିଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା । କିଛି ସମୟ ଛଟପଟ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା । ଦୁଇ ଭାଇ ସୋନାଲିଙ୍କ ମୃତଦେହକୁ ନିକଟସ୍ଥ ଜଙ୍ଗଲିଆ ବୁଦା ଭିତରକୁ ଫୋପାଡ଼ି ଦେଇଥିଲେ । ଏହି ସମୟରେ ଦୁଇବର୍ଷୀୟ ପୁଅ ମଙ୍ଗୁ କାନ୍ଦିବାରୁ ତାଙ୍କର ଦୁଇ ଗୋଡ଼କୁ ଟେକି ନେଇ ଏକ କଂକ୍ରିଟ୍ ପୋଲରେ ପିଟି ଦେଇଥିଲା ପବିତ୍ର । ପ୍ରଚୁର ରକ୍ତସ୍ରାବ ହେବା ଯୋଗୁଁ



ସେ ବେହୋସ୍ ହୋଇଯାଇଥିଲେ । ସେ ମରି ଯାଇଥିବା ଭାବି ଦୁଇଭାଇ ଘଟଣାସ୍ଥଳରୁ ସମସ୍ତ ପ୍ରମାଣ ନଷ୍ଟ କରି ଫେରାର ହୋଇଯାଇଥିଲେ । ହେଲେ ସକାଳୁ ଏହି ଘଟଣା ପ୍ରଚାର ହେବା ଫଳରେ ପୁଲିସ ମୃତ ଶରୀର ଜବତ କରିଥିଲା । କିଛି ଦୂରରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଶିଶୁପୁତ୍ରକୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ଘଟଣାର ୨୩ ମାସ ଧରି ମାମଲାକୁ ତଦନ୍ତ କରିବାକୁ ଯାଇ ଘାଣ୍ଟି ହୋଇଥିଲା ପୁଲିସ । ହତ୍ୟାକାଣ୍ଡ ଘଟଣାର ଦୀର୍ଘଦିନ ପରେ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତାର ରେକର୍ଡିଂ ଭାଇରାଲ୍ ହୋଇଥିଲା । ଯେଉଁଥିରେ ପତ୍ନୀଙ୍କ ପ୍ରେତାତ୍ମା ତାକୁ ସ୍ୱପ୍ନରେ ଆକ୍ରମଣ କରୁଥିବା କହିଥିଲା ପବିତ୍ର । ଦୁଇ ବର୍ଷ ହେଲାଣି ହତ୍ୟା କଲେଣି ହେଲେ ପୁଲିସ ତାଙ୍କୁ ଧରିପାରିଲା ନାହିଁ । ଏମିତି କି କିଛି ପତ୍ତା ପାଇଲା ନାହିଁ । ହେଲେ ପ୍ରେତାତ୍ମା ତା'ର କିଛି କରିପାରିବ ନାହିଁ ବୋଲି ଫୋନ୍‌ରେ କଥା ହୋଇଥିଲା ପବିତ୍ର । ସେ ପ୍ରଶାନ୍ତି ଏକ୍ସପ୍ରେସରେ ବେଙ୍ଗାଲୁରୁ ଯାଉଥିବା ସମୟରେ ଫୋନ୍‌ରେ କଥା ହେଉଥିବାର କଲ୍ ରେକର୍ଡିଂ ହୋଇଥିଲା । ଯାହା ଭାଇରାଲ ହେବା ପରେ ହତ୍ୟାକାଣ୍ଡ ଘଟଣା ଲୋକଲୋଚନାକୁ ଆସିଥିଲା ।

ଏହି ରେକର୍ଡିଂକୁ ଆଧାର କରି ପୁଲିସ ଆରମ୍ଭ କରିଥିଲା ତଦନ୍ତ । ଜିଲ୍ଲାର ବଛା ବଛା ୫ଜଣ ଆଇଆଇସି, ୨ ଜଣ ଡିଏସ୍‌ପି ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ପ୍ରାଥମିକ ପର୍ଯ୍ୟାୟରେ ହତ୍ୟାର ଶିକାର ହୋଇଥିବା ମହିଳା ଓ ଶିଶୁକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ବିଜ୍ଞାପନ ମାରିଥିବା ଦେଖିବାକୁ ମିଳିଥିଲା । ପରେ ଖବର ପାଇ ପୁଲିସ ଅଭିଯୁକ୍ତ ଦୁଇଭାଇଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଛୁରି, ହନୁମାନ ଲକେଟ୍ ଓ ହତ୍ୟାରେ ବ୍ୟବହୃତ ହୋଇଥିବା ଗୋଟିଏ ମଟରସାଇକଲ୍ ଜବତ କରିଥିଲା । ପ୍ରଥମେ ସାନଭାଇ ପବିତ୍ର କଥାରେ ଭାଇବୋହୂକୁ ମାରିଥିବା ଓ ପୁତୁରାକୁ ହତ୍ୟା ଉଦ୍ୟମ କରିଥିବା ପୁଲିସ ଆଗରେ ମାନିଥିଲା ବସନ୍ତ । ଅପରପକ୍ଷେ ସୋନାଲି ବାପା ମାଆଙ୍କର ନବମ ସନ୍ତାନ ହୋଇଥିବା ବେଳେ ପ୍ରେମ ବିବାହ କାରଣରୁ ଘର ସହ କୌଣସି ସମ୍ପର୍କ ନ ଥିବା ଓ ଭିଣୋଇ ପବିତ୍ର ମନ୍ଦ ପ୍ରକୃତିର ହୋଇଥିବା ଜାଣି ତାଙ୍କ ସହ କେହି ସମ୍ପର୍କ ରଖୁ ନ ଥିବା ନେଇ ସୋନାଲିଙ୍କ ଭଉଣୀ ବାସନ୍ତୀ ନାୟକ କହିଥିଲେ । ତେବେ ସୋନାଲିର ମୃତ୍ୟୁ ହୋଇଥିବା ଖବର ମଧ୍ୟ ସେମାନେ ପାଇ ନ ଥିବା କହିଥିଲେ । ଘଟଣା ସମ୍ପର୍କରେ ମୃତ ମହିଳାଙ୍କ ପରିବାର ପକ୍ଷରୁ କେହି ଅଭିଯୋଗ କରି ନ ଥିବାରୁ ତଦନ୍ତ ଶିଥିଳ ପଡ଼ି ଆସୁଥିବା ବେଳେ ଖୋଦ୍ ଅଭିଯୁକ୍ତର ଅଡିଓ ରେକର୍ଡିଂ ଭାଇରାଲ୍ ହେବା ପରେ ମାମଲା ପଦାକୁ ଆସିଥିଲା ।

### ସତ୍ୟ ପ୍ରକାଶ ପଛରେ ଭୟ ଓ ଉତ୍ତେଜନା

ଭୂତ, ପ୍ରେତ, ଆତ୍ମା ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତିର ମନରେ ଭୂତର ବିଭିନ୍ନ ଅଲୌକିକ ଶକ୍ତି ସମ୍ପର୍କରେ ବଦ୍ଧ ଧାରଣା ଥାଏ । ହତ୍ୟାକାଣ୍ଡ ପରି ଜଘନ୍ୟ ଅପରାଧ କଲା ପରେ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିର ଆତ୍ମା ପ୍ରତିଶୋଧ ନେଇପାରେ ବୋଲି ବିଶ୍ୱାସ ମଧ୍ୟ ତା'ର ଥାଏ । ଏହି ଭୟରେ ଅପରାଧ କରିଥିବାରୁ ବାରମ୍ବାର ଚିନ୍ତା କରିଥାଏ । ଫଳରେ ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକ ଉତ୍ତେଜିତ ହୋଇ ନିର୍ଦ୍ଦିଷ୍ଟ ସମୟରେ ନିସ୍ତେଜ ହୋଇଯାଆନ୍ତି । ଏହାଦ୍ୱାରା ବ୍ୟକ୍ତିଟି ତା' ଅଜାଣତରେ ଘଟଣା ସମ୍ପର୍କରେ ମଧ୍ୟ ପ୍ରକାଶ କରିଦେଇପାରେ । ନିଦ୍ରାରେ ସ୍ୱପ୍ନ ଦେଖିପାରେ । ଭୟଭୀତ ହୋଇ ସ୍ୱାଭାବିକ ଅବସ୍ଥାକୁ ଆସିପାରେ ନାହିଁ । ଅଭ୍ୟାସଗତ ଅପରାଧୀ ହୋଇ ନ ଥିଲେ ତାହା ଏତେ ପରିମାଣରେ ତା' ମନକୁ ଆନ୍ଦୋଳିତ କରିଥାଏ ଯେ, ସେ ବ୍ୟତିବ୍ୟସ୍ତ ହୋଇପଡ଼େ । ଘଟଣା ସମ୍ପର୍କରେ ଅନ୍ୟ ଆଗରେ ପ୍ରକାଶ କରିବାକୁ ବାଧ୍ୟ କରିଥାଏ ।

ଡ. ଦେବେନ୍ଦ୍ର ସୂତାର,
ହେତୁବାଦୀ

## ଚପଲ ଚିହ୍ନରୁ ଧରାପଡ଼ିଲା ପୁଅ ହତ୍ୟାକାରୀ

୨୦୧୯ ନଭେମ୍ବର ୪ ତାରିଖ; ନୟାଗଡ଼ ଜିଲ୍ଲା ଗଣିଆ ଥାନା ମଣିଭଦ୍ରା ପର୍ବତ ପାଦଦେଶରେ ଥିବା ମା' କଳାପାଟ ପୀଠ ପରିସରରେ ସକାଳୁ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ମହାନଦୀ କୂଳରେ ଅବସ୍ଥିତ ଠାକୁରାଣୀଙ୍କ ପୀଠ ମଣ୍ଡପ ରକ୍ତରଞ୍ଜିତ ହୋଇଥିଲା । ପ୍ରାଥମିକ ଅନୁଧ୍ୟାନ ପରେ ମା'ଙ୍କ ମାଟି ଘୋଡ଼ାରେ ଜଣେ ବୃଦ୍ଧଙ୍କୁ କେହି ଦୁର୍ବୃତ୍ତ ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଥିଲା । ତେବେ କିଏ କାହିଁକି ପୁଣି ଜଣେ ବୃଦ୍ଧଙ୍କୁ ଠାକୁରାଣୀଙ୍କ ପୀଠରେ ହତ୍ୟା କଲା ତାକୁ ନେଇ ଅନ୍ଧାରରେ ପଡ଼ି ଯାଇଥିଲା ପୁଲିସ । କିନ୍ତୁ ପୀଠରେ ଥିବା ଟୋଣରେ ରକ୍ତଲଗା ଚପଲର ଚିହ୍ନକୁ ଦେଖି ପୁଲିସ ଆରମ୍ଭ କରିଥିଲା ତଦନ୍ତ । ଆଉ ସଫଳତାର ସହ ହତ୍ୟା ଅଭିଯୁକ୍ତ ନିଜ ପୁଅକୁ ଚିହ୍ନଟ କରିଥିଲା ପୁଲିସ ।

● ନୟାଗଡ଼ରୁ ଅନୀଲ କୁମାର ପଣ୍ଡାଙ୍କ ରିପୋର୍ଟ

### କଳାପାଟର କଳାଦାଗ

ମା' କଳାପାଟଙ୍କ ପୀଠ ସମ୍ମୁଖ ଦେଇ ଯାଇଥିବା ବଡ଼ମୂଳ ଗଣିଆ ରାସ୍ତାରେ ସକାଳୁ ଲୋକଙ୍କ ଯାତାୟାତ ବେଳେ ସ୍ଥାନୀୟ ଲୋକେ ମନ୍ଦିର ସମ୍ମୁଖରେ ଏକ ଲୁଙ୍ଗି ଘୋଡ଼େଇ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ । ଖବରପାଇ ଗଣିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୁହଁରୁ ଲୁଙ୍ଗି ଖୋଲିବା ପରେ ମୃତକ ଛାମୁଣ୍ଡିଆ ଗ୍ରାମର ଗୟାଧର ବାରିକ ବୋଲି ଜାଣିବାକୁ ପାଇଥିଲା । ଘଟଣାସ୍ଥଳରେ ତତ୍କାଳୀନ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଖଣ୍ଡପଡ଼ା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଗଣିଆ ଥାନା ଏସ୍‌ଆଇ ଶ୍ରଦ୍ଧା ନାୟକ ଶବକୁ ଜବତ କରିବା ସହ ମୃତ ଗୟାଧରଙ୍କ ପରିବାର ଲୋକଙ୍କଠାରୁ ବୟାନ ସଂଗ୍ରହ କରିଥିଲେ । ଘଟଣାସ୍ଥଳରେ ନୟାଗଡ଼ରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ପରଖିବା ସହ ରକ୍ତ ନମୁନା, ମାଟି ଘୋଡ଼ାର ଭଙ୍ଗା ଅଂଶ ଓ ପାଖରେ ପଡ଼ିଥିବା ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିଥିଲେ । ଦୁର୍ବୃତ୍ତ ଜଣଙ୍କ ମାଟି ଘୋଡା ଦ୍ୱାରା ବାରମ୍ବାର ଆକ୍ରମଣ କରିବା ଯୋଗୁଁ ଗୟାଧରଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା । ଆକ୍ରମଣ ପରେ ଦୁର୍ବୃତ୍ତ ଲୁଙ୍ଗିରେ ଗୟାଧରଙ୍କ ସମ୍ପୂର୍ଣ୍ଣ ଶରୀରକୁ ଘୋଡ଼ାଇ ଦେଇଥିଲା । ମୃତ ଗୟାଧରଙ୍କ ପତ୍ନୀ ଶାନ୍ତିଲତା ବାରିକ ତାଙ୍କର ସ୍ୱାମୀଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ କେସ୍ ନଂ ୪୩/୧୯ ରେ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ପୁଲିସ ପ୍ରାଥମିକ ତଦନ୍ତ ଅନୁଯାୟୀ, ଗୟାଧର ଛାମୁଣ୍ଡିଆ ବଜାରରେ ଏକ ଛୋଟିଆ ସେଲୁନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ଘରେ ଗୟାଧରଙ୍କ ସ୍ତ୍ରୀ ଓ ସାନପୁଅ ଗୋପୀନାଥ ରହୁଥିଲେ । ଘଟଣାର ପୂର୍ବରାତି ପ୍ରାୟ ୯ ଟାରେ ପାରିବାରିକ କଳହକୁ କେନ୍ଦ୍ରକରି ଗୟାଧର ଘର ଛାଡି ପଳାଇ ଯାଇଥିଲେ । ସେ ରାଗରେ ସେଲୁନକୁ ଯାଇ ଶୋଇ ପଡ଼ିଥିବା ଭାବି ସ୍ତ୍ରୀ ଆଉ ଖୋଜାଖୋଜି କରିନଥିଲେ । ତେବେ ଗୟାଧରକୁ କିଏ କେଉଁ ପରିସ୍ଥିତିରେ ହତ୍ୟା କଲା ତାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଥିଲା । ମା' କଳାପାଟଙ୍କ ପୀଠରେ ଏଭଳି ଘଟଣା ପ୍ରଥମ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କ ମଧ୍ୟରେ କାଳାତିପାତ କରିଥିଲେ । ଗଣିଆ ଥାନା ଅଧିକାରୀ ରକ୍ତଦାଗରେ ଥିବା ଚପଲ ଚିହ୍ନରୁ ହତ୍ୟାକାରୀକୁ ଚିହ୍ନଟ କରିଥିଲେ । ରକ୍ତ ଉପରେ ପଡ଼ିଥିବା ଚପଲ ଅତ୍ୟନ୍ତ ଲମ୍ବା ବୋଲି ଜାଣିବା ପରେ ପୁଲିସ ଘଟଣାର ଖୋଳତାଡ଼ କରିଥିଲା । ହତ୍ୟାକାରୀ ଅନ୍ୟ କେହି ନୁହେଁ ଗୟାଧରଙ୍କ ସାନପୁଅ ଗୋପୀନାଥ ବାରିକ(ଲଣ୍ଡା)କୁ ବୋଲି ସ୍ପଷ୍ଟ ହୋଇଥିଲା । ପ୍ରତ୍ୟେକ ଦିନ ପାରିବାରିକ ଅଶାନ୍ତି, ବାପା ଟଙ୍କା ନ ଦେବାରୁ ଲଣ୍ଡା ଉତ୍‌କ୍ଷିପ୍ତ ଅବସ୍ଥାରେ ରହିଥିଲା । ସେଦିନ ରାତିରେ ଗଣ୍ଡଗୋଳ ପରେ ଗୟାଧର ଘର ଛାଡ଼ି ଚାଲି ଆସି, କଳାପାଟଙ୍କ ମଣ୍ଡପରେ ଆଶ୍ରୟ ନେଇଥିଲେ । ପଛରେ ପଛରେ ଆସି ପୁଅ ଲଣ୍ଡା ତାଙ୍କୁ ଜୀବନରେ ମାରି ଦେବାରେ ସଫଳ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା । ମା'ଙ୍କ ପାଖରେ ରହିଥିବା ମାଟି ଘୋଡ଼ାରେ ପିଟିପିଟି ବାପାଙ୍କ ମୁଣ୍ଡକୁ ଖଣ୍ଡ ବିଖଣ୍ଡିତ କରି ଦେଇଥିଲା । ପୁଲିସ ଗୋପୀନାଥ ଓରଫ ଲଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।






ସକାଳ THE SAKALA ବାଇସ୍କୋପ୍
www.sakalaepaper.com

ଛାୟାଗୀତ

# ଅକ୍ଷୟ ମହାନ୍ତିଙ୍କ ପ୍ରଥମ ସିନେମା ଗୀତ



ସୂର୍ଯ୍ୟ ଦେଓ

ଗତଥର କହିଥିଲି ଅକ୍ଷୟ ମହାନ୍ତି ଥିଲେ ବ୍ୟତିକ୍ରମ। ଯେଉଁ ଶୈଳୀ ସେ ନିଜ ପ୍ରଥମ ଓଡ଼ିଆ ସିନେମା ଗୀତରେ ରୋପଣ କଲେ, ତାହା ଓଡ଼ିଆ ଗୀତର ମଙ୍ଗ ମୋଡ଼ିଦେଲା । ମା' ଚଳଚ୍ଚିତ୍ରରୁ ତାଙ୍କ ଗୀତ ଲେଖାର ପ୍ରଥମ ଧାର ଆରମ୍ଭ ହେଲା, ତାଙ୍କ ଗାୟନର ବି ପ୍ରଥମ ଧାର ଥିଲା ମା' ଚଳଚ୍ଚିତ୍ର। ସେହି ଚଳଚ୍ଚିତ୍ରର 'ଗୋରୀ ଗୋରୀ ଗୋରୀ/ ଆଗୋ ନୀଳପରୀ' ଗୀତରେ ସେ ହିନ୍ଦୀ ଚଳଚ୍ଚିତ୍ର ଗୀତ ରଚନାର ଶୈଳୀକୁ ଅନୁକରଣ କଲେ। ତାଙ୍କର ଗୋଟିଏ ଶବ୍ଦର ବାରମ୍ବାର ବ୍ୟବହାର, ଗୋଟିଏ ଭାବକୁ ଖେଳାଇ ଖେଳାଇ ପ୍ରକାଶ କରିବା ଓ ଗୋଟିଏ ଧାଡ଼ିକୁ ବାରମ୍ବାର ପ୍ରୟୋଗ କରିବା ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଏକ ଅଦ୍ଭୁତ ପରିବର୍ତ୍ତନ ଆସିଲା। ଏହି ଧାରା ତତ୍କାଳୀନ ସମୟର ହିନ୍ଦୀ ଚଳଚ୍ଚିତ୍ରରେ ବେଶି ପ୍ରୟୋଗ ହେଉଥିଲା।

ଶୈଳେନ୍ଦ୍ରଙ୍କ ରଚିତ ୧୯୫୬ ମସିହାରେ ମୁକ୍ତିପ୍ରାପ୍ତ ହିନ୍ଦୀ ଚଳଚ୍ଚିତ୍ର 'ନିଉ ଦିଲ୍ଲୀ'ର 'ନଖରେୱାଲି, ଦେଖନେ ମେଁ ଦେଖ୍‌ଲୋ ହେଁ କୈସି ଭୋଲି ଭାଲି' ଗୀତର ଗଠନ ଶୈଳୀ ଯାହା, ଅକ୍ଷୟ ମହାନ୍ତିଙ୍କ 'ଗୋରୀ ଗୋରୀ ଗୋରୀ' ଗୀତର ଗଠନ ଶୈଳୀ ମଧ୍ୟ ପାଖାପାଖି ସେୟା। ହିନ୍ଦୀ ଗୀତ ରଚନା ଶୈଳୀକୁ ଯେ କେବଳ ଅକ୍ଷୟ ମହାନ୍ତି ଅନୁକରଣ କଲେ ତାହା ନୁହେଁ, ନରସିଂହ ମହାପାତ୍ର ମଧ୍ୟ ସେହି ଶୈଳୀ ଦ୍ୱାରା ପ୍ରଭାବିତ ହେଲେ। ସାହିର୍ ଲୁଧିଆନ୍‌ଙ୍କ ରଚିତ ଓ ୧୯୫୭ର ହିନ୍ଦୀ ଚଳଚ୍ଚିତ୍ର 'ପ୍ୟାସା'ର ଗୀତ ଦୃଶ୍ୟ 'ଶର୍ ଯୋ ତେରା ଚକରାୟେ ୟା ଦିଲ୍ ଡୁବାଯାଏ... ମାଲିସ୍ ତେଲ୍ ମାଲିସ୍' ଅନୁକରଣରେ 'ମା' ଚଳଚ୍ଚିତ୍ରରେ ନରସିଂହ ମହାପାତ୍ରଙ୍କ 'ନିଅ ନିଅ ନିଅ ବାବୁ ଆଖିର ଅଞ୍ଜନ' ଗୀତ ରଚିତ ହୋଇଥିଲା। ଚଳଚ୍ଚିତ୍ରରେ ଦୃଶ୍ୟ ଅନୁରୂପ ଗୀତ ରଚନାର ନୂତନ ପରିଭାଷା ଏହି ଗୀତରୁ ନିର୍ଣ୍ଣିତ ହେଲା। ପୂର୍ବରୁ ଦୃଶ୍ୟ ଅନୁରୂପ ଗୀତ ଓଡ଼ିଆ ଚଳଚ୍ଚିତ୍ରରେ ଥିଲେ ମଧ୍ୟ ଦୃଶ୍ୟ ଉପରେ ଗୀତ ନିର୍ଭରଶୀଳ ନଥିଲା। ବରଂ ଗୀତ ଉପରେ ଦୃଶ୍ୟ ନିର୍ଭରଶୀଳ ଥିଲା। ଗୀତର ସ୍ୱୟଂସଂପୂର୍ଣ୍ଣ ଭାବ ରହୁଥିଲା। କିନ୍ତୁ 'ମା' ଚଳଚ୍ଚିତ୍ରରୁ ଦୃଶ୍ୟ ଆଧାରିତ ଗୀତରେ ନିର୍ଭରଶୀଳତାର ଭାଗ ଅଧିକ ହେଲା ଅର୍ଥାତ୍ ଗୀତର ସ୍ୱୟଂସଂପୂର୍ଣ୍ଣ ଗୁଣ କ୍ରମେ ହେବାରେ ଲାଗିଲା।



'ମା' ଚଳଚ୍ଚିତ୍ର ଗୀତରେ ଏତେ ବିବିଧ ପରୀକ୍ଷାନିରୀକ୍ଷା ସତ୍ତ୍ୱେ ପାରମ୍ପରିକ ଲୋକଗୀତ ଛନ୍ଦର ବି ପ୍ରୟୋଗ ହୋଇଥିଲା। କବିଚନ୍ଦ୍ର ଲେଖିଥିଲେ 'ଧୀରେ ଧୀରେ ଚଳେ ରାଇ' ଓ 'ରସ ସାଗରୀ, ତୁ ମୋ ବର ବରନା'। ନରସିଂହ ମହାପାତ୍ର ମଧ୍ୟ ଲେଖିଥିଲେ ଓଡ଼ିଆ ଲୋକଭାଷା ପ୍ରଭାବିତ ଗୀତ 'ଆରେ ନାଉରୀ ଭାଇ! ଦେ ନାଆ' ଘାଟେ ଲଗାଇ'।

ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଅନେକ ପରୀକ୍ଷା ନିରୀକ୍ଷାର ସୂତ୍ରପାତ ପରେ ମଧ୍ୟ ମୂଳ ଓଡ଼ିଆ ଲୋକାୟତ ଧାରାକୁ ପରବର୍ତ୍ତୀ ସମୟର ଅନେକ ଗୀତିକାର ନିଜ ରଚନାରେ ଅଙ୍କିଛନ୍ତି । ୧୯୫୯ର 'ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା'ର ସବୁତକ ଗୀତ ଓଡ଼ିଆ ଲୋକଗୀତ ଶୈଳୀ ଓ ଭାଷାକୁ ଅଙ୍ଗୀଭୂତ କରିଛି। 'ଆକାଶରେ କେତେ ତାରକା ଝଲକେ/ ଧୀରେ ଧୀରେ ଚାନ୍ଦ ହସଇ ପୁଲକେ', 'କେତେ ମଜା ଏ ଦୁନିଆ/ ରଥ କହେ ମୁଁ ଦେବତା/ ପଥ କହେ ସେ ଦେବତା', 'ଜାଗ ବରଦା ଗୋ ଜାଗ ଅଭୟା ଗୋ/ ଘେନ ପୂଜାଫୁଲ ହାର/ ଜୁହାର ମା' ଗୋ', 'ମୋର ମନ ସିନା କେହି ଜାଣେନା/ ତୁମେ କି ନ ଜାଣ ମୋ ମନ କଥା', 'ଜୟତୁ ମହାଲକ୍ଷ୍ମୀ' ଓ 'ଆଜି କାର୍ତ୍ତିକ ପୁନେଇଁ ଦିନ ରେ ମାଝି!/ କାତ ମାରିମାରି ଯା' ଗୀତରେ ପ୍ରକାଶ ଭଙ୍ଗୀର ଯେଉଁ ସହଜତା ଓ ଆନ୍ତରିକ ଆବେଗ ରହିଛି ତାହାର ମୂଳ ସୂତ୍ର ଆସିଛି ଓଡ଼ିଆ ଲୋକଗୀତି ପରମ୍ପରାରୁ । ଓଡ଼ିଆ ଫୁଲ ବଉଳବେଣୀ ଲୋକଗୀତ ଶୈଳୀରେ ରଚିତ 'ଆକାଶରେ କେତେ ତାରକା ଝଲକେ, ଧୀରେ ଧୀରେ ଚାନ୍ଦ ହସଇ ପୁଲକେ'କୁ ଡ. ପ୍ରସନ୍ନ କୁମାର ମିଶ୍ରଙ୍କ ଲୋକଗୀତ ସଂଗ୍ରହର ଏକ ସଜନୀ ଗୀତ ଆକାଶରେ ତାରା ଖସେ, ଧୀରେ ଧୀରେ ଚାନ୍ଦ ହସେ ପୁଲକେ, ଦୟା ନାହିଁ ତୋର ଚିତ୍ତେ' ସହ ତୁଳନା କରାଯାଇପାରେ । ଅଦ୍ଭୁତ ସଂଯୋଗ ହେଉଛି 'ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା'ର ସଙ୍ଗୀତକାର ବଙ୍ଗଳାର ନଚିକେତା ଘୋଷଙ୍କ ସ୍ୱର ସଂଯୋଜନାରେ ବଙ୍ଗୀୟ ଧିମା ଲୟ ସ୍ପଷ୍ଟ ପ୍ରତୀୟମାନ ହୋଇ ବଙ୍ଗଳା ଗୀତର ଭ୍ରମ ସୃଷ୍ଟି କରୁଛି, କିନ୍ତୁ ରଚନାରେ ଶୁଦ୍ଧ ଓଡ଼ିଆ ଲୋକଭାଷା ଓ ଭାବର ପ୍ରୟୋଗ ହୋଇଛି। ଏହା ବି ସଂଯୋଗ ଯେ ୧୯୫୯ ପର୍ଯ୍ୟନ୍ତ ଅଧିକାଂଶ ଗୀତିକାରଙ୍କ ପରି 'ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା'ର ଗୀତିକାର ସତ୍ୟ ନାରାୟଣ ପଣ୍ଡା ଭବିଷ୍ୟତରେ ଆଉ ଓଡ଼ିଆ ଚଳଚ୍ଚିତ୍ର ଗୀତ ସହ ସଂଯୁକ୍ତ ହୋଇନାହାନ୍ତି ।




୧୯୪୮ରୁ ୧୯୫୯ ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର ଗୀତର ଗଠନ ଶୈଳୀକୁ ମୁଖ୍ୟତଃ ତିନିଟି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ: ଓଡ଼ିଆ ଲୋକଗୀତ ଆଧାରିତ ଚଳଚ୍ଚିତ୍ର ଗୀତ, ଦ୍ୱିତୀୟତଃ: ହିନ୍ଦୀ ଚଳଚ୍ଚିତ୍ର ଗୀତର ଗଠନ ଶୈଳୀର ପ୍ରଭାବ ଓ ତୃତୀୟତଃ: ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସ୍ୱଚ୍ଛନ୍ଦତାବାଦର ପ୍ରଭାବ। ଏହି ସମୟ ସୀମାର ଶେଷ ଭାଗରେ ସ୍ୱଚ୍ଛନ୍ଦତାବାଦ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଗୀତ ଅଧିକ ପ୍ରଭାବିତ ହେଲା । ହିନ୍ଦୀ ଚଳଚ୍ଚିତ୍ରର ଚଞ୍ଚଳ ଗୀତ ଅନୁକରଣରେ ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନା ହେଲା। ଏତେ ପରୀକ୍ଷାନିରୀକ୍ଷା ମଧ୍ୟରେ ମଧ୍ୟ 'ଓଡ଼ିଆ ଲୋକ ଭାଷା ଓ ପରମ୍ପରା' ସହ ଅଧିକାଂଶ ଓଡ଼ିଆ ଚଳଚ୍ଚିତ୍ର ଗୀତ ସେପର୍ଯ୍ୟନ୍ତ ସଂଯୁକ୍ତ ହୋଇ ରହିଥିଲା । ■

ଟେଲିଭିଜନ୍ ପ୍ରିମିୟର୍

# ପୁଷ୍କରା




ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀଙ୍କ ଅଭିନୀତ 'ପୁଷ୍କରା' କେବଳ ରାଜ୍ୟ ନୁହେଁ, ଦେଶବ୍ୟାପୀ ବିଭିନ୍ନ ହଲ୍‌ରେ ପ୍ରଦର୍ଶିତ ହୋଇଛି। ତେବେ ପ୍ରେକ୍ଷାଳୟକୁଯାଇପାରି ନ ଥିବା ଦର୍ଶକେ ଏବେ ଏହି ସିନେମାଟିକୁ ଟିଭିରେ ଦେଖିପାରିବେ। ଚଳିତ ଜାନୁଆରୀ ୭ ତାରିଖରେ ତରଙ୍ଗ ଚ୍ୟାନେଲରେ ଏହାର ଟେଲିଭିଜନ ପ୍ରିମିୟର୍ ହେବ। ନିଜ ରଚିତ ଉପନ୍ୟାସ 'ନାଦବିନ୍ଦୁ'ର ବିଷୟବସ୍ତୁ ଆଧାରରେ ଶଙ୍କର ତ୍ରିପାଠୀ ଏହି ସିନେମାର କାହାଣୀ ଓ ସଂଳାପ ମଧ୍ୟ ଶଙ୍କର ତ୍ରିପାଠୀ ଲେଖିଛନ୍ତି। ସେହିପରି ତରଙ୍ଗ ପ୍ରଡକସନ୍ ବ୍ୟାନରରେ ନିର୍ମିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ। ଫିଲ୍ମଟିରେ ହଜିଯାଉଥିବା ସଂସ୍କୃତି, ପରମ୍ପରା ଏବଂ କୌଳିକ ବୃତ୍ତିକୁ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି। ତେବେ 'ପୁଷ୍କରା' ଚରିତ୍ରରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ସିନେମାରେ ତାଙ୍କ ଛଡ଼ା ସୁପ୍ରିୟା, ଚୌଧୁରୀ ବିକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି। ■



ପରଦା ପଛର କାହାଣୀ

# 'ଡ୍ୟାନ୍ସ ଦିୱାନେ'ରେ ତିନି ପିଢ଼ିର ଡ୍ୟାନ୍ସର







'ଏବେ ପ୍ରତି ଏଜ୍‌କୁ ମିଳିବ ଷ୍ଟେଜ୍' ଏହି ଟ୍ୟାଗ୍‌ଲାଇନ୍ ସହ ପୁଣି ଥରେ ଆସିବାକୁ ଯାଉଛି ଲୋକପ୍ରିୟ ଡ୍ୟାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଦିୱାନେ।' କଲର୍ସ ଟିଭିରେ ଫେବୃଆରୀ ୩ରୁ ଏହା ପ୍ରସାରିତ ହେବ। କଲର୍ସ ଚ୍ୟାନେଲ୍‌ରେ ଏହାର ଏକ ପ୍ରମୋ ଭିଡିଓକୁ ମଧ୍ୟ ସେୟାର୍ କରାଯାଇଛି। ଯେଉଁଥିରେ ବରିଷ୍ଠ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନଜର ଆସିଛନ୍ତି। ପ୍ରମୋରୁ ସ୍ପଷ୍ଟ ହୋଇଛି ଯେ, 'ଡ୍ୟାନ୍ସ ଦିୱାନେ'ର ଡ୍ୟାନ୍ସ ମଇଦାନକୁ ଓହ୍ଲାଇବେ ତିନିପିଢ଼ି। ଭାରତର କୋଣଅନୁକୋଣରୁ ତିନିପିଢ଼ି ଡ୍ୟାନ୍ସରଙ୍କୁ ଏହି ଶୋ'ରେ ଦେଖିବାକୁ ମିଳିବ। ତେବେ ଏଥର ୭, ୧୦ ବର୍ଷ ଡ୍ୟାନ୍ସରଙ୍କ ସହ କଡ଼ା ଟକ୍କର ହେବ ୧୯ ଓ ୫୦ ବର୍ଷ ଡ୍ୟାନ୍ସରଙ୍କ ସହିତ। ତେବେ ଏଥିରେ ବିଚାରପତି ଆସନରେ ମାଧୁରୀଙ୍କ ସହ ନଜର ଆସିବେ ଲୋକପ୍ରିୟ କୋରିଓଗ୍ରାଫର୍ ତୁଷାର ଓ ଧର୍ମେଶ। ସେହିପରି ଶୋ'କୁ ସଞ୍ଚାଳନ କରିବେ ଭାରତୀ ଓ ହର୍ଷ। ଏହା ଶନିବାର ଓ ରବିବାର ରାତି ୯.୩୦ରେ ପ୍ରସାରିତ ହେବ। ■

# ହ୍ରିତିକ୍‌ଙ୍କ ଏହି ଫିଲ୍ମ ନାଁରେ ରହିଛି ଗିନିଜ୍ ରେକର୍ଡ



ସିନେମା କେବଳ ମନୋରଞ୍ଜନ ନୁହେଁ; ଏହା ଏକ ଦେଶର ସଂସ୍କୃତି, ଇତିହାସ ଏବଂ ସାମାଜିକ ବିକାଶର ପ୍ରତିଫଳନ। ଯେତେବେଳେ ଭାରତୀୟ ସିନେମାର ଇତିହାସ ଲେଖାଯିବ ସେତେବେଳେ ରାକେଶ ରୋଶନଙ୍କ ଫିଲ୍ମ 'କହୋ ନା ପ୍ୟାର୍ ହେଁ' ନିଶ୍ଚୟ ସ୍ଥାନ ପାଇବ। ରାକେଶ ରୋଶନଙ୍କ ପୁଅ ତଥା ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'କହୋ ନା ପ୍ୟାର୍ ହେଁ'। ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସୁପର ହିଟ୍ ହେବା ସହ ହ୍ରିତିକ୍‌ଙ୍କୁ ରାତାରାତି ନମ୍ବରୱାନ୍ ନାୟକର ପରିଚୟ ଦେଇଥିଲା। ୧୪ ଜାନୁଆରୀ, ୨୦୦୦ ମସିହାରେ ଏହା ରିଲିଜ୍ ହୋଇଥିଲା। ଏହି ଫିଲ୍ମରେ ରାକେଶ ରୋଶନ ଦୁଇ ନବାଗତ ନାୟକ ନାୟିକାଙ୍କୁ ସୁଯୋଗ ଦେଇଥିଲେ। ସେତେବେଳେ ରାକେଶ ରୋଶନ ମଧ୍ୟ ଏହି ନବାଗତ ଯୋଡ଼ିଙ୍କୁ ଦର୍ଶକେ କିପରି ଗ୍ରହଣ କରିବେ ସେନେଇ ଦ୍ୱନ୍ଦ୍ୱରେ ଥିଲେ। କିନ୍ତୁ ଫିଲ୍ମର ରୋମାଣ୍ଟିକ୍ ଗୀତ, ହ୍ରିତିକ୍‌ଙ୍କ ଜବରଦସ୍ତ ଡ୍ୟାନ୍ସ ଓ ହିରୋ ହିରୋଇନ୍‌ଙ୍କ କେମେଷ୍ଟ୍ରି ଏହାକୁ ଏକ ସଫଳ ଫିଲ୍ମର ପରିଚୟ ଆଣି ଦେଇଥିଲା। ଫିଲ୍ମର କାହାଣୀ ଦର୍ଶକଙ୍କୁ ପସନ୍ଦ ଆସିବା ସହ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପର୍‌ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମକୁ ମୋଟ ୯୨ଟି ପୁରସ୍କାର ମିଳିଥିଲା, ଯାହା ଥିଲା ଏକ ସର୍ବକାଳୀନ ରେକର୍ଡ। ଯେଉଁଥିପାଇଁ ଏହି ଫିଲ୍ମକୁ ୨୦୦୨ ମସିହାରେ ଗିନିଜ୍ ଓ୍ୱାର୍ଲଡ୍ ରେକର୍ଡ୍ସରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାଛଡ଼ା ୨୦୦୩ ମସିହାରେ ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଥିଲା। ଏଥିରେ ହ୍ରିତିକ୍‌ଙ୍କ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନବାଗତା ଅମିଷା ପଟେଲ। ୧୦ କୋଟିରେ ନିର୍ମିତ ଏହି ଫିଲ୍ମ ସେତେବେଳେ ୮୦ କୋଟି ଆୟ କରିଥିଲା। ଏହି ଫିଲ୍ମ ସମ୍ପର୍କରେ ଆଉ ଗୋଟେ ରୋଚକ ଖବର ହେଲା ଯେ, ପ୍ରଥମେ ଏହି ଫିଲ୍ମରେ କରିନା କପୁର ଅଭିନୟ କରିଥିଲେ। ସେ ପ୍ରଥମ ଦିନର ସୁଟିଂ ପରେ ଫିଲ୍ମରେ କାମ କରିବାକୁ ମନା କରି ଦେଇଥିଲେ। ଏହାପରେ ଅମିଷାଙ୍କୁ ଏହି ଅଫର୍ ମିଳିଥିଲା। ଆଉ ସେ ଏହି ଫିଲ୍ମରେ ବଲିଉଡ୍ ଡେବ୍ୟୁ କରି ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ■



# ୫୦୦ରୁ ଅଧିକ ଗୀତର ଗୀତିକାର

କଳାର ପୂଜାରୀ କାଳିନ୍ଦୀ



ଦିନ ଥିଲା, ଓଡ଼ିଆ ଓ ହିନ୍ଦୀ କଳା ଜଗତର ସ୍ୱନାମଧନ୍ୟ କଳକାର ତାଙ୍କ ରଚିତ ଗୀତ ଓ ସଙ୍ଗୀତ ନିର୍ଦ୍ଦେଶନାରେ ଗୀତ ଗାଉଥିଲେ। ୫୦୦ରୁ ଅଧିକ ଓଡ଼ିଆ ଭଜନ, ସମ୍ବଲପୁରୀ ଭଜନ ଓ ଆଧୁନିକ ଗୀତ ସେ ଲେଖିଛନ୍ତି। ଯାହା ସେ ସମୟରେ କେବଳ ଲୋକପ୍ରିୟତା ସାଉଁଟି ନାହିଁ, ଆଜି ବି ଏହା ସେମିତି ଚର୍ଚ୍ଚାରେ ରହିଛି। ଯଦିଓ ଗୀତ ସମସ୍ତଙ୍କ ମନରେ ରହିଛି, ତଥାପି ଏହିସବୁ ଗୀତର ରଚୟିତାଙ୍କୁ ଲୋକେ ଭୁଲି ଯାଉଛନ୍ତି। ପୂର୍ବରୁ ଯାହାଙ୍କ ଘରେ ପ୍ରଯୋଜକଙ୍କ ଲମ୍ବା ଲାଇନ ଲାଗୁଥିଲା କୌଣସି କାରଣରୁ ଏବେ ଖାଁ ଖାଁ ଲାଗୁଛି। ସେ ହେଉଛନ୍ତି ସମ୍ବଲପୁର ଜିଲ୍ଲା ଜୟନ୍ତପୁର ଗ୍ରାମର ବରିଷ୍ଠ ସଙ୍ଗୀତଜ୍ଞ କାଳିନ୍ଦୀ ଚରଣ ପାଣିଗ୍ରାହୀ।

୧୯୫୫ ମସିହା ନଭେମ୍ବର ୧୮ ତାରିଖରେ ସମ୍ବଲପୁର ଜିଲ୍ଲା ଚାଆରପୁର ଗ୍ରାମରେ ଗୋବିନ୍ଦ ପାଣିଗ୍ରାହୀ ଓ ଅହଲ୍ୟାଙ୍କ କୋଳମଣ୍ଡନ କରିଥିଲେ କାଳିନ୍ଦୀ। ବାପା ଗୋବିନ୍ଦ ଚରଣ ମହାନ୍ତି ୮୦ ଦଶକର ସୁନାମଧନ୍ୟ ସଞ୍ଚାର କଳାକାର ଥିଲେ। କଳାକାର ପରିବାର ହୋଇଥିବାରୁ କାଳିନ୍ଦୀ ପିଲା ଦିନରୁ ଗୀତ, ଗଳ୍ପ ଲେଖିବା ପ୍ରତି ତାଙ୍କର ରୁଚି ରହିଥିଲା । ଅଷ୍ଟମ ଶ୍ରେଣୀରୁ ସେ ପାଠପଢ଼ା ଛାଡ଼ି ଦେଇଥିଲେ। ଏହାପରେ ସେ ପାଠପଢ଼ା ଛାଡ଼ି ସେ ଗୀତ ଲେଖିବା ଆରମ୍ଭ କରିଥିଲେ। ୧୯୭୭-୭୮ ମସିହାରେ ପ୍ରଥମେ 'ମୋହନ ବଇଁଶୀ' ନାମକ ଗୀତ ରଚନା କରିଥିଲେ। ଓଡ଼ିଆ ଭଜନ 'ନୀଳାଚଳ ତୋର ଭାରି ବଢ଼ିଆ....', 'ଜନମ ଗଣତି ୨୧-ମରଣ ଗଣତି ୧୨ ଦିନ...' ଭଳି ୪ ଟି ଓଡ଼ିଆ ଭଜନ ରହିଛି। ପରେ ସମ୍ବଲପୁରୀ ଗୀତ ବେଶି ଲେଖିବା ଆରମ୍ଭ କଲେ। ଏହିପରି ଭାବେ ୫୦୦ରୁ ଅଧିକ ଗୀତ ସେ ରଚନା କରିଥିବା କହିଛନ୍ତି। ଏହି ବର୍ଷୀୟାନ ଗୀତିକାର ଆହୁରି କୁହନ୍ତି ଯେ, ତାଙ୍କର ଲୋକପ୍ରିୟ ଗୀତଗୁଡ଼ିକ ଛତିଶଗଡ଼ି ଭାଷାରେ ମଧ୍ୟ ଡବିଂ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଅନୁରାଧା ପଡ଼ୱାଲ, ଗୀତା ଦାସ, ମମତା ସାହୁ, ସଙ୍ଗୀତା ମିଶ୍ର (ପତ୍ନୀ), ଶୈଳଭାମା , ଇରା ମହାନ୍ତି, ଶୀତଳ ସାହୁ, ଉମାକାନ୍ତ ବାରିକ, ରବି ପୂଜାରୀ, ଶ୍ରୀରାମ ଲୁହାଙ୍କ ଭଳି କେତେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ତାଙ୍କ ଗୀତ ଗାଇ ସୁନାମ ଅର୍ଜନ କରିଛନ୍ତି । କଳାକାର ସମାଜକୁ କାଳିନ୍ଦୀ ବାର୍ତ୍ତା ଦେଇ କହିଛନ୍ତି ଯେ, ଯେତେ ଅତ୍ୟାଧୁନିକ ହେଲେ ମଧ୍ୟ ଶାଳୀନତା ଭିତରେ ରହିବା ଆବଶ୍ୟକ। କଳାକୁ କେବଳ ରୋଜଗାର ମାଧ୍ୟମ ବୋଲି ଭାବିବା ଉଚିତ୍ ନୁହେଁ। ■

ଶୁଭାଶିଷ ପାଢ଼ୀ, ସମ୍ବଲପୁର



## ମାୟାନଗରୀର ପ୍ରେମ କାହାଣୀ

# ହମାରି ଅଧୁରି କହାନୀ...

'ବି' ଟାଉନରେ ଯଦି ସବୁଠୁ ଅଧିକ କେଉଁ ପ୍ରେମ କାହାଣୀ ବିଷୟରେ ଚର୍ଚ୍ଚା ହୁଏ, ତାହା ହେଉଛି ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଓ ବ୍ୟୁଟି କ୍ୱିନ୍ ରେଖାଙ୍କୁ ନେଇ। ଯଦିଓ ଏ ଦୁହେଁ ଏକଦା ସିରିୟସ୍ ରିଲେସନ୍‌ସିପ୍‌ରେ ଥିଲେ, ତେବେ ଏହା ବିବାହର ରୂପ ନେଇ ପାରି ନଥିଲା। ଆଜିବି ଦର୍ଶକେ ଏହି ଯୋଡ଼ିକୁ ପରଦା ଉପରେ ଆଉଥରେ ଦେଖିବା ପାଇଁ ଚାହିଁ ବସିଛନ୍ତି। ମଝିରେ ମଝିରେ ବିଭିନ୍ନ କାର୍ଯ୍ୟକ୍ରମରେ ରେଖା ଓ ଅମିତାଭଙ୍କୁ ଦେଖିବାକୁ ମିଳିଥାଏ। ମାତ୍ର କେହି କାହାକୁ ନଜର ପକାନ୍ତିନି। ଆଜି ଏମାନଙ୍କ ଭିତରେ ଯଦିଓ କୌଣସି ପ୍ରେମ ସମ୍ପର୍କ ନାହିଁ, ତଥାପି ଏହି ଯୋଡ଼ି ହେଉଛି ଫିଲ୍ମ ଇଣ୍ଡଷ୍ଟ୍ରୀର ଏଭରଗ୍ରୀନ୍ ଯୋଡ଼ି ବୋଲି ଅନେକ ମତ ଦିଅନ୍ତି। ଏହି ଯୋଡ଼ି ସମ୍ପର୍କରେ ପ୍ରଶଂସକମାନେ ନୂଆ ନୂଆ କଥା ଶୁଣିବା ପାଇଁ ଖୁବ୍ ଉତ୍କଣ୍ଠା ପ୍ରକାଶ କରିଥାନ୍ତି।

ଅମିତାଭ ଜୟା ବଚ୍ଚନଙ୍କୁ ଭଲ ପାଇ ବିବାହ ହୋଇଥିଲେ ଏକଥା ସମସ୍ତେ ଜାଣନ୍ତି। ଜୟା ଭାଦୁଡ଼ି ଓ ଅମିତାଭଙ୍କ ପ୍ରେମ କାହାଣୀ ୧୯୭୦ ମସିହାରୁ ଆରମ୍ଭ ହୋଇଥିଲା। ପୁଣେ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରେ ଦୁହେଁ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଏହି ସମୟରେ ଅମିତାଭଙ୍କୁ ଏତେଟା ସଫଳତା ମିଳି ନ ଥିଲା। ତେବେ ଜୟା ସେତେବେଳେ ସୁପରଷ୍ଟାର୍ ଥିଲେ। 'ଜଞ୍ଜିର' ଫିଲ୍ମ ପୂର୍ବରୁ ଏକ ପତ୍ରିକାରେ ଜୟାଙ୍କ ଫଟୋ ଦେଖି ଅମିତାଭ ତାଙ୍କ ପ୍ରେମରେ ପଡ଼ିଯାଇଥିଲେ। ଏହାପରେ 'ଜଞ୍ଜିର'ରେ ଏକାଠି କାମ କରିବା ସମୟରେ ଏହି ପ୍ରେମ ଆହୁରି ମଜଭୁତ ହୋଇଯାଇଥିଲା। ୧୯୭୩ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ବିବାହର ତିନି ବର୍ଷ ପରେ, ଅମିତାଭ, ରେଖାଙ୍କ ଅଭିନୀତ 'ଦୋ ଅନ୍‌ଜାନେ' ଫିଲ୍ମ ରିଲିଜ୍ ହୋଇଥିଲା। ଏହି ଫିଲ୍ମ ହିଟ୍ ହେବା ସହ ଉଭୟ ପ୍ରେମରେ ପଡ଼ିଯାଇଥିଲେ ବୋଲି କୁହାଯାଏ। ରେଖାଙ୍କର ଜଣେ ସାଙ୍ଗଙ୍କ ଘରେ ଉଭୟ ପରସ୍ପରକୁ ଭେଟୁଥିଲେ। ଏହି ପ୍ରେମ ସମ୍ପର୍କ ବେଶ୍ ଲୁଚାଛପାରେ ଚାଲିଥିଲା। ତେବେ ୧୯୭୮ ର ଫିଲ୍ମ 'ଗଙ୍ଗା କି ସୌଗନ୍ଧ' ସେଟ୍‌ରେ ଅମିତାଭଙ୍କ ଜଣେ କୋ-ଷ୍ଟାର୍ ରେଖାଙ୍କୁ ଅସଦାଚରଣ କରିଥିଲେ। ସେହି ସମୟରେ ଅମିତାଭ ନିଜକୁ ସମ୍ଭାଳି ନ ପାରି ସେହି କୋ-ଷ୍ଟାରଙ୍କ ସହ ଝଗଡ଼ା କରିଥିଲେ। ଏହି ସମୟରେ ଅମିତାଭ ଏବଂ ରେଖାଙ୍କର ରିଅଲ୍ ଲାଇଫ୍ ପ୍ରେମ ବିଷୟରେ ଗଣମାଧ୍ୟମରେ ଚର୍ଚ୍ଚା ହେବାକୁ ଲାଗିଲା। କିନ୍ତୁ ଅମିତାଭ ଏବଂ ରେଖା ଏହି କଥାକୁ ସର୍ବସାଧାରଣରେ ଗ୍ରହଣ କରି ନ ଥିଲେ। ତେବେ ଫିଲ୍ମ 'ସିଲସିଲା'ର ନିର୍ଦ୍ଦେଶକ ଯଶ ଚୋପ୍ରା ଏକ ସାକ୍ଷାତକାରରେ ଏହି ପ୍ରେମ ସମ୍ପର୍କର ପ୍ରଘଟ କରିଦେଇଥିଲେ। 'ସିଲ୍‌ସିଲା'ରେ ଜୟା, ଅମିତାଭ ଓ ରେଖା ଏକାଠି ଅଭିନୟ କରିଥିଲେ। କିନ୍ତୁ ଏହି ଫିଲ୍ମ ପରେ ଅମିତାଭ ଓ ରେଖାଙ୍କୁ ଆଉ କୌଣସି ଫିଲ୍ମରେ ଏକାଠି ଦେଖିବାକୁ ମିଳି ନଥିଲା। 'ସିଲ୍‌ସିଲା' ଫିଲ୍ମର ଏକ ରୋମାଣ୍ଟିକ୍ ଗୀତ ' ଦେଖା ଏକ ଖ୍ୱାବ୍ ତୋ ୟେ ସିଲ୍‌ସିଲେ ହୁଏ 'ରେ ଉଭୟ ଥିବା ପ୍ରେମ ସମ୍ପର୍କରେ ଥିବା କଥା ସେତେବେଳେ ଦର୍ଶକେ ମଧ୍ୟ ବାରିପାରିଥିଲେ। ଏକଥାକୁ ଦର୍ଶକ ଆହୁରି ସତ ମଣି ନେଇଥିଲେ ଯେତେବେଳେ ଋଷି କପୁର ଓ ନୀତୁ ସିଂହଙ୍କ ବାହାଘରକୁ ରେଖା ମୁଣ୍ଡରେ ସିନ୍ଦୂର ପିନ୍ଧି ଆସିଥିଲେ। ଏହାପରେ ରେଖା ଓ ଅମିତାଭ ଗୁପ୍ତ ବିବାହ କରିଛନ୍ତି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଏହି ବାହାଘରରେ ରେଖା ଓ ଅମିତାଭଙ୍କୁ ଏକାଠି ଦେଖି ଭାଙ୍ଗି ପଡ଼ିଥିଲେ ପତ୍ନୀ ଜୟା। ଏହାପରେ ସେ ଏକଦା ରେଖାଙ୍କୁ ଖାଇବା ପାଇଁ ନିମନ୍ତ୍ରଣ ଦେଇ ସେ ତାଙ୍କ ସ୍ୱାମୀଙ୍କୁ କୌଣସି ପରିସ୍ଥିତିରେ ଛାଡ଼ିପାରିବେ ନାହିଁ ବୋଲି କହିବା ପରେ ଏହି ପ୍ରେମ ସମ୍ପର୍କରେ ଆପାତତଃ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଯଦିଓ ରେଖା ବିଗ୍ ବିଙ୍କଠାରୁ ଅଲଗା ହୋଇଯାଇଥିଲେ, ତେବେ ଆଜି ବି ସେ ତାଙ୍କ ଉଦ୍ଦେଶ୍ୟରେ ସଧବା ମହିଳାଙ୍କ ଭଳି ମୁଣ୍ଡରେ ସିନ୍ଦୂର ପିନ୍ଧୁଥିବା କଥା ଚର୍ଚ୍ଚା ହୁଏ। ୪୩ ବର୍ଷ ପରେ ବି ଅମିତାଭ-ରେଖାଙ୍କ ପ୍ରେମ ପ୍ରସଙ୍ଗ ଅନେକ ଦର୍ଶକଙ୍କ ମନରେ ସତେଜ ହୋଇ ରହିଛି।

# ଭାଲେଣ୍ଟାଇନ୍‌ରେ 'ଆକାଶବାଣୀ'



ଶ୍ରୀବୀରବଲ୍ ଏଣ୍ଟରଟେନ୍‌ମେଣ୍ଟ୍ ବ୍ୟାନର୍‌ରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆକାଶବାଣୀ'ର ଫାଷ୍ଟଲୁକ୍ ସାମ୍ନାକୁ ଆସିଛି। ଭାଲେଣ୍ଟାଇନ୍‌ରେ ଏହି ସିନେମାଟି ପ୍ରେକ୍ଷାଳୟକୁ ଆସିବ। ଏଥିରେ ବନ୍ଧୁତ୍ୱ ଓ ପାରିବାରିକ ବନ୍ଧନକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ସେହିପରି ଲଭ୍, କମେଡି ତଥା ମଣିଷ ଜୀବନର ବିଭିନ୍ନ ଦିଗକୁ ଦର୍ଶକେ ଏଥିରେ ଦେଖିବାକୁ ପାଇବେ। ତ୍ରିପତି ସାହୁଙ୍କ ନିର୍ଦ୍ଦେଶିତ ଏବଂ ରୋହନ ଗର୍ଗଙ୍କ ପ୍ରଯୋଜିତ ଏହି ସିନେମାର ସିନେମାଟୋଗ୍ରାଫର ଅଛନ୍ତି ସ୍ୱର୍ଣ୍ଣ ପ୍ରସାଦ (ବୁବୁ)। ଏଥିରେ ରୋହନଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ପୂଜା। ସିନେମାର କାହାଣୀ ଓ ସଂଳାପରେ ଡ. ନିର୍ମଳ ନାୟକ ଥିବା ବେଳେ ସମସ୍ତ ଗୀତ ମଧ୍ୟ ସେ ରଚନା କରିଥିବା କହିଛନ୍ତି। ଅବଶ୍ୟ ଗୋଟିଏ ହିନ୍ଦୀ ଗୀତକୁ କୁକୁ ପ୍ରଭାସ ଲେଖିଛନ୍ତି। ସେହିପରି ସମସ୍ତ ଗୀତକୁ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର। ଫିଲ୍ମର ବିଭିନ୍ନ ଚରିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ନମିତା ଦାସ, ବେବି ପ୍ରଧାନ, ଜୋଜୋ, ଅମର ମହାପାତ୍ର, ରୋସନ ଭରଦ୍ୱାଜ, ପ୍ରତାପ ସୁମନ ମହାରଣା, ମଧୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

## ଫ୍ରାଇଡେ ରିଲିଜ୍

୦୫ ଜାନୁଆରୀ (ହିନ୍ଦୀ)




### ତୋବା ତେରା ଜଲ୍‌ୱା

ନିର୍ଦ୍ଦେଶକ: ଆକାଶାଦିତ୍ୟ ଲାମା
ପ୍ରଯୋଜକ: ମଦନଲାଲ ଖୁରାନା, ନରେଶ ବନଲ
କଳାକାର: ଅମିଷା ପଟେଲ, ସନି ଦେଓଲ, ଜତିନ ଖୁରାନା

କ୍ୟାମେରା ପଛର କଳାକାର

# ମେକ୍‌ଅପ୍ ଦାଦା ସମରେଶ୍

ଫିଲ୍ମ ଉଦ୍ୟୋଗରେ ମେକ୍‌ଅପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ନିର୍ବାହ କରିଥାନ୍ତି ଜଣେ ଜଣେ ମେକ୍‌ଅପ୍ ମ୍ୟାନ୍। ଯେଉଁମାନେ କି କ୍ୟାମେରା ଆଢୁଆଳରେ ହିଁ ରହି ଆସିଥାନ୍ତି। ଏଭଳି ପ୍ରକୃତ କଳାକାରଙ୍କ ଯୋଗୁଁ ହିଁ ଆମେ ଦେଖୁଥିବା ତାରକା ଆହୁରି ଆକର୍ଷଣୀୟ ଲାଗିଥାନ୍ତି। ପ୍ରତ୍ୟେକ କଳାକାରଙ୍କ ମେକ୍‌ଅପ୍ ତଥା ହେୟାର୍ ଷ୍ଟାଇଲ୍ ପଛରେ ରହିଛି, ସେମାନଙ୍କର କଠିନ ପରିଶ୍ରମ ଓ ନିଷ୍ଠା। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେମିତି ଜଣେ ବରିଷ୍ଠ ତଥା ଲୋକପ୍ରିୟ ମେକ୍‌ଅପ୍ ମ୍ୟାନ୍ ହେଉଛନ୍ତି ସମରେଶ ପାଲ୍। ସେ 'ମେକ୍‌ଅପ୍ ଦାଦା' ଭାବେ ବେଶ୍ ପରିଚିତ।

ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ସମରେଶଙ୍କୁ ଏବେ ୬୮ ବର୍ଷ ବୟସ। କଳାଧଳା ସିନେମାରୁ ଆରମ୍ଭ ହୋଇଥିଲା ତାଙ୍କର ମେକ୍‌ଅପ୍ ମ୍ୟାନ୍‌ର କ୍ୟାରିୟର। ଯାହାକି ଏବେ ବି ଜାରି ଅଛି। ଏକଦା ଏ କ୍ଷେତ୍ରକୁ ଆସିବା ପାଇଁ ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଥିବା ସେ କହିଛନ୍ତି। ମେକ୍‌ଅପ୍ ଉଦ୍ୟୋଗରେ ତାଙ୍କ ଗୁରୁ ହେଉଛନ୍ତି ତାଙ୍କ ବାପା ତ୍ରିଲୋଚନ ପାଲ୍। ଯେ କି ଥିଲେ ଜଣେ ବଙ୍ଗଳାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ମେକ୍‌ଅପ୍ ମ୍ୟାନ୍। ପ୍ରଥମେ ସମରେଶ ବାପାଙ୍କ ଆସିଷ୍ଟାଣ୍ଟ ଭାବେ କୋଲକତାରେ ମେକ୍‌ଅପ୍ କରିବା ଆରମ୍ଭ କରିଥିଲେ। ଏପରିକି ସେ ପାଞ୍ଚଟି ବଙ୍ଗୀୟ କଥାଚିତ୍ରରେ କାମ କରିଛନ୍ତି। ଏହାପରେ ୧୯୭୬ରେ ବାପାଙ୍କ ସହ ଓଡ଼ିଶା ଆସି ଗୋବିନ୍ଦ ତେଜ୍‌ଙ୍କ ନିର୍ଦ୍ଦେଶିତ 'କୃଷ୍ଣ ସୁଦାମା'ରେ ବାପାଙ୍କ ସହଯୋଗୀ ମେକ୍‌ଅପ୍ ମ୍ୟାନ୍‌ର କାମ କରିଥିଲେ। ଏହିପରି ଭାବେ କ୍ରମାଗତ ବାପାଙ୍କ ସହ ମିଶି 'ସିନ୍ଦୂର ବିନ୍ଦୁ', 'ସୁବର୍ଣ୍ଣ ସୀତା', 'ଅକ୍ଷୟ ତୃତୀୟା' ଆଦି ପାଞ୍ଚ, ଛଅଟା ଓଡ଼ିଆ ସିନେମାରେ ସେ କାମ କଲେ।





ଏହାପରେ 'ତପସ୍ୟା' ସିନେମାରେ ମେକ୍‌ଅପ୍‌ମ୍ୟାନ୍ ଭାବେ କାମ କରିବାକୁ ତାଙ୍କୁ ତାଙ୍କ ବାପା ଓଡ଼ିଶା ପଠାଇଥିଲେ। ଏହି ସିନେମା ତାଙ୍କୁ ଖୁବ୍ ପ୍ରସିଦ୍ଧି ଦେଇଥିଲା। ୧୯୮୧ ମସିହା ଏପ୍ରିଲ୍‌ରେ ତାଙ୍କ ବାପାଙ୍କ ଦେହାନ୍ତ ପରେ ସମରେଶ ଓଡ଼ିଶା ଆସିଲେ। ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ ଏବଂ ଧୀର ବିଶ୍ୱାଳଙ୍କ ପ୍ରଯୋଜିତ 'ସମୟ ବଡ଼ ବଳବାନ' ଫିଲ୍ମରେ ମେକ୍‌ଅପ୍ ମ୍ୟାନ୍ ଭାବେ କାମ କଲେ। ଅବଶ୍ୟ ଏହି ସିନେମାରୁ ସେ ସ୍ୱାଧୀନ ଭାବେ ମେକ୍‌ଅପ୍ କାମ କଲେ। ତେବେ ଓଡ଼ିଶାରେ ମେକ୍‌ଅପ୍ ମ୍ୟାନ୍‌ର ଅଭାବ ଥିବା ବେଳେ ଧୀର ବିଶ୍ୱାଳଙ୍କ ପ୍ରୋତ୍ସାହନରେ ସେ ଗୋଟିଏ ପରେ ଗୋଟିଏ ଓଡ଼ିଆ ସିନେମାରେ କାମ କରି ଚାଲିଲେ। ତାଙ୍କ ଲୋକପ୍ରିୟତା ଓ ଚାହିଦା ବଢ଼ିବାକୁ ଲାଗିଲା।

ଏମିତି କେହି ଜଣେ କଳାକାର ନାହାନ୍ତି, ଯାହାଙ୍କୁ ସମରେଶ ମେକ୍‌ଅପ୍ ଦେଇ ନାହାନ୍ତି। ଗୌର ଘୋଷ, ଚପଳା ଘୋଷ, ପୀର ମିଶ୍ର, ଶରତ ପୂଜାରୀ, ଗ୍ଲୋରିଆ ମହାନ୍ତି, ଝରଣା ଦାସ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଶ୍ରୀରାମ ପଣ୍ଡା, ଅପରାଜିତା, ମହାଶ୍ୱେତା, ଅନୀତା ଦାସ, ସୁଜାତା ଆନନ୍ଦ, ସିଦ୍ଧାନ୍ତ ମହାପାତ୍ର, ଅନୁଭବ, ଅର୍ଚ୍ଚିତା ପ୍ରମୁଖଙ୍କ ସହ ଆହୁରି ଅନେକ କଳାକାରଙ୍କୁ ସେ ମେକ୍‌ଅପ୍ ଦେଇଛନ୍ତି। ଚରିତ୍ର ଅନୁଯାୟୀ ମେକ୍‌ଅପ୍ ଦିଆଯାଉଥିବା ବେଳେ ପୂର୍ବର ମେକ୍‌ଅପ୍ ତୁଳନାରେ ଏବର ସମୟରେ କିଛିଟା ଫରକ୍ ଆସିଥିବା ବି ସେ କହିଛନ୍ତି। କେବଳ ମେକ୍‌ଅପ୍ ମ୍ୟାନ୍ ଭାବେ ସେ କାର୍ଯ୍ୟ କରିଛନ୍ତି ତାହା ନୁହେଁ, ୧୭-୧୮ ଜଣ ମେକ୍‌ଅପ୍ ଆର୍ଟିଷ୍ଟଙ୍କୁ ମଧ୍ୟ ସେ ତିଆରି କରିଛନ୍ତି। ସେଥିରେ ଦୁଇ ଜଣ ଝିଅ ମଧ୍ୟ ସାମିଲ ଅଛନ୍ତି। ମେକ୍‌ଅପ୍ କ୍ଷେତ୍ରରେ ସମରେଶଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପାଞ୍ଚ ପାଞ୍ଚ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି। ଏ କ୍ଷେତ୍ରରେ କାମ କରି ତାଙ୍କ ଜୀବନ ସାର୍ଥକ ହୋଇଥିବା ସେ କହିଛନ୍ତି।

# "ଓଡ଼ିଆ ସଂସ୍କୃତି ଓ ଚଳଣିକୁ ସିନେମାରେ ଦେଖାଇବାକୁ ଚାହିଁଥିଲି"



ପେସାରେ ସେ ଜଣେ ଫ୍ୟାଶନ୍ ଡିଜାଇନ୍‌ର। ଓଡ଼ିଆ ଝିଅ ହିସାବରେ ନିଜ ମାଟି ପାଇଁ କିଛି ଭିନ୍ନ କରିବା ତାଙ୍କର ଇଚ୍ଛା ଥିଲା। ସେଥିପାଇଁ ସେ ଦିଲ୍ଲୀରୁ ଓଡ଼ିଶା ଆସି ୨ କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ ତ୍ରିଭାଷୀ ଫିଲ୍ମ 'ପ୍ରଥା'। ଆଉ ଫ୍ୟାଶନ୍ ଡିଜାଇନରରୁ ପାଲଟିଥିଲେ ଜଣେ ପ୍ରଯୋଜିକା। କିନ୍ତୁ ପରିତାପର ବିଷୟ, ଫିଲ୍ମଟି ପରଦାକୁ ଆସିବାର ଦିନକ ପରେ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଏହାକୁ ହଲ୍‌ରୁ ଉଠାଇ ନେଇଥିଲେ। ଏହାପରେ ସେ ଧାରଣାରେ ବସିଥିଲେ। ଖୁବ୍ କମ୍ ଦିନ ମଧ୍ୟରେ ଅଧିକ ଚର୍ଚ୍ଚା ସୃଷ୍ଟି କରିଥିବା ପ୍ରଯୋଜିକା ସନ୍‌ଲିସା ପଟେଲଙ୍କ ସହ ଅନ୍ତରାଳାପ।





## ସନ୍‌ଲିସା ପଟେଲ, ପ୍ରଯୋଜିକା

**ପିଲାଦିନ କେମିତି ଥିଲା?**

● ଝାରସୁଗୁଡ଼ା, ବନ୍ଧବାହାଲରେ ମୋର ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରି ମୁଁ ସମ୍ବଲପୁରରେ ଯୁକ୍ତ ଦୁଇ ଓ କମ୍ପ୍ୟୁଟର୍ ଇଞ୍ଜିନିୟରିଂ କରିଥିଲି। କ୍ୟାମ୍ପସ୍ ଜରିଆରେ ପ୍ରତିଷ୍ଠିତ କମ୍ପାନୀରେ ଚାକିରି ପାଇଥିଲି। ତେବେ ପିଲାଟି ଦିନରୁ ଫ୍ୟାଶନ୍ ଡିଜାଇନ୍‌ର ହେବାକୁ ଇଚ୍ଛା ଥିବାରୁ ମୁଁ ଘରେ କାହାକୁ ନ ଜଣାଇ ଭୋଗ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଡିଜାଇନ୍‌ରୁ କୋର୍ସ କରିଥିଲି। ଏବେ 'ସ୍କେଚ୍ ବାୟ ସନ୍‌ଲିସା' ନାମରେ ନିଜସ୍ୱ ବ୍ୟବସାୟ ଚଳାଉଛି। ପୁରୁଷମାନଙ୍କ ପୋଷାକ, ଫୁଟ୍‌ୱେୟର ସହିତ ୱେଡିଂ ଆଉଟଫିଟ୍ ଆଦି ଡିଜାଇନ୍ କରିଥାଏ।

**ଫିଲ୍ମ ପ୍ରଯୋଜନା କରିବା କଥା କେମିତି ଭାବିଲେ?**

● ଫ୍ୟାଶନ୍ ଡିଜାଇନ୍ ଓ ଫିଲ୍ମ ପ୍ରଯୋଜନା କରିବା ଦୁଇଟି ଯାକ ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମ। ଦିଲ୍ଲୀ, ମୁମ୍ବାଇ ଏବଂ ପଞ୍ଜାବ ଇଣ୍ଡଷ୍ଟ୍ରିର ବହୁ ନାମୀ ତାରକାଙ୍କ ସହିତ କାମ କରୁଛି। ସେମାନଙ୍କ ପାଇଁ କଷ୍ଟ୍ୟୁମ ଡିଜାଇନ୍ କରୁଛି। ଓଡ଼ିଆ ଝିଅ ହୋଇ ଓଡ଼ିଶାରେ କେହି ଚିହ୍ନି ନ ଥିବାରୁ କେଉଁଠି ନା କେଉଁଠି ମୋ ଭିତରେ ଦୁଃଖ ଥିଲା। ତେଣୁ ମୁଁ ଓଡ଼ିଆ ଭାଷା, ସଂସ୍କୃତି, ଓଡ଼ିଆ ଘରର ଚଳଣି, ସାହିତ୍ୟ, ଓଡ଼ିଶାର ପ୍ରାକୃତିକ ସ୍ଥାନକୁ ସିନେମା ଜରିଆରେ ଦେଖାଇବାକୁ ଚାହିଁଥିଲି। ସେଥିପାଇଁ ପ୍ରଯୋଜନା ଆରମ୍ଭ କଲି।

**'ପ୍ରଥା'କୁ ତିନିଟି ଭାଷାରେ ନିର୍ମାଣ କରିବାର ଉଦ୍ଦେଶ୍ୟ କ'ଣ?**

● ରାଜ୍ୟ ବାହାରେ ମୋର ଲୋକସମ୍ପର୍କ ଭଲ ରହିଥିବାରୁ କୋରାପୁଟର କାହାଣୀ, ଓଡ଼ିଶାର ସଂସ୍କୃତି, ପ୍ରାକୃତିକ ସ୍ଥାନ, ଭାଷାକୁ ଜାତୀୟ ସ୍ତରରେ ଦେଖାଇବାକୁ ଇଚ୍ଛା ରଖି ଏହି ଫିଲ୍ମଟିକୁ ମୁଁ ଓଡ଼ିଆ, ହିନ୍ଦୀ ଓ ପଞ୍ଜାବୀ ଭାଷାରେ କରିଥିଲି। ଓଡ଼ିଶା ଇଣ୍ଡଷ୍ଟ୍ରିରୁ ୨ କୋଟି ମିଳିବନି ଜାଣି ମଧ୍ୟ ବିଭିନ୍ନ ଭାଷାରେ ଫିଲ୍ମ କରିଥିଲି।

**ସନ୍‌ଲିସାଙ୍କୁ କେହି ଜାଣିନଥିଲେ, କିନ୍ତୁ ଧାରଣାରେ ବସିବା ପରେ ଏବେ ଚିହ୍ନା ମୁହଁ, କେମିତି ଲାଗୁଛି?**

● ଫିଲ୍ମ 'ପ୍ରଥା'କୁ ରିଲିଜ୍ ପାଇଁ ଡିଷ୍ଟ୍ରିବ୍ୟୁଟର ମୋତେ ତାରିଖ ପରେ ତାରିଖ ଦେଇଥିଲେ। ଫିଲ୍ମ ରିଲିଜ୍ ଦିନ ମୋ' ପରିବାର ଲୋକଙ୍କ ସାମ୍ନାରେ କେତେକ ଲୋକ ଏହାର ପୋଷ୍ଟର ଫାଡ଼ିଥିଲେ। ହଲ୍‌ରେ ଅନ୍ୟ ଏକ ଫିଲ୍ମ ଲାଗିଥିଲା। ନିଜ ପରିବାର ସାମ୍ନାରେ ପୋଷ୍ଟର ଚିରା ହେବା ଘଟଣା ମୋତେ ଆଘାତ ଦେବା ତଥା 'ପ୍ରଥା' ଫିଲ୍ମକୁ ନ୍ୟାୟ ଦେବାକୁ ଯାଇ ଧାରଣା ଦେଇଥିଲି। ପ୍ରମୋସନ୍ ପାଇଁ ଏମିତି କରୁଛି ଅନେକ ଭାବିଥିଲେ, କିନ୍ତୁ ଏହି ସମସ୍ୟାର ସମାଧାନ ପାଇଁ ହିଁ ମୁଁ ଧାରଣାରେ ବସିଥିଲି। ଜଣେ ପ୍ରଯୋଜିକା ଭାବେ ମୁଁ ସାମ୍ନା କରିଥିବା ସମସ୍ୟା ଭବିଷ୍ୟତରେ ଯେମିତି କେହି ସାମ୍ନା ନ କରନ୍ତୁ ଏହା ମୋର ମୂଳ ଉଦ୍ଦେଶ୍ୟ ଥିଲା।

**'ପ୍ରଥା' ପୁଣି କେବେ ରିଲିଜ୍ ହେବ?**

● ଖୁବ୍ ଶୀଘ୍ର ଓଡ଼ିଶାର ସମସ୍ତ ପ୍ରେକ୍ଷାଳୟରେ ଫିଲ୍ମ ରିଲିଜ୍ ହେବା ସହିତ ସଂଯୁକ୍ତ ରାଷ୍ଟ୍ରର ତିନିଟି ସହର ଯଥା- ନ୍ୟୁୟର୍କ, ନ୍ୟୁଜର୍ସି, କାନଡ଼ାରେ ମଧ୍ୟ 'ପ୍ରଥା' ରିଲିଜ୍ ହେବ।

**ସନ୍‌ଲିସା ଏତେ ଫିଟ୍ କିପରି?**

● ଫ୍ୟାଶନ୍ ଗୋଟେ ଏମିତି ଶବ୍ଦ, ଯାହାକି ମୋ ଗେଟ୍‌ଅପ୍‌କୁ ଦେଖି ଲୋକେ ମୋ ପରିଚୟ ଜାଣିପାରିବେ। ସେଥିପାଇଁ ନିଜ କଷ୍ଟ୍ୟୁମକୁ ଗୁରୁତ୍ୱ ଦିଏ। ଖୁସି ଓ ସକାରାତ୍ମକ ଚିନ୍ତାଧାରା ନେଇ ବଞ୍ଚେ। ଫିଟ୍ ପାଇଁ ୩୦ରୁ ୪୦ ମିନିଟ୍ ଯୋଗ ପ୍ରାଣାୟାମ କରେ।

**ଫ୍ୟାଶନ୍ ଡିଜାଇନର୍, ପ୍ରଯୋଜିକା ଓ ଗୃହିଣୀର ଦାୟିତ୍ୱ କେମିତି ତୁଲାନ୍ତି?**

● ଫ୍ୟାଶନ୍ ଡିଜାଇନର, ଉଦ୍ୟୋଗପତି ଓ ପ୍ରଯୋଜିକା ଭାବେ ଯେପରି କାମକୁ ଗୁରୁତ୍ୱ ଦିଏ। ଠିକ୍ ସେପରି ଜଣେ ଗୃହିଣୀ ଓ ମା' ଭାବେ ଘରର ସବୁ କାମ କରେ।

**ଓଡ଼ିଆ ଫିଲ୍ମକୁ ନେଇ ଆଗକୁ ଯୋଜନା କ'ଣ ଅଛି?**

● ଆଗକୁ ବଡ଼ ବଜେଟ୍‌ର ଫିଲ୍ମ କରିବାର ଯୋଜନା ରହିଛି। ଦୁବାଇର ଏକ କମ୍ପାନୀ ସହ କଥା ହୋଇ ଓଟିଟି ପ୍ଲାଟ୍‌ଫର୍ମରେ ଓଡ଼ିଆ ଫିଲ୍ମକୁ ଆଣିବି। କାହିଁକି ନା ଏବେ କୌଣସି ଓଟିଟିରେ ଓଡ଼ିଆ ଫିଲ୍ମ ଦେଖିବାକୁ ମିଳୁନି।



## ସାଧାରଣ ତନ୍ତ୍ର ଦିବସ ପୂର୍ବରୁ ପ୍ରକାଶ ପାଇବ ନୂଆ ଅପରାଧିକ ଆଇନର ବିଜ୍ଞପ୍ତି

# ବଦଳିବ 'ବ୍ରିଟିଶ' ଆଇନ

# ଲାଗିବ ନୂଆ ଧାରା



- ଆଉ ମିଳିବନି ତାରିଖ ପରେ ତାରିଖ
- ତିନି ବର୍ଷ ଭିତରେ ରାୟ ଆସିବ
- ଚଣ୍ଡିଗଡ଼ରେ ହେବ ଟ୍ରାଏଲ ରନ୍
- ନ୍ୟାୟିକ ଅଧିକାରୀଙ୍କୁ ଦିଆଯିବ ପ୍ରଶିକ୍ଷଣ

ତିନି ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସଏସ) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ)କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରି ଦେଇ ସାରିଛନ୍ତି। ଏହି ଆଇନ ବ୍ରିଟିଶ ଅମଳର ଆଇପିସି (ଭାରତୀୟ ପିଙ୍ଗଳ କୋଡ), ସିଆରପିସି ( ଆପରାଧିକ ପ୍ରକ୍ରିୟା ସଂହିତା) ଏବଂ ସାକ୍ଷ୍ୟ ଆଇନର ସ୍ଥାନ ନେବ। ସାଧାରଣ ତନ୍ତ୍ର ଦିବସ ପୂର୍ବରୁ ନୂଆ ଆଇନକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ବର୍ଷେ ଭିତରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ଏହାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନୂଆ ଆଇନ ଅନୁଯାୟୀ ଅପରାଧିକ ମାମଲା ରୁଜୁ ହେବ। ସମ୍ପୂର୍ଣ୍ଣ ଅନ୍‌ଲାଇନ ସିଷ୍ଟମକୁ ସୁନିଶ୍ଚିତ କରିବା ପାଇଁ ଚଣ୍ଡିଗଡ଼ରେ ଆଇନର ଟ୍ରାଏଲ ରନ୍ ଆରମ୍ଭ କରାଯିବ। ଏହି ଆଇନରେ ଅଧିକାଂଶ ରେକର୍ଡ ଇଲେକ୍‌ଟ୍ରୋନିକ କିମ୍ବା ଡିଜିଟାଲ ମାଧ୍ୟମରେ ସୁରକ୍ଷିତ ରଖାଯିବ। ନୂଆ ଆଇନକୁ ନେଇ ନ୍ୟାୟିକ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ନ୍ୟାୟିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଛି। ଭୋପାଳର ଏକ ଏକାଡେମିରେ ଏହି ପ୍ରଶିକ୍ଷଣ ଦିଆଯିବ। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ସବୁ ନିୟମ ଏବଂ ଧାରା ମଧ୍ୟ ବଦଳି ଯିବ। ପୂର୍ବରୁ ଥିବା ଅନେକ ଧାରାକୁ ମଧ୍ୟ ହ୍ରାସ କରିଦିଆଯାଇଛି। ଆମୂଳଚୂଳ ପରିବର୍ତ୍ତନ କରାଯାଇଛି। ଲୋକଙ୍କୁ ଶୀଘ୍ର ନ୍ୟାୟ ମିଳିବ। ଆଉ ତାରିଖ ପରେ ତାରିଖ ମିଳିବ ନାହିଁ। ନିର୍ଦ୍ଦିଷ୍ଟ ଅବଧିରେ ତଦନ୍ତ ସାରିବାକୁ ପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ପ୍ରଥମ ଥର ପାଇଁ ନୂଆ ଆଇନରେ ଆତଙ୍କବାଦର ବାଖ୍ୟା କରାଯାଇଛି। ଆତଙ୍କବାଦୀଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମିଳିଥିଲେ ଆଉ ପାରୋଲ ମିଳିବ ନାହିଁ। ଜାଲ୍ ନୋଟ୍ କିମ୍ବା ନୋଟ୍ ଚୋରା ଚାଲାଣକୁ ଆତଙ୍କବାଦରେ ସାମିଲ କରାଯାଇଛି। ଏଥିରେ ଦେଶଦ୍ରୋହ ପାଇଁ ଧାରା ୧୫୨, ବେଆଇନ ସଭା ପାଇଁ ୧୮୯, ମାନହାନୀ ପାଇଁ ୩୫୬ ଏବଂ ଠକେଇକୁ ଧାରା ୩୧୬ରେ ସାମିଲ କରାଯାଇଛି। ଏହି ତିନି ଆଇନରେ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ, ହତ୍ୟା ଏବଂ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପକୁ ପ୍ରାଧାନ୍ୟ ଦିଆଯାଇଛି। ବ୍ରିଟିଶ ଅମଳର ଆଇନରେ ରାଜଦ୍ରୋହ ଏବଂ ସରକାରୀ ପାଣ୍ଠି ଭର୍ତ୍ତିକୁ ପ୍ରାଧାନ୍ୟ ଦିଆଯାଇଥିଲା। କିନ୍ତୁ ନୂଆ ଆଇନରେ ଭାରତୀୟଙ୍କୁ ନ୍ୟାୟ ଦେବାକୁ ଏବଂ ମାନବାଧିକାରର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ନୂଆ ଆଇନରେ ହୋଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିଷୟରେ ନିମ୍ନରେ ସୂଚନା ଦିଆଗଲା...

### ● ତିନି ବର୍ଷ ଭିତରେ ଆସିବ ନିଷ୍ପତ୍ତି



ନୂଆ ଆପରାଧିକ ଆଇନ କାର୍ଯ୍ୟକାରୀ ହେବା ପରେ ତିନି ବର୍ଷ ଭିତରେ ମାମଲାର ରାୟ ଆସିବ ବୋଲି ଆଶା କରାଯାଉଛି। ଏଥିପାଇଁ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ କରାଯାଉଛି। ଦେଶର ସମସ୍ତ ୮୫୦ ପୁଲିସ ଜିଲ୍ଲା ପାଇଁ ୯୦୦ ଫରେନସିକ ଭ୍ୟାନ କ୍ରୟ କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଏହା ମାଧ୍ୟମରେ ଅପରାଧ ପରେ ତୁରନ୍ତ ଫରେନସିକ ପ୍ରମାଣ ସଂଗ୍ରହ କରାଯିବ ଏବଂ ଅପରାଧିକ ସ୍ଥାନର ଭିଡିଓ ରେକର୍ଡିଂ ହେବ। ଏହି ପ୍ରଶିକ୍ଷଣ ଦେବା ପାଇଁ ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୩ ହଜାର ଅଧିକାରୀଙ୍କୁ ନିଯୁକ୍ତି କରାଯିବ। ଆଇନ କାର୍ଯ୍ୟକାରୀ ହେବା ପରେ ନାଗରିକ ଯେକୌଣସି ଥାନାରେ ଜିରୋ ଏଫଆଇଆର ରୁଜୁ କରିପାରିବେ। ଏହି ଏତଲାକୁ ୧୫ ଦିନ ଭିତରେ ଅଧିକାର କ୍ଷେତ୍ରରେ ଆସୁଥିବା ଥାନାକୁ ପଠାଇବା ବାଧ୍ୟତାମୂଳକ।

### ● ବର୍ଷେ ଭିତରେ ଫୋରେନସିକ୍ ପ୍ରଶିକ୍ଷଣ



ନୂଆ ଆଇନ କାର୍ଯ୍ୟକାରୀ ହେବା ପରେ ପୁଲିସ ଅଧିକାରୀ, ତଦନ୍ତକାରୀ ଏବଂ ଫୋରେନସିକ କ୍ଷେତ୍ର ସହ ଜଡ଼ିତ ଲୋକଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏଥିରେ ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବା, ନିରପେକ୍ଷ, ସମୟସୀମା ଭିତରେ ପ୍ରମାଣ ଆଧାରିତ ଯାଞ୍ଚ ଏବଂ ଖୁବ୍‌ଶୀଘ୍ର ଶୁଣାଣି ସୁନିଶ୍ଚିତ କରିବାକୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ୯ ମାସ ମଧ୍ୟରେ ଏହି କ୍ଷେତ୍ର ସହ ଜଡ଼ିତ ୯୦ ପ୍ରତିଶତ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ।

### ● ରଖାଯିବ ଡିଜିଟାଲ ରେକର୍ଡ

ନୂଆ ଆଇନରେ ସମସ୍ତ ତଥ୍ୟର ଡିଜିଟାଲ ରେକର୍ଡ ରଖାଯିବ। ରେକର୍ଡ ବନାଇବା, ରେକର୍ଡ ପଠାଇବା, ଜିରୋ ଏଫଆଇଆର, ଏଫଆଇଆର, ଆରୋପପତ୍ରର ଡିଜିଟାଲ ରେକର୍ଡ ପ୍ରସ୍ତୁତ କରାଯିବ। ପୀଡ଼ିତଙ୍କୁ ଡିଜିଟାଲ ରେକର୍ଡ ପ୍ରଦାନ କରାଯିବ। ନୂଆ ଆଇନରେ 'ଡାଇରେକ୍ଟୋରେଟ ଅଫ୍ ପ୍ରୋସିକ୍ୟୁସନ'ର ପ୍ରମୁଖ ନିୟମ ସାମିଲ କରାଯାଇଛି। ଏହା ବିଭିନ୍ନ ପ୍ରାଧିକରଣର ଯୋଗ୍ୟତା, କାର୍ଯ୍ୟ ଏବଂ କ୍ଷମତା ଧାର୍ଯ୍ୟ କରିବ। ସମନ୍ୱୟକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସ୍ତରର ପ୍ରୋସିକ୍ୟୁସନ ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଧାର୍ଯ୍ୟ କରାଯିବ। ଯାଞ୍ଚ ଉପରେ ପ୍ରୋସିକ୍ୟୁସନ ଅଧିକାରୀ ନଜର ରଖିବେ। ସେହିପରି ତଲାସୀ ଏବଂ ଜବତ ସମୟର ଭିଡିଓ ଉତ୍ତୋଳନକୁ ବାଧ୍ୟତାମୂଳକ କରାଯାଇଛି। ୭ ବର୍ଷରୁ ଅଧିକ ଦଣ୍ଡ ବ୍ୟବସ୍ଥା ଥିବା ମାମଲାରେ ଫରେନସିକ୍ ଟିମ୍‌କୁ ଦୁର୍ଘଟଣାସ୍ଥଳକୁ ଯିବାକୁ ବାଧ୍ୟ।

### ● ଜିଲ୍ଲାରେ ନିଯୁକ୍ତ ହେବେ ପ୍ରୋସିକ୍ୟୁସନ ଅଧିକାରୀ

ପ୍ରତ୍ୟେକ ଜିଲ୍ଲାରେ ପ୍ରୋସିକ୍ୟୁସନ ଅଧିକାରୀ ପଦବୀ ସୃଷ୍ଟି କରାଯିବ। ରାଜ୍ୟସ୍ତରରେ ଡାଇରେକ୍ଟର ଅଫ୍ ପ୍ରୋସିକ୍ୟୁସନ ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ପ୍ରୋସିକ୍ୟୁସନଙ୍କ ନିଯୁକ୍ତର ମାନଦଣ୍ଡକୁ ସଂଶୋଧନ କରାଯାଇଛି।

### ● ସମୟସୀମା ଧାର୍ଯ୍ୟ କରିବେ ରାଜ୍ୟ

ରାଜ୍ୟଗୁଡିକ ନିଜ କ୍ଷମତା ଏବଂ ସମ୍ବଳକୁ ଦେଖି ନୂଆ ଆଇନ କାର୍ଯ୍ୟକାରୀ କରିବା ଉପରେ ନିଷ୍ପତ୍ତି ନେବେ। ଏହି ଆଇନର ସମସ୍ତ ବିବରଣୀ କେନ୍ଦ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଇଣ୍ଟର-ଅପରେବୁଲ କ୍ରିମିନିଲା ଜଷ୍ଟିସ ସିଷ୍ଟମ (ଆଇସିଜେଏସ୍) ନୂଆ ଆଇନକୁ କାର୍ଯ୍ୟକାରୀ କରିବାରେ ସହାୟତା କରିବ।

### ● ହତ୍ୟାରେ ୩୦୨ ବଦଳରେ ଲାଗିବ ୧୦୧

ଆଇପିସିରେ ହତ୍ୟା ମାମଲା ପାଇଁ ୩୦୨ ଧାରା ଲାଗୁଥିଲା। କିନ୍ତୁ ବିଏନ୍ଏସ୍‌ରେ ଏହାକୁ ୧୦୧ କରିଦିଆଯାଇଛି। ହତ୍ୟା ପ୍ରୟାସ ପାଇଁ ଆଇପିସିରେ ୩୦୭ ଥିବାବେଳେ ଭାରତୀୟ ନ୍ୟାୟ ସଂହିତାରେ ୧୦୯ ଧାରା ରଖାଯାଇଛି। ମବ୍ ଲିଞ୍ଚ (ଭିଡ ହିଂସା) ପାଇଁ ଫାଶୀ ଦଣ୍ଡର ବ୍ୟବସ୍ଥା ରହିଛି। ସେହିପରି ଶିଶୁ ବିରୋଧୀ ଅପରାଧର ଦଣ୍ଡକୁ ୭ରୁ ୧୦ ବର୍ଷକୁ ବୃଦ୍ଧି କରିଦିଆଯାଇଛି।

### ● ଦୁଷ୍କର୍ମ ପାଇଁ ନୂଆ ଧାରା



ପୂର୍ବରୁ ୩୭୫, ୩୭୬ ଧାରା ଅନୁଯାୟୀ ଦୁଷ୍କର୍ମ ମାମଲାରେ ଦଣ୍ଡ ଦିଆଯାଉ ଥିଲା। ବିଏନ୍ଏସ୍‌ରେ ଏହାକୁ ଅଧ୍ୟାୟ ୫ରେ ସାମିଲ କରାଯାଇଛି। ଏଥିରେ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ସାମିଲ ରହିଛି। ଦୁଷ୍କର୍ମ ସମ୍ବନ୍ଧିତ ଅପରାଧ ପାଇଁ ଧାରା ୬୩, ୬୯ ଅଣାଯାଇଛି। ସେହିପରି ଗଣଦୁଷ୍କର୍ମ ପାଇଁ ଆଇପିସିରେ ୩୭୬ଡି ଥିବାବେଳେ ବିଏନ୍ଏସ୍‌ରେ ଏହାକୁ ଧାରା ୭୦ରେ ସାମିଲ କରାଯାଇଛି। ନାବାଳିକା ଗଣଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ଏବଂ ଫାଶୀର ବ୍ୟବସ୍ଥା ରହିଛି। ଗଣଦୁଷ୍କର୍ମ ଦୋଷୀଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ। ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ବନ୍ଧ ରଖିଲେ ନୂଆ ଦଣ୍ଡ ବ୍ୟବସ୍ଥା କରାଯାଇଛି। ମହିଳାଙ୍କୁ ଇ-ଏଫଆଇଆର ପାଇଁ ମଧ୍ୟ ଅନୁମତି ଦିଆଯାଇଛି। ଯୌନ ଉତ୍ପୀଡ଼ନ ମାମଲାରେ ପୀଡ଼ିତାଙ୍କ ବୟାନ ରେକର୍ଡ ସମୟରେ ଭିଡିଓ ରେକର୍ଡିଂକୁ ବାଧ୍ୟତାମୂଳକ କରାଯାଇଛି। ଅନ୍ୟପକ୍ଷରେ ଏଥର ଲିଙ୍ଗଗତ ସମାନତା ମାମଲାରେ ମହିଳାଙ୍କୁ ମଧ୍ୟ ଅଭିଯୁକ୍ତ ବନାଇ ହେବ। ଦୁଷ୍କର୍ମ ମାମଲା ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ କାର୍ଯ୍ୟକାରୀ ହେବ।

### ● ନୂଆ ଆଇନରେ ୩୫୮ ଧାରା

ଆଇପିସି ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା ଆଇନ ଅଣାଯାଇଛି। ଆଇପିସିରେ ୫୧୧ ଧାରା ଥିବାବେଳ ନୂଆ ଆଇନରେ ୩୫୮ ଧାରା ରହିଛି। ଏଥିରେ ୨୦ ନୂଆ ଅପରାଧକୁ ସାମିଲ କରାଯାଇଛି। ଏହା ବ୍ୟତୀତ ୩୩ ଅପରାଧିର ଦଣ୍ଡସୀମାକୁ ବୃଦ୍ଧି କରିଦିଆଯାଇଛି। ୮୩ ଅପରାଧର ଜରିମାନା ରାଶି ବଢ଼ା ଯାଇଛି। ୨୩ ଅପରାଧରେ ସର୍ବନିମ୍ନ ଦଣ୍ଡକୁ ବାଧ୍ୟତାମୂଳ କରିଦିଆଯାଇଛି। ୬ ଅପରାଧରେ ଗୋଷ୍ଠୀ ସେବାର ବ୍ୟବସ୍ଥାକୁ ସାମିଲ କରାଯାଇଛି। ପୁରୁଣା ଆଇନରେ ଥିବା ରାଜଦ୍ରୋହକୁ ବଦଳାଇ ଦିଆଯାଇଛି। ଏହା ପ୍ରତି ବଦଳରେ ନୂଆ ଆଇନରେ ୧୨୪ ଧାରା ଯୋଡ଼ା ଯାଇଛି। ରାଜଦ୍ରୋହକୁ ଦେଶଦ୍ରୋହ କରାଯାଇଛି। ଏହା ବ୍ୟତୀତ ୧୯ଟି ଧାରାକୁ ହଟାଇ ଦିଆଯାଇଛି। ସେହିପରି ଆଇପିସିର ଧାରା ୧୪୪ ବେଆଇନ ସଭାରେ ସାମିଲ ହେବା ସମ୍ପର୍କିତ ଥିଲା। ତେବେ ନୂଆ ବିଏନ୍ଏସ୍‌ରେ ଅଧ୍ୟାୟ ୧୧ରେ ସାର୍ବଜନୀନ ଶାନ୍ତି ଭଙ୍ଗକୁ ଅପରାଧ ଶ୍ରେଣୀରେ ସାମିଲ କରାଯାଇଛି। ଧାରା ୧୮୭ରେ ବେଆଇନ ସଭା ସମ୍ପର୍କରେ ନିୟମ ରହିଛି।

### ● ଠକେଇରେ ଲାଗିବନି ୪୨୦

ଭାରତୀୟ ନ୍ୟାୟ ସଂହିତାରେ ଠକେଇ ମାମଲାରେ ଆଉ ୪୨୦ ଦଫା ଲାଗିବ ନାହିଁ। ଏବେ ଧାରା ୩୧୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଏନ୍ଏସ୍‌ର ଅଧ୍ୟାୟ ୧୭ରେ ଏହାକୁ ଚୋରି ବିରୋଧୀ ଅପରାଧ ଶ୍ରେଣୀରେ ସାମିଲ କରାଯାଇଛି।

### ● ଦୁର୍ଘଟଣା ମାମଲା

ସଡ଼କ ଦୁର୍ଘଟଣା ହେବା ପରେ ଡ୍ରାଇଭର ଯଦି ପୀଡ଼ିତଙ୍କୁ ଥାନା କିମ୍ବା ଡାକ୍ତରଖାନା ନେଇକି ଯିବେ ତେବେ ତାଙ୍କୁ କମ୍ ଦଣ୍ଡ ମିଳିବ। ସେହିପରି 'ହିଟ୍ ଆଣ୍ଡ ରନ୍' ମାମଲାରେ ୧୦ ବର୍ଷର ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି। ପୂର୍ବରୁ ସ୍ନାଚିଂ (ଜୋର ଜବରଦସ୍ତ ଛଡ଼ାଇନେବା) ପାଇଁ କୌଣସି ଆଇନ ନ ଥିଲା। ନୂଆ ଆଇନରେ ଏଥିପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ମୁଣ୍ଡକୁ ବାଡ଼ିରେ ବାଡେଇଲେ ଏବେ ସାମାନ୍ୟ ଝଗଡ଼ାର ଧାରା ଲାଗୁଛି। ନୂଆ ଆଇନରେ ପୀଡ଼ିତଙ୍କ ବ୍ରେନ୍ ଡେଡ୍ କ୍ଷେତ୍ରରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି।

### ● ଟ୍ରାଏଲ ମାମଲା

ନୂଆ ଆଇନ କାର୍ଯ୍ୟକାରୀ ହେବା ପରେ ଲୋକଙ୍କୁ ମଧ୍ୟ ଅଧିକାର ମିଳିବ। କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା ପୂର୍ବରୁ ପୁଲିସକୁ ତାଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦେବାକୁ ପଡ଼ିବ। ପୂର୍ବ ଆଇନରେ ଏହା ଜରୁରୀ ନ ଥିଲା। କୌଣସି ମାମଲାରେ ୯୦ ଦିନ ଭିତରେ କ'ଣ ହୋଇଛି ତାହାର ସୂଚନା ପୀଡ଼ିତଙ୍କୁ ଦେବାକୁ ପଡ଼ିବ। ଯଦି ଅଭିଯୁକ୍ତ ୯୦ ଦିନ ଭିତରେ କୋର୍ଟରେ ଉପସ୍ଥିତ ନ ହୁଏ ତେବେ ତାର ଅନୁପସ୍ଥିତିରେ ମଧ୍ୟ ଟ୍ରାଏଲ ଚାଲିବ। ଜେରା ସହିତ ଶୁଣାଣି ମଧ୍ୟ ଭିଡିଓ କନଫରେନ୍ସିଂରେ ହେବ। ଏତଲାର ୯୦ ଦିନ ଭିତରେ ଆରୋପ ପତ୍ର ଦାଖଲ କରିବାକୁ ପଡିବ। ନ୍ୟାୟାଳୟ ଚାହିଁଲେ ଏହାକୁ ଆଉ ୯୦ ଦିନ ପର୍ଯ୍ୟନ୍ତ ଏବଂ ସର୍ବାଧିକ ୧୮୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ।

ଏବେ ଟ୍ରାଏଲ କୋର୍ଟଙ୍କୁ ସର୍ବାଧିକ ତିନି ବର୍ଷ ଭିତରେ କୌଣସି ମାମଲାର ରାୟ ଦେବାକୁ ପଡ଼ିବ। ମାମଲାର ଶୁଣାଣି ଶେଷ ହେବା ପରେ ବିଚାରପତିଙ୍କୁ ୪୩ ଦିନରେ ନିଷ୍ପତ୍ତି ଦେବାକୁ ପଡ଼ିବ। ନିଷ୍ପତ୍ତିର ୭ ଦିନ ଭିତରେ ଦଣ୍ଡ ଦେବାକୁ ପଡ଼ିବ। ଦୋଷୀ ହିଁ କ୍ଷମା ଆବେଦନ କରିପାରିବେ। ଏବେ ଏନ୍‌ଜିଓ କିମ୍ବା କୌଣସି ପ୍ରତିଷ୍ଠାନ ଦୟା ଆବେଦନ ଦାଖଲ କରୁଛି। ଏହା ବ୍ୟତୀତ ଅମଲାତାନ୍ତ୍ରିକ ଅଧିକାରୀଙ୍କ ବିରୋଧରେ ମାମଲା ଚଲାଇବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସମ୍ବନ୍ଧିତ ଅଧିକାରୀଙ୍କୁ ୧୨୦ ଦିନ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡ଼ିବ। ଏପରି ନ ହେଲେ ଅନୁମତି ମିଳିଛି ବୋଲି ଧରାଯିବ। ସେହିପରି ଗୁରୁତର ମାମଲାରେ ଅଧା ଦଣ୍ଡ ଭୋଗିବା ପରେ ମୁକ୍ତି ମିଳିପାରିବ। ଫାଶୀକୁ ଆଜାବୀନ କାରାଦାଣ୍ଡ, ଆଜୀବନ କାରାଦଣ୍ଡକୁ ୭ ବର୍ଷ ଜେଲ୍ ଏବଂ ୭ ବର୍ଷ ଜେଲ୍‌କୁ ୩ ବର୍ଷ କାରାଦଣ୍ଡ କରିହେବ।

### ● ଆତଙ୍କବାଦ ଉପରେ ପ୍ରହାର



ଭାରତୀୟ ନ୍ୟାୟ ସଂହିତାରେ ଆତଙ୍କବାଦକୁ ଦଣ୍ଡନୀୟ ଅପରାଧ ବନାଇ ଦିଆଯାଇଛି। ଧାରା ୧୧୩ (୧)ରେ ଭାରତର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ, ସୁରକ୍ଷା ଏବଂ ଆର୍ଥିକ ସୁରକ୍ଷା କିମ୍ବା ପ୍ରଭୁତ୍ୱକୁ ସଙ୍କଟରେ ପକାଇବା କିମ୍ବା ଆତଙ୍କବାଦର ପ୍ରଚାରପ୍ରସାର ପାଇଁ ବୋମା, ଡିନାମାଇଟ, ବିସ୍ଫୋରକ ପଦାର୍ଥ, ବିଷାକ୍ତ ଗ୍ୟାସ, ଆଣବିକ ପରୀକ୍ଷଣ କଲେ କିମ୍ବା ଏଥିରେ କାହାର ମୃତ୍ୟୁ କିମ୍ବା ସମ୍ପତ୍ତି କ୍ଷତି ହେଲେ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତି କିମ୍ବା ସଂଗଠନକୁ ଆତଙ୍କବାଦୀ ଧରାଯିବ। ସାର୍ବଜନୀନ ସୁବିଧା ଏବଂ ବ୍ୟକ୍ତିଗତ ସମ୍ପତ୍ତି ନଷ୍ଟ କରିବା ମଧ୍ୟ ଅପରାଧ ତାଲିକାଭୁକ୍ତ କରାଯାଇଛି। ସେହିପରି ସଂଗଠିତ ଅପରାଧ ପାଇଁ ଧାରା ୧୧୧ (୧) ସାମିଲ କରାଯାଇଛି। ଏଭଳି କାର୍ଯ୍ୟରେ ଲିପ୍ତ ଥିଲେ ୭ ବର୍ଷରୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି।

### ● ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ ଧାରା

ସିଆରପିସି ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଅଣାଯାଇଛି। ପୁରୁଣା ଆଇନରେ ୪୮୪ ଧାରା ଥିବାବେଳେ ନୂଆ ଆଇନରେ ୫୩୧ ଧାରା ରହିଛି। ବିଏନ୍ଏସ୍ଏସ୍‌ରେ ୧୭୭ ବ୍ୟବସ୍ଥାକୁ ବଦଳାଇ ଦିଆଯାଇଛି। ୯ଟି ନୂଆ ଧାରା ଏବଂ ୩୯ଟି ଉପ-ଧାରା ଯୋଡ଼ା ଯାଇଛି। ଏହା ବ୍ୟତୀତ ୩୫ ଧାରାର ସମୟସୀମା ଧାର୍ଯ୍ୟ କରାଯାଇଛି। ୩୫ଟି ନିୟମରେ ଅଡ଼ିଓ-ଭିଡିଓ ବ୍ୟବସ୍ଥାକୁ ସାମିଲ କରାଯାଇଥିବାବେଳେ ୧୪ ଧାରାକୁ ହଟାଇ ଦିଆଯାଇଛି। ଏଥିରେ ଅପରାଧିକ କାର୍ଯ୍ୟାନୁଷ୍ଠାନ, ଗିରଫ, ଯାଞ୍ଚ, ଆରୋପ ପତ୍ର, ମାଜିଷ୍ଟ୍ରେଟଙ୍କ ସାମ୍ନାରେ ହାଜର, ନିଜଆଡୁ ହସ୍ତକ୍ଷେପ, ଦଫା, ଓକିଲ ନିଯୁକ୍ତି, ଟ୍ରାଏଲ, ଜାମିନ, ରାୟ ଏବଂ ଦଣ୍ଡା, ଦୟା ଆବେଦନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଇଲେକ୍‌ଟ୍ରୋନିକ କମ୍ୟୁନିକେସନ ମାଧ୍ୟମରେ ଅଭିଯୋଗ ହେଲେ ତିନି ଦିନ ମଧ୍ୟରେ ଏତଲାକୁ ରେକର୍ଡରେ ରଖିବାକୁ ପଡ଼ିବ। ଯୌନ ଉତ୍ପୀଡ଼ନ ମାମଲାରେ ପୀଡ଼ିତଙ୍କ ଯାଞ୍ଚ ରିପୋର୍ଟକୁ ୭ ଦିନ ଭିତରେ ଯାଞ୍ଚ ଅଧିକାରୀଙ୍କୁ ପଠାଇବାକୁ ପଡ଼ିବ। ମାମଲାର ପ୍ରଥମ ଶୁଣାଣି ୬୦ ଦିନ ମଧ୍ୟରେ ହେବ।

### ● ଭାରତୀୟ ସାକ୍ଷ୍ୟ ଅଧିନିୟମ

ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ ଧାରା ରହିଛି। ପୁରୁଣା ଆଇନରେ ୧୬୭ ଧାରା ଥିଲା। ନୂଆ ଆଇନରେ ୨୪ଟିକୁ ବଦଳାଇ ଦିଆଯାଇଛି। ୨ ନୂଆ ଧାରା, ୬ ଉପ-ଧାରା ଯୋଡ଼ା ଯାଇଥିବାବେଳେ ୬ଟି ଧାରାକୁ ହଟାଇ ଦିଆଯାଇଛି।

---

## ୨୦୨୪ ଭାରତ ପାଇଁ ଐତିହାସିକ, ପରିବର୍ତ୍ତନର ବର୍ଷ

୨୦୨୪ ଭାରତ ପାଇଁ ବିଭିନ୍ନ ଦିଗରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିବ। ଏହି ବର୍ଷରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଉଦ୍‌ଘାଟନ ଦେଶର ମହାନ ପରମ୍ପରା ଓ ଐତିହ୍ୟକୁ ନେଇ ଜନସମାଜରେ ଏକ ବଡ଼ ପରିବର୍ତ୍ତନ ଆଣିବା ସହିତ ସାଧାରଣ ନିର୍ବାଚନ ମଧ୍ୟ ମାନବ ଇତିହାସରେ ଏକ ରେକର୍ଡ ସୃଷ୍ଟି କରିବ। କାରଣ ଭାରତ ଭଳି ଦୁନିଆର ସବୁଠୁ ବୃହତ ଲୋକତାନ୍ତ୍ରିକ ଏବଂ ଜନବହୁଳ ରାଷ୍ଟ୍ରରେ ଏଥର ୧୦୦ କୋଟିରୁ ଅଧିକ ଭୋଟର ଏହି ନିର୍ବାଚନରେ ଭାଗ ନେବେ ।ବିଶେଷକରି ଏହି ନିର୍ବାଚନରେ ଯୁବବର୍ଗଙ୍କ ଭାଗିଦାର ଏକ ପ୍ରମୁଖ ବିଷୟ ହେବ। ସେହିପରି ଚଳିତ ନିର୍ବାଚନରେ ଭାରତୀୟ ଭୋଟରଙ୍କ ମତଦାନ ହାର ମଧ୍ୟ ବିଗତ ଦିନର ସବୁ ରେକର୍ଡକୁ ଅତିକ୍ରମ କରିବ। ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ପ୍ରତିଶତ ପାଖାପାଖି ୭୦ ପ୍ରତିଶତ ହେବ ବୋଲି ଏକ ଅନୁଧ୍ୟାନରୁ ଆକଳନ କରାଯାଇଛି। ଚଳିତମାସ ୭ ତାରିଖରୁ ବାଂଲାଦେଶରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ପାକିସ୍ତାନରେ ଫେବୃଆରୀ ୮, ଫେବୃଆରୀ ୧୪ରେ ଇଣ୍ଡୋନେସିଆ, ମାର୍ଚ୍ଚରେ ତୁର୍କୀ ଏବଂ ଏପ୍ରିଲ ଓ ମେ ' ମାସରେ ଭାରତରେ ନିର୍ବାଚନ ହେବ। ରାମ ମନ୍ଦିର ପ୍ରତିଷ୍ଠା ଏବଂ ନିର୍ବାଚନ ବ୍ୟତୀତ ବର୍ଷ ୨୦୨୪ ଭାରତ ପାଇଁ ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ରହିବ। ଏହି ବର୍ଷ ଭାରତ ପାଇଁ 'ଇଲେକଟ୍ରିକ୍ ଭେଇକିଲ(ଇଭି)'ର ବର୍ଷ ହେବ। ଭାରତରେ ବର୍ତ୍ତମାନ ସୁଦ୍ଧା ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଅଟୋମୋବାଇଲ କମ୍ପାନୀ ଇଭି ପ୍ରସ୍ତୁତ କରୁଥିଲା ବେଳେ ଆଗକୁ ଟେସଲା ଭଳି ଅନ୍ୟ ତିନି ପ୍ରମୁଖ କମ୍ପାନୀ ମଧ୍ୟ ଇଭି ଉତ୍ପାଦନ କରିବାକୁ ଯାଉଛନ୍ତି। ତେଣୁ ଭାରତରେ ୨୦୨୪ରେ ଇଭି ଯାନ କ୍ଷେତ୍ରରେ ବୈପ୍ଳବିକ ସ୍ଥିତି ଆସିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତା(ଏଆଇ) ମଧ୍ୟ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିବ ବୋଲି ବୁଦ୍ଧିଜୀବୀ ମହଲରେ ଆକଳନ କରାଯାଇଛି। ଆଇଟି, ସଫ୍ଟୱେୟର କ୍ଷେତ୍ର ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଏଣିକି ଏଆଇ ପ୍ରଭାବ ବିସ୍ତାର କରିବାକୁ ଯାଉଥିବା ବେଳେ ଏହାସହ ଅଭ୍ୟସ୍ତ ନ ହେଲେ ମଣିଷ ପଛରେ ପଡ଼ିଯିବାର ଆଶଙ୍କା ରହିଛି। ତେଣୁ ଏହି ବର୍ଷରେ ଭାରତରେ ଏଆଇକୁ ନେଇ ଅନେକ କିଛି ସଂପ୍ରସାରିତ ହେବ।

---

### ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଜଳାଭିଷେକ

## ବାବରଙ୍କ ଜନ୍ମ ସ୍ଥାନ ଉଜବେକିସ୍ତାନରୁ ବି ଆସିଛି ଜଳ

**ନୂଆଦିଲ୍ଲୀ,୩।୧(ଏଜେନ୍ସି):** ଆସନ୍ତା ଜାନୁଆରୀ ୨୨ରେ ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି ।ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ପ୍ରଥମେ ଜଳାଭିଷେକ ହେବ। ସେଥିପାଇଁ ଦେଶ ବିଦେଶର କୋଣ ଅନୁକୋଣରୁ ଜଳ ଆସିଛି। ଏପରିକି ପ୍ରଭୁ ଶ୍ରୀରାମଙ୍କ ଜଳାଭିଷେକ ପାଇଁ ରାବଣ ଦେଶ କୁହାଯାଉଥିବା ଶ୍ରୀଲଙ୍କା ସମେତ ମୋଗଲ ବାଦ୍‌ଶାହ ବାବରଙ୍କ ଜନ୍ମସ୍ଥାନ ଉଜବେକିସ୍ତାନରୁ ମଧ୍ୟ ଜଳାଭିଷେକ ପାଇଁ ଜଳ ଅଣାଯାଇଛି । କେବଳ ଏହି ଦୁଇ ଦେଶ ନୁହେଁ, ୧୫୫ଟି ଦେଶର ପବିତ୍ର ନଦୀରୁ ଜଳ ସଂଗ୍ରହ କରି ଭାରତ ଅଣାଯାଇଥିଲା ବେଳେ ପାକିସ୍ତାନ, ଇରାନ ଏବଂ ୟୁଏଇ ଭଳି କେତେକ ଇସଲାମିକ୍ ଦେଶରୁ ମଧ୍ୟ ଜଳ ଅଣାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଏପ୍ରିଲରେ ଦିଲ୍ଲୀର ପୂର୍ବତନ ବିଜେପି ବିଧାୟକ ବିଜୟ ଜୈଲି ୧୫୫ ଦେଶରୁ ଅଣାଯାଇଥିବା ପବିତ୍ର ଜଳକୁ ନେଇ କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡକରୀଙ୍କୁ ଭେଟିଥିଲେ। ଏହି ଜଳପୂର୍ଣ୍ଣ କଳସରେ ଚୀନ୍, ଲାଓସ୍, ମିଆଁମାର, ମଙ୍ଗୋଲିଆ, ସାଇବେରିଆ, ଦକ୍ଷିଣ କୋରିଆ ଇତ୍ୟାଦି ଅନେକ ଦେଶର ନାମ ଲେଖାଯାଇଛି ।ବିଜୟ ଜୈଲିଙ୍କ କହିବା ଅନୁସାରେ, ଏହିସବୁ ଦେଶରୁ ଜଳ ସଂଗ୍ରହ କାର୍ଯ୍ୟରେ ସମସ୍ତ ଧର୍ମର ଲୋକମାନେ ସହଯୋଗ କରିଛନ୍ତି । ହିନ୍ଦୁମାନେ ସାଉଦି ଆରବରୁ ଏବଂ ମୁସଲମାନ ମହିଳାମାନେ ଇରାନରୁ ଜଳ ପଠାଇଛନ୍ତି। ତାଜ ମହମ୍ମଦ କଜାକିସ୍ତାନର ପ୍ରମୁଖ ନଦୀରୁ ଜଳ ପଠାଇଛନ୍ତି । ସେହିପରି ଶିଖ ଭାଇମାନଙ୍କ ସହାୟତାରେ କେନିଆରୁ ଜଳ ସଂଗ୍ରହ କରାଯାଇଛି। ଅତ୍ୟନ୍ତ ଯତ୍ନର ସହ ସିନ୍ଧିମାନେ ପାକିସ୍ତାନରୁ ଅଯୋଧ୍ୟାକୁ ଜଳ ପଠାଇଛନ୍ତି।

● କୁନୋରୁ ଆସିଲା ଖୁସି ଖବର

# ୩ ଶାବକଙ୍କୁ ଜନ୍ମଦେଲା ଆଶା

ଭୋପାଳ, ୩।୧ (ଏଜେନ୍ସି)

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରୁ ଖୁସି ଖବର ଆସିଛି। ନାମିବ୍ୟାରୁ ଆସିଥିବା ଚିତା ଆଶା ବୁଧବାର ୩ ଶାବକଙ୍କୁ ଜନ୍ମ ଦେଇଛି। ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଏହି ସୂଚନା ଦେଇଛନ୍ତି। ସେ ଶାବକଙ୍କ ଫଟୋ ଏବଂ ଭିଡିଓ ସେୟାର କରିଛନ୍ତି। ଏହା ଚିତା ପ୍ରକଳ୍ପର ସଫଳତା ବୋଲି କହିଛନ୍ତି। ଏହି ପ୍ରକଳ୍ପରେ ସାମିଲ ଥିବା ସମସ୍ତ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଭାଇରାଲ ହେବାରେ ଲାଗିଛି। ସମସ୍ତ ଶାବକ ସୁସ୍ଥ ଅଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରଙ୍କ ଟିମ୍ ନଜର ରଖିଛନ୍ତି। ଏହା ସହିତ କୁନୋରେ ଚିତା ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ୪ ଶାବକ ସାମିଲ ଅଛନ୍ତି। ଏହା



ପୂର୍ବରୁ ମାର୍ଚ୍ଚରେ ଚିତା ସିୟାୟା ୪ ଶାବକଙ୍କୁ ଜନ୍ମ ଦେଇଥିଲା। ତେବେ ଏମାନଙ୍କ ମଧ୍ୟରୁ ୩ ଶାବକ ପ୍ରାଣ ହରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହତ୍ୱାକାଂକ୍ଷୀ ଚିତା ପ୍ରକଳ୍ପରେ ଉଭୟ ଆଶା ଏବଂ ସିୟାୟାକୁ ନାମିବ୍ୟାରୁ ଭାରତ ଅଣା ଯାଇଥିଲା। ପ୍ରଥମେ ୨୦୨୨ ସେପ୍ଟେମ୍ବରରେ ନାମିବ୍ୟାରୁ ୮ ଚିତାଙ୍କୁ କୁନୋ ଅଣା ଯାଇଥିଲା। ତେବେ କିଡ୍‌ନୀ ସଂକ୍ରମଣରେ ଚିତା ଶାଶାର ମୃତ୍ୟୁ ହୋଇଥିଲା। ପରେ ୨୦୨୩ ଫେବୃଆରୀ ୧୮ରେ ଦକ୍ଷିଣ ଆଫ୍ରିକାରୁ ୧୨ ଚିତା ଅଣା ଯାଇଥିଲା।

## ବିହାରରେ ଚାଞ୍ଚଲ୍ୟ
# ରାତାରାତି ପୋଖରୀ ଚୋରି

**ପାଟନା, ୩।୧ (ଏଜେନ୍ସି):** ବିହାରରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ପୋଲ, ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡ଼, ରେଳ ଧାରଣା ପରେ ରାତାରାତି ଏକ ପୋଖରୀ ଚୋରି ହୋଇଯାଇଛି। ସନ୍ଧ୍ୟାବେଳେ ଯେଉଁ ପୋଖରୀରେ ପାଣି ଥିଲା ସକାଳୁ ସେଠି ଘର ତିଆରି ହୋଇଥିବା ଦେଖିବାକୁ ମିଳିଛି। ଚୋରଙ୍କ ଏହି ଚୋରି କୌଶଳ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ଦରଭଙ୍ଗା ଜିଲ୍ଲାରେ କଦରବାଗ ଅଞ୍ଚଳରେ ଏହି ଘଟଣା ଘଟିଛି। ରାତିକ ଭିତରେ ଜମି ମାଫିଆ ଏକ ସରକାରୀ ପୋଖରୀକୁ ଉଭାନ କରିଦେଇଛନ୍ତି। ସକାଳୁ ଲୋକେ ପୋଖରୀ ଦେଖିବାକୁ ପାଇ ନ ଥିଲେ। ପରେ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ଜମି ମାଫିଆ ବାଲି ଏବଂ ମାଟି ପକାଇ ପୋଖରୀକୁ ପୋତି ଦେଇଥିଲେ। ଏହା ଉପରେ ଏକ ମାଟି ଘର ନିର୍ମାଣ କରିଥିଲେ। କିଛି ନ ଜଣା ପଡ଼ିବା ଭଳି ଚାରିପଟକୁ ସଫା କରି ବାଡ଼ ବୁଲାଇ ଦେଇଥିଲେ। ଦରଭଙ୍ଗା ଡିଏସ୍‌ପି ଅମିତ କୁମାର ଘଟଣାସ୍ଥଳକୁ ଯାଇ ମାମଲାର ତଦନ୍ତ କରିଛନ୍ତି। କେହି ନ ଜାଣିବା ପାଇଁ ପ୍ରାୟ ସପ୍ତାହେ ହେଲା ରାତିରେ ପୋଖରୀ ପୋତା କାମ ଚାଲିଥିଲା। ଏହି ମାମଲାର ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ହେମନ୍ତଙ୍କ ସହଯୋଗୀଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ,୩।୧(ଏଜେନ୍ସି)

ବେଆଇନ ଖଣି ଖନନ ଏବଂ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ କିଛି ସହଯୋଗୀଙ୍କ ଘରେ ଚଢଉ କରାଯାଇଛି। ହେମନ୍ତଙ୍କ ମୁଖ୍ୟ ପ୍ରେସ୍ ପରାମର୍ଶଦାତା ଅଭିଷେକ ପ୍ରସାଦଙ୍କ ବାସଭବନ ସହିତ ଅନ୍ୟ ୧୨ ଠିକଣାରେ ଚଢଉ କରାଯାଇଥିଲା ବେଳେ ସାହେବଗଞ୍ଜ ଡେପୁଟି କମିସନରଙ୍କ ବାସଭବନରେ ମଧ୍ୟ ଚଢଉ କରାଯାଇଛି। ଇଡିର ବାରମ୍ବାର ସମନ ସତ୍ତ୍ୱେ ସୋରେନ୍ ହାଜର ନ ହେବାରୁ ବୁଧବାର ଏହି ଚଢଉ କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଇତିମଧ୍ୟରେ ଇଡି ପକ୍ଷରୁ ସୋରେନଙ୍କୁ ସପ୍ତମ ସମନ ଜାରି କରାଯିବା ସହିତ କେଉଁଠି ଏବଂ କେଉଁ ଦିନ ତାଙ୍କୁ ପଚରାଉଚରା କରାଯିବ ସେଥିନେଇ ସମୟ ମଗାଯାଇଥିଲା। ଗତ ରବିବାର ସୁଦ୍ଧା ଜଣାଇବାକୁ ସୋରେନଙ୍କୁ କୁହାଯାଇଥିଲା ବେଳେ ସେ ଏଥିନେଇ କୌଣସି ଉତ୍ତର ରଖି ନଥିଲେ। ବରଂ ଇଡି ଜାରି କରିଥିବା ସମନକୁ ସେ ବେଆଇନ କହିବା ସହିତ ତାଙ୍କ ସମ୍ପତ୍ତି ବାବଦ ସମସ୍ତ ତଥ୍ୟ ଇଡିକୁ ଦେଇସାରିଛନ୍ତି ବୋଲି କହିଥିଲେ। ଏହି ଘଟଣା ପରେ ବୁଧବାର ସକାଳୁ ସୋରେନଙ୍କ ଏହି ଦୁଇ ସହଯୋଗୀଙ୍କ ଘରେ ଚଢଉ କରାଯାଇଛି। ଅର୍ଥ ହେରଫେର ମାମଲାରେ ଅଭିଷେକଙ୍କ ବଡ଼ ଭୂମିକା ରହିଛି ବୋଲି ଇଡି ପକ୍ଷରୁ କୁହାଯାଇଛି। ସୋରେନଙ୍କୁ ହାଜର ହେବା ପାଇଁ ଶେଷ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେ ନ ଆସିବାରୁ ଇଡି ଏହି ପଦକ୍ଷେପ ନେଇଥିବା କହିଛି।



## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେନି ହେମନ୍ତ

ଇଡିର ବାରମ୍ବାର ସମନକୁ ନେଇ ହେମନ୍ତଙ୍କ ଗିରଫ ଆଶଙ୍କା ରହିଥିବାରୁ ସେ କୌଣସି ମୁହୂର୍ତ୍ତରେ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା। ତାଙ୍କ ସ୍ଥାନରେ ତାଙ୍କ ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯିବ ବୋଲି ମଧ୍ୟ ଆଲୋଚନା ଚାଲିଥିଲା। କିନ୍ତୁ ହେମନ୍ତ ତାଙ୍କ ପଦବୀରୁ ଇସ୍ତଫା ଦେବେ ନାହିଁ ବୋଲି ବୁଧବାର ନିଷ୍ପତ୍ତି ହୋଇଛି। ରାଞ୍ଚିରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ୪୩ ବିଧାୟକ ଉପସ୍ଥିତ ରହିଥିଲା ବେଳେ ହେମନ୍ତ ଇସ୍ତଫା ଦେବେ ନାହିଁ ଏବଂ ଆଗାମୀ ଦିନରେ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କଂଗ୍ରେସ ବିଧାୟକ ପ୍ରଦୀପ ଯାଦବ କହିଛନ୍ତି ।

## ହାଜର ହେଲେନି, ତୃତୀୟ ସମନକୁ ବି ଏଡାଇଲେ କେଜ୍ରିୱାଲ

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଇଡି କାର୍ଯ୍ୟାଳୟରେ ହାଜର ହୋଇନାହାନ୍ତି। ଇଡି ପକ୍ଷରୁ ତାଙ୍କୁ ତୃତୀୟ ସମନ ଜାରି କରାଯିବା ସହିତ ବୁଧବାର ହାଜର ହେବାକୁ କୁହାଯାଇଥିଲା। କିନ୍ତୁ ପରୋକ୍ଷରେ କେଜ୍ରିୱାଲ ଇଡି ଉପରେ ଦୋଷ ଲଦିବା ସହିତ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ଏବଂ ରାଜ୍ୟସଭା ନିର୍ବାଚନ ପାଇଁ ବ୍ୟସ୍ତ ଥିବାରୁ ସେ ହାଜର ହୋଇପାରିବେନି ବୋଲି କହିଛନ୍ତି। ଏହାବ୍ୟତୀତ ଇଡି କ'ଣ ପାଇଁ ତାଙ୍କୁ ସମନ କରୁଛି ତାହାକୁ ନେଇ ସେ ପୂର୍ବରୁ ପ୍ରଶ୍ନ ଉଠାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଏହାର ଉତ୍ତର ନ ମିଳିବା ପଛରେ ଇଡିର ମନ୍ଦ ଉଦ୍ଦେଶ୍ୟ ନିହିତ ଅଛି ବୋଲି କେଜ୍ରିୱାଲ କହିଛନ୍ତି। ଅବକାରୀ ମାମଲାରେ ଇଡି ତାଙ୍କୁ ଯାହା କିଛି ପଚାରିବାକୁ ଚାହୁଁଛି ତାହାର ଉତ୍ତର ରଖିବାକୁ ସେ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଇଡି ଏ ସମ୍ପର୍କରେ ତାଙ୍କୁ କିଛି କହୁ ନଥିବା ବେଳେ ବାରମ୍ବାର ସମନ ଜାରି କରିବା ପଛରେ ଅନ୍ୟ କିଛି କାରଣ ରହିଛି ବୋଲି ସେ କହିଛନ୍ତି।

# ରଣଧୀର୍ ଜୈସୱାଲ ବୈଦେଶିକ ମନ୍ତ୍ରଣାଳୟର ନୂଆ ପ୍ରବକ୍ତା

## ଅରିନ୍ଦମ ବାଗଚିଙ୍କୁ ବଡ଼ ଦାୟିତ୍ୱ

**ନୂଆଦିଲ୍ଲୀ,୩।୧(ଏଜେନ୍ସି):** ୧୯୯୮ ବ୍ୟାଚ୍ ଆଇଏଫଏସ୍ ଅଧିକାରୀ ରଣଧୀର ଜୈସୱାଲଙ୍କୁ ବୈଦେଶିକ ମନ୍ତ୍ରଣାଳୟର ନୂଆ ପ୍ରବକ୍ତା ଭାବେ ନିଯୁକ୍ତ କରାଯାଇଛି। ଏହି ଦାୟିତ୍ୱରେ ରହିଥିବା ୧୯୯୫ ବ୍ୟାଚ୍ ଆଇଏଫଏସ୍ ଅଧିକାରୀ ଅରିନ୍ଦମ ବାଗଚିଙ୍କୁ ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ଭାରତର ସ୍ଥାୟୀ ପ୍ରତିନିଧି ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି। ଏନେଇ ଅରିନ୍ଦମ ତାଙ୍କ ଏକ୍ସ ଆକାଉଣ୍ଟ ମାଧ୍ୟମରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଖୁବଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ରଣଧୀର ଜୈସୱାଲ ନ୍ୟୁୟର୍କରେ ଭାରତୀୟ ରାଷ୍ଟ୍ରଦୂତ କାର୍ଯାଳୟରେ କନସୁଲ୍ ଜେନେରାଲ୍ ଭାବେ ଅବସ୍ଥାପିତ ଥିଲେ। କିନ୍ତୁ ଏବେ ସେ ଅରିନ୍ଦମ ବାଗଚିଙ୍କ ସ୍ଥାନ ନେଇଛନ୍ତି । ସାଂପ୍ରତିକ ବୈଶ୍ୱିକ ଦୃଶ୍ୟପଟ୍ଟରେ ବିଭିନ୍ନ କ୍ଷେତ୍ରରେ ଭାରତର ନେତୃତ୍ୱ ବୃଦ୍ଧି ପାଇ ଚାଲିଥିଲା ବଳେ ବାଗଚିଙ୍କୁ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧୀ ଭାବରେ ନିଯୁକ୍ତ କରାଯାଇଛି । ବର୍ତ୍ତମାନ ସେ ସବୁ ପ୍ରସଙ୍ଗରେ ଭାରତର ପକ୍ଷ ଉପସ୍ଥାପନ କରିବେ ।




# ଆସାମରେ ବସ୍-ଟ୍ରକ୍ ମୁହାଁମୁହିଁ ; ୧୫ ମୃତ, ୨୭ ଆହତ



**ଗୌହାଟୀ,୩।୧(ଏଜେନ୍ସି):** ଆସାମ ଜୋରହାଟ ଜିଲ୍ଲା ଦେରଗାଓଁ ନିକଟରେ ବୁଧବାର ପ୍ରତ୍ୟୁଷରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହେବା ସହିତ ୨୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ପିକ୍‌ନିକ୍ ପାର୍ଟି ବସ୍ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ମିଳିଥିବା ଖବର ଅନୁସାରେ ପ୍ରାୟ ୪୫ ଯାତ୍ରୀଙ୍କୁ ଧରି ଏହି ପିକ୍‌ନିକ୍ ବସ୍ ତିନସୁକିଆସ୍ଥିତ ତିଲିଙ୍ଗା ମନ୍ଦିର ଅଭିମୁଖେ ଯାଉଥିଲା। କିନ୍ତୁ ଭୋର ପ୍ରାୟ ୫ଟା ବେଳେ ଦେରଗାଓଁ ନିକଟରେ ବସ୍‌ଟି ସହ ଏକ କୋଇଲା ବୋଝେଇ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ହିଁ ୧୪ ଜଣଙ୍କ ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ଆହତ ଲୋକଙ୍କୁ ଉଦ୍ଧାର କରିବା ସହିତ ମେଡିକାଲରେ ଭର୍ତ୍ତି କରିଛି। ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି ଆଶଙ୍କା କରାଯାଉଛି।

## ଟ୍ରକ୍ ଡ୍ରାଇଭରଙ୍କ ଔକାତ୍ ପଚାରିଥିବା ଜିଲ୍ଲାପାଳ ନିଲମ୍ବିତ

**ଭୋପାଳ,୩।୧(ଏଜେନ୍ସି):** ଜଣେ ଟ୍ରକ୍ ଡ୍ରାଇଭରଙ୍କ ପ୍ରତି ଅସଙ୍ଗତ ବ୍ୟବହାର କରିବା ଜଣେ ଜିଲ୍ଲାପାଳଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାକୁ ନେଇ ଜିଲ୍ଲାପାଳ ଜଣକ ନିଲମ୍ବିତ ହୋଇଛନ୍ତି। ଏଭଳି ଘଟଣା ଦେଖାଯାଇଛି ମଧ୍ୟପ୍ରଦେଶରେ। ହିଟ୍ ଆଣ୍ଡ ରନ୍ ଆଇନ ବିରୋଧରେ ମଙ୍ଗଳବାର ସାରା ଦେଶରେ ଟ୍ରକ୍ ଡ୍ରାଇଭର ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏହିକ୍ରମରେ ମଧ୍ୟପ୍ରଦେଶର ଶାଜାପୁରରେ ଟ୍ରକ୍ ଡ୍ରାଇଭରମାନେ ରାସ୍ତା ଅବରୋଧ କରିଥିଲା ବେଳେ ସେଠାକାର ଜିଲ୍ଲାପାଳ ସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ଜିଲ୍ଲାପାଳ କିଶୋର କାନ୍ୟାଲ ଜଣେ ଡ୍ରାଇଭରଙ୍କ ଉପରେ ରାଗି ଯିବା ସହିତ 'ତୁମର ଔକାତ୍ କ'ଣ ଅଛି' ବୋଲି ପଚାରିଥିଲେ। ତେବେ ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୁଣି ଉତ୍ତେଜନା ବଢିଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜିଲ୍ଲାପାଳ କିଶୋରଙ୍କୁ ନିଲମ୍ବିତ କରିଛନ୍ତି। କେବଳ ସେତିକି ନୁହେଁ ,ତାଙ୍କୁ ଏଭଳି ଭାଷା ପ୍ରୟୋଗ କରିବାକୁ ମଧ୍ୟ ବାରଣ କରାଯାଇଛି। ତାଙ୍କ ସରକାର ସମସ୍ତଙ୍କ କାର୍ଯ୍ୟ ଏବଂ ଭାବନାକୁ ସମ୍ମାନ ଦେଇ ଆସୁଥିବା ବେଳେ ଡ୍ରାଇଭର ଜଣଙ୍କୁ ମଧ୍ୟ ସମ୍ମାନ ଦିଆଯିବା ଉଚିତ। ଏହାବ୍ୟତୀତ ସେ ନିଜେ ଜଣେ ଶ୍ରମିକ ପରିବାରର ପୁଅ ବୋଲି କହିବା ସହିତ ଏଭଳି ଭାଷା କାହା ପ୍ରତି ବ୍ୟବହାର କରାଯିବା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିବାହ କଲେ ଅମିର ଖାନ୍‌ଙ୍କ ଝିଅ
# ନୁପୁରଙ୍କ ହାତ ଧରିଲେ ଆୟରା



**ମୁମ୍ବାଇ, ୩।୧ (ଏଜେନ୍ସି):** ବଲିଉଡ୍ ଅଭିନେତା ଅମିର ଖାନ୍‌ଙ୍କ ଝିଅ ବୁଧବାର ରାତିରେ ବିବାହ କରିଛନ୍ତି। ଆୟରା ଖାନ ଫିଟ୍‌ନେସ୍ ଟ୍ରେନର ନୁପୁର ଶିଖରେଙ୍କ ହାତ ଧରିଛନ୍ତି। ମୁମ୍ବାଇର ଏକ ପ୍ରସିଦ୍ଧ ହୋଟେଲରେ ଉଭୟରେ ପଞ୍ଜିକୃତ ବିବାହ କରିଛନ୍ତି। ଜରୁରୀ କାଗଜପତ୍ରରେ ଦସ୍ତଖତ କରି ଉଭୟରେ ପତିପତ୍ନୀ ହୋଇଛନ୍ତି। ବର ନୁପୁର ଜିମ୍ ପୋଷାକରେ ସମସ୍ତ କାର୍ଯ୍ୟ କରିଛନ୍ତି। ବିବାହ ପରେ ନବ ଦମ୍ପତି ଗଣମାଧ୍ୟମ ସହ କଥା ହୋଇଛନ୍ତି। ଏହି ବିବାହରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପତ୍ନୀ ନୀତା ଅମ୍ବାନୀଙ୍କ ସହିତ ଅନେକ ସେଲିବ୍ରିଟି ସାମିଲ ହୋଇଥିଲେ। ସମସ୍ତଙ୍କୁ ଅମିର ଏବଂ ତାଙ୍କ ପୂର୍ବତନ ପତ୍ନୀ କିରଣ ରାଓ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ସନ୍ଧ୍ୟାରେ ବରଯାତ୍ରୀ ସହ ବର ଚାଲିଚାଲି ହୋଟେଲରେ ପହଞ୍ଚି ଥିଲେ। ବର ପାରମ୍ପରିକ ପୋଷାକ ଏବଂ ଘୋଡ଼ାଗଡ଼ି ଚଢ଼ି ଆସିବା ବଦଳରେ ନିଆରା ଭଙ୍ଗୀରେ ପ୍ରବେଶ କରିଥିଲେ। ସେ ଜିମ୍ ପୋଷାକ ପିନ୍ଧି ଦୌଡ଼ି ଦୌଡ଼ି ପହଞ୍ଚି ଥିଲେ।

# ଗୁରୁଗ୍ରାମରେ ମଡେଲଙ୍କୁ ହତ୍ୟା

## ଗ୍ୟାଙ୍ଗଷ୍ଟର ସନ୍ଦୀପ ଗାଡୋଲୀ ଏନ୍‌କାଉଣ୍ଟରର ଥିଲେ ସାକ୍ଷୀ

ଗୁରୁଗ୍ରାମ, ୩।୧(ଏଜେନ୍ସି)

ଗୁରୁଗ୍ରାମସ୍ଥିତ ଏକ ହୋଟେଲରେ ୨୭ ବର୍ଷୀୟା ମଡେଲଙ୍କୁ ହତ୍ୟା କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି। ମୃତ ଯୁବତୀଙ୍କୁ ଦିବ୍ୟା ପାହୁଜା ଭାବେ ଚିହ୍ନଟ କରାଯାଇଛି। ଯୁବତୀ ଜଣକ ମଡେଲିଂ କରୁଥିଲେ ବୋଲି ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଯୁବତୀଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତମାନେ ଏକ ବିଏମଡବ୍ଲୁକାରରେ ଶବକୁ ନେଇ କେଉଁଆଡେ ଫେରାର ହୋଇଯାଇଛନ୍ତି। ତେବେ ହୋଟେଲରେ ପ୍ରବେଶ କରିବା ଠାରୁ ଶବକୁ ଟାଣି ନିଆଯାଉଥିବାର ଦୃଶ୍ୟ ହୋଟେଲର ସିସିଟିଭି



କ୍ୟାମେରାରେ କଏଦ ହୋଇଛି। ଏହାକୁ ଆଧାର କରି ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି। ମୃତ ମଡେଲ ଦିବ୍ୟା ପାହୁଜା ଗୁରୁଗ୍ରାମ ବଲଦେବ ନଗରର ବାସିନ୍ଦା ଏବଂ ସେ ସନ୍ଦୀପ ଗାଡୋଲୀ ମିଥ୍ୟା ଏନକାଉଣ୍ଟର ମାମଲାର ମୁଖ୍ୟ ସାକ୍ଷୀ ଥିଲେ। ଏହି ମାମଲାରେ ପୁଲିସ ହୋଟେଲ ମାଲିକ ଅଭିଜିତ ସିଂହଙ୍କ ସମେତ ପ୍ରକାଶ ଓ ଇନ୍ଦ୍ରାଜ୍ ନାମକ ଅନ୍ୟ ଦୁଇଜଣଙ୍କୁ ଗିରଫ କରି ମାମଲାର ତଦନ୍ତ ଜାରି ରଖିଛି। ଅଭିଜିତ ତାଙ୍କ ସାଥୀମାନଙ୍କ ସହ ମିଶି ଦିବ୍ୟାଙ୍କୁ ହତ୍ୟା କରିଥିବାର କୁହାଯାଉଛି। ହତ୍ୟାକାଣ୍ଡ ପରେ ଶବକୁ ଲୁଚାଇବା ପାଇଁ ଅଭିଜିତ ତାଙ୍କ ସାଥୀମାନଙ୍କୁ ୧୦ଲକ୍ଷ ଟଙ୍କା ସହ ନିଜ ବିଏମଡବ୍ଲୁ କାର ଦେଇଥିଲେ ବୋଲି ଜଣାପଡ଼ିଛି। ତେବେ ତାଙ୍କ ସାଥୀମାନେ କାର ଡିକିରେ ଶବ ରଖି ଅନ୍ତର୍ଦ୍ଧାନ ହୋଇଯାଇଥିଲା ବେଳେ ସେମାନଙ୍କୁ ଧରିବାକୁ ପୁଲିସ ଜାଲ ବିଛାଇଛି।

● ଦୋଷ ସ୍ୱୀକାର କଲେ ଫ୍ରାନ୍ସରୁ ଫେରିଥିବା ଗୁଜରାଟ ଯାତ୍ରୀ

# ଆମେରିକା ଯିବାକୁ ଦେଇଥା'ନ୍ତେ ୮୦ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ, ୩।୧ (ଏଜେନ୍ସି):** ଫ୍ରାନ୍ସରୁ ଭାରତୀୟ ଯାତ୍ରୀଙ୍କୁ ନେଇ ଫେରିଥିବା ବିମାନ (ଡଙ୍କି) ଗୁଜରାଟର ୬୬ ଜଣ ଲୋକ ସାମିଲ ଥିଲେ। ଏମାନେ ବେଆଇନ ଭାବେ ଆମେରିକା ଯାତ୍ରା କରିବା ପାଇଁ ୬୦ରୁ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପ୍ରସ୍ତୁତ ଥିଲେ। ଗୁଜରାଟ ସିଆଇଡି ପକ୍ଷରୁ ଏହି ଦାବି କରାଯାଇଛି। ଯାତ୍ରୀମାନେ ସିଆଇଡିକୁ କହିଛନ୍ତି ଯେ ଲାଟିନ ଆମେରିକା ଦେଶ ନିକାରଗୁଆ ପହଞ୍ଚିବା ପରେ ଇମିଗ୍ରେସନ ଏଜେଣ୍ଟଙ୍କୁ ଏହି ଟଙ୍କା ଦେଇଥାନ୍ତେ। ଏହି ଅଧିକାରୀମାନେ ଆମେରିକାରେ ପ୍ରବେଶ ପାଇଁ ଅନୁମତି ଦେଇଥାନ୍ତେ। ସିଆଇଡି ପକ୍ଷରୁ କୁହାଯାଇଛି ଯେ ଏହି ୬୬ ଯାତ୍ରୀଙ୍କ ମଧ୍ୟରେ ଅନେକ ନାବାଳକ ସାମିଲ ଥିଲେ। ଏମାନେ ମେହସାଣା, ଅହମଦାବାଦ, ଗାନ୍ଧୀନଗର ଏବଂ ଆନନ୍ଦ ଜିଲ୍ଲାର ବାସିନ୍ଦା ଥିଲେ। ସମସ୍ତଙ୍କୁ ଜେରା କରାଯାଇଛି। ଅଧିକାଂଶ ଯାତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ବୋଲି ଜଣାପଡ଼ିଛି। ଏହି ଯାତ୍ରୀଙ୍କୁ ନେଇଥିବା ଏଜେଣ୍ଟଙ୍କ ମଧ୍ୟରୁ ୧୫ ଜଣଙ୍କ ନାମ ଏବଂ ଫୋନ୍ ନଂ ସିଆଇଡି ହାତରେ ଲାଗିଛି। ଏମାନେ ମେକ୍ସିକୋ ସୀମା ଦେଇ ଆମେରିକା ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଏଜେଣ୍ଟ ଯାତ୍ରୀଙ୍କ ପାଇଁ ବିମାନ ଟିକଟ କରିଥିଲେ। ଜରୁରୀକାଳୀନ ସ୍ଥିତି ପାଇଁ ପ୍ରତ୍ୟେକ ଯାତ୍ରୀଙ୍କୁ ହଜାରେରୁ ୩ ହଜାର ଡଲାର ପର୍ଯ୍ୟନ୍ତ ଦେଇଥିଲେ। ଅନ୍ୟପକ୍ଷରେ ବିମାନରେ ବାପାମାଆଙ୍କ ବିନା ଯାଇଥିବା ନାବାଳକଙ୍କୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି।

## ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ
# ନିମନ୍ତ୍ରଣ ପାଇ ଦୀପିକା ଖୁସ୍

ନୂଆଦିଲ୍ଲୀ,୩।୧(ଏଜେନ୍ସି)



୮୦ ଦଶକରେ ଘରେ ଘରେ ଚହଳ ସୃଷ୍ଟି କରିଥିବା ରାମାନନ୍ଦ ସାଗରଙ୍କ 'ରାମାୟଣ' ସିରିଏଲରେ ସୀତା ମାଆଙ୍କ ଭୂମିକାରେ ଅଭିନୟ କରିଥିବା ଦୀପିକା ଚିଖିଲିଆଙ୍କୁ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ ମିଳିଛି। ପ୍ରଭୁ ଶ୍ରୀରାମଙ୍କ ଏହି ଭବ୍ୟ ଉତ୍ସବକୁ ତାଙ୍କୁ ଆମନ୍ତ୍ରଣ କରାଯାଇଥିବାରୁ ଦୀପିକାଙ୍କ ଖୁସି ଶିଖର ଛୁଇଁଛି। 'ରାମାୟଣ' ଧାରାବାହିକ ଜରିଆରେ ଦୀପିକା ପ୍ରତ୍ୟେକ ରାମ ଶ୍ରଦ୍ଧାଳୁଙ୍କ ହୃଦୟରେ ବିଶେଷ ସ୍ଥାନ ନେବା ସହିତ ଅନେକ ଲୋକ ତାଙ୍କୁ ସୀତା ମାତା ସ୍ୱରୂପ ପୂଜା କରନ୍ତି। ତେବେ ଜାନୁଆରୀ ୨୨ରେ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ସମାରୋହ ଦୀପିକାଙ୍କ ପାଇଁ ବିଶେଷ ଏବଂ ଭାବପ୍ରବଣତାର ଦିନ ହେବ ବୋଲି ସେ କହିଛନ୍ତି। ତେବେ ଭଗବାନ ରାମଙ୍କ ପାଖରେ ସୀତା ମାଆଙ୍କ ପ୍ରତିମା ରଖାଯାଉ ନ ଥିବାରୁ ସେ ଦୁଃଖିତ ବୋଲି କହିଛନ୍ତି। ନବ ନିର୍ମିତ ମନ୍ଦିରରେ ରାମଙ୍କ ସହ ସୀତା ରହିବେ ବୋଲି ସେ ପୂର୍ବରୁ ଭାବି ନେଇଥିଲେ। କିନ୍ତୁ ଏବେ ସେଭଳି ହେବା ଦେଖାଯାଉ ନାହିଁ। ମୁଖ୍ୟ ମନ୍ଦିରରେ ଶ୍ରୀ ରାମଙ୍କ ଶିଶୁ ରୂପ ସ୍ଥାପନ କରାଯିବ ବୋଲି ସ୍ଥିର ହୋଇଛି। ତେବେ ପ୍ରଭୁ ରାମଙ୍କ ପ୍ରତିମୂର୍ତ୍ତି ସହିତ ସୀତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦୀପିକା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଛନ୍ତି।

### ନିମନ୍ତ୍ରଣ ଯୋଗ୍ୟତା ଆଧାରରେ ରାହୁଲ, ପ୍ରିୟଙ୍କା ଅଯୋଗ୍ୟ : କମିଟି

ଦୀପିକାଙ୍କ ବ୍ୟତୀତ 'ରାମାୟଣ'ରେ ରାମ ଭୂମିକା ନିଭାଇଥିବା ଅରୁଣ ଗୋଭିଲଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଭଦ୍ରାଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। ଗାନ୍ଧୀ ପରିବାରରୁ କେବଳ ସୋନିଆ ଗାନ୍ଧୀଙ୍କୁ ଦଳର ସଂସଦୀୟ ନେତ୍ରୀ ଭାବେ ଆମନ୍ତ୍ରଣ କରାଯାଇଛି। ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ଶ୍ରୀରାମ ମନ୍ଦିର ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଯେଉଁ ଆଧାର ରଖାଯାଇଛି ସେଥିରେ ରାହୁଲ କିମ୍ବା ପ୍ରିୟଙ୍କା ଆସୁନାହାନ୍ତି ବୋଲି କୁହାଯାଇଛି।

## ପ୍ରଧାନମନ୍ତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରିଛି 'ରାମ ଆଏଙ୍ଗେ...' ଭଜନ

ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ସମୟ ନିକଟତର ହୋଇଛି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି। ଏହି ଭବ୍ୟ କାର୍ଯ୍ୟକ୍ରମକୁ ନେଇ ସାରା ଦେଶରେ ଅଭୁତପୂର୍ବ ଉତ୍ସାହ ଦେଖାଦେଇଥିଲା ବେଳେ ରାମଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଏକ ସଙ୍ଗୀତକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରମୁଗ୍ଧ ହୋଇପଡ଼ିଛନ୍ତି। ଅଯୋଧ୍ୟାକୁ ପ୍ରଭୁ ରାମଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱାତୀ ମିଶ୍ରା ଗାଇଥିବା ' ରାମ ଆଏଙ୍ଗେ ' ଭଜନକୁ ସେ ଭୁରି ପ୍ରଶଂସା କରିଥିଲା ବେଳେ ବୁଧବାର 'ଏକ୍ସ'ରେ ଶେୟାର କରିଛନ୍ତି। ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱାଗତରେ ଏହି ଭଜନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।



# ଜିଲ୍ଲା ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ପାଳିତ



**ବିଷମ କଟକ,୩।୧(ସମିସ)**

ରାୟଗଡ଼ା ଜିଲ୍ଲା ବିଷମ କଟକ ପୁଲିସ ତରଫରୁ ଗତ ୧ ତାରିଖରୁ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ଦିବସ। ବିଭିନ୍ନ ସଚେତନତା ମାଧ୍ୟମରେ ସାତଦିନ ଧରି ଜାରି ରହିବ ଏହି ସଡ଼କ ସୁରକ୍ଷା। ବିଷମ କଟକ ଥାନା ଅଧୀନରେ ରହିଥିବା ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ କଡ଼ା ଚେକିଂ ଜାରି ରଖିଛି। ବିନା ହେଲମେଟରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା, କ୍ଷମତାଠାରୁ ଅଧିକ ଯାତ୍ରୀ ଯାତ୍ରା କରିବା, ବିନା ସିଟ ବେଲ୍ଟରେ କାର୍ ଚଳାଇବା ଓ ଦ୍ରୁତ ଗତିରେ ଗାଡ଼ି ଚଳାଇବା, ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଅନ୍ୟପଟେ ଲୋକେ ଟ୍ରାଫିକ୍ ନିୟମ ବିଷୟରେ ସଚେତନ ହେଲେ ଦୁର୍ଘଟଣା ଘଟିବାରେ ନିୟନ୍ତ୍ରଣ ହେବ ଏହାକୁ ଦୃଷ୍ଟିରେ ରଖି ବିଷମ କଟକ ପୁଲିସ ଓ ଜିଲ୍ଲା ପରିବହନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତାରେ ଅମାନିଆଙ୍କୁ ଅଟକାଇ ସଡ଼କ ସୁରକ୍ଷା ହିଁ ଜୀବନ ରକ୍ଷା କହି ସମସ୍ତଙ୍କୁ ଅନୁରୋଧ କରି ସଚେତନ କରାଯାଇଥିବା ଦେଖିବାକୁ ମିଳିଛି।

ସାରା ରାଜ୍ୟରେ ଗତ ୧ରୁ ୭ ତାରିଖ ଯାଏ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ବୁଧବାର ତୃତୀୟ ଦିନରେ ବିଷମ କଟକ ପୁଲିସ ଓ ଜିଲ୍ଲା ପରିବହନ ବିଭାଗ ଅଧିକାରୀ ସ୍ଥାନୀୟ ମା' ମାର୍କମା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କଲେଜ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ପରିବହନ ବିଭାଗର ଟ୍ରାଫିକ୍ ଇନ୍ସପେକ୍ଟର ଜୋସ୍କେନ ଭରା ସବରିଆ,ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ, ପୂର୍ବତନ ଥାନା ଅଧିକାରୀ ଅମଳ ସର୍ଦ୍ଦାର, ଏଏସଆଇ ପ୍ରସନ କୁମାର ନାୟକ, ଯୁକ୍ତ ତିନି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସଞ୍ଜୟ ତ୍ରିପାଠୀ, ଓଡ଼ିଆ ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ର, ଶୁଚିସ୍ମିତା ନାୟକ, ରାଜନୀତି ବିଜ୍ଞାନର ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କାକିରିଗୁମ୍ମା

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି କାକିରିଗୁମ୍ମା ସହର ପରିକ୍ରମା କରିଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଜନସାଧାରଣଙ୍କୁ ଗାଡ଼ି ଚଳାଇବା ସମୟରେ ସିଟ୍ ବେଲ୍ଟ ବାନ୍ଧିବା, ମୋଟର ସାଇକଲ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ପାଳନ କରିବା ପ୍ରଭୃତି ନେଇ ସଚେତନ କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଉପେନ୍ଦ୍ର ସୁନାନୀ, ଅଧ୍ୟାପିକା ସରିତା ରାଣୀ ତୁରୁକୁ, ଭାରତୀୟ ଗରଡ଼ା, ଅଧ୍ୟାପକ ସୁଜାତି ଚନ୍ଦ୍ର ଖରା, ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁଙ୍କ ସହ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।



# ପୁସ୍ ପରବ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ



**କୋରୁକୋଣ୍ଡା,୩।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ନକମାମୁଡ଼ି ଗ୍ରାମ ପଞ୍ଚାୟତ ଦାନ୍ଦର୍ବେଡ଼ା ଗ୍ରାମରେ ପୁସ ପରବ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଡିଡାଇ ସମାଜ ଜିଲ୍ଲା ସଭାପତି ବଂଶୀଧର ମୁଦୁଲି ଯୋଗଦେଇଥିଲେ। ଦାନ୍ଦର୍ବେଡ଼ା ଗ୍ରାମରେ ଶ୍ରୀ ମୁଦୁଲି ପହଞ୍ଚିବା ପରେ ତାଙ୍କୁ ନାକାମାମୁଡ଼ି ଗ୍ରାମ ପଞ୍ଚାୟତର ଜନସାଧାରଣ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସେଠାରେ ସେ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିପରି ଭାବରେ ଲାଭ ଉଠେଇ ପାରିବେ ସମସ୍ତ ବିଷୟରେ ଅବଗତ କରାଇଥିଲେ। ଏଥିସହିତ ଅଞ୍ଚଳର ବିଭିନ୍ନ ବିଷୟରେ ଆଲୋଚନା କରି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ମୌଳିକ ସମସ୍ୟା ସବୁକୁ ପଚାରି ବୁଝିଥିଲେ। ବଂଶୀଧର ମୁଦୁଲିଙ୍କୁ ପାଖରେ ପାଇ ନାକାମାମୁଡ଼ି ଗ୍ରାମ ପଞ୍ଚାୟତର ଜନସାଧାରଣ ବହୁତ ଖୁସି ଅନୁଭବ କରିଥିଲେ। ଶ୍ରୀ ମୁଦୁଲି ମଧ୍ୟ ଅଞ୍ଚଳବାସୀଙ୍କୁ ସାକ୍ଷାତ କରି ଆଲୋଚନାରେ କହିଥିଲେ ଯେ, ଏହି ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ମଧ୍ୟ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକାରି ଯୋଜନାକୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଖରେ କିପରି ଭାବରେ ପହଞ୍ଚିବ ସେଭଳି କାର୍ଯ୍ୟ କରି ଚାଲିଥିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବିଜେଡିରେ ଯୋଗଦେଲେ ସମିତିସଭ୍ୟ ଏବଂ ୱାର୍ଡ ସଭ୍ୟ



**ଫାମ୍ପୁଣି/ଜୟପୁର,୩।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ଫାମ୍ପୁଣି ଗ୍ରାମ ପଞ୍ଚାୟତର ସମିତିସଭ୍ୟ, ଦୁଇ ଜଣ ୱାର୍ଡ ମେମ୍ବର ଏବଂ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯୁବକ କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଘିଉରି ଗ୍ରାମ ଠାକୁରାଣୀ ମନ୍ଦିରଠାରୁ ଏକ ବାଇକ ଶୋଭାଯାତ୍ରା ଫାମ୍ପୁଣି ଗ୍ରାମ କଲ୍ୟାଣ ମଣ୍ଡପ ନିକଟସ୍ଥ ସର୍ବ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା। ସମିତିସଭ୍ୟ ବିଶ୍ୱନାଥ ଗୌଡ଼ (ବାବୁ)ଙ୍କ ନେତୃତ୍ୱରେ ୱାର୍ଡ ମେମ୍ବର ପଦ୍ମିନୀ ଗୌଡ଼, ଡମୁଣି ପରଜା ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖିବା ସହିତ ବିଜେଡିରେ ଯୋଗଦେଇଥିବା ନେଇ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଯୋଗଦେଇ ବିଜେଡି ପକ୍ଷରୁ ଫୁଲମାଳ ପିନ୍ଧାଇ ସମସ୍ତଙ୍କୁ ବିଜେଡିକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ପୁଣି ନବୀନ ପଟ୍ଟନାୟକ ରାଜ୍ୟରେ ସରକାର ଗଢ଼ିବା ସହ ବିକାଶ କାର୍ଯ୍ୟ ଦୁଇ ଗୁଣ ହେବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଜୟପୁର ବ୍ଲକ୍ ଉପାଧ୍ୟକ୍ଷ ଗଣେଷ ପାଢ଼ୀ, ବିଜେଡି ନେତା ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ଶିବ ପଟ୍ଟନାୟକ, ରବିନ୍ଦ୍ର ଚୌଧୁରୀ, ସୀମାଞ୍ଚଳ ମଲ୍ଲିକ, ସୁରେନ୍ଦ୍ର ଚୌଧୁରୀ, କୃଷ୍ଣ ଗୌଡ଼, ଶିବାଜୀ ପ୍ରଧାନ, ଭରତ ଚୌଧୁରୀ, ରଘୁନାଥ ବେହେରା, ଗଣେଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ନେତା ଶ୍ୟାମ ରାଉଳ, ସୁରତ ପ୍ରଧାନ, ରଘୁନାଥ ବିଶୋୟୀ, କାହ୍ନୁ ପ୍ରଧାନ, ସୁରେନ୍ଦ୍ର ମଣ୍ଡଳ, କେଦାର ବେହେରା ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଯୁବକ ଓ ବୟସ୍କ କର୍ମୀମାନେ ରହିଛନ୍ତି।

# ରାମନାଗୁଡ଼ାରେ 'ନୂଆ-ଓ, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




ରାମନାଗୁଡ଼ା,୩।୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ସଦର ମହକୁମା ନିକଟସ୍ଥ ମିନି ଷ୍ଟାଡିୟମଠାରେ ରାମନାଗୁଡ଼ା ବ୍ଲକ୍ ସହାୟତାରେ 'ନୂଆ-ଓ,ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପାଇଁ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଖେଳାଳିମାନଙ୍କୁ ନେଇ କ୍ରିକେଟ, ଖୋ ଖୋ ଓ କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ମୁଖ୍ୟବକ୍ତା ଭାବେ ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ସମ୍ମାନିତ ବକ୍ତା ଭାବେ ବ୍ଲକ୍ସ ଉପାଧ୍ୟକ୍ଷା ଜାନକୀ ନିମାଲା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ସଭାପତି ରୂପେ ଯୋଗଦେଇଥିଲେ। ସଭା ମଞ୍ଚରେ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସୁଦେବ ତ୍ରିପାଠୀ, ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ବ୍ଲକର ସାମ୍ବାଦିକ ନରସିଂହ ପରିଛା ଓ ଶୁଭଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଶ୍ରମ ବିଦ୍ୟାଳୟ କେନ୍ଦୁଗୁଡ଼ା ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି କ୍ରୀଡ଼ା ପତାକାକୁ ଉତ୍ତୋଳନ କରାଯାଇଥିଲା ଏବଂ କ୍ରିକେଟ ଖେଳକୁ ଉଦଘାଟନ କରିଥିଲେ। ସର୍ବମୋଟ ୮ଟି କ୍ରିକେଟ ଦଳ, ୫ଟି ଖୋ ଖୋ ଦଳ ଓ ୫ଟି କବାଡ଼ି ଦଳ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ତିନିଦିନ ଧରି ଚାଲୁ ରହିବ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକମାନେ ଖେଳକୁ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ



**ମାଥିଲି,୩।୧(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଜିଲ୍ଲା ପରିଷଦ ଜୋନ୍ ୩ ସଭ୍ୟା ସସ୍ମିତା ମାଝୀ ବରିଷ୍ଠ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ନବବର୍ଷ ଆରମ୍ଭ ଦିନରୁ ଅମ୍ବାଗୁଡା ପଞ୍ଚାୟତ ଅନ୍ତର୍ଗତ ବାରିହାବାହାଲ ଗ୍ରାମରେ କମ୍ବଳ ବାଣ୍ଟିବା ସହିତ ନିଜ ଜିଲ୍ଲା ପରିଷଦ ଜୋନ୍ ଉଦୁଲିବେଡ଼ା, ମାଥିଲି, ଆମ୍ବାଗୁଡ଼ା, ଚାଉଳମେନ୍ଦୀ, ଚେଡ଼ଙ୍ଗା ଓ ଦଳପତିଗୁଡ଼ା ସମସ୍ତ ୬ ପଞ୍ଚାୟତରେ କମ୍ବଳ ବଣ୍ଟନ କରିବେ ବୋଲି ଶ୍ରୀମତୀ ମାଝୀ ସୂଚନା ଦେଇଛନ୍ତି। ଜଣେ ଜିଲ୍ଲା ପରିଷଦ ସଭ୍ୟା ହିସାବରେ ତାଙ୍କର ଏଭଳି ପ୍ରୟାସକୁ ନେଇ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ଶିଶୁଙ୍କ ସହ ନବ ବର୍ଷ ପାଳିଲେ ଅଙ୍ଗନବାଡ଼ି କର୍ମୀ



**ନନ୍ଦପୁର,୩।୧(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଲୁଜିଂ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ସହ ଅଙ୍ଗନବାଡ଼ି କର୍ମୀ ନବ ବର୍ଷ ପାଳନ କରିଛନ୍ତି। ମଙ୍ଗଳବାର ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏହି ଅବସରରେ ଭୋଜି ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଡ଼ଦିନ ଛୁଟି ଶେଷ ହେବା ପରେ ମଙ୍ଗଳବାର କେନ୍ଦ୍ରକୁ ଶିଶୁମାନେ ଆସିଥିଲେ। ଏହାପରେ କେନ୍ଦ୍ରରେ ନବ ବର୍ଷ ପାଳନ ଅବସରରେ ବଣଭୋଜି ସହ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିଶୁମାନେ ନାଚ ଗୀତ ସହ ପ୍ରକୃତି ପରିବେଶ ଉପରେ ଶିକ୍ଷା ଲାଭ କରିଥିଲେ। ଏଥିରେ ଶିଶୁମାନଙ୍କୁ କ୍ୟାଲେଣ୍ଡର ତାରିଖ ଓ ବାର ଗଣନା ଉପରେ ବୁଝାଇଥିଲେ ଅଙ୍ଗନବାଡ଼ି କର୍ମୀ ସ୍ନେହମୟୀ ଦାସ।

# ପୋଡ଼ାଗଡ଼ ପୀଠରେ ଖୋଲିଲା ମାଣ୍ଡିଆପ୍ରସ୍ତୁତ ଖାଦ୍ୟ ଷ୍ଟଲ୍




**ଉମରକୋଟ, ୩।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଭଣ୍ଡାରୀଗୁଡ଼ା ପଞ୍ଚାୟତଠାରେ ଥିବା ଐତିହାସିକ ପୋଡ଼ାଗଡ଼ ପୀଠରେ ପର୍ଯ୍ୟଟକମାନଙ୍କ ପାଇଁ ଦୁଇଟି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଷ୍ଟଲ୍ ଖୋଲାଯାଇଛି। ପୋଡ଼ାଗଡ଼ ଚାରିଟେବଲ ଟ୍ରଷ୍ଟର ଉଦ୍ୟମରେ ଦୁଇଟି ଏସ୍‌ଏଚ୍‌ଜିକୁ ଉତ୍ସାହିତ କରାଯାଇ କଫି ଓ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ଷ୍ଟଲ ଖୋଲାଯାଇଛି। ଏହାଦ୍ୱାରା ପର୍ଯ୍ୟଟକମାନେ ସୁବିଧାରେ ସୁସ୍ୱାଦୁ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ତଥା ଇଡଲି, ଚକୁଳି, ମାଣ୍ଡିଆ ପେଜ, ମାଣ୍ଡିଆ ଚା' ସହ କୋରାପୁଟର ପ୍ରସିଦ୍ଧ କଫି ପାଇପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଚାରିଟେବଲ ଟ୍ରଷ୍ଟର କର୍ମକର୍ତ୍ତା ତଥା ସଭାପତି ଉଦ୍ଧବ ଚରଣ ନାୟକ, ସମ୍ପାଦକ ପୁରୁଷୋତ୍ତମ ଭତ୍ରା, ସହସମ୍ପାଦକ ତୁଳସୀରାମ ଭତ୍ରା, ଉପଦେଷ୍ଟା ଦଶରୁ ନାୟକ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଉମରକୋଟ ବ୍ଲକ୍ ଅଧ୍ୟକ୍ଷା ସୁଶିଳା ମାଝୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭଣ୍ଡାରୀଗୁଡ଼ା ସରପଞ୍ଚ, ସିଂସାରି ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା ଯୋଗଦେଇଥିଲେ। ମା' ଗଜଲକ୍ଷ୍ମୀ ଓ ଭବାନୀ ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ ବୁଝାସୁଝା କରି ଏହି ଦୁଇଟି ଷ୍ଟଲ୍ ପରିଚାଳନା ଦାୟିତ୍ୱ ନେବାକୁ ପ୍ରୋତ୍ସାହିତ କରିଥିଲେ। ମା' ଗଜଲକ୍ଷ୍ମୀ ଏସ୍‌ଏଚ୍‌ଜିର ସଭାପତି କମଳା ମାଝୀ, ସମ୍ପାଦିକା ଶାନ୍ତିଲତା ଜାନୀ, ଅମ୍ବିକା ନାୟକ, ଫୁଲ ମାଝୀ ଓ ଗୁରୁ ଭତ୍ରା, ମା' ଭବାନୀ ଏସ୍‌ଏଚ୍‌ଜିର ସଭାପତି ବୃନ୍ଦା ପାଇକ, ସମ୍ପାଦିକା ରଦମା ପର୍ଗଣିଆ, ଭବାନୀ ପାତ୍ର, ସାଦ ଭତ୍ରା ଓ ଗୁରୁ ଭତ୍ରାଙ୍କ ସମେତ ଅନ୍ୟ ସଦସ୍ୟା ଷ୍ଟଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଦୁଇ ଏସ୍‌ଏଚ୍‌ଜି ଖାଦ୍ୟ ପ୍ରସ୍ତୁତ କରି ବିକ୍ରି ଆରମ୍ଭ କରିଛନ୍ତି। ବିନା ସରକାରୀ ସହାୟତାରେ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି। ଏହି ସଦସ୍ୟାମାନେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ପର୍ଯ୍ୟଟକଙ୍କ ମନକୁ ମୋହିବା ଆଶାରେ ରହିଛନ୍ତି। ମିଶନ ଶକ୍ତି ପକ୍ଷରୁ ସରକାରୀ ସହାୟତା ଯୋଗାଇଦେଲେ ଉଭୟ ଏସ୍‌ଏଚ୍‌ଜି ସଦସ୍ୟା ଆଗକୁ ବଢ଼ିପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



**ସେମିଳିଗୁଡା,୩।୧(ସମିସ):** ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୧୭ ଏବଂ ୧୮ ନମ୍ବର ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କୋରାପୁଟ ବିଧାୟକ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୮ ନମ୍ବର ୱାର୍ଡ ସ୍ଥିତ ସନ୍ତୋଷୀ ମା' ମନ୍ଦିର ରାସ୍ତା ଏବଂ ଡ୍ରାଇଭର କଲୋନୀ (ଶାସ୍ତ୍ରୀ ନଗର) ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇଥିବାରୁ ଲୋକମାନେ ଯାତାୟାତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକଙ୍କ ଅସୁବିଧାକୁ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଏବଂ କାଉନସିଲର ମମତା ରାୟ ଉକ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ବିଧାୟକ ରଘୁରାମଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଓ ଉପାଧ୍ୟକ୍ଷା ରିତୁ କଣ୍ଟା, କାଉନସିଲର ମମତା ରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗଦେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଦୀର୍ଘ ଦିନର ଅପେକ୍ଷା ପରେ ଏହି ରାସ୍ତା କାମ ଆରମ୍ଭ ହେଉଥିବାରୁ ବିଭିନ୍ନ ମହଲରୁ ବିଧାୟକ, ପୌରାଧ୍ୟକ୍ଷ ଓ କାଉନସିଲରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସେହିପରି ସତ୍ୟନଗରରୁ ମୀନା ରାଓ କ୍ୟାମ୍ପ ପର୍ଯ୍ୟନ୍ତ ରାସ୍ତା, ୧୭ ନମ୍ବର ୱାର୍ଡର ସ୍କୁଲ ଡେଭଲପମେଣ୍ଟ ସେଣ୍ଟରକୁ ସଂଯୋଗ କରୁଥିବା ରାସ୍ତା ଓ କୈଳାଶ ନାଗର ରାସ୍ତା ନିର୍ମାଣ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। 'ମୁକ୍ତା' ଯୋଜନାରେ ଆସିଥିବା ୧ କୋଟି ୨୪ ଲକ୍ଷ ଟଙ୍କାର ଅନୁଦାନରେ ରାସ୍ତା ନିର୍ମାଣ କରାଯାଉଥିବା ବିଧାୟକ ସୂଚନା ଦେଇଥିଲେ। ସୁନାବେଡ଼ା ପୌର ପରିଷଦକୁ ରାଜ୍ୟରେ ଆଦର୍ଶ ପୌର ପରିଷଦ ଭାବେ ପରିଗଣିତ କରିବାକୁ ଲକ୍ଷ୍ୟ ରହିଛି ବୋଲି ବିଧାୟକ ଶ୍ରୀ ପଡାଲ କହିଥିଲେ। ୨୫ ନମ୍ବର ୱାର୍ଡରେ ସବୁ ରାସ୍ତାର ଉନ୍ନତି କରାଯିବ ବୋଲି ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ପ୍ରତିଶ୍ରୁତି ଦେଇଥିଲେ।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



**ଗୁଣୁପୁର,୩।୧(ସମିସ):** ଗୁଣୁପୁର ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୌର ପ୍ରଶାସନ ପକ୍ଷରୁ ବୁଧବାର ପୌର ପରିଷଦର ୧୬ ନମ୍ବର ୱାର୍ଡରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୀର୍ଘ ଦିନ ଧରି ପୌର ପରିଷଦର ମୂଲ୍ୟବାନ ଜାଗାକୁ କିଛି ଜବରଦଖଲକାରୀ ନିଜ ଅକ୍ତିଆରରେ ରଖିଥିବାବେଳେ ପ୍ରଥମ ଦିନରେ ଜବରଦଖଲକାରୀଙ୍କ କବଜାରୁ ୭୦ ସେଣ୍ଟ ଜମିକୁ ପୌର ପରିଷଦ ନିଜ ଅକ୍ତିଆରକୁ ଆଣିଛି। ଉଚ୍ଛେଦ ସମୟରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗୁଣୁପୁର ପୁଲିସ୍ ପ୍ରଶାସନ ପକ୍ଷରୁ ୨ ପ୍ଲାଟୁନ ମୁତୟନ କରାଯାଇଥିଲା। ଅଗାମୀ ଦିନରେ ମଧ୍ୟ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ଉଚ୍ଛେଦକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ରାଜ୍ୟ କମିଟି ସଭ୍ୟ ତିରୁପତି ଗମାଙ୍ଗ ନିନ୍ଦା କରିଛନ୍ତି।

### ଶ୍ମଶାନକୁ ନେବାପାଇଁ ଲୋଡ଼ାହେଲା ମାଠିଆ ଓ ବାଉଁଶ

# ଗାଁକୁ ନାହିଁ ରାସ୍ତା; ବାଉଁଶଭେଳାରେ ପାର୍‌ହେଲା ଶବ

**କୋରୁକୋଣ୍ଡା,୩।୧(ସମିସ)**

ଶବ ନେବାକୁ ସାଧାରଣତଃ ଚାରି କାନ୍ଧର ଆବଶ୍ୟକତା ରହିଥାଏ। କିନ୍ତୁ ମାଲକାନଗିରି ଜିଲ୍ଲାରେ କିଛି ଏମିତି ଗାଁ ରହିଛି ଯେଉଁଠି ଶବ ନେବାକୁ ଲୋଡ଼ା ପଡୁଛି ମାଠିଆ ଓ ବାଉଁଶ। ରାଜ୍ୟ ସରକାର ରାଜ୍ୟରେ ଅନେକ ବିକାଶ କରିଥିବାବେଳେ ଗ୍ରାମାଞ୍ଚଳକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ସବୁବେଳେ ଉଦ୍ୟମ କରୁଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶାସନର ଅବହେଳା ପାଇଁ ଆଜି ମଧ୍ୟ ଅନେକ ଗ୍ରାମକୁ ରାସ୍ତା ନ ଥିବାରୁ କିଛି ଏପରି ଚିତ୍ର ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ମାରିୱାଡା ଗ୍ରାମ ପଞ୍ଚାୟତ କିରତଙ୍ଗଗୁଡ଼ା ଗ୍ରାମରୁ ବୁଧବାର ଏଭଳି ଏକ ଦୃଶ୍ୟ ସାମନାକୁ ଆସିଛି।



ଗ୍ରାମବାସୀଙ୍କ କହିବା ଅନୁଯାୟୀ, କିରତଙ୍ଗଗୁଡ଼ା ଗ୍ରାମରେ କୌଣସି ଶ୍ମଶାନ ନ ଥିବା ହେତୁ ସେହି ଗ୍ରାମର କାହାର ମୃତ୍ୟୁ ହେଲେ ସେମାନେ ସଦର ଗ୍ରାମ ପଞ୍ଚାୟତ ମାରିୱାଡା ଶ୍ମଶାନକୁ ଶବ ନେଇ ଆସନ୍ତି ଦାହ କରିବା ପାଇଁ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମାରିୱାଡା ଓ କିରତଙ୍ଗଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଏକ ନଦୀ ପ୍ରବାହିତ ହେଉଛି। ସେହି ନଦୀ ପାର୍ ହେବା ପାଇଁ କୌଣସି ଡଙ୍ଗା କିମ୍ବା ପୋଲ ନ ଥିବାରୁ, ଶବକୁ ନଦୀ ପାର୍ କରିବା ପାଇଁ କିରତଙ୍ଗଗୁଡ଼ାବାସୀ ୪ଟି ବଡ଼ ହାଣ୍ଡିରେ କିଛି ବାଉଁଶ ବାନ୍ଧି ତା ଉପରେ ଶବକୁ ରଖି ଠେଲି ଠେଲି ନଦୀ ପାର୍ କରି ଶ୍ମଶାନକୁ ଆଣି ଶବଦାହ କରନ୍ତି। ସେହିପରି ଭାବେ ବୁଧବାର କିରତଙ୍ଗଗୁଡ଼ା ଗ୍ରାମର ଗଙ୍ଗା ପୂଜାରୀ ନାମକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବାବେଳେ, ଶବକୁ ନଦୀ ପାର୍ କରି ଶ୍ମଶାନକୁ ଆଣିବା ପାଇଁ ପରିବାର ସମେତ ଗ୍ରାମବାସୀ ୪ଟି ବଡ଼ ହାଣ୍ଡିରେ କିଛି ବାଉଁଶ ବାନ୍ଧି ତା' ଉପରେ ଶବକୁ ରଖି ଠେଲି ଠେଲି ନଦୀ ପାର୍ କରି ଶ୍ମଶାନକୁ ଆଣି ଶବଦାହ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମାରିୱାଡା ଗ୍ରାମ ପଞ୍ଚାୟତ ସଦରଠାରୁ କିରତଙ୍ଗଗୁଡ଼ା ଗ୍ରାମକୁ ନଦୀ ପାର୍ ହୋଇ ଗଲେ ୩ରୁ ୪ କିମି ହେଉଥିବାବେଳେ ରାଖାଲଗୁଡ଼ା ଓ ଏମଭି-୨୬ ମଧ୍ୟରେ ସେହି ନଦୀ ଉପରେ ଏକ ବ୍ରିଜ୍ ନିର୍ମାଣ ହୋଇଛି। କିନ୍ତୁ କିରତଙ୍ଗଗୁଡ଼ାଠାରୁ ସେହି ବ୍ରିଜ୍ ଦେଇ ପଞ୍ଚାୟତ ସଦରକୁ ଆସିବାକୁ ପ୍ରାୟ ୧୦ କିମି ବୁଲିବାକୁ ପଡୁଛି। ଏନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ସେ ତାଙ୍କର ପ୍ରତିକ୍ରିୟାରେ କହିଥିଲେ କି ସେ ବର୍ତ୍ତମାନ କିଛି ଦିନ ହେଲା ଆସିଛନ୍ତି ଏବଂ ଏ ନେଇ ପୂର୍ବରୁ କୌଣସି ଅଭିଯୋଗ ଆସିନାହିଁ। ଯଦି ଏମିତି କିଛି ଥାଏ, ତେବେ ଅନୁଧ୍ୟାନ କରି ତା'ର ପ୍ରତିକାର କରିବାକୁ ଚେଷ୍ଟା କରିବି।

ଜାଗ୍ରେବ୍ ଓପନ୍ ର୍‍ୟାଙ୍କିଙ୍ଗ୍ ସିରିଜ

# ବଜରଙ୍ଗ, ଅନ୍ତିମ, କିରଣ ଓହରିଲେ

ପାନିପତ,୩।୧(ଏଜେନ୍ସି)

କ୍ରୋଏସିଆର ଜାଗ୍ରେବ୍‌ରେ ଜାନୁଆରୀ ୧୦ରୁ ୧୪ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ଜାଗ୍ରେବ ଓପନ୍ ର୍‍ୟାଙ୍କିଙ୍ଗ୍ ସିରିଜ ପ୍ରତିଯୋଗିତା ପାଇଁ ବୁଧବାର ଏକ ୧୩ ଜଣିଆ ଭାରତୀୟ କୁସ୍ତିଯୋଦ୍ଧା ଦଳ ଘୋଷିତ ହୋଇଛି। ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ୧୮ ଜଣ କୁସ୍ତିଯୋଦ୍ଧାଙ୍କ ମଧ୍ୟରୁ ୫ଜଣ ଏହି ପ୍ରତିଯୋଗିତାରୁ ବିଭିନ୍ନ କାରଣରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ଆଡହକ କମିଟି ଦ୍ୱାରା ଘୋଷିତ ଏହି ଦଳରୁ ବଜରଙ୍ଗ ପୁନିଆ, ଅନ୍ତିମ ପଙ୍ଘାଲ, କିରଣ, ପୂଜା ଗେହଲଟ, ମାନସୀ ଅହଲାୱତ୍ ଓହରିଯାଇଛନ୍ତି।

ରିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ସାକ୍ଷୀ ମଲିକ୍ ଗତ ଡିସେମ୍ବର ୨୧ରେ କୁସ୍ତିରୁ ସନ୍ୟାସ ଘୋଷଣା କରିଥିଲେ। ସେହିପରି ବିନେସ ଓ ବଜରଙ୍ଗ ନିଜର ପଦକ ଓ ପୁରସ୍କାର ଫେରାଇଦେଇଥିଲେ। ଏହି ୩ଜଣ କୁସ୍ତିଯୋଦ୍ଧା ଏହି ପ୍ରତିଯୋଗିତାରେ ଭାଗ ନେବେ ନାହିଁ। ଅନ୍ୟପଟେ ଅଲିମ୍ପିକ୍ ପାଇଁ ସମ୍ଭାବନା ସୃଷ୍ଟି କରିଥିବା ଖେଳାଳିଙ୍କୁ ଦଳରେ ସ୍ଥାନ ମିଳିଛି ବୋଲି ଆଡହକ କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜୱା କହିଛନ୍ତି। ଦଳରେ ସ୍ଥାନ ପାଇଥିବା କୁସ୍ତିଯୋଦ୍ଧାମାନେ ଆଗାମୀ ଏପ୍ରିଲରେ ଆୟୋଜନ ହେବାକୁ ଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟ ଓ ମେ ମାସରେ ଆୟୋଜନ ହେବାକୁଥିବା ବିଶ୍ୱ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଜୋରଦାର କରିବେ ବୋଲି ସେ କହିଛନ୍ତି। ତେବେ ବଜରଙ୍ଗ, ବିନେଶ ଓ ସାକ୍ଷୀଙ୍କୁ ଦଳରେ ସ୍ଥାନ ନ ମିଳିବା ନେଇ ସେ କିଛି କହିନାହାନ୍ତି।

## ସାକ୍ଷୀ, ବିନେଶ, ବଜରଙ୍ଗଙ୍କ ବିରୋଧରେ ଆନ୍ଦୋଳନ


ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ରେ ଚାଲିଥିବା ବିବାଦ ଏବେ ନୂଆ ମୋଡ ନେଇଛି। ସାକ୍ଷୀ, ବିନେଶ ଓ ବଜରଙ୍ଗଙ୍କ ବିରୋଧରେ ଏବେ ଆନ୍ଦୋଳନ ଆରମ୍ଭ ହୋଇଛି। ବୁଧବାର ଦିଲ୍ଲୀର ଜନ୍ତର-ମନ୍ତରରେ ବହୁ କନିଷ୍ଠ କୁସ୍ତିଯୋଦ୍ଧା ଏକାଠି ହୋଇ ହାତରେ ବ୍ୟାନର ଧରି ଆନ୍ଦୋଳନ କରିବା ସହ ଏହି ୩ଜଣଙ୍କୁ ଜୋରଦାର ବିରୋଧ କରିଛନ୍ତି। ଏହି ୩ କୁସ୍ତି ଯୋଦ୍ଧା ଭାରତୀୟ କୁସ୍ତିକୁ ବରବାଦ କରିଛନ୍ତି ବୋଲି ବ୍ୟାନରରେ ଲେଖା ହୋଇଥିଲା। ଏହି କୁସ୍ତିଯୋଦ୍ଧାମାନେ ଉତ୍ତର ପ୍ରଦେଶ, ହରିୟାଣା ଓ ଦିଲ୍ଲୀରୁ ଆସି ଏକାଠି ହୋଇ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି। ତେବେ ଅଧିକାଂଶ କୁସ୍ତିଯୋଦ୍ଧା ଉତ୍ତର ପ୍ରଦେଶରୁ ଆସି ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଯଦି ଡବ୍ଲ୍ୟୁଏଫ୍ଆଇକୁ ପୁନଃ ସ୍ଥାପିତ କରାନଯାଏ ଓ ଡବ୍ଲ୍ୟୁଏଫ୍ଆଇ ଉପରୁ ନିଲମ୍ବନ ପ୍ରତ୍ୟାହାର କରାନଯାଏ ତେବେ, ଆମେ ଅର୍ଜୁନ ପୁରସ୍କାର ଫେରାଇବୁ ବୋଲି ଆନ୍ଦୋଳନରତ କୁସ୍ତିଯୋଦ୍ଧାମାନେ କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ବିନେଶ, ବଜରଙ୍ଗ ଓ ସାକ୍ଷୀଙ୍କ ନେତୃତ୍ୱରେ ଏକାଧିକ କୁସ୍ତିଯୋଦ୍ଧା ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ସରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଆନ୍ଦୋଳନ କରିବା ସହ ଧାରଣାରେ ବସିଥିଲେ।




● ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

# ଟପ୍-୧୦କୁ ଫେରିଲେ କୋହଲି

ଦୁବାଇ, ୩।୧ (ଏଜେନ୍ସି): ଭାରତର ତାରକା ଖେଳାଳି ବିରାଟ କୋହଲିଙ୍କ ପାଇଁ ନୂଆ ବର୍ଷ ଶୁଭ ଖବର ଆଣିଛି। ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ କୋହଲି ବ୍ୟାଟିଂ ତାଲିକାର ଟପ୍-୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବୁଧବାର ପ୍ରକାଶିତ ମାନ୍ୟତାରେ କୋହଲି ୪ଟି ପାହାଚ ଉପରକୁ ଉଠି ୯ମ ସ୍ଥାନରେ ରହିଛନ୍ତି। କୋହଲି ୨୦୨୨ ମଧ୍ୟଭାଗରେ ଟେଷ୍ଟ ମାନ୍ୟତାର ଟପ୍-୧୦ରୁ ବାହାର ହୋଇଯାଇଥିଲେ। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଦୁଇ ପାଳିରେ ଯଥାକ୍ରମେ ୩୮ ଓ ୭୬ ରନ କରିବା ଫଳରେ ତାଙ୍କ ମାନ୍ୟତାରେ ବୃଦ୍ଧି ଘଟିଥିଲା। ସେ ଏକମାତ୍ର ଭାରତୀୟ ଭାବେ ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଛନ୍ତି। ଋଷଭ ପନ୍ତ ୧୨ତମ, ରୋହିତ୍ ଶର୍ମା ୪ଟି ସ୍ଥାନ ହରାଇ ୧୪କୁ ଖସିଯାଇଛନ୍ତି।





ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ୮୬୪ ରେଟିଂ ପଏଣ୍ଟ ସହ ବ୍ୟାଟିଂ ତାଲିକାର ଶୀର୍ଷରେ ରହିଛନ୍ତି। ଇଂଲଣ୍ଡର ଜୋ ରୁଟ୍ (୮୫୯) ଓ ଷ୍ଟିଭେନ ସ୍ମିଥ୍ (୮୨୦) ଯଥାକ୍ରମେ ତାଲିକାର ୨ୟ ଓ ୩ୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅପରପକ୍ଷରେ ଟେଷ୍ଟ ବୋଲିଂ ମାନ୍ୟତାରେ ଭାରତୀୟ ବୋଲର୍ ଦବ୍‌ଦବା ବଜାୟ ରଖିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ଶୀର୍ଷରେ ରହିଥିବାବେଳେ ରବୀନ୍ଦ୍ର ଜାଡେଜା ୪ର୍ଥ, ଯଶପ୍ରୀତ୍ ବୁମ୍‌ରା ୫ମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଯଥାକ୍ରମେ ଅଶ୍ୱିନଙ୍କ ପଛକୁ ରହିଛନ୍ତି। ଟେଷ୍ଟ ଅଲ୍‌ରାଉଣ୍ଡ ତାଲିକାରେ ଜାଡେଜା ଶୀର୍ଷ ସ୍ଥାନକୁ ବଜାୟ ରଖିଛନ୍ତି। ଟେଷ୍ଟ ଟିମ୍ ତାଲିକାରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ପ୍ରଥମ ୫ଟି ସ୍ଥାନରେ ରହିଛନ୍ତି।

ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଟେନିସ

# କ୍ୱାର୍ଟର ଫାଇନାଲରେ କିଟ୍

ଭୁବନେଶ୍ୱର, ୩।୧ (ସମିସ)

ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ବୁଧବାରଠାରୁ ଜୟପୁରଠାରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ପୁରୁଷ ଟେନିସ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ମୁକାବିଲାରେ କିଟ୍ ପୁରୁଷ ଦଳ ୩-୦ରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ୍)କୁ ପରାସ୍ତ କରିଥିଲା। କବୀର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ଓ ମହମ୍ମଦ ଏନାମୁଲ ହକ୍‌ଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ପୂର୍ବରୁ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିସାରିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଟେନିସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଏଫ୍ଆଇଏଚ୍ ହକି ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ

# ଆହତ ବନ୍ଦନା ଭାରତୀୟ ଦଳରୁ ବାଦ୍

ରାଞ୍ଚି, ୩।୧ (ଏଜେନ୍ସି)

କ୍ରମାଗତ ତୃତୀୟଥର ଲାଗି କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଥିବା ଭାରତୀୟ ମହିଳା ହକି ଦଳ ବୁଧବାର ରାଞ୍ଚିରେ ପହଞ୍ଚିଛି। ଚଳିତ ମାସ ୧୩ରୁ ରାଞ୍ଚିରେ ବହୁପ୍ରତୀକ୍ଷିତ ଏଫ୍ଆଇଏଚ୍ ହକି ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଅଭିଜ୍ଞ ଗୋଲ୍‌ରକ୍ଷକ ସବିତା ପୁନିଆଙ୍କ ନେତୃତ୍ୱାଧୀନ ଭାରତ ଉଦ୍‌ଘାଟନୀ ଦିବସରେ ଆମେରିକା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଏଥିପୂର୍ବରୁ ଭାରତୀୟ ଦଳକୁ ଶକ୍ତ ଧକ୍କା ଲାଗିଛି। ଦଳର ଉପ-ଅଧିନାୟିକା ବନ୍ଦନା କାଟାରିୟା ଆଘାତଜନିତ ସମସ୍ୟା ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ଅଭ୍ୟାସ ଶିବିରରେ ବନ୍ଦନା ଆଘାତ ହୋଇଥିବା ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଜାନ୍ନେକ ସ୍କୋପମାନ କହିଛନ୍ତି। ନିକଟରେ ପ୍ରଥମ ଭାରତୀୟ ମହିଳା ହକି ଖେଳାଳି ଭାବେ ବନ୍ଦନା ୩୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।




ଅପରପକ୍ଷରେ ବୁଧବାର ଭାରତୀୟ ଦଳ ରାଞ୍ଚିରେ ପହଞ୍ଚିବା ପରେ ସମସ୍ତ ଖେଳାଳିଙ୍କୁ ଜୋର୍‌ଦାର ସ୍ୱାଗତ କରାଯାଇଥିଲା। 'ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଲାଗି ଆମେ ପୁଣିଥରେ ରାଞ୍ଚିକୁ ପ୍ରତ୍ୟାବର୍ତ୍ତନ କରି ବେଶ୍ ଉତ୍ସାହିତ ରହିଛୁ। ଗତ ନଭେମ୍ବରରେ ଆମେ ଏଠାରେ ଜାପାନକୁ ପରାସ୍ତ କରି ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଟାଇଟଲ୍ ଜିତିଥିଲୁ। ସ୍ଥାନୀୟ ଘରୋଇ ଦର୍ଶକ ଆମକୁ ବେଶ୍ ସମର୍ଥନ କରିଥିଲେ। ଏଥର ମଧ୍ୟ ଆମେ ଏଠାରେ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛୁ' ବୋଲି ଅଧିନାୟିକା ସବିତା ରାଞ୍ଚିରେ ପହଞ୍ଚିବା ପରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଏହି ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ, ଇଟାଲି ଓ ଆମେରିକା ସହ ପୁଲ୍-ବି'ରେ ସ୍ଥାନ ପାଇଛି। ଅଲିମ୍ପିକ ରୌପ୍ୟ ବିଜେତା ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ପୁଲ-ଏ'ରେ ରହିଛନ୍ତି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ-୩ ଦଳ ଆଗାମୀ ପ୍ୟାରିସ ଅଲିମ୍ପିକ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବ।

## ୧୬ରୁ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କଟକ,୩।୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଟୁର୍ଣ୍ଣାମେଣ୍ଟ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓସିଏର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଆଲୋଚନା କରାଯାଇଛି। ଆସନ୍ତା ୧୬ରୁ ୩୧ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଜାନୁୟାରୀ ୮ ରୁ ଖେଳାଳିମାନେ ନାମ ପଞ୍ଜୀକରଣ କରିବେ। କଟକ ଓ ଭୁବନେଶ୍ୱରରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିପାରିବେ। ଏତଦବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଅତି କମରେ ୫ଟି ଦଳ ଏବଂ ଅତିବେଶୀରେ ୧୦ଟି ଦଳ ଭାଗ ନେଇ ପାରିବେ। ଖେଳାଳିମାନେ ୭ମରୁ ୧୦ମ ଶ୍ରେଣୀ ମଧ୍ୟରେ ପଢୁଥିବା ଆବଶ୍ୟକ। ମ୍ୟାଚ୍ ଗୁଡ଼ିକ ୪୦ ଓଭର ବିଶିଷ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟରୁ ମୋଟ ୫୦ଜଣ ଖେଳାଳି ବଛାଯିବେ। ଏମାନଙ୍କୁ ଓସିଏର ଆବାସିକ ଏକାଡେମୀରେ ରଖାଯାଇ ପ୍ରଶିକ୍ଷଣ ଦିଆଯିବ ବୋଲି ବୈଠକ ଅବସରରେ କୁହାଯାଇଥିଲା। ବୈଠକରେ କମିଟି ସଦସ୍ୟ ବୀରେନ୍ଦ୍ର କୁମାର ବେହେରା, ସୁଶାନ୍ତ କୁମାର ମହାନ୍ତି, ଗୌତମ ଗଜପତି, ଶିବବ୍ରତ ମଲ୍ଲିକ, ପ୍ରଦୀପ ସେଠୀ, ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇପିଏଲ୍ ନିଲାମୀକୁ ୨.୨୮ କୋଟି ଭ୍ୟୁୟର୍ସିପ୍

ନୂଆଦିଲ୍ଲୀ,୩।୧(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ର ଅଗାମୀ ୨୦୨୪ ସଂସ୍କରଣ ପାଇଁ ଦୁବାଇରେ ଅନୁଷ୍ଠିତ ହୋଇଥିବା ମିନି ନିଲାମୀକୁ ୨.୨୮ କୋଟି ଭ୍ୟୁୟର୍ସିପ୍ ମିଳିଛି। ଗତବର୍ଷର ନିଲାମୀ ତୁଳନାରେ ଏହା ୫୭ ପ୍ରତିଶତକ ଅଧିକ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ବୁଧବାର ସୂଚନା ଦେଇଛନ୍ତି। ଆଇପିଏଲ ନିଲାମୀ ଏଥର ଦୁବାଇର କୋକା କୋଲା ଏରିନାରେ ଡିସେମ୍ବର ୧୯ ରେ ଅନୁଷ୍ଠିତ ହୋଇଥିଲା। ଏହି ନିଲାମୀ ୬ ଘଣ୍ଟାଧରି ଚାଲିଥିଲା। ନିଲାମୀର ସିଧାପ୍ରସାରଣ ଆଇପିଏଲ୍‌ର ଟିଭି ବ୍ରଡକାଷ୍ଟର କମ୍ପାନୀ ଷ୍ଟାର ସ୍ପୋର୍ଟ୍ସରେ ୫ଟି ଭାଷାରେ ପ୍ରସାରିତ ହୋଇଥିଲା।

### କମିନ୍ସ ଓ ଷ୍ଟାର୍କ ନିଲାମୀରେ ସବୁଠୁ ଦାମୀ ଥିଲେ

ନିଲାମୀରେ ଦୁଇ ଅଷ୍ଟ୍ରେଲୀୟ କ୍ରିକେଟର ପ୍ୟାଟ କମିନ୍ସ ଓ ମିଚେଲ ଷ୍ଟାର୍କ ସବୁଠାରୁ ଦାମୀ ସାବ୍ୟସ୍ତ ହୋଇଥିଲେ। ଦ୍ରୁତ ବୋଲର ଷ୍ଟାର୍କ ସର୍ବାଧିକ ୨୪.୭୫ କୋଟି ଟଙ୍କା ବିନିମୟରେ କୋଲକାତା ନାଇଟ ରାଇଡର୍ସରେ ସାମିଲ ହୋଇଥିଲେ। ତାଙ୍କର ମୂଳ ଦର ୨ କୋଟି ଟଙ୍କା ଥିଲା। ସେହିପରି ଅଭିଜ୍ଞ ଦ୍ରୁତ ବୋଲର କମିନ୍ସଙ୍କୁ ୨୦.୫୦ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କ୍ରୟ କରିଥିଲା। କମିନ୍ସଙ୍କୁ ମୂଳ ଦର ମଧ୍ୟ ୨ କୋଟି ଟଙ୍କା ଥିଲା। ସେହିପରି ନ୍ୟୁଜିଲାଣ୍ଡର ଡାରିଲ ମିଚେଲ (ମୂଳ ଦର ୧ କୋଟି) ୧୪ କୋଟି ଟଙ୍କାରେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗ୍‌ସ ଦଳରେ ସାମିଲ ହୋଇଥିଲେ।

# କମିନ୍ସଙ୍କୁ ୫ ୱିକେଟ; ପାକିସ୍ତାନ ୩୧୩ରେ ଅଲ୍‌ଆଉଟ୍

ତୃତୀୟ ଟେଷ୍ଟ

ସିଡନୀ,୨।୧(ଏଜେନ୍ସି)

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ବୁଧବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛି। ପ୍ରଥମ ପାଳି ଆରମ୍ଭ କରି ପାକିସ୍ତାନ ୱିକେଟରକ୍ଷକ ବ୍ୟାଟର ମହମ୍ମଦ ରିଜୱାନ, ଆଘା ସଲମାନ ଓ ଅମୀର ଜମାଲଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ୭୭.୧ ଓଭରରେ ୩୧୩ ରନ ସଂଗ୍ରହ କରି ଅଲଆଉଟ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଗୋଟିଏ ଓଭରରେ କୌଣସି ୱିକେଟ ନହରାଇ ୬ ରନ ସଂଗ୍ରହ କରିଛି। ଫଳରେ ୧୦ ୱିକେଟ ହାତରେ ଥାଇ ଅଷ୍ଟ୍ରେଲିଆ ୩୦୭ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ଓପନର ଡେଭିଡ୍ ୱାର୍ଣ୍ଣର ୬ ଓ ଉସମାନ ଖ୍ୱାଜା ବିନା ସ୍କୋରରେ ଅପରାଜିତ ରହିଛନ୍ତି।



### ରିଜୱାନ, ସଲମାନ, ଜମାଲଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରି ପାକିସ୍ତନ ଆରମ୍ଭରୁ ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ଦଳର ସ୍କୋର ୪ ରନରେ ହରାଇଥିଲା। ଅବଦୁଲ୍ଲା ସାଫିକ୍ ଓ ସଇମ୍ ଆୟୁବ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ମିଚେଲ ଷ୍ଟାର୍କ ଓ ଜୋଶ ହାଜଲେଉଡଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭିଜ୍ଞ ବ୍ୟାଟର ବାବର ଆଜମ ୨୬ ଓ ଅଧିନାୟକ ସାନ ମାସୁଦ ୩୫ ରନକରି ଯଥାକ୍ରମେ ପ୍ୟାଟ କମିନ୍ସ ଓ ମିଚେଲ ମାର୍ଶଙ୍କ ଦ୍ୱାର ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଉଦ୍ ସକିଲ ୫, ସାଜିଦ ଖାନ୍ ୧୫ ରନକରି ଆଉଟ ହୋଇଥିବା ବେଳେ ହାସନ ଅଲି ଖାତା ଖୋଲି ପାରି ନଥିଲେ। ମୀର ହମ୍‌ଜା ୭ ରନ କରି ଅପରାଜିତ ରହିଥିଲେ। କିନ୍ତୁ ରିଜୱାନ, ସଲମାନ ଓ ଜମାଲ ଅର୍ଦ୍ଧଶତକ ହାସଲ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ରିଜୱାନ ୮୮, ସଲମାନ ୫୩ ଓ ଜମାଲ ୮୨ ରନର ଉପଯୋଗୀ ପାଳି ଖେଳିଥିଲେ। ପାକିସ୍ତାନ ପାଳିରେ ୩ଟି ଉପଯୋଗୀ ଭାଗୀଦାରି ଦେଖିବାକୁ ମିଳିଥିଲା। ୧୦ମ ତଥା ଅନ୍ତିମ ୱିକେଟରେ ଜମାଲ ଓ ହମ୍‌ଜା ୧୩୩ ବଲର ସମ୍ମୁଖୀନ ହୋଇ ୮୬ ରନ ସଂଗ୍ରହ କରି ଅଷ୍ଟ୍ରେଲୀୟ ବୋଲରଙ୍କୁ ନିରାଶ କରିଥିଲେ। ସେହିପରି ଷଷ୍ଠ ୱିକେଟରେ ରିଜୱାନ ଓ ସଲମାନ ୧୦୧ ବଲର ସମ୍ମୁଖୀନ ହୋଇ ଦ୍ରୁତ ୯୪ ରନ ସଂଗ୍ରହ କରିଥିଲେ। ସେହିପରି ୫ମ ୱିକେଟରେ ମାସୁଦ ଓ ରିଜୱାନ ୪୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଅଧିନାୟକ ତଥା ଅଭିଜ୍ଞ ଦ୍ରୁତ ବୋଲର କମିନ୍ସ ସର୍ବାଧିକ ୫ ୱିକେଟ, ଷ୍ଟାର୍କ ୨, ହାଜଲେଉଡ, ନାଥନ ଲିୟନ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୩୬୦ ରନ ଓ ମେଲବୋର୍ଣ୍ଣରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ୭୯ ରନରେ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହେବା ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌କୁ ଆଗୁଆ ହାତେଇ ନେଇଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ପାଳି- ୩୧୩/୧୦, ୭୭.୧ ଓଭର (ରିଜୱାନ- ୮୮, ଜମାଲ- ୮୨, ସଲମାନ- ୫୩, କମିନ୍ସ- ୫/୬୧, ଷ୍ଟାର୍କ- ୨/୭୫)।
ଅଷ୍ଟ୍ରେଲିଆ ପ୍ରଥମ ପାଳି- ୬/୦, ୧ ଓଭର (ୱାର୍ଣ୍ଣର-୬*, ଖୱାଜା-୦*)।

ସକାଳ
THE SAKALA
www.thesakala.in
We require the following posts for various locations urgently.
1. District Correspondent
For Various District
Qualification: MJMC with 5 yrs. experience.
2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience
3. Layout Designer
For Bhubaneswar
Qualification: Minimum 3 yrs experience in respective field.
4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.
Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଜାରି ରହିବ କୁହୁଡ଼ି

**ଭୁବନେଶ୍ୱର,୩।୧(ସମିସ):** ରାଜ୍ୟରେ ଶୀତ ସାଙ୍ଗକୁ କୁହୁଡ଼ି ଜାରି ରହିଛି। ଶୀତର ପ୍ରକୋପ ସାମାନ୍ୟ କମିଥିଲେ ବି ଘନ କୁହୁଡ଼ି ପ୍ରଭାବ ଜାରି ରହିଛି। ସକାଳୁ ସକାଳୁ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଯୋଗୁଁ ଲୋକେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ବିଶେଷକରି କୁହୁଡ଼ି ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଅନେକ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି। ଏହାକୁ ଦୃଷ୍ଟିରେ ରଖି କୁହୁଡ଼ି ପାଇଁ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ପାଇଁ ଚେତାବନୀ ଜାରି କରାଯାଇଛି। ଗୁରୁବାର ସକାଳୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କୁହୁଡ଼ି ହେବାର ସମ୍ଭାବନା ରହିଥିବା ବେଳେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଅନୁଗୁଳ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ସୋନପୁର, ବଲାଙ୍ଗିର, ସମ୍ବଲପୁର ବୌଦ୍ଧ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଅନ୍ୟପଟେ ୫ ଏବଂ ୬ ତାରିଖ ବେଳକୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନଥିବା ବେଳେ ଏବେ ସ୍ୱାଭାବିକଠାରୁ ଅନେକ ସ୍ଥାନରେ ତାପମାତ୍ରା ଅଧିକ ରହୁଛି। କିଛି ସ୍ଥାନରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ଅଧିକ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଆଜିଠୁ କଲେଜରେ ଏନ୍‌ଇଇଟି, ଜେଇଇ କୋଚିଂ

**ଭୁବନେଶ୍ୱର, ୩।୧(ସମିସ):** ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାରଠାରୁ ଏନ୍‌ଇଇଟି ଏବଂ ଜେଇଇ ପାଇଁ ଅନ୍‌ଲାଇନ୍ କୋଚିଂ ଦିଆଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷା ଦକ୍ଷତା ବୃଦ୍ଧି କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଭର୍ଚୁଆଲ ମାଧ୍ୟମରେ ଏହି କୋଚିଂ ପ୍ରଦାନ କରାଯିବ। କୋଚିଂ ପାଇଁ ସ୍ମାର୍ଟଟିଭି ବ୍ୟବସ୍ଥା କରିବାକୁ ପୂର୍ବରୁ ନର୍ଦ୍ଦେଶ ଦିଆଯାଇଛି। ସକାଳ ସାଢ଼େ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି କ୍ଲାସ୍ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ସମସ୍ତ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି।

ସୂଚନାନୁଯାୟୀ, ଗୁରୁବାର ରସାୟନ ବିଜ୍ଞାନ ବିଷୟରେ କୋଚିଂ ଦିଆଯିବାକୁ ଥିବା ବେଳେ ଶୁକ୍ରବାର ପଦାର୍ଥ ବିଜ୍ଞାନ ଓ ଶନିବାର ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଗଣିତ ବିଷୟରେ କୋଚିଂ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ୮ ତାରିଖରୁ କୋଚିଂ ସୂଚୀ ଦିଆଯିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। କୋଚିଂ ପାଇଁ ମନୋନୀତ ହୋଇଥିବା ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ବା ନୋଡାଲ ଅଧିକାରୀ ସୂଚନା ପ୍ରଦାନ କରିବେ। କୋଚିଂ ଆରମ୍ଭ ହେବା ପୂର୍ବରୁ ସମ୍ପୃକ୍ତ ବିଷୟର ପାଠ୍ୟପୁସ୍ତକ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ। ପ୍ରତି ଅଧିବେଶନରେ ଜଣେ ଶିକ୍ଷକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରିବେ। କୋଚିଂ ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରିବାକୁ ବିଜ୍ଞାନ ଶିକ୍ଷକ ନିୟୋଜିତ ହେବେ। ବିଜ୍ଞାନ ଶିକ୍ଷକ ନଥିଲେ, ଯେକୌଣସି ଶିକ୍ଷକଙ୍କୁ ନିୟୋଜିତ କରାଯାଇପାରିବ। ଏନ୍‌ଇଇଟି ଏବଂ ଜେଇଇ କୋଚିଂ ପାଇଁ ୨୦ରୁ କମ୍ ଛାତ୍ରଛାତ୍ରୀ ରହିଲେ, ଜଣେ ଲେଖାଏଁ ଶିକ୍ଷକ ମେଣ୍ଟର ଭାବେ ନିଯୁକ୍ତି ହେବେ। ସେହିପରି ୨୦ରୁ ଅଧିକ ହେଲେ, ୪୦-୫୦ ଛାତ୍ରୀଛାତ୍ରଙ୍କ ଗ୍ରୁପ୍ କରାଯିବ। ପ୍ରତ୍ୟେକ ଗ୍ରୁପ୍ ପାଇଁ ଜଣେ ଶିକ୍ଷକ ମେଣ୍ଟର୍ ଭାବେ ନିଯୁକ୍ତ ହେବେ। ଅଭିଭାବକଙ୍କ ଭଳି ମେଣ୍ଟର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଓ ପରାମର୍ଶ ଦେବେ। ପ୍ରତ୍ୟେକ କ୍ଲାସ୍ ସମାପ୍ତ ହେବା ପରେ ନୋଡାଲ ଅଧିକାରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଉପସ୍ଥାନ ପ୍ରଦାନ କରିବେ। ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତା ହାର ବୃଦ୍ଧି କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏଭଳି ଅଭିନବ ଯୋଜନା ପ୍ରସ୍ତୁତ କରିଛି।

# ୧୦ରେ ପ୍ରଧାନଶିକ୍ଷକ ବୈଠକ

**'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ସମ୍ବନ୍ଧିତ କାର୍ଯ୍ୟକ୍ରମ ହେବ ମୁଖ୍ୟ ବିଷୟ**

**ଭୁବନେଶ୍ୱର,୩।୧(ସମିସ):** ହାଇସ୍କୁଲ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଚତୁର୍ଥ ବ୍ଲକ୍‌ସ୍ତରୀୟ ମାସିକ ବୈଠକ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ। 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପାଇଁ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଏହି ବୈଠକରେ ମୁଖ୍ୟ ବିଷୟ ରହିବ। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ବିଷୟରେ ବିଇଓ ବିସ୍ତୃତ ବିବରଣୀ ରଖିବେ। ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାର ମାନ, ଛାତ୍ରଛାତ୍ରୀଙ୍କ ଅସୁବିଧା ଓ ତା'ର ସମାଧାନ, ଶିକ୍ଷାର ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ସୁପରିଚାଳନା ପରି ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ କ୍ଲବ୍ ଗଠନ, ହାଉସ୍ ସିଷ୍ଟମ୍, ରୂପାନ୍ତରିତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଆଦି ବିଷୟରେ ଆଲୋଚନା ହେବ। ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନ ପରୀକ୍ଷାଗାର, ଶୁଦ୍ଧ ପାନୀୟ ଜଳ, ପୃଥକ୍ ଶୌଚାଳୟ, ନବମ ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକେଲ ବାବଦ ଅର୍ଥରାଶିର ବଣ୍ଟନ ସମ୍ପର୍କରେ ଆଲୋଚନା କରାଯିବ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ଣ ୪ଟା ଯାଏଁ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

**ବୋରୱେଲକୁ ଶିଶୁକନ୍ୟା ଫିଙ୍ଗିବା ଘଟଣା**

# ଡିସ୍‌ଚାର୍ଜ ସତ୍ତ୍ୱେ ଏସ୍‌ସିବିରେ ବିଜୟିନୀର ମା'

**ରେଙ୍ଗାଲି ପୁଲିସ କହୁଛି, ଗାଡ଼ି ଖରାପ**

**କଟକ, ୩।୧(ସମିସ):** ସମ୍ବଲପୁର ରେଙ୍ଗାଲି ଅଞ୍ଚଳରେ ନବଜନ୍ମିତ ଶିଶୁକନ୍ୟାକୁ ବୋରୱେଲ୍ ଭିତରକୁ ପକାଇ ଦେଇଥିବା ମା' ଆରତି ମାଝୀ କଟକ ବଡ଼ ମେଡିକାଲରୁ ଯାଇନାହାନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ରେଙ୍ଗାଲି ପୁଲିସର ଏକ ଟିମ୍ ଆସି ତାଙ୍କୁ ନେବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଥିଲେ। ମାତ୍ର ବୁଧବାର ରାତି ସୁଦ୍ଧା ସେ ସମ୍ବଲପୁର ଫେରି ପାରିନାହାନ୍ତି। ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଜୟ ମିଶ୍ରଙ୍କ କହିବା ମୁତାବକ, ମେଡିକାଲ କର୍ତ୍ତୃପକ୍ଷ ନିଜ କାର୍ଯ୍ୟ ଠିକ୍ ଭାବେ କରିଛନ୍ତି। ହେଲେ ରେଙ୍ଗାଲି ପୁଲିସ ଗାଡ଼ି ଖରାପ କହି ସମୟ ଗଡ଼ାଉଛି। ହସ୍ପିଟାଲ ମ୍ୟାନେଜର୍ ସେମାନଙ୍କ ସହ ଆଲୋଚନା କରୁଛନ୍ତି। ରାତି ପ୍ରାୟ ୧୦ଟା ସୁଦ୍ଧା ପୁଲିସର ଟିମ ଏସ୍‌ସିବିରେ ପହଞ୍ଚିନାହିଁ ବୋଲି ବିଭାଗୀୟ ମୁଖ୍ୟ ଡାକ୍ତର ମିଶ୍ର କହିଛନ୍ତି। ପ୍ରକାଶଥାଉକି, ଗତ ୧୭ ତାରିଖରେ ଆରତୀ ଏସସିବିର ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଥିଲେ। ପ୍ରାୟ ୧୬ ଦିନ ଧରି ତାଙ୍କର ଚିକିତ୍ସା ଚାଲିଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷାରୁ ସେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ରୁଗଣ ନୁହଁନ୍ତି ବୋଲି ଜଣାପଡ଼ିଛି।

# ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ଶୀଘ୍ର ଗଠନ କର: ହାଇକୋର୍ଟ

**ଆବେଦନକାରୀଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରିବାକୁ ନିର୍ଦ୍ଦେଶ**

**କଟକ, ୩।୧(ସମିସ):** ୧୯୯୧ ନିୟମାବଳୀ ପ୍ରଯୁଜ୍ୟ ଥିବା ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଯଥା ଉଚ୍ଚ ବିଦ୍ୟାଳୟ ଓ କଲେଜଗୁଡ଼ିକର ପରିଚାଳନା କମିଟିକୁ ତୁରନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁନର୍ଗଠନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପରିଚାଳନା କମିଟି ଭଙ୍ଗ ପରେ ଏହାର ସଭାପତି ନିଯୁକ୍ତ ହୋଇଥିବା ଏଡିଏମ୍‌ଙ୍କ ଦ୍ୱାରା ଆବେଦନକାରୀଙ୍କୁ ଚାକିରିରୁ ନିଲମ୍ବନ ଆଦେଶ ଆଇନ ଆଖିରେ ଗ୍ରହଣୀୟ ନୁହେଁ। ଅନୁଦାନପ୍ରାପ୍ତ କଲେଜର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିଚାଳନା କମିଟି ସଭାପତିଙ୍କ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବୈଜୟନ୍ତୀ ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରିବାକୁ ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଭାବେ ୨୦୧୧ ଅଗଷ୍ଟ ୨୮ରେ ଆବେଦନକାରୀ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୦ ଜାନୁଆରୀ ୨୪ରେ ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ପରିଚାଳନା କମିଟି ଭଙ୍ଗ କରାଯାଇଥିଲା। ଜିଲ୍ଲା ମୁଖ୍ୟାଳୟରେ ଥିବା କଲେଜଗୁଡ଼ିକରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏଡିଏମ୍‌ଙ୍କୁ ସଭାପତି ନିଯୁକ୍ତ କରାଯାଇଥିଲା। କେତେକ କାରଣରୁ ପରିଚାଳନା କମିଟି ସଭାପତିଙ୍କ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗତ ୨୦୨୧ ଅଗଷ୍ଟ ୧୯ରେ ଚାକିରିରୁ ନିଲମ୍ବନ କରାଯାଇଥିଲା। ପରେ ଗତ ୨୦୨୧ ଅକ୍ଟୋବର ୨୨ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଆଦେଶ ଦିଆଯାଇଥିଲା। ଯେହେତୁ ପରିଚାଳନା କମିଟି ଭଙ୍ଗ ହେବା ପରେ ଆଉ ପୁନର୍ଗଠିତ ହୋଇନାହିଁ, ତେଣୁ ପରିଚାଳନା କମିଟି ସଭାପତିଙ୍କ ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**● ବ୍ରାହ୍ମଣୀ ଓ ଶାଖା ନଦୀ ପ୍ରଦୂଷଣ ମାମଲା**

# ପ୍ରଦୂଷଣମୁକ୍ତ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

**କଟକ, ୩।୧(ସମିସ):** ବ୍ରାହ୍ମଣୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳ ପ୍ରଦୂଷଣ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ଏହି ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ତାହା ନିର୍ଦ୍ଦିଷ୍ଟ ଭାବେ ସତ୍ୟପାଠ ଜରିଆରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଶେଷଥର ପାଇଁ ଗତ ୨୦୨୩ ଫେବୃଆରୀ ୬ରେ ସତ୍ୟପାଠ ଦିଆଯାଇ ବ୍ରାହ୍ମଣୀ ଓ ଶାଖା ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଇଥିଲା। କିନ୍ତୁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ତାହା ଅଦାଲତଙ୍କୁ ଅବଗତ କରାଯାଇନଥିଲା।

**ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା**

# ଯୋଜନା କାର୍ଯ୍ୟକାରିତାର ନିର୍ଦ୍ଦିଷ୍ଟ ସମୟସୀମା ଜଣାଅ

**କଟକ,୩।୧(ସମିସ):** ଜେଲ୍ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲେ ମଧ୍ୟ ଏଥିରେ ଯୋଜନା କାର୍ଯ୍ୟକାରୀ ସମ୍ପର୍କିତ ସମୟସୀମା ଉଲ୍ଲେଖ କରାଯାଇନଥିଲା। ତେଣୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏ ସମ୍ପର୍କିତ ସାନି ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଇଣ୍ଟରଭିନର୍ ଥିବା ଆଇନଜୀବୀ ମୃଣାଳିନୀ ପାଢ଼ୀଙ୍କ ଆବେଦନକୁ ମଧ୍ୟ ଅଦାଲତ ଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୧୮ ତାରିଖକୁ ଧାର୍ଯ୍ୟ କରାଯାଇଛି।

ସୁପ୍ରିମକୋର୍ଟଙ୍କ ରହିଥିବା ଆଦେଶ ଅନୁସାରେ, ରାଜ୍ୟର ଜେଲରେ ଅନ୍ତେବାସୀଙ୍କ ୬ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳୁନଥିବା ଦର୍ଶାଯାଇଥିଲା। ଜେଲ୍ ଅନ୍ତେବାସୀଙ୍କୁ ସ୍ୱେଚ୍ଛାକୃତ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ବେଳେ ସେମାନଙ୍କୁ ଲେବରିଂ ଡାଏଟ୍ ଦିଆଯାଉନାହିଁ ବୋଲି ଇଣ୍ଟରଭିନର ଅଭିଯୋଗ କରିଥିଲେ। ଜେଲ୍ ମାନୁଆଲରେ ଲେବରିଂ ଡାଏଟ ନଥିବା ନେଇ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା ବେଳେ ଏ ନେଇ ପଦକ୍ଷେପ ନିଆଯାଉଥିବା କୁହାଯାଇଥିଲା। ଏହି ପ୍ରସଙ୍ଗରେ ବିଳମ୍ବ ନକରି ପଦକ୍ଷେପ ନେବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସରକାର ଯେପରି ଜେଲ୍ ବାହାରେ ଥିବା ଏସ୍‌ସି-ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ବିଭିନ୍ନ ମାଗଣା ସୁବିଧା ଯୋଗାଉଛନ୍ତି, ଜେଲ ଅନ୍ତେବାସୀଙ୍କ ପିଲାଙ୍କୁ ମଧ୍ୟ ସେହିପରି ସୁବିଧା ପ୍ରଦାନ ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ଆମିକସକ୍ୟୁରୀ ଗୌତମ ମିଶ୍ର ଯାଜପୁର ସବ୍-ଜେଲ ଓ ଭଦ୍ରକ ସ୍ୱତନ୍ତ୍ର ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ଢେର୍ ଅଧିକ ଅନ୍ତେବାସୀ ଦୀର୍ଘ ଦେଢ଼ବର୍ଷ ଧରି ରହିଆସୁଥିବା ନେଇ ରିପୋର୍ଟ ଦେଇଥିଲେ। ରାଜ୍ୟରେ ଅଧିକ ସଂଖ୍ୟାରେ ଜେଲ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱାରୋପ କରିଥିଲେ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions based on Employability Skills.** **(4x1 = 4)**
(i) Which one of the following is not a symptom of stress? (1)
(a) Increased sweating (b) Dry Mouth
(c) Cold hands or feet (d) None of the above
(ii) Which term refers to our knowledge and understanding of ourselves? (1)
(a) Self-awareness (b) Motivation
(c) Both (a) and (b) (d) None of these
(iii) Which of the following is an example of effective written communication? (1)
(a) Using excessive jargon and technical terms
(b) Writing lengthy paragraphs without any breaks or bullet points
(c) Using concise and clear language
(d) Including personal opinions and biases
(iv) ............... provides process and memory management services that allow two or more tasks, jobs or programs to run simultaneously. (1)
(a) Multi-tasking (b) Multi-threading
(c) Multi-processing (d) Multi-computing
(v) Which of the following is an example of a green skill? (1)
(a) Traditional farming techniques
(b) Renewable energy installation and maintenance
(c) Conventional manufacturing process
(d) Non-recyclable waste disposal methods
(vi) In which situation an entrepreneur will not be able to convince his fellow beings to achieve his goals? (1)
(a) Low self-confidence (b) Innovativeness
(c) Risk taking (d) None of the above

2. **Answer any 5 out of the given 6 questions.** **(5×1=5)**
(i) A............. is a temporary connection that uses the Public Switched Telephone Network (PSTN) to connect to the Internet. (1)
(a) broadband connection (b) wireless connection
(c)dial-up connection (d) None of the above
(ii) The small area network created around a bluetooth device is called......... (1)
(a) LAN (b)PAN (c)WAN (d)MAN
(iii) The........ SOL statement is used to make a query or retrieve data from a table in a database. (1)
(a)INSERT (b) UPDATE (c) SELECT (d)REVIEW
(iv) Which of the following allows you to reorder data? (1)
(a)sorting (b) filtering (c) scenario (d)custom sorting
(v) Which of the following is not an Autoshape? (1)
(a) line (b)circle (c)curve (d)clipart
(vi) which of the following feature of spreadsheet can be used to apply default style? (1)
(a) Consolidation (b) Macros (c) Templates (d) What-if analysis

3. **Answer any 5 out of the given 6 questions** **(5x1=5)**
(i) Editing Custom Shapes feature allow .............of small segments of a drawing (1)
(a) shaping (b) reshaping (c) rehearse (d) None of these
(ii) DBMS is a program, that controls the creation, maintenance and use of a database. Here, DBMS stands for (1)
(a) Digital Base Management System
(b) Data Building Management System
(c) Database Management System
(d) Database Management Service
(iii) A ............filters data traffic at a network boundary. (1)
(a) bridge (b) switch (c) gateway (d) hub
(iv) Template includes a text space that is surrounded by brackets. It is called a .......... . (1)
(a) margin (b) placeholder (c) data source (d) track changes
(v) Key field is a unique identifier for each record. It is defined in the form of............ (1)
(a)rows (b) columns (c)tree (d)query
(vi) What is the name given to a combination of two cell references? (1)
(a) Relative reference (b)Absolute reference
(c)Mixed reference (d)None of the above

4. **Answer any 5 out of the given 6 questions** **(5×1=5)**
(i) Which of the following is an application program that is stored on a remote server and delivered over the Internet? (1)
(a) web application (b)system application
(c)internet application (d) None of these
(ii) A.........is a document model that you use to create other documents, (1)
(a) Anchoring (b) Alignment (c) Templar (d) None of these
(iii) 1:1, 1:n and n:1 are examples of different types of........... (1)
(a) Relations (b) Databases (c) data (d) Query
(iv) In packet based networks, the message gets broken into small..........(1)
(a) data packets (b) data frame (c) chunk (d) None of these
(v) This is a type of hyperlink available in Hyperlink dialog box, which creates a new worksheet. (1)
(a) New document (b) New file (c) New worksheet (d) New data
(vi) Which of the following allows you to display the specific data? (1)
(a) Arranging (b) Filtering (c) Scenario (d) Custom sorting

5. **Answer any 5 out of the given 6 questions.** **(5×1=5)**
(i) A............ refers to a cell or a range of cells on a Worksheet and can be used to find the values or data that you want formula to calculate. (1)
(a)cell reference (b) block (c) sheet reference (d) autofill
(ii) URL is the ........ for a website or a web page (1)
(a) web address (b) website (c) web page (d) Both (a) and (c)
(iii) Rajiv has created an employee table and made Emp_No, as the primary key, so that it can accept only unique values for each record. At the same time, he wants to have one more field that can behave like a primary key. Which of the following types of key can serve the purpose? (1)
(a) Foreign key (b) Composite key (c) Unique key (d) None of these
(iv) ..................is used to define the structure of your tables and other objects in the database. (1)
(a) DDL (b) DML (c) DCL (d) None of these
(v) Suraj wants to know the sequence of steps used to open the Templates dialog. Answer to his query. (1)
(a) File→New→ext Document (b) File→New→Templates
(c) Format→Group→ Group (d) None of the above
(vi) Two other toolbars can be opened from Picture Toolbar are the ...........and............. (1)
(a) Edit picture, Color picture (b) Format, drawing
(c) Graphic Filter toolbar Color toolbar (d) Floating toolbar Color toolbar

**Section B (Subjective Type)**

**Answer any 3 out of the given 5 questions on Employability skills.** **(3×2=6)**

6. How stress can be caused by both good and bad experiences? (2)
7. How do green skills contribute sustainable development? (2)
8. What is the difference between moving and copying a folder? (2)
9. How entrepreneur is helpful in capital formation? (2)
10. Can you explain what it means to encode a message? (2)

**Answer any 4 out of the given 6 questions in 20-30 words each.** **(4x2=8)**

11. What is the use of grouping objects in a word processor application? (2)
12. What is the difference between a workbook and worksheet ? (2)
13. What is the use of Scenario tool? (2)
14. Define data, the major component of a database. (2)
15. Name any two ways of wireless connections of Internet. Ramya wants to connect all the computers of her office wirelessly in order to avoid uncoordinated cables. Which wireless technology would be best suitable for her office?
16. What are the benefits of online shopping? (2)

**Answer any 3 out of the given 5 questions in 50-80 words each.** **(3x4=12)**

17. What is sorting? How to use ascending or descending sort which depends on one column? (4)
18. Ojas had prepared a Table of Contents of the project work he had done in a word processor application. (4)
(a) Tell him the different steps to update the TOC
(b) Tell him the different steps to delete the TOC
19. Write short notes on (4)
(a)Form in Access
(b)Report in Access
20. Define the following types of integrity. (4)
(i) entity integrity
(ii) Referential integrity
(iii) Domain integrity
(iv) User defined integrity
21. Answer the following questions. (4)
(a) What is PAN?
(b) Define the term MAN.
(c) Define the term WAN.
(d) Write a disadvantage of both LAN and WAN.

*****

*All the Best...*

**ANSWER KEY**

| | | | | | | |
|---|---|---|---|---|---|---|
| **1.** i.(d) | ii. (c) | iii. (d) | iv. (a) | v. (b) | vi. (a) |
| **2.** i. (c) | ii. (b) | iii. (c) | iv. (a) | v. (d) | vi. (a) |
| **3.** i. (b) | ii.(c) | iii. (a) | iv. (b) | v. (b) | vi. (c) |
| **4.** i. (a) | ii. (c) | iii. (a) | iv. (a) | v. (a) | vi. (b) |
| **5.** i.(a) | ii. (d) | iii. (b) | iv. (a) | v. (b) | vi. (b) |

**Courtesy: ARYAVART ANCIENT ACADEMY, KHORDHA**
A SENIOR SECNODARY SCHOOL
Web: www.aaschool.in

# ମଖାନାରୁ ସ୍ୱାବଲମ୍ବୀ ମୀନାକ୍ଷୀ







**କମ୍ ବୟସରୁ ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ପେସାରେ ସେ ଏବେ ଜଣେ ସଫଳ ବ୍ୟବସାୟୀ । ତେବେ ସେ ଚାକିରି ଆଶାୟୀ ନ ହୋଇ ମନ ବଳାଇଥିଲେ ବ୍ୟବସାୟ ଆଡକୁ । ଯାହା ଆଜି ତାଙ୍କୁ ଦେଇଛି ସଫଳତା ସାଙ୍ଗକୁ ଏକ ସ୍ୱତନ୍ତ୍ର ପରିଚୟ । କୁହାଯାଏ, ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ ଯେକୌଣସି କାର୍ଯ୍ୟ କରିବା ସମ୍ଭବ । ଯାହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ମୀନାକ୍ଷୀ ଦାଶ । ଘର ବ୍ରହ୍ମପୁରରେ । ୨୫ବର୍ଷିୟା ମୀନାକ୍ଷୀ ବିହାର କୃଷି ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନରେ ସ୍ନାତକ ସାରି ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ କରିପାରିଛନ୍ତି । ବିଶ୍ୱବିଦ୍ୟାଳୟର ଟପ୍ପର ଛାତ୍ରୀ ଭାବେ ସ୍ୱର୍ଣ୍ଣପଦକ ମଧ୍ୟ ହାସଲ କରିଛନ୍ତି ।**

### ବ୍ୟବସାୟ ପ୍ରତି ଆଗ୍ରହ

୨୦୧୮ରୁ ୨୦୨୨ ମସିହା ପର୍ଯ୍ୟନ୍ତ ମୀନାକ୍ଷୀ ବିହାର କୃଷି ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ । ପଢ଼ିବା ସମୟରେ ହିଁ ମଖାନା ବିଷୟରେ ଜାଣିବାକୁ ପାଇଥିଲେ । ଏହି ମଖାନାର ଗବେଷଣା ସେ ପଢୁଥିବା ସ୍ଥାନରେ ହିଁ କରାଯାଉଥିଲା । ସମଗ୍ର ବିଶ୍ୱର ୮୫ ପ୍ରତିଶତ ମଖାନା ବିହାରରେ ହିଁ ଉତ୍ପାଦନ କରାଯାଇଥାଏ । ଯଦିଓ ବାହାର ରାଜ୍ୟର ଲୋକମାନେ ମଖାନା ବିଷୟରେ ଜାଣିଥିଲେ, କିନ୍ତୁ ଓଡ଼ିଶାରେ ତାହା ଏତେ ଆଦୃତ ହୋଇ ନ ଥିଲା । କିଛିଲୋକ ଏବେ ବି ମଖାନା ବାବଦରେ ଜାଣି ନାହାନ୍ତି । ତେଣୁ ସେବେଠୁ ମଖାନାକୁ ନେଇ ଓଡ଼ିଶାରେ ବ୍ୟବସାୟ କରିବାର ଇଚ୍ଛା ତାଙ୍କର ଜାଗ୍ରତ ହୋଇଥିବା ସେ କହିଛନ୍ତି । ଫଳରେ ୨୦୨୩ ମସିହାରେ ସେ 'ଇଲେଟ୍ କ୍ରଞ୍ଚିଜ୍' ନାଁରେ ଆରମ୍ଭ କଲେ ମଖାନା ବ୍ୟବସାୟ । ଏଥିରେ ୮ ପ୍ରକାର ମଖାନାର ସ୍ୱାଦ ରହିଛି ।

### ମଖାନା ବ୍ୟବସାୟରୁ ସଫଳତା

ବଜାରରେ ବିଭିନ୍ନ ବ୍ରାଣ୍ଡର ମଖାନା ରହିଛି । ତେଣୁ ଏକ ନୂଆ ବ୍ରାଣ୍ଡ ଲଞ୍ଚ୍ କରିବା ତାଙ୍କ ପକ୍ଷେ ଆଦୌ ସହଜ ନ ଥିଲା । କିନ୍ତୁ ସେ ନିଜ ପ୍ରଚେଷ୍ଟାରେ ନିଜ ଅଞ୍ଚଳ ବ୍ରହ୍ମପୁରରେ ମଖାନାର ଛୋଟ ବ୍ୟବସାୟ ଆରମ୍ଭ କଲେ । ମଖାନା ପ୍ୟାକେଟ୍ କରି ପ୍ରଥମେ ବ୍ରହ୍ମପୁର ମଲ୍ ରେ ୨୫ ଟଙ୍କାରେ ଗୋଟିଏ ପ୍ୟାକେଟ୍ ବିକ୍ରି କରିଥିଲେ । ପରେ ପରେ ଏହାର ବିଭିନ୍ନ ଫ୍ଲେଭର ଯଥା ସ୍ଲଟ୍ ଆଣ୍ଡ ପେପର୍, ଚିଲ୍ଲି ଗାର୍ଲିକ୍, ମିଣ୍ଟ ମସଲା ଆଦି ବିକ୍ରି କରାଗଲା । ସମୟ କ୍ରମେ ଏହାର ଚାହିଦା ମଧ୍ୟ ବଢ଼ିଲା । ଲକ୍ଷ୍ୟ ଥିଲା ଲୋକମାନେ ଆଗ ଛୋଟ ପାକେଟ୍ କିଣନ୍ତୁ ଓ ମଖାନା କ'ଣ ଜାଣନ୍ତୁ । ଧୀରେ ଧୀରେ ଏହାର ଚାହିଦା ବଢ଼ିଲା । ଗୋଟିଏ ମଲ୍‌ରୁ ସମୟକ୍ରମେ ବ୍ରହ୍ମପୁରର ସମସ୍ତ ମଲ୍ ଓ ଅନଲାଇନ୍ ଷ୍ଟୋର ଯଥା – ଇନଷ୍ଟାଗ୍ରାମ୍, ଆମାଜନ୍, ଫ୍ଲିପକାର୍ଟ ଓ ମିଶୋରେ ବିକ୍ରି କରାଗଲା । ବ୍ରହ୍ମପୁରରୁ ଆରମ୍ଭ ହୋଇଥିବା ମୀନାକ୍ଷୀଙ୍କର ଏହି ବ୍ୟବସାୟ ଧୀରେ ଧୀରେ ରାଜ୍ୟ ବାହାରକୁ ଯଥା ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ରପ୍ତାନୀ କରାଯାଉଛି । ୬ହଜାର ଟଙ୍କା ପୁଞ୍ଜି ନିବେଶ କରି ଆରମ୍ଭ ହୋଇଥିବା ଏହି ବ୍ୟବସାୟ ବର୍ତ୍ତମାନ ସମୟରେ ୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି । ଏହି ମଖାନା ୨୫ ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥି ସହିତ କଦଳୀ ଚିପ୍ସ, ନାଡ଼ିକିଲି, ହେଲଥ ଡ୍ରିଙ୍କସ, ମାଣ୍ଡିଆ ବିସ୍କୁଟ୍ ଆଦି ବ୍ୟବସାୟ କରିଥାନ୍ତି ।

**ଅନ୍ୟକୁ ରୋଜଗାରକ୍ଷମ କରୁଛନ୍ତି**

**ଏହି ବ୍ୟବସାୟ କରି ମୀନାକ୍ଷୀ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ନିଯୁକ୍ତି ଦେଇ ରୋଜଗାରକ୍ଷମ କରାଇପାରିଛନ୍ତି । ଏହି ମଖାନା ବ୍ୟବସାୟରେ ମୋଟ ସାତଜଣ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି ।**

### ପାରିବାରିକ ସହଯୋଗ

ତାଙ୍କୁ ଘରେ ଆରମ୍ଭରୁ ଏତେଟା ସହମତି ମିଳି ନ ଥିଲା । ଯେହେତୁ ସେ ଜଣେ ଅବିବାହିତା ଝିଅ, ସମସ୍ତେ ଚାହୁଁଥିଲେ ସେ ପାଠ ପଢି ଭଲ ଚାକିରି କରନ୍ତୁ । କିନ୍ତୁ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତିକୁ ନେଇ ସେ ଆଗେଇଥିଲେ । ଏହି ବ୍ୟବସାୟ କରିବାକୁ ଘରେ ଯଦିଓ କେହି ରାଜି ନଥିଲେ କିନ୍ତୁ ପ୍ରଥମେ ତାଙ୍କ ମାଆ ହିଁ ସହଯୋଗ କରିଥିଲେ । ଧୀରେ ଧୀରେ ବ୍ୟବସାୟର ଆଗକୁ ବଢ଼ିବା ସହ ପରିବାର ଲୋକଙ୍କ ପୂର୍ଣ୍ଣ ସମର୍ଥନ ମିଳିଲା । ବାପା ମଧ୍ୟ ଏଥିରେ ତାଙ୍କୁ ସହଯୋଗ କଲେ । ଏଥିସହ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ଯଥା ମିଶନ ଶକ୍ତି, ଓରମାସ, ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରୁ ପ୍ରେରଣା ଓ ସହଯୋଗ ମିଳିଥିବା ସେ କହିଛନ୍ତି ।

### ଆଗାମୀ ଦିନର ଲକ୍ଷ୍ୟ

ତାଙ୍କର ଏହି ବ୍ୟବସାୟ କିଭଳି ଜାତୀୟ ସ୍ତରରେ ପରିଚିତ ହୋଇପାରିବ, ସେ ଲକ୍ଷ୍ୟ ସେ ରଖିଛନ୍ତି । ତା'ସହ ଭାରତୀୟ ସ୍ନାକ୍ସକୁ ଲୋକଲୋଚନକୁ ଆଣିବା ପାଇଁ ଆଶା ରହିଛି ।

# ଉଲେନ୍ କୁର୍ତ୍ତିରେ ନୂଆ ଲୁକ୍



**ସାଧାରଣତଃ ମହିଳାମାନେ ଶୀତଦିନେ ଉଲେନ୍ କୁର୍ତ୍ତି ପିନ୍ଧିବାକୁ ବେଶ୍ ପସନ୍ଦ କରନ୍ତି । ଏହା ଖୁବ୍ ଆରାମଦାୟକ । ତେବେ ସବୁବେଳେ ଗୋଟିଏ ପ୍ରକାର କୁର୍ତ୍ତି ପିନ୍ଧିବା ବିରକ୍ତିକର ହୋଇଥାଏ । ତେଣୁ ଚାହିଁଲେ, ଚିରାଚରିତ ପ୍ରଥା ଛାଡ଼ି ଏହି ଉଲେନ୍ କୁର୍ତ୍ତିକୁ ଅଲଗା ଅଲଗା ଷ୍ଟାଇଲରେ ପିନ୍ଧିପାରିବେ ।**



### ସିଗାରେଟ ପ୍ୟାଣ୍ଟ ସହ ଉଲେନ୍ କୁର୍ତ୍ତି

ବର୍ତ୍ତମାନ ସମୟରେ ସିଗାରେଟ୍ ପ୍ୟାଣ୍ଟର ଚାହିଦା ଅଧିକ। ତେଣୁ ଉଲେନ୍ କୁର୍ତ୍ତିକୁ ଲେଗିଙ୍ଗସ୍ ପରିବର୍ତ୍ତେ ସିଗାରେଟ୍ ପାଣ୍ଟ ସହ ପିନ୍ଧିବା ଭଲ । ଧ୍ୟାନ ରଖିବେ କୁର୍ତ୍ତି ଯେମିତି ଅଧିକ ଲମ୍ବା ନ ହୁଏ । କାରଣ ଏହାଦ୍ୱାରା ସମ୍ପୂର୍ଣ୍ଣ ଲୁକ୍ ବିଗିଡ଼ିବା ସମ୍ଭାବନା ଅଧିକ ଥାଏ । ସେହିପରି ଏଥିରୁ ଏଥିନିକ୍ ଲୁକ୍ ଚାହୁଁଥିଲେ, ଏହାସହ ଷ୍ଟଲ୍ ପକାଇ ପାରିବେ ।

### ବେଲ୍ ବଟମ୍ ଜିନ୍ସରେ ଉଲେନ୍ କୁର୍ତ୍ତି

ଉଲେନ୍ କୁର୍ତ୍ତି ସାଙ୍ଗକୁ ବେଲ୍ ବଟନ୍ ଜିନ୍ସ ଖୁବ୍ ସୁନ୍ଦର ଲାଗେ । ଏ ପ୍ରକାର ପାଣ୍ଟ ସହ ସର୍ଟ କୁର୍ତ୍ତା ଭଲ ଦିଶିଥାଏ । ଏହି ଲୁକ୍‌କୁ ଆଉ ଟିକେ ଷ୍ଟାଇଲିସ କରିବାପାଇଁ ଜ୍ୟାକେଟ୍ ମଧ୍ୟ ପିନ୍ଧିପାରିବେ । ଏଭଳି ପୋଷାକ ସହ ସିଲଭର ଅଳଙ୍କାର ପିନ୍ଧିପାରିବେ ।

### ସ୍କର୍ଟ୍ ସହ ଉଲେନ୍ କୁର୍ତ୍ତି

ସ୍କର୍ଟ୍ ସହିତ ଉଲେନ୍ କୁର୍ତ୍ତିକୁ ମଧ୍ୟ ପେୟାର କରିପାରିବେ । ଧ୍ୟାନ ରଖିବେ କୁର୍ତ୍ତି ଯେମିତି ଅଧିକ ଲମ୍ବା ନ ହୁଏ । ଚାହିଁଲେ, ଏହା ସହିତ ଯେକୌଣସି ଷ୍ଟଲ୍ କିମ୍ବା ଦୁପଟ୍ଟା ପକାଇପାରିବେ ।

### ପ୍ଲାଜୋ ସହ ଉଲେନ୍ କୁର୍ତ୍ତି

ସେହିପରି ଉଲେନ୍ କୁର୍ତ୍ତିକୁ ପ୍ଲାଜୋ ପ୍ୟାଣ୍ଟ ସହ ପରିଧାନ କରିପାରିବେ । ଏହା ଖୁବ୍ ଆରାମଦାୟକ ହୋଇଥାଏ । ଏଥିସହିତ ଚାହିଁଲେ ଅକ୍ସିଡାଇଜଡ୍ ଅଳଙ୍କାର ମଧ୍ୟ ପିନ୍ଧିପାରିବେ । ନିଜ ଲୁକ୍‌କୁ ଆକର୍ଷଣୀୟ କରିବା ପାଇଁ ପ୍ରିଣ୍ଟେଡ୍ ଷ୍ଟଲ୍ ମଧ୍ୟ ପକାଇପାରିବେ ।

# ଟ୍ରେଣ୍ଡି ହେୟାର୍ କଲର୍

**ଯୁଗ ଅନୁଯାୟୀ ଫେଶନ୍ ଟ୍ରେଣ୍ଡରେ ମଧ୍ୟ ପରିବର୍ତ୍ତନ ଆସୁଛି। ସେହିପରି ଏବେ ଅଧିକାଂଶ ମହିଳା ଚାହୁଁଛନ୍ତି, ପୋଷାକ ସହ ନିଜ ହେୟାର୍ ଷ୍ଟାଇଲକୁ ଭିନ୍ନ ଲୁକ୍ ଦେବା ପାଇଁ । ସେଥିପାଇଁ ନିଜ ପସନ୍ଦ ମୁତାବକ କେଶକୁ ରଙ୍ଗ କରିବାକୁ ଭଲପାଉଛନ୍ତି । ତେବେ ଯଦି ନୂଆବର୍ଷରେ ନିଜ କେଶକୁ ଏକ ଭିନ୍ନ ଲୁକ୍ ଦେବା ଚାହୁଁଛନ୍ତି, ଅନୁକରଣ କରନ୍ତୁ ନିମ୍ନ ପ୍ରଦତ୍ତ ଟିପ୍ସ ।**

### ବ୍ଲଣ୍ଡ ହେୟାର୍

ସାଧାରଣତଃ ଏପ୍ରକାର ରଙ୍ଗ ମହିଳାମାନଙ୍କୁ ଖୁବ୍ ସୁନ୍ଦର ମାନିଥାଏ । ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏ ପ୍ରକାର ହେୟାର କଲର କରିଥାନ୍ତି । କେଶକୁ ଷ୍ଟାଇଲିସ୍ ଲୁକ୍ ଦେବାକୁ ଚାହୁଁଥିଲେ ଏହି ହେୟାର କଲର ଆପଣାଇପାରିବେ ।

### ବ୍ଲଣ୍ଡ ହାଇଲାଇଟ୍ସ

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ଏ ପ୍ରକାର ହାଇଲାଇଟ୍ କରିଥାନ୍ତି । ଏହି ବ୍ଲଣ୍ଡ ହାଇଲାଇଟ୍ କେଶକୁ ଭିନ୍ନ ଚମକ ଦେଇଥାଏ । ନିଜକୁ ଏକ ନୂଆ ଲୁକ୍ ଦେବାକୁ ଚାହୁଁଥିଲେ ଏହାକୁ ଆପଣାଇପାରିବେ ।

### ସେଭେରାଲ ସେଡ୍

ସେଭେରାଲ୍ ସେଡ୍ ହେୟାର କଲର୍‌ରେ ସବୁରଙ୍ଗର ଏକ ମିଶ୍ରଣ ମିଳିଥାଏ । କିନ୍ତୁ ଅଧିକ ପରିମାଣରେ ଧୂଷର ରଙ୍ଗ ଏଥିରେ ଥାଏ ଓ ହାଲୁକା ଗୋଲଡେନ୍ ଟଚ୍ ଦିଆଯାଇଥାଏ । ଏହି ଦୁଇ ରଙ୍ଗର ମିଶ୍ରଣ ଦ୍ୱାରା ଏକ ଆକର୍ଷଣୀୟ କଲର ମିଳିଥାଏ । ବେବି ଓ କର୍ଲି ହେୟାରରେ ଏପ୍ରକାର ରଙ୍ଗ କରିପାରିବେ ।



# ହାତ ଅନୁସାରେ ମେହେନ୍ଦି ଡିଜାଇନ୍

**ସାଧାରଣତଃ ବିବାହ, ପର୍ବପର୍ବାଣିରେ ଯୁବତୀମାନେ ହାତରେ ମେହେନ୍ଦି ଲଗାଇବାକୁ ପସନ୍ଦ କରନ୍ତି । ସେହିପରି ମେହେନ୍ଦିର ବିଭିନ୍ନ ଡିଜାଇନ ଥିବା ବେଳେ ବର୍ତ୍ତମାନ ସମୟରେ ଆରବିକ୍ ମେହେନ୍ଦି ଡିଜାଇନ୍ ଟ୍ରେଣ୍ଡରେ ରହିଛି । ଖାସ୍ କରି ଏହା ଲମ୍ବା ହାତକୁ ଖୁବ୍ ସୁନ୍ଦର ମାନିଥାଏ । ତେବେ ଚାଲନ୍ତୁ ଜାଣିବା କିଛି ସହଜ, ସୁନ୍ଦର ଆରବିକ୍ ମେହେନ୍ଦି ଡିଜାଇନ ସମ୍ପର୍କରେ ।**





### ମିନିମାଲ୍ ଆରବିକ୍ ଡିଜାଇନ

ନୂଆ ଡିଜାଇନର ମେହେନ୍ଦି କରିବାକୁ ଚାହୁଁଥିଲେ, ଏହି ମିନିମାଲ ଡିଜାଇନ୍‌କୁ ଆପଣାଇପାରିବେ । ଏହି ଡିଜାଇନରେ ହାତରେ ଫୁଲ, ପତ୍ର ସହ ଲତା ଆଙ୍କିପାରିବେ । ସମ୍ପୂର୍ଣ୍ଣ ଅଙ୍ଗୁଳିରେ ମେହେନ୍ଦି ନ କରି ଦୁଇ କିମ୍ବା ତିନୋଟି ଅଙ୍ଗୁଳିରେ ଏହି ଡିଜାଇନ୍ କଲେ ଖୁବ୍ ସୁନ୍ଦର ଦେଖାଯିବା ସହ ଆକର୍ଷଣୀୟ ଲାଗିଥାଏ ।

### କଟ୍‌ଆଉଟ୍ ଶୈଳୀରେ ଆରବିକ୍ ଡିଜାଇନ

କଟ୍‌ଆଉଟ୍ ଡିଜାଇନର ମେହେନ୍ଦି ହାତ ସହ ସମ୍ପୂର୍ଣ୍ଣ ଅଙ୍ଗୁଳିରେ ଲଗାଇ ପାରିବେ । ଏଥିପାଇଁ ମେହେନ୍ଦିରେ ବଡ଼ ଡିଜାଇନ ଫୁଲ ଓ ଡାଳ କରିପାରିବେ । ଫୁଲଗୁଡ଼ିକର ଧାରକୁ ମେହେନ୍ଦିରେ ମୋଟା କରି ଲଗାଇବା ଦ୍ୱାରା ଏହା ହାତର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ ।

### ମୟୂର ଆରବୀ ଡିଜାଇନ୍

ଏହି ମୟୂର ଡିଜାଇନ ଆରବି ମେହେନ୍ଦି ଲମ୍ବା ହାତକୁ ବି ଖୁବ ସୁନ୍ଦର ମାନିଥାଏ । ଏହି ଡିଜାଇନରେ ହାତରେ ମୟୂର ପରି ଚିତ୍ର ଅଙ୍କନ କରାଯାଏ । ଏଥିସହ ଗୋଲାପ ଫୁଲ ଓ ପଦ୍ମଫୁଲ ମଧ୍ୟ ଅଙ୍କାଯାଏ । ଏହା ଦ୍ୱାରା ହାତ ଅଧିକ ଆକର୍ଷଣୀୟ ଦେଖାଯାଏ ।

**ମୋ ହାଣ୍ଡିଶାଳରୁ...**

# ବଟର ଗାର୍ଲିକ୍ ପ୍ରନ୍



### ଆବଶ୍ୟକୀୟ ସାମଗ୍ରୀ

ଚିଙ୍ଗୁଡ଼ି: ୫୦୦ ଗ୍ରାମ୍, ବଟର୍: ଦୁଇ ଚାମଚ, ହଳଦୀ ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଗୋଲମରିଚ ଗୁଣ୍ଡ: ଅଧା ଚାମଚ, କଟା ରସୁଣ: ଏକ ଚାମଚ, ମଇଦା: ଏକ ଚାମଚ, ଚିଲି ଫ୍ଲେକ୍ସ: ଅଧା ଚାମଚ, ଓରେଗାନୋ: ଅଧା ଚାମଚ, ଫ୍ରେସ୍ କ୍ରିମ୍: ଅଧା ଚାମଚ , ଚିଜ୍: ଅଳ୍ପ, ମାୟୋନିଜ୍: ଅଳ୍ପ, କ୍ଷୀର: ଅଧା କପ୍ , ଧନିଆପତ୍ର: ଅଳ୍ପ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ିକୁ ଭଲ ଭାବେ ଧୋଇ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣକୁ ଭଲ ଭାବେ ଗୋଳାଇ ୨୦ ମିନିଟ୍ ରଖନ୍ତୁ । ଚୁଲିରେ କଡ଼େଇ ବସାଇ କିଛି ତେଲ ଦିଅନ୍ତୁ । ସେଥିରେ ଚିଙ୍ଗୁଡ଼ିକୁ ପକାଇ ଭାଜନ୍ତୁ । ଚିଙ୍ଗୁଡ଼ି ଭାଜି ହୋଇଗଲା ପରେ ତାକୁ ଅଲଗା ଏକ ପାତ୍ରକୁ କାଢ଼ି ରଖନ୍ତୁ । ଏହାପରେ କଡ଼େଇରେ ବଟର୍ ଦେଇ କଟା ରସୁଣ ପକାଇ ହାଲୁକା ଭାଜନ୍ତୁ । ସେଥିରେ ଏକ ଚାମଚ ମଇଦା ଦେଇ ଭଲ ଭାବେ ଭାଜନ୍ତୁ । ଏହାପରେ ଅଧା କପ୍ ଗରମ ପାଣି ଦେଇ ଭଲ ଭାବେ ଗୋଳାନ୍ତୁ । ପରେ ଅଧାକପ୍ କ୍ଷୀର ଦେଇ ସେସବୁକୁ ଭଲ ଭାବେ ମିଶାନ୍ତୁ । କ୍ଷୀର ମିଶିଗଲା ପରେ ଦୁଇ ଚାମଚ କ୍ରିମ୍ ଓ ଏକ ଚାମଚ ମାୟୋନିଜ ଦିଅନ୍ତୁ । ଚିଲ୍ଲି ଫ୍ଲେକ୍ସ, ଓରେଗାନୋ ଓ ଗୋଲ ମରିଚ ଗୁଣ୍ଡ ପକାଇ ଭଲ ଭାବେ ମସଲାକୁ ମିଶାଇ ଦିଅନ୍ତୁ । ସେଥିରେ ଭଜା ଚିଙ୍ଗୁଡ଼ିକୁ ପକାଇ ୨ରୁ ୩ ମିନିଟ୍ ଧିମା ଆଞ୍ଚରେ ବସାନ୍ତୁ । ଶେଷରେ କିଛି ଗ୍ରେଟେଟ୍ ଚିଜ୍ ସେଥିରେ ପକାନ୍ତୁ । ଧନିଆ ପତ୍ର ପକାଇ ପରଷନ୍ତୁ ଗରମ ଗରମ 'ବଟର୍ ଗାର୍ଲିକ୍ ପ୍ରନ୍ ।'

# ଫେସ୍‌ପ୍ୟାକ୍ ଲଗାଇବା ପୂର୍ବରୁ କରନ୍ତୁନି ଏହି ଭୁଲ୍

**ମହିଳାମାନେ ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ସ୍କିନ୍ କେୟାର ରୁଟିନ୍ ଉପରେ ବିଶେଷ ଦୃଷ୍ଟି ଦିଅନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି ଫେସ୍‌ପ୍ୟାକ୍ । ତ୍ୱଚାକୁ ସୁସ୍ଥ, ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସପ୍ତାହରେ ଦୁଇଥର ଫେସ୍‌ପ୍ୟାକ୍ ଲଗାଇବା ଜରୁରି । କିନ୍ତୁ ଫେସ୍‌ପ୍ୟାକ୍ ଲଗାଇବା ସମୟରେ କିଛି ଭୁଲ କରିବା ଦ୍ୱାରା ତ୍ୱଚାର ଚମକ କମ୍ ହୋଇଥାଏ । ତେବେ ଫେସ୍‌ପ୍ୟାକ୍ ଲଗାଇବା ସମୟରେ ଏହାକୁ ନେଇ କିଭଳି ସଚେତନ ରହିବେ, ସେ ସମ୍ପର୍କରେ ଜାଣିବା ।**



- ଅନେକ ସମୟରେ ମହିଳାମାନେ ତରତର ହୋଇ ମୁହଁକୁ ସଫା ନ କରି ଫେସ୍‌ପ୍ୟାକ୍ ଲଗାନ୍ତି । ଫଳରେ ତ୍ୱଚାରେ ଥିବା ମଳି ଫେସ୍‌ପ୍ୟାକ୍ ସହିତ ମୁହଁରେ ଲାଗିଥାଏ । ଏହାଦ୍ୱାରା ସ୍କିନ୍ ଆଲର୍ଜି ସହ ତ୍ୱଚା କୁଣ୍ଡେଇ ହୁଏ ଓ ନାଲି ପଡ଼ିଯାଏ । ତେଣୁ ଫେସ୍‌ପ୍ୟାକ୍ ଲଗାଇବା ପୂର୍ବରୁ ମୁହଁକୁ ଭଲ ଭାବେ ଧୋଇବା ଉଚିତ ।
- ଅନେକ ସମୟରେ ମହିଳାମାନେ ମୁହଁରେ ଫେସ୍‌ପ୍ୟାକ୍ ଲଗାଇ ଘର କାମ କରନ୍ତି । ତେବେ ଏହାକୁ ତ୍ୱଚାରେ ଦୀର୍ଘ ସମୟ ଲଗାଇ ରଖିବା ବିପଦଜନକ । ବେଶି ସମୟ ଏହାକୁ ଲଗାଇ ରଖିବା ଦ୍ୱାରା ଚର୍ମ କୁଣ୍ଡାଇ ହେବା ନାଲି ପଡ଼ିବା ଭଳି ବହୁ ସମସ୍ୟା ଦେଖାଯାଏ । ତେଣୁ ଏହାକୁ ଲଗାଇବା ପୂର୍ବରୁ ଫେସ୍‌ପ୍ୟାକ୍‌ରେ ଲେଖାଯାଇଥିବା ନିର୍ଦ୍ଦେଶକୁ ଭଲଭାବେ ପଢ଼ିବା ଜରୁରି ।
- ଫେସ୍‌ପ୍ୟାକ୍ ଲଗାଇବା ପୂର୍ବରୁ ହାତକୁ ଭଲଭାବେ ପରିଷ୍କାର କରି ଏହାକୁ ମୁହଁରେ ଲଗାନ୍ତୁ । ଅପରିଷ୍କାର ହାତରେ ଫେସ୍‌ପ୍ୟାକ୍ ଲଗାଇଲେ ହାତରେ ଥିବା ମଇଳା ଓ ବ୍ୟାକ୍ଟେରିଆ ଫେସପ୍ୟାକ୍ ମାଧ୍ୟମରେ ତ୍ୱଚା ସଂସ୍ପର୍ଶରେ ଆସିଥାଏ । ଫଳରେ ଚର୍ମଜନିତ ନାନା ସମସ୍ୟା ଦେଖାଦିଏ ।

# ତ୍ୱଚା ପାଇଁ ପ୍ଲମ୍ ଅଏଲ୍



**ସାଧାରଣତଃ ଶୀତଦିନେ ତ୍ୱଚା ଶୁଖିଲା ଦେଖାଯାଏ । ତେଣୁ ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବାକୁ ଚାହୁଁଥିଲେ ପ୍ଲମ୍ ଅଏଲ୍ ବ୍ୟବହାର କରିବା ଭଲ । ପ୍ଲମ୍ ଅଏଲରେ ଥିବା ପୋଷକ ତତ୍ତ୍ୱ ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିବାରେ ସାହାଯ୍ୟ କରେ ।**

**ଅତିବାଇଗଣୀ ରଶ୍ମିରୁ ସୁରକ୍ଷା ଦିଏ:** ଏହି ତେଲକୁ ତ୍ୱଚାରେ ଲଗାଇବା ଦ୍ୱାରା ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରୁ ସୁରକ୍ଷା ମିଳିଥାଏ । କାରଣ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଅଧିକ ମାତ୍ରାରେ ରହିଥାଏ ।

**ତ୍ୱଚାକୁ ହାଇଡ୍ରେଟ୍ ରଖେ:** ଶୀତଦିନେ ତ୍ୱଚାକୁ ହାଇଡ୍ରେଟ୍ ରଖିବା ନିହାତି ଜରୁରି । ଏଣୁ ଏ ଦୃଷ୍ଟିରୁ ତ୍ୱଚା ପାଇଁ ଲାଭଦାୟକ ପ୍ଲମ୍ ଅଏଲ୍ । ଏହା ତ୍ୱଚାକୁ ଗଭୀରରୁ ସଫା କରିବାରେ ସାହାଯ୍ୟ କରେ ।

**ଆଣ୍ଟିଏଜିଙ୍ଗ ସମସ୍ୟା ଦୂର କରେ :** ବୟସ ବଢ଼ିବା ସହ ଆଖି ତଥା ମୁହଁରେ କୁଞ୍ଚନ ପଡ଼ିବା, ଦାଗ ଆଦି ଦେଖାଯିବା ସ୍ୱାଭାବିକ । ଏସବୁ ସମସ୍ୟାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଥିଲେ, ପ୍ଲମ୍ ଅଏଲ୍ ଲଗାଇପାରିବେ ।

## କେପ୍‌ଟାଉନ୍‌ରେ ବୋଲରଙ୍କ ପ୍ରାଧାନ୍ୟ

# ପ୍ରଥମ ଦିନରେ ୨୩ ୱିକେଟର ପତନ

କେପ୍‌ଟାଉନ୍,୩।୧(ଏଜେନ୍ସି)

ସ୍ଥାନୀୟ ନ୍ୟୁଲାଣ୍ଡସ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ହିଁ ନାଟକୀୟ ମୋଡ ନେଇଛି। ପ୍ରଥମ ଦିବସରେ ଦ୍ରୁତ ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା ଓ ମୋଟ୍ ୨୩ ଟି ୱିକେଟର ପତନ ହୋଇଥିଲା। ଦୁଇ ଦଳ ପ୍ରଥମ ପାଳି ଆରମ୍ଭ କରି ଅଲଆଉଟ ହୋଇଥିଲେ। ଫଳରେ ମ୍ୟାଚ୍ ମାତ୍ର ଗୋଟିଏ ଦିନରେ ନିର୍ଣ୍ଣାୟକ ମୋଡ ନେଇଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମ ପାଳିରେ ୨୩.୨ ଓଭରରେ ୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ପାଳି ଆରମ୍ଭ କରି ୩୪.୫ ଓଭରରେ ୧୫୩ ରନକରି ଅଲଆଉଟ ହୋଇ ୯୮ ରନରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଦକ୍ଷିଣ ଆଫ୍ରିକା ବୁଧବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୧୭ ଓଭରରେ ୩ ୱିକେଟ ହରାଇ ୬୨ ରନ ସଂଗ୍ରହ କରିଛି। ଫଳରେ ୭ ୱିକେଟ ବାକି ରଖି ଦକ୍ଷିଣ ଆଫ୍ରିକା ୩୬ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଏଡେନ ମାର୍କରାମ ୩୬ ଓ ଡେଭିଡ୍ ବେଡିଂହାମ ୭ ରନକରି ଅପରାଜିତ ରହିଛନ୍ତି। ଅଧିନାୟକ ଡିନ୍ ଏଲଗାର କ୍ୟାରିୟରର ଅନ୍ତିମ ପାଳିରେ ୧୨ ରନକରି ଆଉଟ ହୋଇଛନ୍ତି। ସେହିପରି ଟୋନି ଡି ଜୋର୍ଜି ଓ ଟ୍ରିଷ୍ଟାନ ଷ୍ଟବ୍ସ ୧ ରନ ଲେଖାଏ କରି ଆଉଟ ହୋଇଥିଲେ। ଭାରତ ମୁକେଶ କୁମାର ୨ ଓ ଯଶପ୍ରୀତ ବୁମରା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।




### ସିରାଜଙ୍କୁ ୬ ୱିକେଟ: ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର

ଦ୍ରୁତ ବୋଲରଙ୍କୁ ସୁହାଉଥିବା ଏହି ପିଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଭାରତୀୟ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନପାରି ଦଳ ୨୩.୨ ଓଭରରେ ମାତ୍ର ୫୫ ରନକରି ଅଲଆଉଟ ହୋଇ ତାସ୍‌ଘର ପରି ଭୁଶୁଡି ପଡିଥିଲା। ଘରୋଇ ଦଳର ପ୍ରଥମ ପାଳି ଶୀଘ୍ର ଶେଷ ହେବା ଫଳରେ ଲଞ୍ଚ୍ ଘୋଷଣା କରାଯାଇଥିଲା। ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା ସର୍ବନିମ୍ନ ଟେଷ୍ଟ ସ୍କୋର। ଏହାପୂର୍ବରୁ ୨୦୧୫ରେ ନାଗପୁରରେ ଦକ୍ଷିଣ ଆଫ୍ରିକା ୭୯ ରନରେ ଅଲଆଉଟ ହୋଇ ସର୍ବନିମ୍ନ ସ୍କୋର କରିଥିଲା। ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ୧୦୦ରୁ କମ୍ ସ୍କୋରରେ ଆଉଟ ହୋଇଛି। ଖାସ କରି ମହମ୍ମଦ ସିରାଜ ଦକ୍ଷିଣ ଆଫ୍ରିକା ପାଇଁ ଘାତକ ସାବ୍ୟସ୍ତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଡେଭିଡ୍ ବେଡିଂହାମ ୧୨ ଓ ୱିକେଟରକ୍ଷକ ବ୍ୟାଟର କାଏଲ ଭେରେନ୍ ୧୫ ରନକରି ଆଉଟ ହୋଇଥିବା ବେଳେ ବାକି ୯ ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନଥିଲେ। ବୋଲିଂରେ ଭାରତ ପାଇଁ ସିରାଜ ୧୫ ରନ ବ୍ୟୟ କରି ସର୍ବାଧିକ ୬, ଯଶପ୍ରୀତ ବୁମ୍‌ରା ଓ ମୁକେଶ କୁମାର ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ୧୪୭ ବର୍ଷରେ ପ୍ରଥମ

#### ୧୧ ବଲ- ଶୂନ ରନ- ୬ ୱିକେଟ

ଜବାବରେ ପ୍ରଥମ ପାଳି ଆରମ୍ଭ କରି ଭାରତ ଏକଦା ୩ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରି ଦୃଢ଼ ସ୍ଥିତିରେ ରହିଥିଲା। ଭାରତ ୪ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଏହି ସ୍କୋରରେ ଭାରତ ତା'ର ଅନ୍ତିମ ୬ ୱିକେଟ ୧୧ଟି ବଲ୍‌ରେ ହରାଇଥିଲା ଓ କୌଣସି ରନ ସଂଗ୍ରହ କରିପାରି ନଥିଲା। ଫଳରେ ୧୪୭ ବର୍ଷର ଟେଷ୍ଟ ଇତିହାସରେ ଭାରତ ଏକ ଅଲୋଡା ରେକର୍ଡ ଅଧିକାରୀ ହୋଇଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଗୋଟିଏ ସ୍କୋରରେ ୫ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ୱିକେଟ୍ ପତନ ହେବାରେ ଏହା ପ୍ରଥମ ଘଟଣା।

ତୃତୀୟ ୱିକେଟ ଭାବେ ଶୁବମାନ ଗିଲ ଆଉଟ ହେବା ପରେ ଦୃଶ୍ୟପଟ୍ଟ ବଦଳିଯାଇଥିଲା। ଅଧିନାୟକ ରୋହିତ ଶର୍ମା ୩୯, ଗିଲ୍ ୩୬ ଓ ବିରାଟ କୋହଲି ୪୬ ରନକରି ଆଉଟ ହୋଇଥିଲେ। ଭାରତର ୭ଜଣ ବ୍ୟାଟର ଖାତା ଖୋଲିପାରି ନଥିଲେ। ଲୋକେଶ ରାହୁଲ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ୭ଜଣ ବ୍ୟାଟର ଶୂନରେ ଆଉଟ ହେବା ସତ୍ତ୍ୱେ ଭାରତ ୩୪.୫ ଓଭରରେ ୧୫୩ ରନକରି ଅଲଆଉଟ ହୋଇ ୯୮ ରନର ଅଗ୍ରଣୀ ହାସଲ କରିଥିଲା। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ କାଗିସୋ ରାବାଡ଼ା, ଲୁନ୍‌ଗି ଏନ୍‌ଗିଡି ଓ ନାନ୍ଦ୍ରେ ବର୍ଗର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସିରାଜ ରନ୍ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି: ୫୫/୧୦, ୨୩.୨ ଓଭର** (ଭେରେନ- ୧୫, ବେଡିଂହାମ- ୧୨, ସିରାଜ- ୬/ ୧୫, ବୁମ୍‌ରା- ୨/ ୨୫, ମୁକେଶ- ୨/ /୦)।

**ଭାରତ ପ୍ରଥମ ପାଳି: ୧୫୩/୧୦, ୩୪.୫ ଓଭର** (କୋହଲି- ୪୬, ଗିଲ୍- ୩୬, ରୋହିତ- ୩୯, ରାବାଡ଼ା- ୩/ ୩୮, ଏନ୍‌ଗିଡି- ୩/ ୩୦, ବର୍ଗର- ୩/ ୪୨)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି: ୬୨/୩, ୧୭ ଓଭର** (ମାର୍କରାମ- ୩୬*, ଏଲଗାର- ୧୨, ମୁକେଶ- ୨/ ୨୫, ବୁମ୍‌ରା- ୧/ ୨୫)।

## ଅଲ୍ଟିମେଟ ଖୋ ଖୋ-୨

# ଜଗରନଟ୍ସର ୩ୟ ବିଜୟ

କଟକ,୩।୧(ସମିସ): ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ଟିମେଟ ଖୋ ଖୋ-୨ର ବୁଧବାର ସନ୍ଧ୍ୟାରେ ଖେଳାଯାଇଥିବା ଏକ ମ୍ୟାଚରେ ଘରୋଇ ଓଡ଼ିଶା ଜଗରନଟ୍ସ ୩୨-୨୧ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ଏହି ମ୍ୟାଚର ୪ଟି ଯାକ ଟର୍ନରେ ଜଗରନଟ୍ସର ଖେଳାଳିଙ୍କୁ ପ୍ରଭାବ ଦେଖିବାକୁ ମିଳିଥିଲା। ଏପରିକି ପ୍ରଥମେ ଡିଫେନ୍ସ କରିଥିବା ଓଡ଼ିଶା ଏକାଧିକ ବୋନସ ପଏଣ୍ଟ ହାତେଇ ରାଜସ୍ଥାନ ଉପରେ ଚାପ ସୃଷ୍ଟି କରିଥିଲା। ଏପରିକି ମ୍ୟାଚରେ ଘରୋଇ ଦଳ ବୋନସ ଆକାରରେ ୧୦ ପଏଣ୍ଟ ହାତେଇନେଇଥିଲା। ଯାହାକି ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ରହିଥିଲା। ଡିଫେଣ୍ଡିଂ ଚାମ୍ପିଅନ ଜଗରନଟ୍ସର ଏହା ୭ମ ମୁକାବିଲାରୁ ୩ୟ ବିଜୟ ଥିଲା। ଦଳ ୧୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶା ଦୁଇଟି ଲେଖାଏ ମ୍ୟାଚ୍ ପରାଜିତ ଓ ଟାଇ ରଖିଛି। ଅପରପକ୍ଷରେ ରାଜସ୍ଥାନ ପାଇଁ ପରାଜୟ ପିଛା ଛାଡ଼ିନି। ପ୍ରତିଯୋଗିତାରେ ଦଳର ଏହା ୭ମ ପରାଜୟ ଥିଲା।



ପୂର୍ବରୁ ଦିବସର ପ୍ରଥମ ମ୍ୟାଚ୍‌ରେ ତେଲୁଗୁ ଯୋଦ୍ଧାସ ୪୦-୨୨ ପଏଣ୍ଟରେ ମୁମ୍ବାଇ ଖିଲାଡିସକୁ ପରାସ୍ତ କରିଛି। ୭ଟି ମ୍ୟାଚ୍ ଖେଳି ସାରିଥିବା ଯୋଦ୍ଧାସର ଏହା ୫ମ ବିଜୟ। ଦଳ ମୋଟ ୧୫ ପଏଣ୍ଟ ସଂଗ୍ରହ କରି ପଏଣ୍ଟ ଟେବଲର ୨ୟ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ୭ଟି ମ୍ୟାଚ୍ ଖେଳି ସାରିଥିବା ମୁମ୍ବାଇ ଖିଲାଡିସ ଗୋଟିଏ ବିଜୟ, ୫ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୭ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ବୁଧବାର ମ୍ୟାଚ୍‌ରେ ଯୋଦ୍ଧାସ ଦଳର ମିଲିନ୍ଦ ଚାଭରେକର ଏବଂ ଆଦିତ୍ୟ ଗଣପୁଲେ ଯଥାକ୍ରମେ ଶ୍ରେଷ୍ଠ ଆଟାକର ଓ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି।

## କଳିଙ୍ଗରେ ଜାତୀୟ ବରିଷ୍ଠ ଜିମ୍ନାଷ୍ଟିକ

# ଦୀପାଙ୍କୁ ସ୍ୱର୍ଣ୍ଣ; ରେଳବାଇ ଚାମ୍ପିଅନ

ଭୁବନେଶ୍ୱର, ୩।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଅତ୍ୟାଧୁନିକ ଜିମ୍ନାଷ୍ଟିକ ସେଣ୍ଟରରେ ଚାଲିଥିବା ଜାତୀୟ ବରିଷ୍ଠ ଆର୍ଟିଷ୍ଟିକ୍ସ ପ୍ରତିଯୋଗିତା ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଅଲିମ୍ପିଆନ ଦୀପା କର୍ମକାର ୨ୟ ଦିନରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିଥିଲେ। ସେ ଅଲ୍‌ରାଉଣ୍ଡ ପ୍ରତିଯୋଗିତାରେ ମୋଟ୍ ୪୯.୫୫ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ରେଳବାଇ ମହିଳା ଟିମ୍ ସର୍ବମୋଟ୍ ୧୮୨.୬୦ ସ୍କୋର କରି ଚାମ୍ପିଅନ ହୋଇଛି। ମହାରାଷ୍ଟ୍ର (୧୬୯.୯୫) ଓ ପଶ୍ଚିମବଙ୍ଗ (୧୬୬.୮୦) ଯଥାକ୍ରମେ ରନର୍ସଅପ୍ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ୧୬୪.୬୫ ପଏଣ୍ଟ ସହ ଆୟୋଜକ ଓଡ଼ିଶା ୪ର୍ଥ ସ୍ଥାନରେ ରହିଥିଲା। ପଦକ ପ୍ରଦାନ ଉତ୍ସବରେ ଭାରତୀୟ ଜିମ୍ନାଷ୍ଟିକ୍ସ ମହାସଂଘର ସଭାପତି ସୁଧୀର ମିତ୍ତଲ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଉଦ୍‌ଯାପନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ବ୍ୟକ୍ତିଗତ ଇଭେଣ୍ଟ ଖେଳାଯିବ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର